

ଲଣ୍ଡନ ପଳାଇବେ କୋହଲି
ପୃଷ୍ଠା ୭

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 267 | ଭାଗ ୩୨ | ସଂଖ୍ୟା ୨୬୭ Bhubaneswar | Saturday 21 December 2024 | Page 8 Rs. 4.00 ଭୁବନେଶ୍ୱର ଶନିବାର ୨୧ ଡିସେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ଜାନୁଆରୀରେ ଭାଜପାକୁ ମିଳିପାରେ ନୂଆ ଅଧ୍ୟକ୍ଷ



ନୂଆଦିଲ୍ଲୀ,୨୦।୧୨: ଶାସକ ଭାଜପାକୁ ନୂଆ ବର୍ଷରେ ମିଳିବ ନୂଆ ଅଧ୍ୟକ୍ଷ। ଜାନୁଆରୀ ୧୫ରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦ ଲାଗି ନାମାଙ୍କନପତ୍ର ଶେଷ ହେବ। ଏହାପରେ ଜାନୁଆରୀ ୨୦ ସୁଦ୍ଧା ଭାଜପାର ନୂତନ ସଭାପତି ମଧ୍ୟ ଘୋଷଣା କରାଯାଇପାରେ। ତେବେ ଜାନୁଆରୀ ୧୫ ସୁଦ୍ଧା ଜିଲାସ୍ତରରେ ନିର୍ବାଚନରେ ଶେଷ ହେବ। ଏହାପରେ ଜାନୁଆରୀ ୧୭-୧୮ ସୁଦ୍ଧା ୫୦% ରାଜ୍ୟ ସଭାପତି ନିର୍ବାଚିତ ହେବେ। ଏଥିସହ ଅଧ୍ୟକ୍ଷ ପଦ ଲାଗି ରାଷ୍ଟ୍ରୀୟ ପରିଷଦ ସଦସ୍ୟ ନିଯୁକ୍ତ ହେବେ ବୋଲି ଜଣାପଡ଼ିଛି। ତିନି ଦିନ ପୂର୍ବେ ଭାଜପା ଅଧ୍ୟକ୍ଷ ଜେ ପି ନଡ୍ଡା ନୂଆଦିଲ୍ଲୀ ନିର୍ବାଚନ ସମ୍ପର୍କରେ ଦିଲ୍ଲୀରେ ଦଳର ସାଧାରଣ ସଚିବଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଥିଲେ। ଏଥିରେ ସେ ବିଭିନ୍ନ ରାଜ୍ୟରେ ଅଧ୍ୟକ୍ଷ ପଦ ପାଇଁ ଚାଲିଥିବା ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ସୂଚନା ଦେଇଥିଲେ। ଡିସେମ୍ବର ୩୦ରେ ଏ ବାବଦରେ ଏକ ଜାତୀୟ କର୍ମଶାଳା ଆୟୋଜନ କରାଯାଇପାରେ ବୋଲି କୁହାଯାଉଛି। ଭାରତୀୟ ଜନତା ପାର୍ଟିର ସମ୍ବିଧାନ ଅନୁଯାୟୀ, ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଅତି କମ୍‌ରେ ପୃଷ୍ଠା-୬

## ଖ୍ରୀଷ୍ଟମାସ ପୂର୍ବଦିନ ପୃଥିବୀରେ ହେବ ତାଣ୍ଡବ !



ନୂଆଦିଲ୍ଲୀ,୨୦।୧୨: ଖ୍ରୀଷ୍ଟମାସ ପୂର୍ବରୁ ଅର୍ଥାତ ଡିସେମ୍ବର ୨୪ରେ, ମହାକାଶରେ ବିରଳ ଘଟଣା ଘଟିବାକୁ ଯାଉଛି। ବୈଜ୍ଞାନିକଙ୍କ ଅନୁଯାୟୀ, ୧୨୦ ଫୁଟ ଲମ୍ବର ଆଷ୍ଟ୍ରୋଏଡ ପୃଥିବୀ ଆଡକୁ ମାଡି ଆସୁଛି। ବୈଜ୍ଞାନିକମାନେ ଏହି ଆଷ୍ଟ୍ରୋଏଡର ନାମ 2024 XN1 ରଖିଛନ୍ତି। ନାସା କହିଛି ଯେ ଏହି ଆଷ୍ଟ୍ରୋଏଡ ଘଣ୍ଟା ପ୍ରତି ୧୪,୭୪୩ ମାଇଲ ବେଗରେ ଗତି କରୁଛି, ଯାହା ପୃଥିବୀ ଠାରୁ ୪,୪୮୦,୦୦୦ ମାଇଲ ଦୂରତାରେ ପାଖ ଦେଇଯିବ। ଯାହା ପୃଥିବୀ ଏବଂ ଚନ୍ଦ୍ର ମଧ୍ୟରେ ଦୂରତାର ୧୬ ଗୁଣ ଦୂର ଅଟେ। ନାସାର ବୈଜ୍ଞାନିକ ଚେତାବନୀ ଦେଇଛନ୍ତି, ଯଦିଓ ୧୨୦ ଫୁଟ ଲମ୍ବର ଆଷ୍ଟ୍ରୋଏଡ ପୃଥିବୀର ଅତି ନିକଟବର୍ତ୍ତୀ ହୋଇପାରେ, ତଥାପି ଏହା କୌଣସି ବିପଦ ସୃଷ୍ଟି କରିବ ନାହିଁ।ମହାକାଶରେ ପୃଥିବୀ ନିକଟରେ ପାଖ ଦେଇ ଯାଉଥିବା ଏକ ଆଷ୍ଟ୍ରୋଏଡର ଘଟଣା ନୂଆ ନୁହେଁ। ବୈଜ୍ଞାନିକଙ୍କ ଅନୁଯାୟୀ, 2024 XN1 ପରି ଆଷ୍ଟ୍ରୋଏଡଗୁଡ଼ିକ ପ୍ରାରମ୍ଭିକ ସୌରମଣ୍ଡଳର ଉତ୍ପତ୍ତି ବୁଝିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। ପୃଥିବୀ ନିକଟରେ ଯାଉଥିବା ପରବର୍ତ୍ତୀ ପାଞ୍ଚଟି ପୃଷ୍ଠା-୬

### ନୂଆବର୍ଷରେ ନୂଆ ନିୟମ

## ବିନା ଅନୁମତିରେ ଜିରୋନାଇଟ୍ ସେଲିବ୍ରେସନ୍ ମନା

ଭୁବନେଶ୍ୱର, ୨୦।୧୨ (ସଂଚାର ବ୍ୟୁରୋ): ପାଖେଇ ଆସୁଛି ନୂଆବର୍ଷ । ଜିରୋ ନାଇଟ ସେଲିବ୍ରେସନ୍ ପାଇଁ ପ୍ରସ୍ତୁତ ହେଲେଣି ଯୁବବର୍ଗ । ହେଲେ ଏହାକୁ ନେଇ କଡ଼ା ତାଗିଦ କରିଛନ୍ତି ସରକାର। ଶୁକ୍ରବାର ମନ୍ତ୍ରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ନୂଆ ବର୍ଷ ପାଳନ ସମୟରେ ଅବକାରୀ ନିୟମ ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ନୂତନ ବର୍ଷ ପାଳନ ପୂର୍ବରୁ ବାର



ମାଲିକଙ୍କ ଉପରେ ନଜର ରଖାଯିବ। ନୂତନ ବର୍ଷ ପାଳନ ସମୟରେ ଦୁଇଟି ପ୍ରମୁଖ ଜିନିଷ - ଅନୈତିକ କାର୍ଯ୍ୟକଳାପ ଏବଂ ବେଆଇନ ମଦ ବିକ୍ରି ଉପରେ ବିଭାଗ ଧ୍ୟାନ ଦିଆଯାଉଛି। ହରିଚନ୍ଦନ କହିଛନ୍ତି, ନୂଆ ବର୍ଷ ପାଳନ ସମୟରେ ଦୁଇଟି ଜିନିଷ ସଂପୂର୍ଣ୍ଣ ଭାବେ ପ୍ରତିବନ୍ଧିତ ହେବ। ନିଶାଦ୍ରବ୍ୟ ପ୍ରଭାବରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ଏବଂ ବେଆଇନ ମଦ ବିକ୍ରିରେ ଜଡ଼ିତ ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ନୂଆ ବର୍ଷ ପାଇଁ କାଉଣ୍ଟଡାଉନ ଆରମ୍ଭ ହୋଇଥିବାରୁ ଅବକାରୀ ବିଭାଗ ସମସ୍ତ ଘଟଣା ପାଇଁ ପ୍ରସ୍ତୁତ ଥିବା ଜଣାପଡିଛି। ଖବର ଅନୁଯାୟୀ, ଜିରୋ ନାଇଟ୍ ଉତ୍ସବରେ ମଦ ଦୋକାନ ତଥା ମଦ୍ୟପାନକାରୀଙ୍କ କାର୍ଯ୍ୟକଳାପ ପୃଷ୍ଠା-୬

# ରାଜ୍ୟ ପାଇଁ ସ୍ୱତନ୍ତ୍ର ସହାୟତା ଦାବି କଲେ ମୋହନ

- ଗୋପାଳପୁର ଓ ଝାରସୁଗୁଡାରେ ଶିଳ୍ପ ଟାଉନସିପ ଦାବି
- ସହରୀକରଣର ବିକାଶ ହେଉ କେନ୍ଦ୍ରୀୟ ଯୋଜନା
- ପର୍ଯ୍ୟଟନ ପାଇଁ ୧୦ ହଜାର କୋଟିର ସ୍ୱତନ୍ତ୍ର ପ୍ୟାକେଜ
- ଆଙ୍କାକ୍ଷୀ ଯୋଜନାରେ ଆଉ ୧୧ ବ୍ଲକକୁ ସାମିଲ କରାଯାଉ






ନୂଆଦିଲ୍ଲୀ, ୨୦।୧୨ (ସଂଚାର ବ୍ୟୁରୋ): ଭିତ୍ତିଭୂମୀ ବିକାଶ ସହ ରାଜ୍ୟରେ ପର୍ଯ୍ୟଟନ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଦାବି କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଆଜି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ରାଜସ୍ଥାନର ଜୈସଲମେର ଠାରେ ଅନୁଷ୍ଠିତ ପ୍ରାକ-ବଜେଟ୍ ପରାମର୍ଶ ବୈଠକରେ ରାଜ୍ୟର ଭିତ୍ତିଭୂମି ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ପୁଞ୍ଜି ନିବେଶ ନିମନ୍ତେ ସ୍ୱତନ୍ତ୍ର ସହାୟତା ଯୋଜନା ୨୦୨୫-୨୬ (ସାକି) ଅଧୀନରେ ରାଜ୍ୟକୁ ଅଧିକ ଆବଣ୍ଟନ ପାଇଁ ପ୍ରସ୍ତାବ ଦେଇଛନ୍ତି ମୁଖ୍ୟମନ୍ତ୍ରୀ।

ରାଜ୍ୟମାନଙ୍କୁ ସ୍ୱତନ୍ତ୍ର ସହାୟତା ଯୋଜନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ୩୭ ପ୍ରତିଶତ ପ୍ରଦାନ କରାଯାଉଥିବା ବେଳେ ବଳକା ୬୩ ପ୍ରତିଶତ ଅର୍ଥ ବିଭିନ୍ନ ସେକ୍ଟରର ବିକାଶ ପାଇଁ ଦିଆଯାଉଥିଲା। ତେବେ ରାଜ୍ୟକୁ ନିୟମିତ ପାଣ୍ଠି ଆସିବାକୁ ସୁନିଶ୍ଚିତ କରିବାକୁ ସାକି ଯୋଜନାରେ ରାଜ୍ୟମାନଙ୍କୁ ଅନ୍ୟୁନ ୬୦ ପ୍ରତିଶତ ଅର୍ଥ ପ୍ରଦାନ କରିବାକୁ ସେ ଦାବି କରିଛନ୍ତି। ସେହିଭଳି ଦେଶର ଅନ୍ୟ ରାଜ୍ୟ ତୁଳନାରେ ଓଡିଶାରେ ସହର ସଂଖ୍ୟା କମ। ବର୍ତ୍ତମାନ ସମୟରେ ସହରଗୁଡିକ ହେଉଛନ୍ତି ବିକାଶର ଇଂଜିନ ଏବଂ ଗ୍ରାମାଞ୍ଚଳରୁ ବହୁସଂଖ୍ୟାରେ ଲୋକ ସହରକୁ ଆସୁଛନ୍ତି ରୋଜଗାର ପାଇଁ। ଏହିଦୃଷ୍ଟିରୁ ଓଡିଶାରେ ବ୍ୟାପକ ସହରୀକରଣ ପାଇଁ କେନ୍ଦ୍ର ସରକାର ଯୋଜନା କରିବାକୁ ମୁଖ୍ୟମନ୍ତ୍ରୀ ଦାବି କରିଛନ୍ତି।

ଦକ୍ଷିଣ ଏବଂ ପଶ୍ଚିମ ଓଡିଶାରେ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଗୋପାଳପୁର (ଲୁଣ ଖଳା) ଏବଂ ଝାରସୁଗୁଡା ପାଇଁ ନୂତନ ଇଣ୍ଡଷ୍ଟ୍ରିଆଲ୍ ଟାଉନସିପ୍ ପାଇଁ ପ୍ରସ୍ତାବ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ସେହିଭଳି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱପ୍ନ ହେଉଛି ଆଗାମୀ ଦିନରେ ଓଡିଶା ହେବ ଦେଶର ବିକାଶ ଇଂଜିନ। ପ୍ରଧାନମନ୍ତ୍ରୀଙ୍କ ଏହି ସ୍ୱପ୍ନକୁ ସାକାର କରିବା ପାଇଁ କେନ୍ଦ୍ର ସରକାରଙ୍କ ସହାୟତା ଲୋଡିଛନ୍ତି ମୁଖ୍ୟମନ୍ତ୍ରୀ। ବିଶେଷ କରି ରାଜ୍ୟରେ ଶିଳ୍ପ ପାର୍କ ଓ କରିଡର ନିର୍ମାଣ, ବିଦ୍ୟୁତ ଗ୍ରିଡ, ରେଳବାଇ ଭିତ୍ତିଭୂମୀର ବିକାଶ, ଏକ୍ସପ୍ରେସ ହାଇୱେ, ବନ୍ଦର ଓ ବିମାନ ବନ୍ଦର ପ୍ରତିଷ୍ଠା ଭଳି ଭିତ୍ତିଭୂମୀ ପ୍ରକଳ୍ପ ବିକାଶରେ କେନ୍ଦ୍ରୀୟ ସହାୟତା ଦାବି କରିଛନ୍ତି ମୋହନ ମାଝୀ।

ଏଥିସହିତ ଓଡିଶା ଭଳି ପୂର୍ବଭାରତୀୟ ରାଜ୍ୟରେ ପୂର୍ବୋଦ୍ୱୟ ଯୋଜନାରେ କେନ୍ଦ୍ରୀୟ ସହୟତାରେ ଭିତ୍ତିଭୂମୀ ବିକାଶ କରାଯିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଓଡିଶାରେ ନିବେଶ ପ୍ରୋତ୍ସାହନ ପାଇଁ ଏକ ଉପଯୁକ୍ତ ପରିବେଶ ସୃଷ୍ଟି ନିମନ୍ତେ କେନ୍ଦ୍ର ସରକାରଙ୍କ ବିଶେଷ ସହାୟତା ସହ ପର୍ଯ୍ୟଟନର ବିକାଶ ପାଇଁ ୧୦,୦୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ୍ ଦାବି କରିଛନ୍ତି ମୁଖ୍ୟମନ୍ତ୍ରୀ। ଆସନ୍ତା ଗ୍ରୀଷ୍ମ ପୂର୍ବରୁ ଲକ୍ଷ୍ୟ ଧାର୍ଯ୍ୟ ପ୍ରକଳ୍ପ ସମାପ୍ତ କରିବା ଏବଂ ସମସ୍ତ ପ୍ରକଳ୍ପର ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ଜଳ ଜୀବନ ମିଶନ୍ (ଜେ.ଜେ.ଏମ୍.) ଅଧୀନରେ ପର୍ଯ୍ୟାପ୍ତ ପୃଷ୍ଠା-୬

# ବଢ଼ିବ ବିଦ୍ୟୁତ୍ ଶୁଳ୍କ !

ଭୁବନେଶ୍ୱର, ୨୦।୧୨ (ସଂଚାର ବ୍ୟୁରୋ): ୨୦୨୫-୨୬ ବର୍ଷରେ ବଢ଼ିବ ବିଦ୍ୟୁତ୍ ବିଲ୍। ପଇସା କି ଦୁଇ ପଇସା ନୁହେଁ, ଏକା ଥରକେ ୟୁନିଟ୍ ପିଛା ୩ ଟଙ୍କା ୮୨ ପଇସାକୁ ବୃଦ୍ଧି ଲାଗି ଚାଲିଛି ଯୋଜନା। ଏକଥା ଆମେ କହୁନାହୁଁ, ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ନିକଟରେ ଗ୍ରିଡକୋ ଯେଉଁ ବାର୍ଷିକ ରାଜସ୍ୱ ଆବଶ୍ୟକତା ଦରଖାସ୍ତ ଦାଖଲ କରିଛି, ସେଥିରେ ଏଭଳି ଆତଙ୍କ ସୃଷ୍ଟିକାରୀ ତଥ୍ୟ ଲେଖିଛି। ଗ୍ରିଡକୋ ଦର୍ଶାଇଛି ଯେ, ୨୦୨୫-୨୬ରେ ବାର୍ଷିକ ୩୮ ହଜାର ୮୧୪ ୟୁନିଟ୍ ବିଦ୍ୟୁତ୍ ବିକ୍ରି କରିବାକୁ ଯୋଜନା ରହିଛି। ପୂରା ବିଦ୍ୟୁତ୍ କିଣାବିକା ଓ ନିଜର ସମସ୍ତ ଆବଶ୍ୟକତାକୁ ହିସାବକୁ ନେଲେ ପାଖାପାଖି ୧୫ ହଜାର ୩୪୭ କୋଟି ଟଙ୍କା ଆବଶ୍ୟକ। ଅର୍ଥାତ୍ ୟୁନିଟ୍ ପିଛା ୩ ଟଙ୍କା ୯୫ ପଇସା ଉପଭୋକ୍ତା ଦେଲେ




GRIDCO Empowering Orissa

### ୟୁନିଟ୍ ପିଛା ୩.୮୨ ଟଙ୍କା ବଢ଼ାଇବାକୁ ଗ୍ରୀଡ୍‌କୋର ପ୍ରସ୍ତାବ

ଯାଇ ଭରଣା ହେବ। ଗ୍ରିଡକୋ ଆହୁରି କହିଛି ଯେ, ଏଥିରୁ ରିଟର୍ଣ୍ଣ ଅନ୍ ଇକ୍ୟୁଇଟିକୁ ବାଦ୍ ଦିଆଗଲେ ୧୪ ହଜାର ୮୨୦ କୋଟି ଟଙ୍କା ଆବଶ୍ୟକ ହେବ। ଅର୍ଥାତ୍ ୟୁନିଟ୍ ପିଛା ୩ ଟଙ୍କା ୮୨ ପଇସାରୁ କମ୍ ହେଲେ ଗ୍ରିଡକୋ କ୍ଷତି ସହିବ। ୨୦୨୫-୨୬ରେ ଗ୍ରିଡକୋ ପ୍ରସ୍ତାବକୁ ଯଦି ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ମାନିନିଅନ୍ତି, ତେବେ ପାଇକାରୀ ମୂଲ୍ୟ ୟୁନିଟ୍ ପିଛା ୫୪ ପଇସା ବଢ଼ିବ। ଆବଣ୍ଟନ କମ୍ପାନିମାନଙ୍କ ଖର୍ଚ୍ଚ ଆଦି ମିଶାଇଲେ ବିଦ୍ୟୁତ୍ ମୂଲ୍ୟ ଆହୁରି ବଢ଼ିପାରେ। କେବଳ ସେତିକି ନୁହେଁ, ଆୟୋଗଙ୍କ ନିକଟରେ ବିଦ୍ୟୁତ୍ କମ୍ପାନି ବିକ୍ରି ସମୟର ଅଡୁଆ ଉଠାଇ ୬ ହଜାର ୫୮୮ କୋଟି ଭରଣା ପାଇଁ ଦାବି ରଖିଛି ଗ୍ରିଡକୋ। ସରକାରୀ ସଂସ୍ଥା ସ୍ପଷ୍ଟ ଭାବେ କହିଛି ଯେ ସେସୁ, ଓ୍ୱେସ୍କୋ, ନେସ୍କୋ ଏବଂ ସାଉଥକୋ କମ୍ପାନିକୁ ଟାଟାକୁ ବିକ୍ରି କରାଯିବା ସମୟରେ ବକେୟା ଅର୍ଥ ଏଯାଏ ପରିଶୋଧ ହେଲା ନାହିଁ। ଆୟୋଗ ଗୁରୁତ୍ୱର ସହିତ ଏହାକୁ ଗ୍ରହଣ କରି ଆସନ୍ତା ଦୁଇ, ତିନି ବର୍ଷ ମଧ୍ୟରେ ଅର୍ଥ ଭରଣା ଲାଗି ଦାବି କରିଛି। ପ୍ରଶ୍ନ ଉଠୁଛି, ଆୟୋଗ ଯଦି ଏହି ପ୍ରସ୍ତାବକୁ ଗ୍ରହଣ କରନ୍ତି, ତେବେ ବିଦ୍ୟୁତ୍ ଦର ବହୁଗୁଣିତ ହେବା ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ। ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଜୁଳି ଯୋଗାଣରେ ଆବଣ୍ଟନ କମ୍ପାନି, ଆୟୋଗ ଓ ସରକାର ପୃଷ୍ଠା-୬

# ବିଜେପି ମନସ୍କ ସାରଦା

### ଦ୍ୱନ୍ଦ୍ୱରେ ରାଉରକେଲା ବିଜେଡି କର୍ମୀ



ଭୁବନେଶ୍ୱର, ୨୦।୧୨ (ସଂଚାର ବ୍ୟୁରୋ) : ରାଉରକେଲା ବିଜେଡିରେ ହଲଚଲ। ରାଜଧାନୀରୁ ରାଉରକେଲା ଯାଇଥିବା ଦୁଇ ମନ୍ତ୍ରୀଙ୍କୁ ବିଧାୟକ ସାରଦା ନାୟକ ଆତିଥେୟତାରେ ଅଭିଭୂତ କରିବାକୁ ନେଇ କର୍ମୀମାନେ ଦ୍ୱନ୍ଦରେ ପଡିଥିବାବେଳେ ସାରଦା ଏବେ ବିଜେପି ମନସ୍କ ବୋଲି ଆଲୋଚନା ଚାଲିଛି । ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣ ଚନ୍ଦ୍ର ମହାପାତ୍ର ଓ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ରାଉରକେଲା ଗସ୍ତ କରିଥିବାବେଳେ ରାଉରକେଲାର ବିଜେଡି ବିଧାୟକ ସାରଦା ନାୟକ ସେମାନଙ୍କୁ ଅତିଥି ଚର୍ଚ୍ଚାରେ ପୋତି ପକାଇଛନ୍ତି । ନିଜେ ଆସି ସେମାନଙ୍କୁ ପାଛୋଟି ନେଇଛନ୍ତି । ଶାସକଦଳର ଦୁଇ ମନ୍ତ୍ରୀଙ୍କୁ ବିରୋଧିଦଳ ବିଧାୟକଙ୍କର ଏଭଳି ଅଭ୍ୟର୍ଥନା ଦେଖି ଖୋଦ ବିଜେପି ନେତାମାନେ ବି ଆଚମ୍ବିତ ହୋଇଛନ୍ତି । ତେବେ ବିଜେଡିର ଗୋଟିଏ ଗୋଷ୍ଠି ଏହାକୁ ସହଜରେ ହଜମ କରିପାରିନଥିବାବେଳେ ସାରଦାଙ୍କ ଆଗାମୀ ପୃଷ୍ଠା-୬

## ପ୍ରିୟଙ୍କାଙ୍କୁ ନିଆରା ଉପହାର ଦେଲେ ଅପରାଜିତା



ଭୁବନେଶ୍ୱର, ୨୦।୧୨ (ସଂଚାର ବ୍ୟୁରୋ): ସଂସଦ ଭବନରେ ବ୍ୟାଗ୍ ନେଇ ଚର୍ଚ୍ଚାରେ ଥିବା କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ଏକ ନିଆରା ବ୍ୟାଗ ଉପହାର ଦେଇଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ। ଯେଉଁ ବ୍ୟାଗରେ ଲେଖାଯାଇଛି '୧୯୮୪'। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ତାଙ୍କ ଦେହରକ୍ଷୀଙ୍କ ଗୁଳିରେ ୧୯୮୪ ମସିହା ଅକ୍ଟୋବର ୩୧ ତାରିଖରେ ନିହତ ହେବା ପରେ ଶିଖ୍ ବିରୋଧୀ ଦଙ୍ଗା ଦେଖାଦେଇଥିଲା। ଏଥିରେ ସାରା ଦେଶରେ ପ୍ରାୟ ଏହ ହଜାର ଶିଖ୍ ପ୍ରାଣ ହରାଇଥିଲେ। ଏହି ବ୍ୟାଗ୍ ସେହି ଘଟଣାକୁ ମନେପକାଇ ଦେଇଛି। ପ୍ରଶାସିକାରୁ ରାଜନେତା ପାଲଟିଥିବା ଭୁବନେଶ୍ୱର ବିଜେପି ସାଂସଦ ଅପରାଜିତା ପୃଷ୍ଠା-୬

# ଚାଷୀଙ୍କ ଜନ୍ମକୁଣ୍ଡଳୀ ରଖିବେ ସରକାର

### ନୂଆବର୍ଷରୁ ପଞ୍ଜୀକରଣ ଆରମ୍ଭ, ମିଳିବ ୟୁନିକ୍ ନମ୍ବର ଓ ଡିଜିଟାଲ ଚାଷୀ କାର୍ଡ



ଭୁବନେଶ୍ୱର, ୨୦।୧୨ (ସଂଚାର ବ୍ୟୁରୋ): ରାଜ୍ୟର ସମସ୍ତ ଚାଷୀଙ୍କ କୁଣ୍ଡଳୀ (ବ୍ୟକ୍ତିଗତ ତଥ୍ୟ) ସରକାରଙ୍କ ପାଖରେ ରହିବ। ଏଥିପାଇଁ ସରକାରୀ ପ୍ରକ୍ରିୟା ଆରମ୍ଭ ହୋଇଛି । ରାଜ୍ୟ ସରକାର ସମସ୍ତ ଜିଲ୍ଲାପାଳଙ୍କୁ ଏହି ଫାର୍ମର ରେଜିଷ୍ଟ୍ରି(ଚାଷୀ ପଞ୍ଜିକା) ପ୍ରସ୍ତୁତ ନିମନ୍ତେ ଜାନୁୟାରୀ ପହିଲାରୁ ପ୍ରତି ପଂଚାୟତରେ କ୍ୟାମ୍ପ(ଶିବିର) ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିରେ ପ୍ରତ୍ୟେକ ଚାଷୀଙ୍କୁ ୧୪ଟିକିଆ ନମ୍ବର ବିଶିଷ୍ଟ ସ୍ୱତନ୍ତ୍ର ଆଇଡି ନମ୍ବର ଓ କାର୍ଡ ମିଳିବ । ଯାହାମାଧ୍ୟମରେ ଚାଷୀଙ୍କ ଚିହ୍ନଟ ହେବା ସହ ତାଙ୍କୁ ସିଧାସଳଖ ସରକାରଙ୍କ ସବୁ ସୁବିଧା ଓ ଯୋଜନାର ଲାଭ ମିଳିପାରିବ । ଚାଷୀ ସହାୟତାର ବାଟମାରଣାରେ ପୂର୍ଣ୍ଣଚ୍ଛେଦ ପକାଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପିଏମକିଷାନ, ପ୍ରଧାନମନ୍ତ୍ରୀ ଫସଲବୀମା, ସିଏମ-କିଷାନ, ଫସଲ ଋଣ,ଅନ୍ୟାନ୍ୟ ସମସ୍ତ କୃଷି ସବସିଡିକୁ ପାରଦର୍ଶିତାର ସହ ପ୍ରଦାନ ନିମନ୍ତେ ଏହି ଡିଜିଟାଲ ଡାଟାବେସ୍ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି ।

ରାଜ୍ୟରେ ମୋହନ ମାଝୀ ସରକାର ପ୍ରକୃତ ଚାଷୀ ଚିହ୍ନଟ ସହ ସରକାରୀ ପାଣ୍ଠିର ଅନିୟମିତତାକୁ ରୋକିବା ପାଇଁ ରାଜ୍ୟରେ ଫାର୍ମର ରେଜିଷ୍ଟ୍ରି ଡାଟାବେସ୍ ପ୍ରସ୍ତୁତ ନିମନ୍ତେ ନିଷ୍ପତ୍ତି ନେଇଛନ୍ତି । ରାଜ୍ୟ କୃଷି ନିର୍ଦ୍ଦେଶକ ଗତ ସପ୍ତାହରେ ସମସ୍ତ ଜିଲ୍ଲାପାଳଙ୍କୁ ଏହି ଡାଟାବେସ୍ ପ୍ରସ୍ତୁତ ନିମନ୍ତେ ଆକ୍ସନ ପ୍ଲାନ୍ ଓ ଏସଓପି ଜାରି କରିଛନ୍ତି । ଏହି ଡାଟାବେସ୍ ପ୍ରସ୍ତୁତ ମାଧ୍ୟମରେ ଚାଷୀଙ୍କୁ ୟୁନିକ୍ ଆଇଡି ଜାରି କରି ସେମାନଙ୍କୁ ସିଧାସଳଖ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷି ଯୋଜନାର ଲାଭ ଦେବାକୁ ଲକ୍ଷ୍ୟ ରଖିଛନ୍ତି । କେବଳ ସେତିକି ନୁହେଁ କେଉଁ ଚାଷୀ କେତେ ଚାଷଜମିର ମାଲିକ, ସେଥିରୁ କେତେ ଜଳସେଚିତ ଓ କେତେ ଅଣଜଳସେଚିତ, ତା'ର ତଥ୍ୟ ମଧ୍ୟ ସରକାର ଜାଣିପାରିବେ ।

ଫାର୍ମର ରେଜିଷ୍ଟ୍ରି କାର୍ଯ୍ୟାନ୍ୱୟନର ଏହି ପ୍ରକ୍ରିୟା ରାଜ୍ୟର ସମସ୍ତ ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ଜାନୁୟାରୀ ୧ରୁ ମାର୍ଚ୍ଚ ୩୧ତାରିଖ ପୃଷ୍ଠା-୬

# ନିରଞ୍ଜନଙ୍କ ଘରେ ଇଡି



ଭୁବନେଶ୍ୱର, ୨୦।୧୨ (ସଂଚାର ବ୍ୟୁରୋ): ପୂର୍ବତନ ପିସିସି ସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକଙ୍କ ଘରେ ଶୁକ୍ରବାର ସକାଳୁ ସନ୍ଧ୍ୟା ଯାଏଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଚଢ଼ାଉ କରାଯାଇଛି। ନିରଞ୍ଜନଙ୍କ ସ୍ଥାନୀୟ ନୟାପଲ୍ଲୀ ସ୍ଥିତ ବାସଭବନରେ ଆଜି ସକାଳ ୭ଟାରେ ଚଢ଼ାଉ କରାଯାଇଛି। ଏହାସହିତ ଭୁବନେଶ୍ୱରରେ ଅନ୍ୟ ଏକ ଆବାସିକ ପରିସର, ରାଉରକେଲା ଓ ଦିଲ୍ଲୀ ସ୍ଥିତ ଘରେ ମଧ୍ୟ ଚଢଉ ଚାଲିଥିବା ଏକ ସୂତ୍ରରୁ ଜଣାପଡ଼ିଛି। କେଉଁ କାରଣ ପାଇଁ ରେଡ୍ କରାଯାଇଛି ଓ ତାଙ୍କ ଘରୁ କ'ଣ ମିଳିଛି ତାହା ଜଣାପଡ଼ିନାହିଁ। ପ୍ରାୟ ୧୦ ଘଣ୍ଟା ରେଡ୍ ପରେ ବହୁ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ପାଇ ଥିବା କୁହାଯାଉଛି। ବେଆଇନ ଅର୍ଥ କାରବାର ଓ ଖଣି ଦୁର୍ନୀତି ନେଇ ନିରଞ୍ଜନଙ୍କ ଘରେ ପୃଷ୍ଠା-୬

### ଟ୍ରେଣ୍ଡିଂ ନ୍ୟୁଜ୍

ପଶ୍ଚିମ ଗୋଦାବରୀ ଜିଲ୍ଲା ଉଣ୍ଡି ମଣ୍ଡଳ ୟେନଡାଗଣ୍ଡି ଗାଁରେ ଜଣେ ମହିଳାଙ୍କ ନିକଟକୁ ଆସିଥିବା ଏକ ପାର୍ସଲରୁ ବାହାରିଛି ଜଣେ ୪୫ ବର୍ଷୀୟ ବ୍ୟକ୍ତିଙ୍କ ମୃତଦେହ ସହିତ ୧.୩ କୋଟି ଟଙ୍କା ତୁରନ୍ତ ଦେବାକୁ ଧମକପୂର୍ଣ୍ଣ ଚିଠି।

ଧର୍ମ ନାଁରେ ବିବାଦ ସୃଷ୍ଟି କରି ହିନ୍ଦୁଙ୍କ ନେତା ହେବାକୁ କିଛି ଲୋକ ଉଦ୍ୟମ କରୁଛନ୍ତି। କିନ୍ତୁ ସର୍ବଧର୍ମର ସମନ୍ୱୟ ଭାରତୀୟ ସଂସ୍କୃତି ବୋଲି କହିଲେ ଆରଏସଏସ ମୁଖ୍ୟ ମୋହନ ଭାଗବତ।

ରାହୁଲ ଗାନ୍ଧିଙ୍କ ଧକ୍କାରେ ବିଜେପି ସାଂସଦ ପ୍ରତାପ ଷଡ଼ଙ୍ଗୀ ଓ ମୁକେଶ ରାଜପୁତ ଆହତ ହେବା ଉପରେ ସମାଜବାଦୀ ପାର୍ଟିର ରାଜ୍ୟସଭା ସାଂସଦ ଜୟା ବଚ୍ଚନ ଏହା କେବଳ ଅଭିନୟ ବୋଲି କହିଛନ୍ତି। କ୍ୟାମେରା ଆଗରେ ପ୍ରତାପ ଷଡ଼ଙ୍ଗୀ ଓ ମୁକେଶ ରାଜପୁତ ଯେଭଳି ଆହତର ଅଭିନୟ କରିଛନ୍ତି, ସେମାନଙ୍କୁ ଅସ୍କାର ଠାରୁ ଆରମ୍ଭ କରି ସବୁ ପ୍ରକାରର ପୁରସ୍କାର ମିଳିବା ଦରକାର ବୋଲି ସେ କହିଛନ୍ତି।

କେରଳର ଏର୍ନାକୁଲମ ଜିଲ୍ଲାରେ ସାବତ ମାଆ ଅନୀଶା ୬ ବର୍ଷର ଝିଅ ମୁସ୍କାନକୁ ହତ୍ୟା କରିବା ଅଭିଯୋଗରେ ଗିରଫ।

ଫର୍ମୁଲା ଇ-ରେସ୍ ଆୟୋଜନରେ ହୋଇଥିବା ଦୁର୍ନୀତି ଅଭିଯୋଗରେ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) କାର୍ଯ୍ୟକାରୀ ସଭାପତି କେଟି ରାମା ରାଓ ଓରଫ କେଟିଆରଙ୍କୁ ଅନ୍ତରୀଣ ସୁରକ୍ଷା ଦେଇଛନ୍ତି ତେଲେଙ୍ଗାନା ହାଇକୋର୍ଟ। ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୨୭ରେ କରାଯିବ। ୩୦ ତାରିଖ ପର୍ଯ୍ୟନ୍ତ କେଟିଆରଙ୍କ ଗିରଫଦାରୀ ଉପରେ ରୋକ ଲଗାଯାଇଛି।

ପ୍ରତ୍ନତତ୍ତ୍ୱବିତମାନେ ଗ୍ରୀକ୍-ରୋମାନ୍ ସମୟରୁ ସୁନ୍ଦର ଭାବରେ ସଜାଯାଇଥିବା କବର ଭିତରେ ୧୩ଟି ଚମତ୍କାର ସୁବର୍ଣ୍ଣ ଜିଭ ଏବଂ ନଖ ଆବିଷ୍କାର କରିଛନ୍ତି। ମିଶର ମିନିୟା ପ୍ରଦେଶରେ ଅବସ୍ଥିତ ଅଲ-ବହନସା ପ୍ରତ୍ନତାତ୍ତ୍ୱିକ ସ୍ଥାନରେ ଟୋଲେମି କାଳର ଏହି ଆବିଷ୍କାର କରାଯାଇଛି।



### କାନ ଡେରିଥା

ଚାଷୀ ମୁଣ୍ଡେ ଏବେ ଚଡ଼କ ପଡ଼ିଲା
ବିଲରେ ପାଚିଲା ଧାନ
ଯାକୁ ନେଇ ଏବେ ରାଜନୀତି ହେବ
ଭୁଲେଇବାକୁ ଯେ ମନ
ରଖ ଟିକେ ସୁକ୍ଷ୍ମ ଜ୍ଞାନ...
ଯେଉଁ ଖାଦ୍ୟ ଖାଇ ରାଜନୀତି କର
ସିଏ ହିଁ ତୁମ ଜୀବନ ।

■ ଦେବାଶିଷ

# ପ୍ରବାସୀ ଭାରତୀୟଙ୍କ ନାକରେ ବାଜିବ ଟିଟିପିଏସ୍ ଗନ୍ଧ

- କେମିକାଲ ସିଞ୍ଚନ ଭରସାରେ ସରକାର
- ଶୁଖୁଆ ପୋଡ଼ାରେ ଯିବ ତପ

ଭୁବନେଶ୍ୱର, ୨୦।୧୨ (ସଂଚାର ବ୍ୟୁରୋ): ରାଜଧାନୀରେ ଅନୁଷ୍ଠିତ ହେବାକୁ ଯାଉଥିବା ପ୍ରବାସୀ ଭାରତୀୟ ଦିବସ ଅବସରରେ ଏଠାକୁ ଆସିବାକୁ ଥିବା ଦେଶର ବିଦେଶର ଅତିଥିଙ୍କ ନାକରେ ଗାଡକଣ ଟିଟିପିଏସ୍‌ର ଗନ୍ଧ ବାଜିବାର ସମ୍ଭାବନା ରହିଛି । ଗନ୍ଧକୁ ଏଡାଇବା ପାଇଁ କର୍ତ୍ତୃପକ୍ଷ ଯେତେ ଯାହା କଲେ ବି ଦଲକାଏ ପବନରେ ତାହା ପ୍ରବାସୀ ଭାରତୀୟଙ୍କ ନିକଟରେ ପହଞ୍ଚିଯିବାର ଆଶଙ୍କା କରାଯାଉଛି।

ରାଜଧାନୀର କେନ୍ଦ୍ରସ୍ଥଳ ଗାଡକଣରେ ଥିବା ଅଳିଆ ଗଦା ବା ଟିଟିପିଏସ୍‌ର ଗନ୍ଧ ଏବେ ସହରର ସହର ସାରା ଉଡି ବୁଲୁଛି । ଅଳିଆ ଗଦାରୁ ଯେଉଁ ଆଡକୁ ପବନ ଯାଉଛି ଲୋକେ ନାକରେ ରୁମାଲ ଦେବା ସହିତ ଘରର ଝରକା କବାଟ ବନ୍ଦ କରିଦେଉଛନ୍ତି । ରାତି ବେଳା ଏକାମ୍ରକାନନ ପର୍ଯ୍ୟନ୍ତ ଏହାର ଗନ୍ଧ ପହଞ୍ଚଯାଉଛି । ନିକଟରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକେ ଟିଟିପିଏସ୍ ଗନ୍ଧରେ ଅତିଷ୍ଠ ହୋଇପଡିଥିଲେ । ପୂର୍ବ ସରକାର ମେକ୍ ଇନ୍ ଓଡିଶା କାର୍ଯ୍ୟକ୍ରମ ସମୟରେ



ଯେଭଳି ଟିଟିପିଏସ୍ ଗନ୍ଧକୁ କେମିକାଲ ସଞ୍ଚନ କରି ଅଟକାଇଥିଲେ ବର୍ତ୍ତମାନର ସରକାର ବି ଅନୁରୂପ ବାଟରେ ଯାଉଥିବା ଲକ୍ଷ୍ୟ କରାଯାଉଛି । ପ୍ରବାସୀ ଭାରତୀୟ କାର୍ଯ୍ୟକ୍ରମକୁ ଆଉ ଅଳ୍ପଦିନ ଥିବାବେଳେ ଖୋଦ୍ ନଗର ଉନ୍ନୟନ ମନ୍ତ୍ରୀ ଦଳ ବଳ ଧରି ଟିଟିପିଏସ୍ ପରିଦର୍ଶନରେ ଯାଇଥିଲେ। ସେଠାରେ ଉକ୍ରଟ ଗନ୍ଧରେ ମନ୍ତ୍ରୀଙ୍କ ସମେତ ଅନ୍ୟମାନେ ମଧ୍ୟ ଆକ୍ତାବାକ୍ତା ହୋଇଥିଲେ । ସ୍ଥାନୀୟ ଲୋକେ ମନ୍ତ୍ରୀ ଆସିଥିବା ଜାଣି ରୁଣ୍ଡ ହେବା ସହିତ ମେୟରଙ୍କ ସହିତ ଉଚ୍ଚ ବାଚ ବି କରିଥିଲେ ।

ମନ୍ତ୍ରୀଙ୍କ ତାଗିଦାରେ ଯଦିଓ ବାବୁମାନେ ଡିସେମ୍ବର ଶେଷ ସୁଦ୍ଧା ଟିଟିପିଏସ୍ ସମସ୍ୟାର ସମାଧାନ କରିଦେବେ ବୋଲି କଥା ଦେଇଛନ୍ତି ତଥାପି ସ୍ଥିତିରେ ସୁଧାର ଆସିବାକୁ ଢେର କିଛିଦିନ ଲାଗିଯିବ। ଏଠାରେ ପୃଷ୍ଠା-୬

## ବଚସାରୁ ସ୍କୁଲ ଛାତ୍ରଙ୍କ ମଧ୍ୟରେ ଛୁରା ମାଡ଼

### ଅଞ୍ଚଳରେ ଆଲୋଡନ, ପୋଲିସ ତଦନ୍ତ ଜାରି

**ପଟ୍ଟାମୁଣ୍ଡାଇ, ୨୦।୧୨ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଡିହାପଡା ପଂଚାୟତ ର ତେଲେଙ୍ଗାବସନ୍ତ ନୋଡାଲ ସ୍କୁଲରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି । ଏହି ସ୍କୁଲର ଦୁଇ ଛାତ୍ରଙ୍କ ମଧ୍ୟରେ ବଚସାକୁ କେନ୍ଦ୍ର କରି ଛୁରାମାଡ଼ ହୋଇଛି । ଏହି ଘଟଣା ସମଗ୍ର ଅଂଚଳବାସୀଙ୍କୁ ସ୍ତବ୍ଧ କରି ଦେଇଥିବାବେଳେସାଧାରଣରେ ଆଲୋଡନ ସୃଷ୍ଟି ହୋଇଛି । ଏ ସମ୍ପର୍କରେ ଖବର ପାଇବା ପରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଡିହାପଡା ପଂଚାୟତ ତେଲେଙ୍ଗାବସନ୍ତ ନୋଡାଲ ସ୍କୁଲରେ ଖେଳଛୁଟି ସମୟରେ ଦୁଇ ଜଣ ୮ମ ଶ୍ରେଣୀ ଛାତ୍ରଙ୍କ ମଧ୍ୟରେ କୌଣସି ଘଟଣାକୁ ନେଇ ବଚସା ହୋଇଥିଲା । ଏହି ଘଟଣାରେ ଉତକ୍ଷିପ୍ତ ଜଣେ ଛାତ୍ର ନିଜ ଘରକୁ ଯାଇ ଏକ ଛୁରୀ ଆଣି ବଚସା ହୋଇଥିବା ଅନ୍ୟ ଛାତ୍ର ଜଣକୁ ପଛ ପଟରୁ ପିଠିରେ ଛୁରୀ ଦ୍ୱାରା ଆକ୍ରମଣ କରିଥିଲା । ଏହି ଘଟଣା ଦେଖି ସ୍କୁଲ ପିଲାମାନେ ଦୌଡ଼ା ଦୌଡ଼ି କରିଥିଲେ । ଛୁରା ମାଡରେ ଆହତ ଛାତ୍ରକୁ ସ୍କୁଲର ଜନୈକ ଶିକ୍ଷକ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲକୁ ଆଣି ପ୍ରାଥମିକ ଚିକିତ୍ସା କରାଇବା ପରେ ତା ଘରେ ନେଇ ଛାଡି ଦେଇଥିଲେ । ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଆଇ ଆଇ ସି ପଦ୍ମାଳୟା ପ୍ରଧାନଙ୍କ ନିର୍ଦ୍ଦେଶରେ ଏସ ଆଇ ରଞ୍ଜନ କୁମାର ମହାରଣା ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି । ତେବେ ସାମାନ୍ୟ ବଚସାକୁ ସ୍କୁଲର ଛୋଟ ପିଲାଙ୍କ ମଧ୍ୟରେ ଛୁରା ମାଡ଼ ଘଟଣା ସମଗ୍ର ପଟ୍ଟାମୁଣ୍ଡାଇ ଅଂଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି ।

## ସ୍ଥାୟୀ କୃଷି ସଂସ୍କାର କ୍ଷେତ୍ରରେ ଓଡ଼ିଶା ନେତୃତ୍ୱ ନେବାକୁ ପ୍ରସ୍ତୁତ

**ଭୁବନେଶ୍ୱର, ୨୦।୧୨ (ସଂଚାର ବ୍ୟୁରୋ):** ଆନ୍ତର୍ଜାତିକ ଖାଦ୍ୟ ନୀତି ଗବେଷଣା ପ୍ରତିଷ୍ଠାନ (ଆଇଏଫ୍‌ପିଆର୍‌ଆଇ) ଏବଂ ଆନ୍ତର୍ଜାତିକ କୃଷି ଅନୁସନ୍ଧାନ ଗୋଷ୍ଠୀ ସଙ୍ଗଠନ (ସିଜିଆଇଏଆର୍) ପ୍ରଯୋଜିତ ଜାତୀୟ ନୀତି ଓ ସୁଚିନ୍ତିତ ପଦକ୍ଷେପ

### ସାମଗ୍ରିକ କୃଷି ରୂପାନ୍ତରଣ ନେଇ ଗୋଲଟେବୁଲ ବୈଠକ



(ଏନ୍‌ପିଏସ୍) ସହ ଏକ ନୀତି ନିର୍ଦ୍ଧାରଣ ଗୋଲଟେବୁଲ ସମାରୋହର ସଫଳ ଆୟୋଜନ କରିଛନ୍ତି। ସ୍ଥାୟୀ ବିକାଶ ଦିଗରେ ଓଡ଼ିଶାର ଯାତ୍ରା ଉପରେ ଆଲୋକପାତ କରି ଏହା ଦକ୍ଷିଣ-ଦକ୍ଷିଣ ଏସୀୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଜ୍ଞାନ ବିନିମୟ ପାଇଁ ସୁଯୋଗ ଓ ଆଞ୍ଚଳିକ ସହଭାଗୀତା ପାଇଁ ମଞ୍ଚ ପ୍ରଦାନ କରିଛି। କୃଷି ଓ ଜଳବାୟୁ ଆହ୍ୱାନର ମୁକାବିଲା ପାଇଁ ବହୁ ସରକାରୀ ଅଧିକାରୀ, ଗବେଷକ, ପେଶାଦାର ଉନ୍ନୟନଧର୍ମୀ କର୍ମୀ ଏବଂ ଅନ୍ତର୍ଜାତୀୟ ବିଶେଷଜ୍ଞଙ୍କ ସମେତ ଶତାଧିକ ବ୍ୟକ୍ତି-ବିଶେଷ ଏହି ସମ୍ମିଳନୀରେ ଯୋଗଦାନ କରିଛନ୍ତି।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବେ ସମାବେଶକୁ ସମ୍ବୋଧିତ କରି ନ୍ୟାୟସଙ୍ଗତ କୃଷି ଅଭିବୃଦ୍ଧି ପାଇଁ ଓଡ଼ିଶାର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି, ସାମଗ୍ରିକ ଏବଂ ସ୍ଥାୟୀ କୃଷି ସଂସ୍କାର କ୍ଷେତ୍ରରେ ଓଡ଼ିଶା ନେତୃତ୍ୱ ନେବାକୁ ପ୍ରସ୍ତୁତ। ଯେଉଁ ଚିନ୍ତନ ଓ ସହଭାଗୀତା ବିକାଶର ଦିଗକୁ ପରିପୁଷ୍ଟ କରିଛି, ତାହା ଏକ ଦୀର୍ଘସ୍ଥାୟୀ କୃଷିର ଭବିଷ୍ୟତ ଗଠନ କରିବ। କ୍ଷୁଦ୍ର ଚାଷୀଙ୍କୁ ସଶକ୍ତ କରିବା ପାଇଁ ବଜାର ସଂଯୋଗ ଗୁରୁତ୍ୱପୂର୍ଣ୍ଣ। କୃଷକ ଉତ୍ପାଦକ ସଂଗଠନ ମାଧ୍ୟମରେ ଆମେ ସୁନିଶ୍ଚିତ କରୁଛୁ ଯେ କୃଷକମାନେ ବଜାରରେ ନିଜର ସ୍ଥିତି ସୁଦୃଢ କରିପାରିବେ, ଯାହା ଦ୍ୱାରା ସେମାନେ ଉତ୍ପାଦର ଉଚିତ ମୂଲ୍ୟ ପାଇପାରିବେ ତଥା ସେମାନଙ୍କ ଜୀବିକା ନିର୍ବାହକୁ ଉନ୍ନତମାନର କରିବାରେ ସକ୍ଷମ ହେବେ ।

ଏହି ଅବସରରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢୀକହିଥିଲେ ଯେ ଓଡିଶାର କୃଷି କ୍ଷେତ୍ର ନବସୃଜନ, ଅନ୍ତର୍ଭୁକ୍ତୀକରଣ ଏବଂ ସ୍ଥିରତାର ପୃଷ୍ଠଭୂମି ଉପରେ ଦଣ୍ଡାୟମାନ। ସାମୂହିକ ଭାବେ ଉଦ୍ୟମ କରି ଓଡ଼ିଶାକୁ କୃଷି କ୍ଷେତ୍ରକୁ ସମୃଦ୍ଧ କରିବା ଲାଗି ସେ କହିଛନ୍ତି। ଗୋଲଟେବୁଲ ସମାରୋହରେ ସାମଗ୍ରିକ କୃଷି ରୂପାନ୍ତରଣ, ବଜାର ପ୍ରବେଶ ବୃଦ୍ଧି, ଜଳବାୟୁ ସହନଶୀଳତାକୁ ସୁଦୃଢ଼ କରିବା, କୃଷକ ଉତ୍ପାଦକ ସଂଗଠନକୁ ସଶକ୍ତ କରିବା ଓ ତଥ୍ୟଗତ ସାଧୁତାର ଅଗ୍ରଗତି ଉପରେ ଆଲୋଚନା ହୋଇଛି।

ଅନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ପ୍ରତିଷ୍ଠାନର ଦକ୍ଷିଣ-ଏସିଆ ନିର୍ଦ୍ଦେଶକ ଡ. ସହିଦୁର ରସିଦ କହିଛନ୍ତି, ଏହି ଗୋଲଟେବୁଲ ଓଡ଼ିଶାରେ ଥିବା ଅସୁବିଧା ଗୁଡିକର ସମାଧାନ ଏବଂ ସାମଗ୍ରିକ କୃଷି ଅଭିବୃଦ୍ଧି ପାଇଁ ସୁଯୋଗ ପ୍ରଦାନ କରିବ। ଏହାସହିତ ମତ୍ସ୍ୟ ଓ ପଶୁସମ୍ପଦ ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମ ଚନ୍ଦ୍ର ଚୌଧାରୀ, ମିଶନ ଶକ୍ତି ବିଭାଗର ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

## କୋଡ଼ିଏ ଦିନରୁ ଅଧିକ ହେଲା ପାନୀୟ ଜଳ ଯୋଗାଣ ବନ୍ଦ

**ଡ୍ରେନେଜ୍ ଲାଗି ସମସ୍ୟା ଭୋଗୁଛନ୍ତି ତିନିଶହରୁ ଉର୍ଦ୍ଧ୍ୱ ପରିବାର**

**କେଉଁଠି ରହୁଛି ସମସ୍ୟା ସୁଧାରି ପାରୁନାହାନ୍ତି ଯନ୍ତ୍ରୀ**

**କେନ୍ଦ୍ରାପଡ଼ା, ୨୦।୧୨ (ସଂଚାର ବ୍ୟୁରୋ) :** କୋଡ଼ିଏ ଦିନରୁ ଉର୍ଦ୍ଧ ହେଲା ପାନୀୟ ଜଳ ଯୋଗାଣ ବନ୍ଦ ହୋଇଛି। ପୂର୍ବରୁ ନିୟମିତ ପ୍ରତ୍ୟେକ ଘରକୁ ଜଳ ଯୋଗାଣ ହୋଇ ଆସୁଥିବା ବେଳେ ଏହି କିଛିଦିନ ହେବ ବାରମ୍ବାର ସମସ୍ୟା ଦେଖା ଯାଉଛି। ଏହାର କାରଣ ହେଉଛି ନୂତନ ଭାବେ ନିର୍ମାଣ ହେଉଥିବା ଡ୍ରେନେଜ୍ କାର୍ଯ୍ୟ । ଡ୍ରେନେଜ ବିଭାଗ ଦ୍ୱାରା ନିର୍ମାଣ ହେଉଥିବା କାର୍ଯ୍ୟ ଠିକାଦାର ଜେସିବି ଦ୍ୱାରା ମାଟି ଖୋଳି କଂକ୍ରିଟ ୱାଲ୍ କରୁଥିବା ବେଳେ ମାଟି ତଳେ ଥିବା ପାଣି ପାଇପ୍‌କୁ ନଷ୍ଟ କରିଦେଉଛନ୍ତି ଯାହା ଫଳରେ ପାଇପ ଫାଟି ପାଣି ଲିକେଜ୍ ହୋଇ ବଜାର ମଧ୍ୟରେ ଜମାଟ ବାନ୍ଧୁଛି, ନିୟମିତ ଜଳ ଯୋଗାଣରେ ସମସ୍ୟା ସୃଷ୍ଟି କରିଛି ।

ଏଭଳି ଘଟଣା କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ଅନ୍ତର୍ଗତ ପାଟକୁରା ପଞ୍ଚାୟତ ପାଟକୁରା ଗାଁ, ମୁଖ୍ୟ ବଜାର ସମେତ ଜଗଦଳପୁର ଗ୍ରାମରେ ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ମୁତାବକ ପାଟକୁରା ବଜାର ମଧ୍ୟରେ ଦୀର୍ଘଦିନ ଧରି ଜଳ ନିଷ୍କାସନ ସମସ୍ୟା ଦେଖାଦେଇଥିଲା । ସମସ୍ୟାର ସମାଧାନ ଡ୍ରେନେଜ୍ ବିଭାଗ ଦ୍ୱାରା ମାଟି ଖୋଳି ଠିକାଦାର ତାର କାର୍ଯ୍ୟ କରିଚାଲିଛି ହେଲେ ଠିକାଦାରଙ୍କ ଖାମଖିଆଲ୍ ମନଭାବ ଯୋଗୁ ବାରମ୍ବାର ସମସ୍ୟା ଭୋଗୁଛନ୍ତି ସ୍ଥାନୀୟ ଲୋକେ। ଖାଲିଯେ ସ୍ଥାନୀୟ ଲୋକେ ସମସ୍ୟା ଭୋଗୁଛନ୍ତି ତାହା ନୁହେଁ ପାଟକୁରା ବଜାର ଉପରେ ନିର୍ଭର କରୁଥିବା ଜନସାଧାରଣ, ପାଟକୁରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର, ଥାନା, ସ୍କୁଲ ଆଦିକୁ ପାନୀୟ ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ୍ ହୋଇଯାଇଛି। ଯାହା ଫଳରେ ପାଖାପାଖି ୩୦୦ ପରିବାର ଏହି ସମସ୍ୟା ଭୋଗୁଛନ୍ତି । ପାଖରେ ଟିୟୁବଲ୍ ଥିଲେ ମଧ୍ୟ ସେଥିରୁ ବାହାରୁଥିବା ପାଣି ପିଇବା ଯୋଗ୍ୟ ହୋଇନଥିବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି।

ଏନେଇ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ (ଆର୍ ଡବ୍ଲୁ ଏସଏସ)ର ଯନ୍ତ୍ରୀକୁ ଯୋଗାଯୋଗ କରୁଥିଲେ ମଧ୍ୟ କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ ହେଉଛି। ଏନେଇ ଗରଦପୁର ବ୍ଲକର ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ସେ ଏହି ବିଷୟରେ ଜାଣିନଥିବା କହିଛନ୍ତି । ଘଟଣା ସମ୍ପର୍କରେ ଜାଣିବା ପରେ ଡ୍ରେନେଜ୍ ଠିକାଦାରଙ୍କ ପାଇଁ ଏହି ସମସ୍ୟା ବାରମ୍ବାର ହେଉଥିବା କହିବା ସହ ତୁରନ୍ତ ମରାମତି କରି ଦିନେ କିମ୍ବା ଦୁଇଦିନ ମଧ୍ୟରେ ଏହାର ସମାଧାନ କରାଯିବ ବୋଲି ସଂଚାରକୁ ସୂଚନା ଦେଇଛନ୍ତି ।

### ତିନିମୁହାଣି ଛକରେ ଗର୍ଜିଲା କଂଗ୍ରେସ

## ଅମିତ୍ ଶାହଙ୍କ କୁଶପୁତ୍ତଳିକା ଦାହ

**କେନ୍ଦ୍ରାପଡ଼ା, ୨୦।୧୨ (ସଂଚାର ବ୍ୟୁରୋ) :** କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ଭାରତ ସମ୍ବିଧାନ ପ୍ରଣେତା ବାବା ସାହେବ୍ ଆମ୍ବେଦକରଙ୍କୁ ଅପମାନ ସୂଚକ ଶବ୍ଦ ବ୍ୟବହାର କରି ଅପମାନ କରିବା ବିରୋଧୀ ପ୍ରସଙ୍ଗ କରିବା ସହ ରାଜ ରାସ୍ତାକୁ ଓହ୍ଲାଇଛି । ଶୁକ୍ରବାର କେନ୍ଦ୍ରାପଡ଼ା କଂଗ୍ରେସ ଜିଲ୍ଲାର ମୁଖ୍ୟ ଛକ ତିନିମୁହାଣି ଠାରେ ଛାତ୍ର, ଯୁବ ଓ ମହିଳା କଂଗ୍ରେସ ମିଳିତ ଭାବେ ବିକ୍ଷୋଭ ପ୍ରଦର୍ଶନ କରିବା ସହ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ୍ ଶାହାଙ୍କ କୁଶପୁତ୍ତଳିକା ଦାହ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ବିଭୁ ପ୍ରସାଦ ଜେନା,କେନ୍ଦ୍ରାପଡ଼ା କଂଗ୍ରେସ ନେତ୍ରୀ ତଥା ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, ସସ୍ମିତା ପଣ୍ଡା, ଯୁବ କଂଗ୍ରେସ ନେତା ଉମେଶ ପାଢ଼ୀ,ବରିଷ୍ଠ କଂଗ୍ରେସ ନେତା ଫକୀର ଖଟୁଆ, ଅବଦୁଲ ସତ୍ତାର, ବିଦୁଭୂଷଣ ମହାପାତ୍ର, ପୂର୍ବତନ ବିଧାୟକ ଚିନ୍ମୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।



## ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡିରୁ ୨ ନିଲମ୍ବିତ

**ରାଜନଗର, ୨୦।୧୨ (ସଂଚାର ବ୍ୟୁରୋ) :** ଦଳ ବିରୋଧି କାର୍ଯ୍ୟ ପାଇଁ ଆଜି କୁରୁଂଟି ପଞ୍ଚାୟତର ପୂର୍ବତନ ସରପଞ୍ଚ ଜୁମର କୁମାର ସ୍ୱାଇଁ ଓ ଯୁବନେତା ହିମାଂଶୁ ଭୂଷଣ ପାଣିଙ୍କୁ ବିଜୁ ଜନତା ଦଳରୁ ନିଲମ୍ବିତ କରାଯାଇଛି ବୋଲି ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ ପ୍ରେସ ବିବୃତିରେ ଜଣାଇଛନ୍ତି। ଗତ ପଞ୍ଚାୟତ ନିର୍ବାଚନ ପରଠାରୁ କୁରୁଂଟି ପଞ୍ଚାୟତର ଏହି ଦୁଇ ନେତା ଦଳ ବିରୋଧି କାର୍ଯ୍ୟରେ ଲିପ୍ତ ରହିବା ସହ ଦଳୀୟ କର୍ମୀଙ୍କୁ ବିଭିନ୍ନ ସମୟରେ ହଇରାଣ କରୁଥିଲେ। କୁରୁଂଟି ପଞ୍ଚାୟତର ବିଜେଡି ସଭାପତି ରମେଶ ଚନ୍ଦ୍ର ବିଶ୍ୱାଳ ଓ ଦଳର ଆଗଧାଡିର ନେତାମାନେ ଏ ନେଇ ଲିଖିତ ଭାବେ ବ୍ଲକ ବିଜେଡି ସଭାପତିଙ୍କୁ ଜଣାଇଥିଲେ। ସେହି ଆଧାରରେ ଆଜି ଏହି ୨ ନେତାଙ୍କୁ ବିଜୁ ଜନତା ଦଳର ପ୍ରାଥମିକ ସଭ୍ୟ ପଦରୁ ନିଲମ୍ବନ କରାଯାଇଛି ବୋଲି ବ୍ଲକ ବିଜେଡି ସଭାପତି ଶ୍ରୀ ରାଉତ ପ୍ରେସ ବିବୃତିରେ ଜଣାଇଛନ୍ତି।

## ୧୮.୫ ଫୁଟର ଅଜଗର ଉଦ୍ଧାର

**ରାଜନଗର, ୨୦।୧୨ (ସଂଚାର ବ୍ୟୁରୋ) :** ଗତକାଲି ରାତିରେ ଭିତରକନିକା ଅନ୍ତର୍ଗତ ରଗଡ଼ାପାଟିଆ ଫରେଷ୍ଟ ବ୍ଲକ ସଂଲଗ୍ନ ରାଜେନ୍ଦ୍ରନାରାୟଣପୁର ଗ୍ରାମ ନିକଟସ୍ଥ ବାଇଶିଘେରି ଚାଷ ଜମିରୁ ଏକ ୧୮.୫ ଫୁଟର ବିଶାଳ ଅଜଗର ଉଦ୍ଧାର କରାଯାଇ ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ରଖାଯାଇଛି। ଅଜଗରଟିର



ମୁଣ୍ଡରେ ସାମାନ୍ୟ କ୍ଷତ ଥିବାରୁ ଡିଏଫଓ ସୁଦର୍ଶନ ଗୋପିନାଥ ଯାଦବଙ୍କ ନିର୍ଦ୍ଦେଶ ଅନୁସାରେ ସାପଟିକୁ ବଡ ଲୁହା ପଞ୍ଜୁରୀ ମଧ୍ୟରେ ରଖାଯାଇ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କରାଯାଉଛି। ଅଜଗରଟି ସୁସ୍ଥ ହେବା ପରେ ତାକୁ ପୁନଃର୍ବାର ଭିତରକନିକା ଜଙ୍ଗଲ ମଧ୍ୟରେ ଛଡାଯିବ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁସାରେ ଭିତରକନିକାରେ ଉଦ୍ଧାର ହୋଇଥିବା ସମସ୍ତ ଅଜଗର ମଧ୍ୟରୁ ଏହା ସର୍ବବୃହତ।

## ସାଂସଦଙ୍କୁ ଦୁର୍ବ୍ୟବହାର ପ୍ରତିବାଦରେ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ

**ରାଜନଗର, ୨୦।୧୨ (ସଂଚାର ବ୍ୟୁରୋ) :** ରାଜନଗର ନିର୍ବାଚନମଣ୍ଡଳୀ ଭାରତୀୟ ଜନତା ପାର୍ଟି ପକ୍ଷରୁ ବିଦେଶରେ ରାଷ୍ଟ୍ର ବିରୋଧି ମନ୍ତବ୍ୟ ଓ ସଂସଦ ଭିତରେ ସାଂସଦମାନଙ୍କୁ ଦୁର୍ବ୍ୟବହାର ପ୍ରତିବାଦରେ କଂଗ୍ରେସନେତା ରାହୁଲ ଗାନ୍ଧୀଙ୍କ କୁଶପୁତଳିକା ଦାହ କରାଯାଇଛି। ରାଜନଗର ବ୍ଲକ ବିଜେପି ପକ୍ଷରୁ ଜିଲ୍ଲା ଉପସଭାପତି ସଦାଶିବ ଜେନା, ଦିଲ୍ଲୀ ପାଳଙ୍କ ନେତୃତ୍ୱରେ ବିଜେପି କର୍ମୀମାନେ ତ୍ରିନାଥ ବଜାରରୁ



ଶୋଭାଯାତ୍ରାରେ ଆସି ହଂସୁଆ ସେତୁ ନିକଟରେ କଂଗ୍ରେସ ଓ ବିରୋଧିଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୁଦ୍ଧରେ ବିଭିନ୍ନ ନାରାବାଜୀ କରିବା ସହିତ ତାଙ୍କର କୁଶ ପୁତଳିକା ଦାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେପି ନେତା ପ୍ରମୋଦ ଦାସ, ମଣ୍ଡଳ ସଭାପତି କ୍ରୀଷ୍ଣା ବେହେରା, ମଂଗୁଳି ମହାନ୍ତି, ନଗେନ୍ଦ୍ର ପାତ୍ର, ସଂଗ୍ରାମ ସ୍ୱାଇଁ, ଭିକାରୀ ସେଠୀ, ପ୍ରଦୀପ ଦାସ, ଶୂନ୍ୟବାସୀ ରଣା ପ୍ରମୁଖ ଯୋଗଦେଇଥିଲେ।

## ଏସିଏଫ୍ ମାନସ ଦାସଙ୍କୁ ଗହୀରମଥା ରେଞ୍ଜର ଅତିରିକ୍ତ ଦାୟିତ୍ୱ

**ରାଜନଗର, ୨୦।୧୨ (ସଂଚାର ବ୍ୟୁରୋ) :** ରାଜନଗର ବନଖଣ୍ଡ ଅଧିନସ୍ଥ ଗହୀରମଥା ରେଞ୍ଜର ଅତିରିକ୍ତ ଦାୟିତ୍ୱ ଗ୍ରହଣ କଲେ ଏସିଏଫ ମାନସ କୁମାର ଦାସ। ଗହୀରମଥା ରେଞ୍ଜ ଅଫିସର ପ୍ରଦୋଷ କୁମାର ମହାରଣାଙ୍କ ଫୁଲବାଣୀ



ଡିଭିଜନକୁ ବଦଳି ହେବା ପରେ ଏସିଏଫ ଶ୍ରୀ ଦାସଙ୍କୁ ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପିନାଥ ଯାଦବ ଏହି ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଛନ୍ତି। ଏସିଏଫ ଶ୍ରୀ ଦାସ ପୂର୍ବରୁ ଗହୀରମଥା ରେଞ୍ଜରେ କାର୍ଯ୍ୟକରି ତାଙ୍କର ଅଭିଜ୍ଞତା ଥିବାରୁ ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି।

## ବତୀଘର ପଞ୍ଚାୟତରେ ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର

### ପଞ୍ଜୀକୃତ ହେଲା ୨୯୮ ଅଭିଯୋଗ

**ମହାକାଳପଡ଼ା, ୨୦।୧୨ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ଅନ୍ତର୍ଗତ ବତୀଘର ଗ୍ରାମ ପଞ୍ଚାୟତରେ ଭାରାପ୍ରାପ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଶିବ ମଲ୍ଲୀକଙ୍କ ନେତୃତ୍ୱରେ ବ୍ଲକ୍ ସ୍ତରୀୟ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଲୋକମାନଙ୍କ ନିକଟରୁ ସିଧାସଳଖ ଅଭିଯୋଗ ଶୁଣାଣୀ କରିବା ସହିତ ସରକାରୀ କର୍ମଚାରୀମାନଙ୍କ ନିକଟତର ଓ ସୁସମ୍ପର୍କ ସ୍ଥାପନ ଦିଗରେ ପ୍ରଶାସନ ତରଫରୁ ଏମିତି ଶିବିର ଅନୁଷ୍ଠିତ କରାଯାଉଛି। ସୁଭଦ୍ରା ଖାରଜ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପାନୀୟ ଜଳ, ରାସନ୍ କାର୍ଡ,ଭତ୍ତା,କେ ଫର୍ମ ପଟ୍ଟା, ଜଙ୍ଗଲ ଜମି,ବିଦ୍ୟାଳୟ ସମସ୍ୟା ଆଦି ଅଭିଯୋଗ ପଞ୍ଚାୟତର ଲୋକେ ଅଭିଯୋଗରେ ଜଣାଇଛନ୍ତି।

ସେହିପରି ବତୀଘର ଗ୍ରାମ ପଞ୍ଚାୟତର ସରପଞ୍ଚ ଶିବାନୀ ବିଜୁଳି ଖରିନାସି ପଞ୍ଚାୟତର ମୁଖ୍ୟ ସଂଯୋଗ କୁହାଯାଉଥିବା ବଡ଼ ଟୁବି ନଦୀ ଘାଟ ସମ୍ପର୍କରେ ପଞ୍ଚାୟତର ସାମୂହିକ ସ୍ୱାର୍ଥ ପାଇଁ ଦାବି ରଖିଥିଲେ। ୧୯୮୩ ମସିହାରୁ ଦୀର୍ଘ ୪୧ ବର୍ଷ ଧରି ବତୀଘର ଗ୍ରାମ ପଞ୍ଚାୟତ ଅଧିନରେ ରହି ଆସୁଥିବା ଘାଟ ନିଲାମ ଟଙ୍କା ପଞ୍ଚାୟତର ଉନ୍ନୟନ ମୂଳକ କାର୍ଯ୍ୟରେ ବିନିଯୋଗ ହେଉଥିଲା। ହେଲେ ୪ ଡିସେମ୍ବର ୨୦୨୪ ଠାରୁ ଖରିନାସୀ ପଞ୍ଚାୟତ ର ସରପଞ୍ଚ ଓ ସମିତି ସଭ୍ୟ କାହାକୁ କୌଣସି ସୂଚନା ନଦେଇ ଅନ୍ୟ ଏକ ଡଙ୍ଗା ପକାଇ ଲୋକଙ୍କୁ ନଦୀ ପାର



କରାଉଛନ୍ତି। ଯାହାକୁ କେନ୍ଦ୍ର କରି ଦୁଇ ପଞ୍ଚାୟତ ମଧ୍ୟରେ ବଚସା ଲାଗି ରହୁଛି। ଯାହାର ସମାଧାନ ପାଇଁ ସରପଞ୍ଚ ଦାବି କରିଛନ୍ତି।

ଏହି ଜନଶୁଣାଣୀ ଶିବିରରେ ସର୍ବମୋଟ ୨୯୮ ଗୋଟି ଅଭିଯୋଗ ଶୁଣାଣୀ ହୋଇଛି। ଏହି ଜନଶୁଣାଣୀ ଶିବିରରେ ତହସିଲଦାର, ବନବିଭାଗ କର୍ମଚାରୀ, ଖାଦ୍ୟ ଯୋଗାଣ ଅଧିକାରୀ, ବିଦ୍ୟୁତ ବିଭାଗର କର୍ମଚାରୀ, ପଞ୍ଚାୟତ କାର୍ଯ୍ୟାଳୟ କର୍ମଚାରୀ ମାନଙ୍କ ସମେତ ସମିତି ସଭ୍ୟ କ୍ରିଷ୍ଟପଦ ମଣ୍ଡଳ ଉପସ୍ଥିତ ଥିଲେ।

## କେନ୍ଦ୍ରାପଡ଼ା ପୁସ୍ତକମେଳା ନିମନ୍ତେ ଜିଲ୍ଲାପାଳଙ୍କ ସହ ଆଲୋଚନା

**କେନ୍ଦ୍ରାପଡା, ୨୦।୧୨ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡା କଳା, ସଂସ୍କୃତି ଓ ବୌଦ୍ଧିକତାର ବିକାଶ କ୍ଷେତ୍ରରେ କାର୍ଯ୍ୟରତ ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସ (କେମ) ପକ୍ଷରୁ ଆଗାମୀ ଜାନୁଆରୀ ୬ରୁ ୧୩ଯାଏ ସହରର ମହୀପାଳ ଟେଲିକମ ପଡିଆରେ ରାଜ୍ୟସ୍ତରୀୟ ପୁସ୍ତକମେଳାର ୨୨ତମ ସଂସ୍କରଣ ଅନୁଷ୍ଠିତ ହେବ । ଜିଲ୍ଲା ସଂସ୍କୃତି ବିଭାଗ ସହଯୋଗୀତାରେ ଏହାକୁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ କେମର କର୍ମକର୍ତ୍ତାମାନେ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କୁ ଶୁକ୍ରବାର ସନ୍ଧ୍ୟାରେ ଭେଟି ଆଲୋଚନା କରିଛନ୍ତି । ଏହି ଅବସରରେ କେନ୍ଦ୍ରାପଡ଼ା ପରିକ୍ରମାର "ଯୁବ ପ୍ରତିଭା ବିଶେଷାଙ୍କ' ଉନ୍ମୋଚିତ ହେବ । ଅଧିକ ସଂଖ୍ୟାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ବିଦ୍ୟାର୍ଥୀଙ୍କୁ ମେଳାରେ ସମ୍ପୃକ୍ତ କରିବା ସହ ପ୍ରତିଭା ଅନ୍ୱେଷଣ ନିମନ୍ତେ ପ୍ରତିଯୋଗିତାମାନ ଅନୁଷ୍ଠିତ ହେବ । ପ୍ରତିଦିନ ମଞ୍ଚରେ ସାହିତ୍ୟ ସଭା, ଆଲୋଚନା ଚକ୍ର ତଥା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ । ପୁସ୍ତକ କ୍ରୟ ଉପରେ ସ୍ୱତନ୍ତ୍ର ରିଆତି ବ୍ୟବସ୍ଥା ସହିତ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ । କେମର ସଭାପତି ଇଂ ଅକ୍ଷୟ କୁମାର ପାଣିଙ୍କ ସହ ବଂଶୀଧର ମହାନ୍ତି, ସରୋଜକାନ୍ତ ସାହୁ, ନୃସିଂହ ତ୍ରିପାଠୀ, ଜ୍ୟୋତିରଞ୍ଜନ ନାୟକ ପ୍ରମୁଖ ଆଲୋଚନାରେ ଉପସ୍ଥିତ ଥିଲେ ।

## ଗଠନ ହେବ ମା' ଦରିଆ ରାମଚଣ୍ଡୀଙ୍କ ନୂତନ ଟ୍ରଷ୍ଟ ବୋର୍ଡ

### ସୌଭାଗ୍ୟ ଉଠାଇଥିଲେ ସ୍ୱର, ବିଭାଗୀୟ ମନ୍ତ୍ରୀଙ୍କୁ ଭେଟିଥିଲେ ଭୁବନ

**ମହାକାଳପଡ଼ା, ୨୦।୧୨ (ସଂଚାର ବ୍ୟୁରୋ) :** ବହୁ ସର୍ବପୁରାତନ ମହାକାଳପଡ଼ାର ଅଧିଷ୍ଠାତ୍ରୀ ଦେବୀ ମା ରାମଚଣ୍ଡି ମନ୍ଦିରର ନୂତନ ଟ୍ରଷ୍ଟ ବୋର୍ଡ଼ ଗଠନ କରାଯିବ। ନୂତନ ଟ୍ରଷ୍ଟ ବୋର୍ଡ ଗଠନ ନହେବା ପର୍ଯ୍ୟନ୍ତ ମଧ୍ୟବର୍ତ୍ତୀକାଳୀନ ଟ୍ରଷ୍ଟି ଭାବରେ ମହାକାଳପଡ଼ା ତହସିଲଦାର ପୂର୍ଣ୍ଣ ଦାୟିତ୍ୱରେ ରହିବେ। ଡ଼ିସେମ୍ବର ୩୦ ତାରିଖ ସୁଦ୍ଧା ପୂର୍ବତନ ମନ୍ଦିର ଟ୍ରଷ୍ଟି ମଥୁରୀ ଚରଣ ସେନାପତି ତାଙ୍କର ଦାୟିତ୍ୱ ସମ୍ପୂର୍ଣ୍ଣ ଆୟ ବ୍ୟୟ ହିସାବ ସହିତ ତହସିଲଦାରଙ୍କୁ ହସ୍ତାନ୍ତର କରିବେ। ଏହାପରେ ସମସ୍ତ ଅଡିଟ କାର୍ଯ୍ୟ ତ୍ୱରିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବା ସହିତ ନୂତନ ଟ୍ରଷ୍ଟ ବୋର୍ଡ଼ ଗଠନ ପାଇଁ ବ୍ୟବସ୍ଥା କରାଯିବ।

ଏମିତି ଏକ ଚିଠି ଦେବୋତ୍ତର କମିଶନର ଶ୍ରୀ ଲଲାଟେନ୍ଦୁ ଜେନାଙ୍କ ତରଫରୁ ଜାରି ହୋଇଛି। ୧୮ ଡିସେମ୍ବରରେ ହୋଇଥିବା ଏହି ଚିଠିର ଅର୍ଡର ନମ୍ବର ୧୦୪୪୨/୨୫୭-ସି(ଏମ) ରେ ଧାରା ଅଧିନିୟମ ୭ ,ଓ.ଏଚ.ଆର.ଆଇ ଧାରା ୧୯୫୧ ଅନୁଯାୟୀ ତହସିଲଦାର ଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ମନ୍ଦିରର ସାମୂହିକ ଅବ୍ୟବସ୍ଥା ଯଥା ମନ୍ଦିର ଟ୍ରଷ୍ଟ ବୋର୍ଡ଼ ର ଶିଥିଳତା,ମାଆଙ୍କ ଜମିକୁ ମୁଷ୍ଟିମେୟ ଲୋକଙ୍କ କବଜା କରିବା, ଆର୍ଥିକ ନେଣଦେଣର ଅଡିଟ ନହେବା, ମନ୍ଦିର ସୌନ୍ଦର୍ଯ୍ୟକରଣ ଆଦି ପ୍ରମୁଖ ସମସ୍ୟା ଗୁଡିକୁ ତା ୧୪ ଡିସେମ୍ବର ୨୦୨୪ ଶନିବାର ଦିନ ମାଆଙ୍କ ପ୍ରାଙ୍ଗଣରେ ସାମ୍ବାଦିକ ସମ୍ମିଳନୀ କରି ପ୍ରବଳ ବର୍ଷିଥିଲେ ବିଜେପି ନେତା ତଥା ଶିକ୍ଷାବିତ୍ ଡଃ ସୌଭାଗ୍ୟ ପରିଡ଼ା। ୩ କୋଟି ୩୪ ଲକ୍ଷ ୪୮ ହଜାର ଟଙ୍କା ମାଆଙ୍କ ମନ୍ଦିରର ସାମୂହିକ ଉନ୍ନତ୍ତିକରଣ କାର୍ଯ୍ୟ ପାଇଁ ଆସିଥିଲା। ହେଲେ ୩୦% କାମ କରି ଛାଡିଦେଲା ଠିକା ସଂସ୍ଥା। ଯାହାର ଅବଧି ଗତ ଅକ୍ଟୋବର ମାସରୁ ଶେଷ ହୋଇଅଛି। ମନ୍ଦିର ଟ୍ରଷ୍ଟ ବୋର୍ଡ଼ ଏଥିପାଇଁ ଦୃଷ୍ଟି ଦେଉନାହାନ୍ତି। ଯଦି ମନ୍ଦିର ଉନ୍ନତି କରଣ ହେବ ତେବେ ଗାଦି ମାଡ଼ି ବସିଥିବା ଟ୍ରଷ୍ଟି ତୁରନ୍ତ ଦାୟିତ୍ୱ ହସ୍ତାନ୍ତର କରି ମନ୍ଦିରର ସାମୂହିକ ଉନ୍ନତ୍ତିକରଣ କାର୍ଯ୍ୟରେ ସହଯୋଗ କରିବାକୁ ସେ ଦାବି ଜଣାଇଥିଲେ।

ଅନ୍ୟପକ୍ଷରେ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ସୌଭାଗ୍ୟଙ୍କ ପରେ ତା ୧୭ ଡ଼ିସେମ୍ବର ଦିନ ମନ୍ଦିରର ସାମୂହିକ ଉନ୍ନତ୍ତିକରଣ କାର୍ଯ୍ୟ ଓ ଟ୍ରଷ୍ଟ ବୋର୍ଡ଼ର ପୁନର୍ଗଠନ ପାଇଁ ବିଭାଗୀୟ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଏମାନଙ୍କ ଉଦ୍ୟମକ୍ରମେ ମନ୍ଦିରର ନୂତନ ଟ୍ରଷ୍ଟ ବୋର୍ଡ଼ ଗଠନ ପାଇଁ ବାଟ ଫିଟିଛି। ବିଭାଗୀୟ ମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ବିଭାଗ ତରଫରୁ ତା ୧୮ ଡିସେମ୍ବର ୨୦୨୪ ରେ ଚିଠି କରାଯାଇଛି। ଚିଠିର ଅବିକଳ ନକଲ ଦେବୋତ୍ତର କମିଶନର ର ଆଡିସନାଲ ସେକ୍ରେଟାରୀ,କଟକ,ଆଇ.କେନ୍ଦ୍ରାପଡା/ଡି.ଆଇ.ଇ କଟକଙ୍କୁ ପଠାଇ ଦିଆଯାଇଛି। ବିଭାଗୀୟ ଚିଠି ପରେ ମନ୍ଦିରର ସାମୂହିକ ଉନ୍ନତ୍ତିକରଣ କାର୍ଯ୍ୟ ପାଇଁ ବନ୍ଦ ପଡିଥିବା ବାଟ ଫିଟିଛି।

## ରାଜନଗରରେ ବିଜେପିର ମିଶ୍ରଣ ପର୍ବ

**ରାଜନଗର, ୨୦।୧୨ (ସଂଚାର ବ୍ୟୁରୋ) :** ରାଜନଗର ବ୍ଲକ ସାନବଡଗୋପାଳପୁରସ୍ଥିତ ବିଜେପି କାର୍ଯ୍ୟାଳୟରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ରାଜନଗର ନିର୍ବାଚନମଣ୍ଡଳୀ ବିଜେପି ନେତା ଲଳିତ ବେହେରାଙ୍କ ନେତୃତ୍ୱରେ ରାଜନଗର ପଞ୍ଚାୟତର ଯୁବନେତା ଚିତ ରଞ୍ଜନ ଦାସ ଓ ପୂର୍ବତନ ସମିତିସଭ୍ୟ ଅନନ୍ତ କୁମାର ସେଠୀ, ଦତହରି ମଳିକଙ୍କ ନେତୃତ୍ୱରେ ୫୦ରୁ ଉର୍ଦ୍ଧ୍ୱ ବିଜେଡି ଓ କଂଗ୍ରେସ କର୍ମୀ ବିଜେପିରେ ଯୋଗଦେଇଛନ୍ତି। ୩୧ନଂ ଜୋନ ସଭାପତି ଦିଲ୍ଲୀପ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ କୃଷକ ମୋର୍ଚ୍ଚାର ଜିଲ୍ଲା ସଭାପତି ଶ୍ରୀଧର ପ୍ରଧାନ, ଯୁବନେତା ମିଟୁ ମନୋଜ ନାୟକ, ବରିଷ୍ଠ ନେତା ସନ୍ତୋଷ କୁମାର




ମହାନ୍ତି ପ୍ରମୁଖ ଯୋଗଦେଇ ଏହି ମିଶ୍ରଣ ରାଜନଗର ବିଜେପିକୁ ଅଧିକ ସୁଦୃଢ କରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାବାଜୀ ମିଶ୍ର, ବିଜୟ କୁମାର ସାହୁ, ବାଦଲ ଶର୍ମା, ମାନସ ସେଠୀ, ବେଣୁଧର ଦାସ, ରତୁ କୁମାର ସ୍ୱାଇଁ, ଜଗବନ୍ଧୁ ସେଠୀ, ଅଶ୍ୱିନୀ ସାହୁ, ଭଗବାନ ମଳିକ, ବିଜୟ କୁମାର ଦାସ, ସୋମନାଥ ମଳିକ, ଗୟାଧର ମଳିକ, ଅଶୋକ ମଳିକ, ଗୋଲେଖ ମଳିକ, ଶରତ ମଳିକ, ଭଜହରି ମଳିକ, ବୈଦନାଥ ଦାସ, ଫକୀର ସାମଲ, ଆଶିଷ ମଳିକ, ଶୁଭଙ୍କର ଦାସ, ଅଭିରାମ ସାହୁ, ପ୍ରମୋଦ ମହାରଣା, ଅଶ୍ୱିନୀ ସାହୁ, ସୋମନାଥ ବାରିକ, ସର୍ବେଶ୍ୱର ସାହୁ, ପ୍ରେମାନନ୍ଦ ଦାସ, ବ୍ରହ୍ମାନନ୍ଦ ନାଥ, ସରୋଜ ରାଉତ, ସରୋଜ ସାହୁ, ହେମନ୍ତ କୁମାର ସେଠୀ, ମାନସ କୁମାର ସେଠୀ, ସତ୍ୟ ରଞ୍ଜନ ସାହୁ ପ୍ରମୁଖଙ୍କୁ ବିଜେପି ନେତା ଶ୍ରୀ ବେହେରା ଦଳୀୟ ଉତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ।

## ରୁଦ୍ରାଣୀ ପବ୍ଲିକ ସ୍କୁଲର ୨୦ତମ ବାର୍ଷିକ ଉତ୍ସବ

**କେନ୍ଦ୍ରାପଡ଼ା, ୨୦।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସ୍ଥିତ କପାଳେଶ୍ୱର ଠାରେ ଥିବା ରୁଦ୍ରାଣୀ ପବ୍ଲିକ ସ୍କୁଲ ଓ କିଡ୍ସପ୍ଲେ ସ୍କୁଲ ରେ ୨୦ ତମ ବାର୍ଷିକ ଦିବସ ପାଳନ ହୋଇଯାଇଛି । କେନ୍ଦ୍ରାପଡ଼ାରେ ଖ୍ୟାତି ସମ୍ପର୍ଣ୍ଣ ଶିକ୍ଷାନୁଷ୍ଠାନ ଭାବରେ ରୁଦ୍ରାଣୀ ପବ୍ଲିକ ସ୍କୁଲ ତାର ଖ୍ୟାତି ଅର୍ଜନ କରିପାରିଛି । ଚଳିତ ବର୍ଷ ଏହି ବିଦ୍ୟାଳୟ ୨୦ ବର୍ଷରେ ପଦାର୍ପଣ କରିଛି । ରୁଦ୍ରାଣୀ ପବ୍ଲିକ ସ୍କୁଲ ର ଅଧ୍ୟକ୍ଷା ସୌଦାମିନୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବରେ କେନ୍ଦ୍ରାପଡ଼ାର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ର ଓ ମୁଖ୍ୟ ବକ୍ତା ଭାବରେ ମାନସ ଭୂଷଣ ହୃଦକେଶ ରଥ, ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ କପାଳେଶ୍ୱର ପଞ୍ଚାୟତର ସରପଞ୍ଚ କଳ୍ପନା ମହାନ୍ତି, ସମାଜସେବୀ ପ୍ରତାପ ଶତପଥି ପ୍ରମୁଖ ଯୋଗ ଦେଇଥିଲେ । ମୁଖ୍ୟଅତିଥି ଓ ମୁଖ୍ୟ ବକ୍ତା ଉପସ୍ଥିତ ଅଭିଭାବକ ଓ ପିଲାମାନଙ୍କ ବିଷୟରେ ଅନେକ ଶିକ୍ଷଣୀୟ ବକ୍ତବ୍ୟ ରଖିଥିଲେ । ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ବିଷୟରେ ପାରଦର୍ଶୀତା ଅର୍ଜନ କରିଥିବା କୃତି ଛାତ୍ର ଛାତ୍ରୀଙ୍କୁ ଏହି ଉତ୍ସବ ଅବସର ରେ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ପ୍ରଥମେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ହେବା ପରେ ଅତିଥି ମାନଙ୍କ ପରିଚୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ସାରିବା ପରେ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ଦ୍ୱାରା ଅନେକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବ ରେ ବିଦ୍ୟାଳୟର ସମସ୍ତ ଶିକ୍ଷକ,ଶିକ୍ଷୟତ୍ରୀ ଓ କର୍ମଚାରୀ ସଫଳତାର ସହିତ ପରିଚାଳନାରେ ସହଯୋଗ କରିଥିଲେ ।



# ବିଜେପି କାର୍ଯ୍ୟକର୍ତ୍ତାଙ୍କ ଗଣବିକ୍ଷୋଭ

## ରାହୁଲ ଗାନ୍ଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର



**ଭୁବନେଶ୍ୱର,୨୦।୧୨(ସଂଚାର ବ୍ୟୁରୋ):** ବିଜେପିର ବରିଷ୍ଠ ନେତା ବାଲେଶ୍ୱର ଲୋକସଭା ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଫରୁଖାବାଦ ସାଂସଦ ମୁକେଶ ରାଜପୁତଙ୍କୁ କଂଗ୍ରେସର ତଥାକଥିତ ବା ସ୍ୱଘୋଷିତ ଯୁବନେତା ରାହୁଲ ଗାନ୍ଧୀ ସଂସଦ ସମ୍ମୁଖରେ ଆକ୍ରମଣ କରି ଲହୁଲୁହାଣ କରିଛନ୍ତି। ଏହି ଘଟଣାକୁ ସାରାଦେଶ ନିନ୍ଦା କରିଛି। ଏହାଦ୍ୱାରା ୭୫ ବର୍ଷ ପୂର୍ତ୍ତି କରିଥିବା ଆଧୁନିକ ଭାରତର ଗଣତନ୍ତ୍ରର ଛବି ଆଜି ସାରା ବିଶ୍ୱରେ କଳଙ୍କିତ ହୋଇଛି। ଏହାର ପ୍ରତିବାଦ କରି ବିଜେପି କାର୍ଯ୍ୟକର୍ତ୍ତାମାନେ ଭୁବନେଶ୍ୱର ପାୱାର ହାଉସ ଛକ ନିକଟରେ ରାହୁଲ ଗାନ୍ଧୀଙ୍କ ବିରୋଧରେ ଗଣବିକ୍ଷୋଭ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏଥିସହ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ଯୋଗଦେଇ କହିଛନ୍ତି ଯେ, ଗତକାଲି ପବିତ୍ର ସଂସଦରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଯେପରି ଆଚରଣ ପ୍ରଦର୍ଶନ କରି ଗୁଣ୍ଡାଗର୍ଦ୍ଦି କଲେ ତାହାକୁ ଯେତେ ନିନ୍ଦା କଲେ କମ୍ ହେବ। ତାଙ୍କ ଯୋଗୁଁ ଓଡ଼ିଶାର ସାଂସଦ ଶ୍ରୀ ଷଡ଼ଙ୍ଗୀ ଆହତ ହୋଇ ଆଇସିୟୁରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି। ଗଣତନ୍ତ୍ରର ସର୍ବୋଚ୍ଚ ମନ୍ଦିର ସଂସଦରେ ବିଜେପିର ୨ ଜଣ ସାଂସଦଙ୍କୁ ରକ୍ତାକ୍ତ କରି ରାହୁଲ ଗାନ୍ଧୀ ଯେଉଁ ରକ୍ତର ଛିଟା ପକାଇଲେ ଏହା ଇତିହାସରେ ଲିପିବଦ୍ଧ ହୋଇ ରହିବ। ତାଙ୍କର ଏହି ଆକ୍ରମଣ କେବଳ ଜନପ୍ରତିନିଧିଙ୍କ ଉପରେ ନୁହେଁ ବରଂ ଗଣତନ୍ତ୍ର ମନ୍ଦିର ଉପରେ ଆକ୍ରମଣ। ଏହି ଘଟଣା ନିର୍ବାଚିତ ପ୍ରତିନିଧିଙ୍କ ସୁରକ୍ଷା ପ୍ରତି ଏକ ବିପଦପୂର୍ଣ୍ଣ ସଂକେତକୁ ଆହ୍ୱାନ କରୁଛି। ଓଡ଼ିଆ ସାଂସଦ ଶ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କ ଉପରେ ଏହି ଆକ୍ରମଣ ଓଡ଼ିଆ ଲୋକଙ୍କ ଭାବନାକୁ ଗଭୀର ଭାବରେ ଆଘାତ ଦେଇଛି। ଏପରି ଅସମ୍ମାନକୁ ଓଡ଼ିଶା କେବେବି ସହ୍ୟ କରିବ ନାହିଁ। କଂଗ୍ରେସ ଦଳର କାର୍ଯ୍ୟ ଏବଂ ଭାଷଣବାଜି ବିଭାଜନକାରୀ ଏବଂ ହିଂସାତ୍ମକ ରାଜନୀତିର ଇତିହାସକୁ ଏହା ପ୍ରତିଫଳିତ କରେ। ଏହାର ପ୍ରତିବାଦ କରି ଗତକାଲି ଯୁବମୋର୍ଚ୍ଚା ତରଫରୁ ରାହୁଲ ଗାନ୍ଧୀଙ୍କର କୁଶପୁତ୍ତଳିକା ଦାହ କରାଯାଇଥିବା ବେଳେ ଆଜି ବିଜେପି କାର୍ଯ୍ୟକର୍ତ୍ତାମାନେ ଗଣଧାରଣା ଦେଇଛନ୍ତି। ଏଥିସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେଇ ରାଜ୍ୟପାଳଙ୍କୁ ଅବଗତ କରାଯାଇଛି ଯେ, ଏଭଳି କାର୍ଯ୍ୟ କରି କଂଗ୍ରେସ ଦଳ ଭାରତବର୍ଷର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିଛି। ଗଣତନ୍ତ୍ରକୁ ଶକ୍ତିଶାଳୀ କରିବା ବଦଳରେ ଉପହାସ କରାଯାଇଛି। ଏହି ଅବସରରେ ପୂର୍ବତନ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି, ବିଧାୟକ ପ୍ରଶାନ୍ତ ଜଗଦେବ, ଛବି ମଲ୍ଲିକ, ବାବୁ ସିଂ, ପ୍ରକାଶ ଚନ୍ଦ୍ର ସେଠୀ, ରାଜ୍ୟ ଉପସଭାପତି ବିଜୟ ନାରାୟଣ ତ୍ରିପାଠୀ, ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ଶତପଥୀ, ବରିଷ୍ଠ ନେତା ଅରବିନ୍ଦ ଢ଼ାଲି, ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା, ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳ, ରାଜ୍ୟ ମୁଖପାତ୍ର ରାଜେନ୍ଦ୍ର ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ପ୍ରିୟଦର୍ଶୀ ମିଶ୍ର, ସ୍ୱଚ୍ଛ ଭାରତ ଅଭିଯାନ ସଂଯୋଜକ ମହେଶ୍ୱର ମହାନ୍ତି, ମୁରଲୀ ଶର୍ମାଙ୍କ ସମେତ ବହୁ ନେତୃବୃନ୍ଦ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସ୍ଥାୟୀ ନିଯୁକ୍ତି ଦାବିରେ ମିଶନ ଆୟୁଷ ଡାକ୍ତରଙ୍କ ଗଣଧାରଣା



**ଭୁବନେଶ୍ୱର,୨୦।୧୨(ସଂଚାର ବ୍ୟୁରୋ):** ୧୦ ଦଫା ଦାବିରେ ଓଡ଼ିଶାର ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟ କରୁଥିବା ସମସ୍ତ ଆୟୁଷ ଡାକ୍ତର (ଏମ ଏଚ ୟୁ, କୋ ଲୋକେଟେଡ ଏବଂ ଆର ବି ଏସ କେ) ଭୁବନେଶ୍ୱର ଲୋୟର ପି ଏମ ଜି ଠାରେ ଗଣଧାରଣା ଦେଉଛନ୍ତି। ପ୍ରକାଶଥାଉ କି ରାଜ୍ୟର ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧିନରେ ୨୦୦୧ ମସିହା ରୁ ଏମ ଏଚ ୟୁ, ୨୦୦୭ ମସିହା ରୁ କୋ ଲୋକେଟେଡ ଏବଂ ୨୦୧୩ ମସିହା ରୁ ଆର୍ ବି ଏସ କେ ଆୟୁଷ ଡାକ୍ତରମାନେ ଅତି ନିମ୍ନମାନର ବେତନ ରେ ଚାକିରୀ କରିଆସୁଛନ୍ତି। ଏମ ଏମ ଏଚ ୟୁ ଆୟୁଷ ଡାକ୍ତର ମାନେ ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ଯୋଗାଉଥିବା ବେଳେ, କୋ ଲୋକେଟେଡ ଆୟୁଷ ଡାକ୍ତର ମାନେ ସି ଏଚ ସି ଏବଂ ପି ଏଚ ସି ରେ ଆୟୁଷ ପଦ୍ଧତି ଅନୁସାରେ ରୋଗୀ ସେବା ଯୋଗାଇବା ସହିତ, ପ୍ରସବ କରାଇବା, ରୋଗୀ କଲ୍ୟାଣ ସମିତି ର ତଦାରଖ, ଗାଁ କଲ୍ୟାଣ ସମିତି ର ତଦାରଖ କରୁଥିବା ବେଳେ, ଆର୍ ବି ଏସ କେ ଆୟୁଷ ଡାକ୍ତର ମାନେ ଜନ୍ମରୁ ଅଠର ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସଙ୍ଗେ ସଙ୍ଗେ ସେମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାରେ ସହାୟ ହୁଅନ୍ତି, ଯଥା ଗ୍ରହଣ ଖଣ୍ଡିଆ, ପାଦ ବଙ୍କା, ହୃଦରୋଗୀ, ଜନ୍ମାତ ଅନ୍ଧ, ଅପପୁଷ୍ଟି, କିଶୋର କିଶୋରୀ ଙ୍କ ସ୍ୱାସ୍ଥ୍ୟ ସେବା ଭଳି ଅନେକ ଶିଶୁରୋଗ ଆଦିର ସଫଳ ଚିକିତ୍ସା କରିଥାନ୍ତି।

## ଟ୍ୱିନ୍ ସିଟି କ୍ରାଇମ୍

### କୁକୁର ପାଇଁ ମହାଭାରତ



**ଭୁବନେଶ୍ୱର,୨୦।୧୨(ସଂଚାର ବ୍ୟୁରୋ):** ଇନ୍ଫୋସିଟି ଥାନା ପୁଲିସ ଅଭିଯୋଗକାରୀ ସୌରଭ ପଟ୍ଟନାୟକଙ୍କ ଅଭିଯୋଗ କ୍ରମେ ମାମଲାର ତଦନ୍ତ କରିବା ସହିତ ଚାରିଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତକାଲି ମଧ୍ୟାହ୍ନରେ ଅଭିଯୋଗକାରୀ ନିଜର ଜଣେ ବନ୍ଧୁଙ୍କ ସହ ମିଶି ଏକ କାର ଯୋଗେ କୀଟସ୍ଥିତ ଖାଉଗଳି ଅତିକ୍ରମ କରୁଥିବା ବେଳେ, ହଠାତ ଏକ କୁକୁର ତାଙ୍କ କାର ସମୁଖକୁ ଚାଲି ଆସି ଧକା ହୋଇଯାଇଥିଲା। ପରେ ଅଭିଯୋଗକାରୀ କୁକୁରର ଅବସ୍ଥା ଜାଣିବା ଲାଗି କାରକୁ ରାସ୍ତା ପାର୍ଶ୍ୱରେ ପାର୍କିଂ କରି ସେଥିରୁ ଓହ୍ଲାଇବା କ୍ଷଣି ନିମ୍ନୋକ୍ତ ଚାରି ଜଣ ଅଭିଯୁକ୍ତ ଏବଂ ତାଙ୍କର ସହଯୋଗୀ ମାନେ ତାଙ୍କୁ ଏବଂ ତାଙ୍କ ବନ୍ଧୁଙ୍କୁ ଧାରୁଆ ଅସ୍ତ୍ର ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ । ଫଳରେ ଉଭୟ ଘଟଣା ସ୍ଥଳରେ ଗୁରୁତର ଆହତ ହୋଇଥିଲେ । ଏନେଇ ଅଭିଯୋଗ ହେବା ପରେ ପୁଲିସ ମାମଲାର ତଦନ୍ତ କରିବା ସହିତ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଚଢଉ ଜରିଆରେ ଚାରିଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିବା ବେଳେ, ଅଭିଯୁକ୍ତ ମାନଙ୍କ ହେପାଜତ ରୁ ଚାରୋଟି ଖଣ୍ଡା ଜବତ କରିଥିଲେ। ପଚରାଉଚରା ବେଳେ ଅଭିଯୁକ୍ତ ମାନେ ନିଜ ଅପରାଧ ସ୍ୱୀକାର କରିଥିଲେ ।

### ପୂର୍ବ ଶତ୍ରୁତାରୁ ଆକ୍ରମଣ



**ଭୁବନେଶ୍ୱର,୨୦।୧୨(ସଂଚାର ବ୍ୟୁରୋ):** ଇନ୍ଫୋସିଟି ଥାନା ପୁଲିସ ଅଭିଯୋଗକାରୀ ଏସକେ ସବାତୁଲଙ୍କ ଅଭିଯୋଗ କ୍ରମେ ମାମଲାର ତଦନ୍ତ କରିବା ସହିତ ନିମ୍ନୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଓ ନିମ୍ନୋକ୍ତ ଅଭିଯୁକ୍ତଙ୍କ ମଧ୍ୟରେ ପୂର୍ବରୁ ବିବାଦ ରହିଥିଲା । ଗତ ତା.୧୯.୧୨.୨୦୨୪ ରିଖ ସନ୍ଧ୍ୟା ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ନିମ୍ନୋକ୍ତ ଅଭିଯୁକ୍ତ, ଅଭିଯୋଗକାରୀ ଓ ତାଙ୍କ ଭାଇଙ୍କୁ ପ୍ରଥମେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ ଓ ପରେ ପିନ୍ଧିଥିବା ଖଡୁ ସାହାଯ୍ୟରେ ମରଣାତ୍ମକ ଆକ୍ରମଣ କରିଥିଲେ। କିନ୍ତୁ ଅଭିଯୋଗକାରୀ ଓ ତାଙ୍କ ଭାଇ ସୌଭାଗ୍ୟବସତଃ ଏହି ଆକ୍ରମଣରୁ ବଞ୍ଚିଯାଇଥିଲେ। ଅଭିଯୋଗକାରୀ ଏହାର ବିରୋଧ କରିବାରୁ ଅଭିଯୁକ୍ତ ତାଙ୍କୁ ପୁନଶ୍ଚ ଗାଳିଗୁଲଜ କରିବା ସହିତ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ । ଏନେଇ ଅଭିଯୋଗକାରୀ ସମ୍ପୃକ୍ତ ଥାନାରେ ଏକ ଲିଖ୍ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହିତ ତାଙ୍କୁ ଆଜି ଗିରଫ କରିଥିଲେ । ଅଧିକ ତଦନ୍ତ ବେଳେ, ଅଭିଯୁକ୍ତ ଜଣକ ଏକ ପେଶାଦାର ନିଶା ବେପାରୀ ଏବଂ ତାଙ୍କ ନାମରେ ପୂର୍ବରୁ ମଧ୍ୟ ସମ୍ପୃକ୍ତ ଥାନାରେ ୪ ଗୋଟି ଅପରାଧିକ ମାମଲା ରହିଥିବା ଜଣାପଡିଛି ।

### ଶାରୀରିକ ସମ୍ପର୍କ ନ ରଖିବାରୁ ଦରମା ବନ୍ଦ



**ଭୁବନେଶ୍ୱର,୨୦।୧୨(ସଂଚାର ବ୍ୟୁରୋ):** ମୈତ୍ରୀବିହାର ଥାନା ପୁଲିସ ଅଭିଯୋଗକାରିଣୀଙ୍କ ଅଭିଯୋଗ କ୍ରମେ ମାମଲାର ତଦନ୍ତ କରିବା ସହିତ ନିମ୍ନୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ଜଣକ ଗତ ତିନି ମାସ ପୂର୍ବେ ଭୁବନେଶ୍ୱରର ଏକ ବେସରକାରୀ ସଂସ୍ଥାରେ ଚାକିରି କରୁଥିଲେ। ସେଠାରେ ଚାକିରି କରୁଥିବା ସମୟରେ ଉକ୍ତ ସଂସ୍ଥାର ମ୍ୟାନେଜର ତଥା ନିମ୍ନୋକ୍ତ ଅଭିଯୁକ୍ତଙ୍କ ସହିତ ତାଙ୍କର ଚିହ୍ନାପରିଚୟ ହୋଇଥିଲା। ଏହି ଚିହ୍ନାପରିଚୟକୁ ଆଧାର କରି ଗତ ସେପ୍ଟେମ୍ବର ୬ ତାରିଖ ଦିନ ଅଭିଯୁକ୍ତ ଜଣକ ଅଭିଯୋଗକରିଣୀଙ୍କ ଇଚ୍ଛା ବିରୋଧରେ ତାଙ୍କ ସହିତ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିଲେ । ସେହିଦିନ ଠାରୁ ଅଭିଯୁକ୍ତ ଜଣକ ନିୟମିତ ଭାବେ ତାଙ୍କ ସହିତ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିବା ସହିତ ଶାରୀରିକ ସମ୍ପର୍କ ଲାଗି ଚାପ ପକାଇ ଆସୁଥିଲେ ।

### ୧୦ କେଜି ଗଞ୍ଜେଇ,ବାଇକ ସହ ଅଭିଯୁକ୍ତ ଗିରଫ



**ଭୁବନେଶ୍ୱର,୨୦।୧୨(ସଂଚାର ବ୍ୟୁରୋ):** ଏକ ବିଶେଷ ସୂତ୍ରରୁ ହସ୍ତଗତ ହୋଇଥିବା ସୂଚନା ଆଧାରରେ ତମାଣ୍ଡୋ ଥାନାର ଏକ ସ୍ପେଶାଲ ଟିମ ଗତ ତା.୦୭.୦୩.୨୦୨୩ ରିଖ ଦିନ ତମାଣ୍ଡୋ ଅନ୍ତର୍ଗତ ଆଦିତ୍ୟ ହୁଣ୍ଡାଇ ସୋରୁମ ନିକଟରେ ଅତର୍କିତ ଚଢଉ କରି ପୂର୍ବରୁ ତିନିଜଣ ଅଭିଯୁକ୍ତଙ୍କୁ କାବୁ କରିବା ସହିତ କୋର୍ଟ ଚାଲାଣ କରିଥିବା ବେଳେ ସେମାନଙ୍କ ହେପାଜତରୁ ମୋଟ ୧୦କେଜି ଓଜନର ଗଞ୍ଜେଇ, ଏକ ମୋବାଇଲ ଫୋନ ଏବଂ ଏକ ହୀରୋ ଗେଣ୍ଡର ପ୍ରୋ ମୋଟରସାଇକେଲ ଜବତ କରିଥିଲେ । ଏହି ମାମଲାର ଅଧିକ ତଦନ୍ତ ଚାଲିଥିବା ସମୟରେ ତମାଣ୍ଡୋ ଥାନା ପୁଲିସ ଆଜି ଅଭିଯୁକ୍ତଙ୍କୁ ଯଦୁପୁର ଅଞ୍ଚଳରୁ କାବୁ କରିବାରେ ସକ୍ଷମ ହୋଇଥିଲେ । ପଚରା ଉଚରା ସମୟରେ ଅଭିଯୁକ୍ତ ଜଣକ ଏହି ବେଆଇନ ଗଞ୍ଜେଇ କାରବାରରେ ସାମିଲ ଥିବା କଥା ସ୍ୱୀକାର କରିଥିଲେ ।

### ମାଡ଼ମାରି ସୁନାଚେନ ଛିଣ୍ଡାଇ ନେଇଥିଲେ



**ଭୁବନେଶ୍ୱର,୨୦।୧୨(ସଂଚାର ବ୍ୟୁରୋ):** ତମାଣ୍ଡୋ ଥାନା ପୁଲିସ ଅଭିଯୋଗକାରୀ ଶ୍ରୀ ସଞ୍ଜିତ ମହାପାତ୍ରଙ୍କ ଅଭିଯୋଗ ଆଧାରରେ ଉପରୋକ୍ତ ମାମଲା ରୁଜୁକରି ତଦନ୍ତ କରିବା ସହ ନିମ୍ନୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନା ଯୋଗ୍ୟ ଯେ, ଗତ ତା ୧୪.୦୨.୨୦୨୪ ସନ୍ଧ୍ୟାରେ ଅଭିଯୋଗକାରୀ ଜଣକ ନିଜ ଡ୍ୟୁଟି ସାରି ଘରକୁ ଯିବା ଲାଗି ଉଦ୍ୟତ ହେଉଥିବା ବେଳେ, ନିମ୍ନୋକ୍ତ ଅଭିଯୁକ୍ତ ଓ ସହଯୋଗୀମାନେ ହଠାତ ତାଙ୍କୁ ଘେରିଯାଇ ମାଡ଼ ମାରିବା ସହିତ ତାଙ୍କ ଗାଡିଟିକୁ ଛଡାଇ ନେଇଯାଇଥିଲେ । ଏହା ଦେଖି ଅଭିଯୋଗକାରୀଙ୍କ ଜଣେ ବନ୍ଧୁ ଘଟଣାସ୍ଥଳକୁ ଆସି ତାଙ୍କୁ ବଞ୍ଚାଇବା ଲାଗି ଚେଷ୍ଟା କରିବା ସମୟରେ ଅଭିଯୁକ୍ତ ମାନେ ତାଙ୍କୁ ମଧ୍ୟ ମାଡ଼ ମାରି ତାଙ୍କ ବେକରୁ ଏକ ସୁନା ଚେନ ବଳପୂର୍ବକ ଛିଣ୍ଡାଇ ନେଇଯାଇଥିଲେ । ସୂଚନା ପାଇ ଘଟଣା ସ୍ଥଳରେ ପିସିଆର ପହଞ୍ଚିବା ଦେଖି ଅଭିଯୁକ୍ତ ମାନେ ସେଠାରୁ ଖସି ପଳାଇ ଯାଇଥିଲେ ।

## ରାଜ୍ୟପାଳଙ୍କୁ ଟେରାକୋଟା ସଂପର୍କିତ ପୁସ୍ତକ 'ଆର୍ଥେନ ଆଫାୟାର୍ସ' ପ୍ରଦାନ

**ଭୁବନେଶ୍ୱର,୨୦।୧୨(ସଂଚାର ବ୍ୟୁରୋ):** ଅବସରପ୍ରାପ୍ତ ପ୍ରଶାସକ, ବିଶିଷ୍ଟ ଲେଖକ-ତଥା-ଗବେଷକ ରାଜା ପରିଜା ଚଳିତ ଡିସେମ୍ବର ୨୦ ତାରିଖ ଶୁକ୍ରବାର ଦିନ ରାଜଭବନଠାରେ ରାଜ୍ୟପାଳ ରଘୁବର ଦାସଙ୍କୁ ସାକ୍ଷାତ କରି ତାଙ୍କ ଦ୍ୱାରା ଲିଖିତ "ଆର୍ଥେନ ଆଫାୟାର୍ସ" ପୁସ୍ତକ ପ୍ରଦାନ କରିଛନ୍ତି । ଏହି ପୁସ୍ତକରେ ଟେରାକୋଟା ସଂପର୍କିତ ଇତିହାସ, ଐତିହ୍ୟ, ପରଂପରା ଓ ବର୍ତ୍ତମାନର



ସ୍ଥିତି ସଂପର୍କରେ ଅନେକ ତଥ୍ୟ ଫଟୋ ସହ ସନ୍ନିବେଶିତ ହୋଇଛି। ଶ୍ରୀ ଜଗନ୍ନାଥ ସଂସ୍କୃତିରେ ଟେରାକୋଟା, ମହାପ୍ରସାଦ ନିମନ୍ତେ କୁଡୁଆର ବ୍ୟବହାର, ଶ୍ରୀ ମନ୍ଦିର ନୀତିକାନ୍ତିରେ ମାଟି ନିର୍ମିତ ସାମଗ୍ରୀର ବ୍ୟବହାର, ଜନସାଧାରଣଙ୍କ ଚଳଣି ତଥା ଜୀବନଚର୍ଯ୍ୟାରେ ମାଟି ନିର୍ମିତ ସାମଗ୍ରୀ ସଂପର୍କିତ ତଥ୍ୟ ଚିତ୍ରଣ ହୋଇଛି । ବିଶେଷତଃ ପ୍ରାଚୀନ ସଭ୍ୟତା ସମୟରୁ ଏପର୍ଯ୍ୟନ୍ତ ମାଟି ସହିତ ଆମ ସଭ୍ୟତା, ସମାଜ ଓ ସଂସ୍କୃତି କିପରି ଜଡ଼ିତ ହୋଇ ରହିଛି ଲେଖକ ଶ୍ରୀ ରାଜା ପରିଜା ଉକ୍ତ ପୁସ୍ତକରେ ପରିସ୍ଫୁଟନ କରିଛନ୍ତି।

## ଅଲିଭ୍ ରିଡଲେର ସୁରକ୍ଷା ପାଇଁ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ବୈଠକ

### ବ୍ୟାପକ ସଚେତନତା ଜାରି ସହ ଆଇନ ଖିଲାପ କଲେ କାର୍ଯ୍ୟାନୁଷ୍ଠାନ



**ଭୁବନେଶ୍ୱର,୨୦।୧୨(ସଂଚାର ବ୍ୟୁରୋ):** ଅଲିଭ୍ ରିଡଲେ ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁଉଚ୍ଚ କ୍ଷମତା ସମ୍ପନ୍ନ କମିଟି ବୈଠକ-୨୦୨୪-୨୫ ଗତ ବୁଧବାର ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ଆମ ରାଜ୍ୟରେ ସୁଦୀର୍ଘ ବେଳାଭୂମି ରହିଛି । ଅଲିଭ୍ ରିଡଲେକଇଁଛର ସୁରକ୍ଷା ଓ ସଂରକ୍ଷଣ ଏକ ବୈଶ୍ୱିକ ପ୍ରସଙ୍ଗ । ପର୍ଯ୍ୟଟନଦୃଷ୍ଟିକୋଣରୁ ଏହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଆଧୁନିକ ଜ୍ଞାନକୌଶଳର ଉପଯୋଗରେ ସାମୁଦ୍ରିକକଇଁଛମାନଙ୍କର ଗତିବିଧି ଉପରେ ନଜର ରଖାଯିବା, ସମୂହ ଅଣ୍ଡାଦାନ ଋତୁରେ ସଂପୃକ୍ତ ଅଂଚଳରେ ବ୍ୟାପକ ସଚେତନତା ଓ ଆଇନ ଖିଲାପକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏନଫୋର୍ସମେଣ୍ଟ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି । ସାମୁଦ୍ରିକକଇଁଛଓଅଣ୍ଡାକୁସୁରକ୍ଷାଦେବା ଆମର ଦାୟିତ୍ୱ ଏବଂ କର୍ତ୍ତବ୍ୟ । ବିଗତ ବର୍ଷଗୁଡ଼ିକ ପରି ଚଳିତ ବର୍ଷ ମଧ୍ୟ ରାଜ୍ୟ ସରକାରଙ୍କ ତରଫରୁ ଏ ଦିଗରେ ଆବଶ୍ୟକ ସମସ୍ତ ସହଯୋଗ ଦିଆଯାଉଛି ଓ ଏହା ଜାରି ରହିବ ବୋଲି ସେ କହିଛନ୍ତି । ଏହି ବିରଳ ସାମୁଦ୍ରିକ ପ୍ରାଣୀ ଓଡିଶାର ସାମୁଦ୍ରିକ ତଟ ଗହୀରମଥା ବନ୍ୟପ୍ରାଣୀ ଅଭୟାରଣ୍ୟ, ଭିତରକନିକା ଅଭୟାରଣ୍ୟ, ଦେବୀ ନଦୀ ମୁହାଣ, ବାଲୁଖଣ୍ଡ ବନ୍ୟପ୍ରାଣୀ ଅଭୟାରଣ୍ୟ, ଋଷିକୂଲ୍ୟା ବନ୍ୟପ୍ରାଣୀ ଅଭୟାରଣ୍ୟ ନଦୀ ତଟକୁ ପ୍ରତି ବର୍ଷଲକ୍ଷାଧିକସଂଖ୍ୟାରେଅଣ୍ଡାଦେବା କୁଆସିଥା'ନ୍ତି।ବୈଠକରେ ସ୍ୱରାଷ୍ଟ୍ର(ଗୃହ) ତଥା ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସୁରେଶ କୁମାର ବଶିଷ୍ଠଙ୍କ ସମେତ କମିଟିର ସଦସ୍ୟ ଥିବା ବିଭିନ୍ନ ଅନୁଷ୍ଠାନ ଓ ପ୍ରତିଷ୍ଠାନର ଉଚ୍ଚ କର୍ତ୍ତୃପକ୍ଷମାନେ ଉପସ୍ଥିତ ଥିଲେ । ଲୋକସେବା ଭବନରେଅନୁଷ୍ଠିତ ଏହି ବୈଠକରେ ପ୍ରଥମେ ଗତ ୨୦୨୩ଡିସେମ୍ବର ମାସରେ ହୋଇଥିବା ବୈଠକର ନିଷ୍ପତ୍ତିର କାର୍ଯ୍ୟାନୁଷ୍ଠାନ ଏବଂ ୨୦୨୪-୨୫ ବର୍ଷ ପାଇଁ ନିଆଯାଇଥିବା ପଦକ୍ଷେପ ସଂପର୍କରେ ବିଶଦ୍ ସୂଚନା ଦିଆଯାଇଥିଲା । ବିଗତ ୧୦ ବର୍ଷରେ ଅଣ୍ଡାଦାନ ସଂଖ୍ୟା ଅନୁଧ୍ୟାନ କରାଯାଇଥିଲା ।

## 'ମୋ ସ୍କୁଲ ଅଭିଯାନ' ହେଲା 'ପଂଚସଖା ଶିକ୍ଷା ସେତୁ'

- ଏକ୍ସ ଅଫିସିଓ ଅଧ୍ୟକ୍ଷ ରହିବେ ମୁଖ୍ୟ ସଚିବ
- ପ୍ରତି ସ୍କୁଲକୁ ସର୍ବାଧିକ ୫୦ଲକ୍ଷ ଟଙ୍କା 'ମ୍ୟାଚିଂ ଫଣ୍ଡ'

**ଭୁବନେଶ୍ୱର, ୨୦।୧୨ (ସଂଚାର ବ୍ୟୁରୋ):** 'ମୋ ସ୍କୁଲ ଅଭିଯାନ'ର ନାମ ପରିବର୍ତ୍ତନ କରାଯାଇ 'ପଂଚସଖା ଶିକ୍ଷା ସେତୁ' କରାଯାଇଛି। ଏହାର ଅଧ୍ୟକ୍ଷ ଓ ଏକ୍ସ ଅଫିସିଓ ଚେୟାରମ୍ୟାନ ଭାବେ ମୁଖ୍ୟ ସଚିବ ରହିବେ। ମୋ ସ୍କୁଲ ଅଭିଯାନ ପରିଚାଳନା ସଂଗଠନର ସମସ୍ତ ସମ୍ପତ୍ତି, କର୍ମଚାରୀ ଓ ପାଣ୍ଠିକୁ 'ପଂଚସଖା ଶିକ୍ଷା ସେତୁ ସଂଗଠନ'କୁ ସ୍ଥାନାନ୍ତର ହେବ। ଏହି ଯୋଜନାର ଅନ୍ୟ ସବୁ ସର୍ତ୍ତାବଳୀ ପ୍ରାୟତଃ ସମାନ ଥିଲାବେଳେ ଗୋଟିଏ ସ୍କୁଲକୁ ସର୍ବାଧିକ ୫୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ 'ମ୍ୟାଚିଙ୍ଗ ଫଣ୍ଡ' ରାଜ୍ୟ ସରକାର ଦେବେ। ଏଭଳି କିଛି ପ୍ରାବଧାନ ସହ ସ୍କୁଲଶିକ୍ଷାରେ ସରକାର ଓ ନାଗରିକଙ୍କ ମଧ୍ୟରେ ଭାଗିଦାରୀକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟରେ 'ପଂଚସଖା ଶିକ୍ଷା ସେତୁ'କୁ କାର୍ଯ୍ୟକାରୀ ପାଇଁ ନିଷ୍ପତ୍ତି ନିଆଯାଇଛି। ଶୁକ୍ରବାର ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି ସଂକଳ୍ପ ଅନୁସାରେ, 'ମୋ ସ୍କୁଲ ଅଭିଯାନ ପରିଚାଳନା ସଂଗଠନ'ର ନାମ ପରିବର୍ତ୍ତନ କରିଥିବା ମୋହନ ମାଝୀଙ୍କ ସରକାର ଏହାକୁ ରାଜନୈତିକ ପ୍ରଭାବରୁ ମୁକ୍ତ ରଖିବାକୁ ପଦକ୍ଷେପ ନେଇଛନ୍ତି। ବିଜେଡି ସରକାରରେ ମୋ ସ୍କୁଲ ଅଭିଯାନ ପରିଚାଳନା ସଂଗଠନର ଅଧ୍ୟକ୍ଷ ରାଜନୈତିକ ବ୍ୟକ୍ତି ଓ ଅବା ସରକାରଙ୍କ ଦ୍ୱାରା ଥଇଥାନ ହେଉଥିବା ବ୍ୟକ୍ତିଙ୍କୁ ଅବସ୍ଥାପିତ କରାଯାଉଥିଲା। ମାତ୍ର ଏବେ ଏହି ସଂଗଠନର ନାମ ପରିବର୍ତ୍ତନ ସହ ଏହାର ଅଧ୍ୟକ୍ଷ ଭାବେ ମୁଖ୍ୟ ସଚିବ କାର୍ଯ୍ୟ କରିବେ ବୋଲି ବ୍ୟବସ୍ଥା ହୋଇଛି। ଏହାସହିତ ସଂଗଠନର ଦୈନନ୍ଦିନ ବ୍ୟାପାର ବୁଝିବା ପାଇଁ କାର୍ଯ୍ୟନିର୍ବାହୀ କମିଟି ରହିବ। ଯେଉଁଥିରୁ ରାଜନୈତିକ ବ୍ୟକ୍ତିଙ୍କୁ ଦୂରେଇ ରଖାଯାଇଛି। ତେବେ ସଂଗଠନର ପରିଚାଳନା ମଣ୍ଡଳୀ ଓ ଉପଦେଷ୍ଟା ମଣ୍ଡଳୀରେ ରାଜ୍ୟର ପ୍ରମୁଖ ଶିକ୍ଷାବିତ, ସାମାଜିକ ବିଜ୍ଞାନୀ, ବିଶିଷ୍ଟ ବ୍ୟକ୍ତି ଓ ରାଜନେତାଙ୍କୁ ସଦସ୍ୟ ଭାବେ ସାମିଲ କରାଯିବା ପାଇଁ ସଂଗଠନର ବାଇ-ଲ'ରେ ଆବଶ୍ୟକ ପରିବର୍ତ୍ତନ ଆଣିବାକୁ ନିଷ୍ପତ୍ତି ହୋଇଛି।

## ଭୁବନେଶ୍ୱରରେ ପହଞ୍ଚିଲା ତିବ୍ବତ ୟୁଥ କଂଗ୍ରେସର ରାଷ୍ଟ୍ରୀୟ ବାଇକ ଯାତ୍ରା



**ଭୁବନେଶ୍ୱର,୨୦।୧୨(ସଂଚାର ବ୍ୟୁରୋ):** ଭାରତର ଉତ୍ତର ସୀମାକୁ ଲାଗି ରହିଥିବା ବୌଦ୍ଧ ଧର୍ମାବଲମ୍ବୀ ତିବ୍ବତ ଦେଶ ଏକ ସ୍ୱାଧୀନ ରାଷ୍ଟ୍ର, ଯାହାକୁ ଅବୈଧ ଭାବରେ ଗତ ୧୯୫୯ ମସିହାରୁ ଚୀନ ଦଖଲ କରିଛି। ଚୀନ ସରକାର ତିବ୍ବତର ସାହିତ୍ୟ, ସଂସ୍କୃତି, ଚିକିତ୍ସା ପଦ୍ଧତି, ସଭ୍ୟତା ଓ ଜନ ଚେତନାକୁ ନଷ୍ଟ କରିବା ନିମନ୍ତେ ଭରପୁର ପ୍ରୟାସ ଚଳାଇଛି। ଏଥିପାଇଁ ତିବ୍ବତୀ ଲୋକଙ୍କୁ ଜୋର ଜବରଦସ୍ତ ନିଜ ସ୍ଥାନରୁ ନେଇ ଅନ୍ୟ ରାଜ୍ୟମାନଙ୍କରେ ରଖାହେଉଛି ଓ ଅନ୍ୟ ସମ୍ପ୍ରଦାୟର ଲୋକଙ୍କୁ ବିଭିନ୍ନ ରାଜ୍ୟରୁ ଆଣି ତିବ୍ବତ କ୍ଷେତ୍ରରେ ଥଇଥାନ କରାହୋଇ ଚିନୀ ସେନାବାହିନୀ ଦ୍ୱାରା ସେମାନଙ୍କ ସହ ଜୋର ଜବରଦସ୍ତ ତିବ୍ବତୀ ଝିଅମାନଙ୍କୁ ବିବାହ ଦିଆହେଉଛି। ତିବ୍ବତୀ ପିଲାମାନଙ୍କୁ ଛୋଟବେଳୁ ଜୋର ଜବରଦସ୍ତ ଉଠାଇ ନିଆହୋଇ ବୋର୍ଡିଂ ସ୍କୁଲମାନଙ୍କରେ ଭର୍ତ୍ତି କରାହେଉଛି। ଆନ୍ତର୍ଜାତିକ ସମୁଦାୟ, ପ୍ରେସ, ମାନବାଧିକାର ସଂଗଠନମାନଙ୍କୁ ତିବ୍ବତୀ କ୍ଷେତ୍ରକୁ ଯିବା ନିମନ୍ତେ ଅନୁମତି ଦିଆହେଉ ନାହିଁ। ଏପରିକି ଏଠାରେ ଥିବା ବୌଦ୍ଧ ମଠ ସବୁକୁ ଭାଙ୍ଗି ଦେବା ସହ ଲାମାମାନଙ୍କୁ ଜେଲରେ ଭର୍ତ୍ତି କରାଯାଇ ତିବ୍ବତର ସାମାଜିକ, ଆଧ୍ୟାତ୍ମିକ, ରାଜନୈତିକ ପରିସ୍ଥିତିକୁ ଗୋଳିଆ କରି ପୃଥିବୀ ପୃଷ୍ଠରୁ ତିବ୍ବତକୁ ଲୋପ କରିଦେବା ନିମନ୍ତେ ଚୀନ ଯୋଜନା ଚଳାଇଛି। ତିବ୍ବତର ଜନଗଣ ପରମପାବନ ଦଲାଇଲାମାଙ୍କ ନେତୃତ୍ୱରେ ଭାରତର ହିମାଚଳ ପ୍ରଦେଶ ଅନ୍ତର୍ଗତ ଧର୍ମଶାଳାରେ ବିସ୍ଥାପିତ ତିବ୍ବତ ସରକାର ମାଧ୍ୟମରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ରହୁଥିବା ତିବ୍ବତୀ ଜନତା ଓ ଭାରତ ବାହାରେ ରହୁଥିବା ଆମ ଲୋକମାନଙ୍କୁ ନେଇ ସ୍ୱାଧୀନତା ଆନ୍ଦୋଳନ ଚଳାଇ ରଖିଛି।

## ପ୍ରବାସୀ ଭାରତୀୟ ଦିବସ ଆମ ସମସ୍ତଙ୍କ ପାଇଁ ଭାବନାତ୍ମକ କାର୍ଯ୍ୟକ୍ରମ



**ଭୁବନେଶ୍ୱର,୨୦।୧୨(ସଂଚାର ବ୍ୟୁରୋ):** ଓଡ଼ିଶାରେ କାର୍ଯ୍ୟରତ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ବିଭିନ୍ନ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରୁଥିବା ଆନ୍ତଃ ଗଣମାଧ୍ୟମ ପ୍ରଚାର ସମନ୍ୱୟ ସମିତି (ଆଇଏମପିସିସି) ବୈଠକ ଆଜି ଭୁବନେଶ୍ୱରସ୍ଥିତ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ପରିସରରେ ଅନୁଷ୍ଠିତ ହୋଇଯାଇଛି। ପିଆଇବି ଓ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି)ର ଓଡ଼ିଶା କ୍ଷେତ୍ର ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ଶ୍ରୀ ଅଖିଳ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକରେ ଯୋଗ ଦେଇ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ବିଶେଷ କରି ଆସନ୍ତା ମାସ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ପ୍ରବାସୀ ଭାରତୀୟ ଦିବସ ସମାରୋହ ପାଇଁ ସଞ୍ଚାର ରଣନୀତି ଏବଂ ପ୍ରଚାରପ୍ରସାର କାର୍ଯ୍ୟକ୍ରମ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଲାଗି ବୈଠକରେ ସହମତି ହୋଇଛି । ଏହି ବୈଠକରେ ଅଧ୍ୟକ୍ଷତା କରି ପିଆଇବି ଓ ସିବିସି ଏଡିଜି ଶ୍ରୀ ଅଖିଳ କୁମାର ମିଶ୍ର କହିଛନ୍ତି, ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରଚାରପ୍ରସାର ରଣନୀତି ପ୍ରସ୍ତୁତି ଲାଗି ଆଇଏମପିସିସିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସମିତିର ବୈଠକ ନିୟମିତ ଆୟୋଜନ କରାଯିବା ଦ୍ୱାରା ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଓ ଯୋଜନା ସମ୍ପର୍କରେ ପ୍ରଚାରପ୍ରସାର ଲାଗି ସମନ୍ୱୟ ରକ୍ଷା କରିବା ଅଧିକ ସୁଗମ ହୋଇପାରିବ। ଏହି ସମିତି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ସୂଚନା ସେବା ଓ ଲୋକସମ୍ପର୍କ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିଥାଏ। ଆଇଏମପିସିସି ବୈଠକ ପରସ୍ପରର ବିଚାର ବ୍ୟକ୍ତ କରିବା ଲାଗି ମଞ୍ଚ ଯୋଗାଇ ଥାଏ ବୋଲି ଶ୍ରୀ ମିଶ୍ର କହିଥିଲେ। ଆସନ୍ତା ୮-୧୦ ଜାନୁଆରୀ ୨୦୨୫ରେ ହେବାକୁ ଥିବା ପ୍ରବାସୀ ଭାରତୀୟ ଦିବସକୁ ନେଇ ଆଲୋଚନା କରିବା ଲାଗି ଆଜିର ବୈଠକ ଡକାଯାଇଥିବା ସେ କହିଥିଲେ। ଏହି ସମାରୋହ ସମ୍ପର୍କରେ ବ୍ୟାପକ ପ୍ରଚାର ପ୍ରସାର ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

## ଭୋଟ୍ ପାଇଁ ନକଲି ଭତ୍ତା



**ଭୁବନେଶ୍ୱର,୨୦।୧୨(ସଂଚାର ବ୍ୟୁରୋ):** ନିର୍ବାଚନ ପୂର୍ବରୁ ମିଛ ଭତ୍ତା ବହି କରି ଭତ୍ତା ଦେଇ ଭୋଟ୍ ହାତେଇବାକୁ ଚେଷ୍ଟା କଲେ। ଆଉ ନିର୍ବାଚନୀ ବୈତରଣୀ ପାର ହେବା ପରେ, ଭତ୍ତା ବନ୍ଦ କରିଦେଲେ। ସେପଟେ ହିତାଧିକାରୀ ବୁଝିପାରୁ ନାହାନ୍ତି, ପ୍ରକୃତରେ କ'ଣ ଘଟିଛି, କ'ଣ ଭୁଲ ରହିଗଲା ? କାହିଁକି ଏବେ ଭତ୍ତା ମିଳୁନାହିଁ। ଏନେଇ ସେମାନେ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବିଡିଓଙ୍କ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ହତାଶ ହେଲେ। ଭତ୍ତାକୁ ନେଇ ଏପରି ସାଂଘାତିକ ଦୁର୍ନୀତିର ଖବର ଆସିଛି କଟକ ଜିଲ୍ଲା ସାଲେପୁର ବ୍ଲକ ଅନ୍ତର୍ଗତ କଟରପା ପଞ୍ଚାୟତରୁ। ଏହି ବୟସ୍କ ବ୍ୟକ୍ତି ହେଉଛନ୍ତି ସାଲେପୁର ବ୍ଲକ କଟରପା ପଞ୍ଚାୟତ ଜାଗୁଲେଇପଡା ଗାଁର ବାସିନ୍ଦା। କାହିଁକି ସେମାନଙ୍କ ଭତ୍ତା ବନ୍ଦ ହୋଇଯାଇଛି, ଏହା ଜାଣିବାକୁ ସେମାନେ ପଞ୍ଚାୟତ କାର୍ଯ୍ୟାଳୟରେ ଏକାଠି ହୋଇଥିଲେ। ନିର୍ବାଚନ ତିନି, ଚାରି ମାସ ପୂର୍ବରୁ ଏହି ହିତାଧିକାରୀମାନଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଥିଲା।

## ସୋଆରେ ପ୍ୟାରିସ୍ ଅଲମ୍ପିକସ ହକି ତାରକା



**ଭୁବନେଶ୍ୱର,୨୦।୧୨(ସଂଚାର ବ୍ୟୁରୋ):** ଖେଳ ଆରମ୍ଭ ହେବାର ମାତ୍ର କେତୋଟି ମିନିଟ୍ ପରେ ନିର୍ଭରଶୀଳ ରକ୍ଷଣ ଭାଗ ଖେଳାଳୀ ଅମିତ ରୋହିଦାସଙ୍କୁ ରେଡକାର୍ଡ ମିଳିଲା। ସେତେବେଳକୁ ଖେଳର ପ୍ରାୟ ଦୁଇ - ତୃତୀୟାଂଶ ବାକୀ ଅଛି। ମାତ୍ର ୧୦ ଜଣ ଖେଳାଳୀଙ୍କୁ ନେଇ ଭାରତ ପ୍ୟାରିସ୍ ଅଲିମ୍ପିକ୍ କ୍ରୀଡାର ପୁରୁଷ ହକି ପ୍ରତିଯୋଗିତାରେ କିପରି ଗ୍ରେଟ ବ୍ରିଟେନ୍‌କୁ ପରାଜିତ କରି ପାରିଲା ? ଏହି ପ୍ରଶ୍ନ ଶୁକ୍ରବାର ଦିନ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଭାରତୀୟ ହକି ଦଳର ୪ଜଣ ସ୍ୱନାମଧନ୍ୟ ଖେଳାଳୀଙ୍କୁ ଏକ ଆଲୋଚନା କାର୍ଯ୍ୟକ୍ରମରେ ପଚାରିଥିଲେ। ମଧ୍ୟଭାଗ ଖେଳାଳୀ ଶାମ୍‌ଶେର ସିଂହ କହିଥିଲେ ଯେ ଅମିତଙ୍କୁ ଖେଳରୁ ବାହାର କରିଦେବା ଭାରତୀୟ ଦଳ ପାଇଁ ଏକ ବଡ ଧକ୍କା ଥିଲା। କାରଣ କ୍ୱାର୍ଟର ଫାଇନାଲରେ ଗ୍ରେଟ ବ୍ରିଟେନ୍ କୁ ହରାଇବା କଷ୍ଟକର ବୋଲି ସମସ୍ତେ ଭାବୁଥିଲେ ବୋଲି ଶାମ୍‌ଶେର କହିଥିଲେ। "ଆମ ମଧ୍ୟରେ ଏକତା ଥିଲା ଓ ଏହି ପରିସ୍ଥିତରେ ଆମେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ସୁଟ୍ ଆଉଟ୍‌ରେ ଏହି ମ୍ୟାଚ ୪-୨ ରେ ଜିତି ପାରିଲୁ", ବୋଲି ସେ କହିଥିଲେ। ଏହି ଆଲୋଚନାରେ ଶାମ୍‌ଶେରଙ୍କ ବ୍ୟତୀତ ଜରମନ୍‌ପ୍ରୀତ ସିଂହ, ରାଜକୁମାର ପାଲ ଓ ବରୁଣ କୁମାର ଯୋଗ ଦେଇଥିଲେ। ଏହି ୪ଜଣ ଖେଳାଳୀ ଦିଲ୍ଲୀ ଏସଜି ପାଇପର୍ସ ଦଳ ପକ୍ଷରୁ ରାଉରକେଲାଠାରେ ଡିସେମ୍ବର ୨୮ ତାରିଖରୁ ଆରମ୍ଭ ହେବାକୁ ଥିବା ହକି ଇଣ୍ଡିଆ ଲିଗରେ ଭାଗ ନେବା ପୂର୍ବରୁ ଭୁବନେଶ୍ୱରରେ ଅଭ୍ୟାସ କରୁଛନ୍ତି। ସେମାନଙ୍କ ସହିତ ବିଶିଷ୍ଟ କ୍ରୀଡା ସାମ୍ବାଦିକ ତଥା ଏସଜି ସ୍ପୋର୍ଟସ୍ ଆଣ୍ଡ ଏଂଟରଟେନ୍‌ମେଣ୍ଟର ଉପସଭାପତି ଶ୍ରୀ ଦିଗ୍‌ବିଜୟ ସିଂହଦେଓ ମଧ୍ୟ ଉପସ୍ଥିତ ଥିଲେ।

## ପଶ୍ଚିମବଙ୍ଗ ପଳାଇଲା ଜିନ୍ନତ



**ଭୁବନେଶ୍ୱର, ୨୦।୧୨ (ସଂଚାର ବ୍ୟୁରୋ):** ମହାରାଷ୍ଟ୍ରରୁ ଆଣି ଶିମିଳିପାଳରେ ଛଡ଼ା ଯାଇଥିବା ବାଘୁଣୀ ଜିନ୍ନତ ପଶ୍ଚିମବଙ୍ଗ ପଳାଇଛି। ଗତ ରାତିରେ ଝାଡ଼ଖଣ୍ଡର ଜାମସେଦପୁର ରେଞ୍ଜ ଛାଡ଼ି ସେ ପଶ୍ଚିମବଙ୍ଗର ବେଲପାହାଡି ଜଙ୍ଗଲକୁ ଚାଲି ଯାଇଥିବା ସୂଚନା ଦେଇଛନ୍ତି ପୂର୍ବତନ ୱାଇଲ୍ଡ ଲାଇଫ ୱାର୍ଡେନ ଭାନୁମିତ୍ର ଆଚାର୍ଯ୍ୟ। ଜିନ୍ନତକୁ ମହାରାଷ୍ଟ୍ରର ତଡ଼ବା ଜଙ୍ଗଲରୁ ଅଣାଯାଇଥିଲା। ପ୍ରଥମେ ତାକୁ ଶିମିଳିପାଳରେ ଏନକ୍ଲୋଜରରେ ରଖାଯାଇଥିଲା। ପରେ କୋର ଏରିଆରେ ଛାଡ଼ି ଦିଆଯାଇଥିଲା। ଗତ ୧୦ ତାରିଖରେ ଜିନ୍ନତ ଶିମିଳିପାଳ ଛାଡ଼ି ଝାଡ଼ଖଣ୍ଡ ପଳାଇଥିଲା। ଜିନ୍ନତ ଝାଡ଼ଖଣ୍ଡର ଜାମସେଦପୁର ରେଞ୍ଜର ଚାକୁଳିଆ ଅଞ୍ଚଳରେ ଥିଲା। ଗୁରୁବାର ରାତିରେ ସେ ସେଠାରୁ ପଶ୍ଚିମବଙ୍ଗର ବେଲପାହାଡ଼ି ଜଙ୍ଗଲକୁ ପଳାଇଛି।

ଜୀବନ ଅମୃତ ଅନୁଚିନ୍ତା

ମହତ ଉଦ୍ଦେଶ୍ୟ- ମହତ ଉଦ୍ଦେଶ୍ୟ ରଖି କୌଣସି କାର୍ଯ୍ୟକଲେ ତାହାକୁ ମହତ କାର୍ଯ୍ୟ ବୋଲି ବିଚାର କରାଯାଇପାରିବ। ଜଣଙ୍କ ଜୀବନ ରକ୍ଷା ପି ମିଥ୍ୟା କହିବା କିମ୍ବା ଦେଶ ତଥା ଦୁର୍ବଳର ସୁରକ୍ଷା ନିମନ୍ତେ ଅସ୍ତ୍ର ଧାରଣ କରିବା ଅପରାଧ ନୁହେଁ।

SANCHAR
ସଂଚାର



# ବିହାର ପାଇଁ ସଜବାଜ

ମହାରାଷ୍ଟ୍ର ପରେ ଏବେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ବିହାରରେ ଶକ୍ତି ପରୀକ୍ଷା ନିମନ୍ତେ ଶାସକ ଏନଡିଏ ଏବଂ ମୁଖ୍ୟ ବିରୋଧୀ ଇଣ୍ଡିଆ ମେଣ୍ଟ ମଧ୍ୟରେ ମୁକାବିଲା ଲାଗି ସଜବାଜ ଆରମ୍ଭ ହୋଇଛି। ଆସନ୍ତା ବର୍ଷ ବିହାର ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ବିହାର ବିଭାଜନ ପରେ ଲୋକସଭାରେ ଏହାର ସଭ୍ୟସଂଖ୍ୟା କମିଛି। ଲୋକସଭାରେ ବିହାରରୁ ୪୦ଜଣ ପ୍ରତିନିଧି ଅଛନ୍ତି। ଯଦ୍ୱାରା, ମହାରାଷ୍ଟ୍ର ଏବଂ ପଶ୍ଚିମବଙ୍ଗ ପରେ ଲୋକସଭାରେ ବିହାରର ପ୍ରତିନିଧି ଚତୁର୍ଥ ସର୍ବାଧିକ। ତେବେ ସଂଖ୍ୟା ଦୃଷ୍ଟିରୁ ନୁହେଁ, ରାଜନୈତିକ ଗୁରୁତ୍ୱ ଦୃଷ୍ଟିରୁ ବିହାରର ସ୍ଥାନ ବହୁ ଉଚ୍ଚରେ। ଭାରତୀୟ ରାଜନୀତିରେ ବିହାର ଅନେକ ସମୟରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି। ହିନ୍ଦୀ ବେଲ୍ଟରେ ଏହା ଏକ ପ୍ରମୁଖ ରାଜ୍ୟ। ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନ ଏଠିରୁ ଆରମ୍ଭ ହୋଇଥିଲା। ଅଣକଂଗ୍ରେସ ରାଜନୀତିର ମୂଳଦୁଆ ଏଠିରେ ପଡ଼ିଥିଲା। ତେଣୁ ସ୍ୱାଭାବିକ ଭାବେ ବିହାର ବିଧାନସଭା ନିର୍ବାଚନର ଗୁରୁତ୍ୱ ମଧ୍ୟ ଯଥେଷ୍ଟ ଅଧିକ। ଆଜି ବହୁ ବର୍ଷ ହେବ ବିହାରରେ କଂଗ୍ରେସ ଏକ ଗୌଣ ଦଳ ହୋଇଯାଇଛି। ମୁଖ୍ୟବିରୋଧ ହେଉଛି ଲାଲୁ ଏବଂ ନୀତିଶଙ୍କ ମଧ୍ୟରେ। ଏଥର ମଧ୍ୟ ନୀତିଶ କୁମାରଙ୍କ ନେତୃତ୍ୱାଧୀନ ଏନଡିଏ ଏବଂ ଆରଜେଡି ନେତା ତେଜସ୍ୱୀ ଯାଦବଙ୍କ ନେତୃତ୍ୱାଧୀନ ଇଣ୍ଡି ମେଣ୍ଟ ମଧ୍ୟରେ ହେବ। ଏନଡିଏରେ ନୀତିଶଙ୍କ ଜେଡିୟୁ, ବିଜେପି, ଚିରାଗ ପାଶ୍ୱାନଙ୍କ, ଲଜେପି, ଜିତେନ ରାମ ମାନଝୀଙ୍କ ହିନ୍ଦୁସ୍ତାନ ଆୱାମ ମୋର୍ଚ୍ଚା ଇତ୍ୟାଦି ରହିଥିବା ବେଳେ ତେଜସ୍ୱୀ ଯାଦବଙ୍କ ନେତୃତ୍ୱାଧୀନ ମେଣ୍ଟରେ ଆରଜେଡି, କଂଗ୍ରେସ, ସିପିଏମ, ସିପିଆଇ ପ୍ରମୁଖ ଦଳ ଅଛନ୍ତି। ନିର୍ବାଚନ ପୂର୍ବରୁ ଆଉ କିଛି ଛୋଟ ଦଳ ମେଣ୍ଟରେ ସାମିଲ ହୋଇପାରନ୍ତି। ରାଜ୍ୟରେ ତୃତୀୟ ରାଜନୈତିକ ଶକ୍ତି ନାହିଁ କହିଲେ ଚଳେ। ଇତିମଧ୍ୟରେ ନୀତିଶ ଓ ତେଜସ୍ୱୀ ଯାଦବ ଦୁଇଟି ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ଏକ ସମାରୋହରେ ବିଜେପି ରାଷ୍ଟ୍ରୀୟ ସଭାପତି ଜେ ପି ନଡ୍ଡାଙ୍କ ଉପସ୍ଥିତିରେ ନୀତିଶ କହିଛନ୍ତି ଯେ, ଅତୀତରେ ଏନଡିଏ ଛାଡ଼ି ଆରଜେଡି ହାତ ଧରିବା ତାଙ୍କର ଏକ ଭୁଲ ନିଷ୍ପତ୍ତି ଥିଲା। ଆଉ ସେ ଭୁଲ କରିବେ ନାହିଁ ଏବଂ ରାଜନୈତିକ ଜୀବନର ଶେଷ ପର୍ଯ୍ୟନ୍ତ ସେ ଏନଡିଏରେ ରହିବେ। ସେହିପରି ତେଜସ୍ୱୀ ଯାଦବ ଏକ ସାକ୍ଷାତକାର ଅବସରରେ କହିଛନ୍ତି ଯେ, ନୀତିଶ ଦୁଇଥର ତାଙ୍କୁ ଧୋକା ଦେଇଛନ୍ତି। ଆଉ ଥରେ ତାଙ୍କୁ ସୁଯୋଗ ମିଳିବ ନାହିଁ। ସେ ଜଣେ ବିଶ୍ୱାସଯୋଗ୍ୟ ନେତା ନୁହନ୍ତି। ତାଙ୍କୁ ପୁନର୍ବାର ମୁଖ୍ୟମନ୍ତ୍ରୀ ହେବାରେ ଆରଜେଡି ସହଯୋଗ ବା ସମର୍ଥନ କରିବନି। ୨୦୧୪ରେ ନୀତିଶ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱକୁ ବିରୋଧ କରି ଏନଡିଏରୁ ଓହରିଯାଇଥିଲେ। ୨୦୧୫ ବିଧାନସଭା ନିର୍ବାଚନରେ ଲାଲୁଙ୍କ ଆରଜେଡି ସହ ହାତ ମିଳାଇ ସଫଳତା ପାଇଥିଲେ ଏବଂ ମୁଖ୍ୟମନ୍ତ୍ରୀ ହୋଇଥିଲେ। କିନ୍ତୁ ଦୁଇ ବର୍ଷ ପରେ ସେ ପୁଣି ଏନଡିଏକୁ ଫେରିଯାଇ ବିଜେପି ସହାୟତାରେ ମୁଖ୍ୟମନ୍ତ୍ରୀ ପଦ ବଜାୟ ରଖିଲେ। ୨୦୨୦ରେ ସେ ଏନଡିଏରେ ରହି ନିର୍ବାଚନ ଲଢ଼ିଲେ। କମ ଆସନ ପାଇଲେ ମଧ୍ୟ ବିଜେପି ସମର୍ଥନରେ ମୁଖ୍ୟମନ୍ତ୍ରୀ ପଦ ଅକ୍ତିଆର କଲେ। କିନ୍ତୁ ୨୦୨୨ରେ ସେ ବିଜେପି ହାତ ଛାଡ଼ି ଆରଜେଡି ସହ ହାତ ମିଳାଇଲେ। ନୀତିଶ ମୁଖ୍ୟମନ୍ତ୍ରୀ ଓ ତେଜସ୍ୱୀ ଯାଦବ ଉପ-ମୁଖ୍ୟମନ୍ତ୍ରୀ ହେଲେ। ସେତେବେଳେ ସେ କହିଥିଲେ ଯେ ୨୦୨୫ରେ ତେଜସ୍ୱୀ ଯାଦବ ହେବେ ରାଜ୍ୟର ମୁଖ୍ୟମନ୍ତ୍ରୀ। କିନ୍ତୁ ୨୦୨୪ ଜାନୁଆରୀରେ ସେ ପୁଣି ପକ୍ଷପରିବର୍ତ୍ତନ କଲେ ଏବଂ ଏନଡିଏକୁ ଫେରିଗଲେ। ଲୋକସଭା ନିର୍ବାଚନରେ ବିଜେପି ସମର୍ଥନରେ ଜେଡିୟୁ ବେଶ ସଫଳତା ପାଇଲା। ଏବେ ୨୦୨୫ରେ ତାଙ୍କର ନୂତନ ରଣନୀତି କ'ଣ ହେବ ତାହା ଦେଖିବାକୁ ବାକି ରହିଲା। ନୀତିଶ ଯାହା କହିଛନ୍ତି ତାହା ବେଦର ଗାର ନୁହେଁ। ସେ ପୁନର୍ବାର ପାର୍ଶ୍ୱ ପରିବର୍ତ୍ତନ କରିବେ ନାହିଁ ବୋଲି କୁହାଯାଇପାରିବ ନାହିଁ। ତେଜସ୍ୱୀ ଯାଦବ ମଧ୍ୟ ନୀତିଶଙ୍କ ଉପରେ ଆଉ ବିଶ୍ୱାସ କରାଯାଇପାରିବନି ବୋଲି ଯାହା କହୁଛନ୍ତି ତାହା ବର୍ତ୍ତମାନ ସମୟକୁ ଦେଖି ସେ କହିଛନ୍ତି। ୨୦୨୫ରେ ସେ ନିଜ ମତ ପରିବର୍ତ୍ତନ ନକରିବେ ବୋଲି ଗ୍ୟାରେଣ୍ଟି ନାହିଁ। ତେବେ ବର୍ତ୍ତମାନର ରାଜନୈତିକ ଗତିବିଧିରୁ ଅନ୍ତତଃ ପକ୍ଷେ ନିର୍ବାଚନ ପୂର୍ବରୁ ଆରଜେଡି-ଜେଡିୟୁ ଏକାଠି ହେବା ଅସମ୍ଭବ ମନେ ହେଉଛି। ଯଦି ନୀତିଶ ଫେରିଆସିବାକୁ ଚାହିଁବେ ତେବେ ତେଜସ୍ୱୀ ତାଙ୍କୁ ଆଉ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବେ ନାହିଁ। ଯଦି ରାହୁଲ ଗାନ୍ଧି ହସ୍ତକ୍ଷେପ କରନ୍ତି ତେବେ ବୁଝାମଣା ହୋଇପାରେ। ଅନ୍ୟ ପକ୍ଷରେ ନୀତିଶ ଦେଖୁଛନ୍ତି ଯଦି୨୦୨୫ ବିଧାନସଭା ନିର୍ବାଚନରେ ସେ ପରାଜିତ ହୁଅନ୍ତି ତେବେ କେନ୍ଦ୍ରରେ କ୍ୟାବିନେଟ ମନ୍ତ୍ରୀ ହେବାର ସୁଯୋଗ ତାଙ୍କ ନିକଟରେ ରହିଛି। ସମ୍ଭବତଃ ଏହାକୁ ଆକଳନ କରି ସେ ଆଉ ଏନଡିଏ ଛାଡ଼ିବେ ନାହିଁ ବୋଲି କହିଛନ୍ତି। ବିଜେପି ସହିତ ରହିଲେ ସେ ମୁଖ୍ୟମନ୍ତ୍ରୀ କିମ୍ବା କେନ୍ଦ୍ର ମନ୍ତ୍ରୀ ହେବେ। କିନ୍ତୁ ବିରୋଧୀ ମହାମେଣ୍ଟରେ ରହିଲେ କେଉଁ କୁଳକୁ ହେବେ ନି। ତେଣୁ ସମ୍ଭବତଃ ୨୦୨୫ ନିର୍ବାଚନ ପୂର୍ବରୁ ନୀତିଶ ଆଉ ପାର୍ଶ୍ୱ ପରିବର୍ତ୍ତନ ନକରିପାରନ୍ତି। ଜାତିଗତ ରାଜନୀତି ପାଇଁ କୁଖ୍ୟାତ ବିହାରରେ ଜାତିଗତ ସମୀକରଣ ଏବେ ଏନଡିଏ ସପକ୍ଷରେ ରହିଛି। ସଂଖ୍ୟାଲଘୁ ସମ୍ପ୍ରଦାୟର ଭୋଟ ଅବଶ୍ୟ ଇଣ୍ଡିଆ ମେଣ୍ଟ ସପକ୍ଷରେ ରହିଛି। କିନ୍ତୁ କିଛି ସ୍ଥାନରେ ସଂଖ୍ୟାଲଘୁ ଭୋଟ ଭିନ୍ନ ଦଳକୁ ଯାଇପାରେ। ଏନଡିଏର ଦୁଇ ଅଂଶୀଦାର ଦଳ ନୀତିଶଙ୍କ ଜେଡିୟୁ ଏବଂ ଚିରାଗ ପାଶ୍ୱାନଙ୍କ ଏଲଜେପି ସପକ୍ଷରେ କିଛି ସଂଖ୍ୟାଲଘୁ ଭୋଟ ଯାଇପାରେ। ଏହା ବ୍ୟତିତ ଆଉ ଦୁଇଟି ଦଳ ଅସାଦୁଦ୍ଦିନ ଓୱେସିଙ୍କ ଏଆଇଏମଆଇଏମ ଏବଂ ପ୍ରଶାନ୍ତ କୁମାରଙ୍କ ଦଳ ସୁରାଜ ପାର୍ଟୀ ସପକ୍ଷରେ ମଧ୍ୟ କିଛି ସଂଖ୍ୟାଲଘୁ ଭୋଟ ଯାଇପାରେ। ପ୍ରଶାନ୍ତ କୁମାର ଗତ ଦୁଇ ବର୍ଷ ହେବ ବିହାରର ସବୁ ନିର୍ବାଚନ ମଣ୍ଡଳୀ ବୁଲି ବୁଲି ଜନସମ୍ପର୍କ ରକ୍ଷା କରିଛନ୍ତି। ଲୋକଙ୍କୁ ଏକ ତୃତୀୟ ବିକଳ୍ପ ବାଛିବାକୁ ଅନୁରୋଧ କରିଛନ୍ତି। ଗତ ଥର ଏଆଇଏମଆଇଏମ ଅତି କମରେ ୧୫ଟି ଆସନରେ ସଂଖ୍ୟାଲଘୁ ଭୋଟ ବିଭାଜନ କରି ଆରଜେଡିର ପରାଜୟର ଭୂମିକା ନେଇଥିଲା। ଏଥର ମଧ୍ୟ ତାହାର ପୁନରାବୃତ୍ତି ହୋଇପାରେ। ପ୍ରଶାନ୍ତ କୁମାର ଯାହା ଭୋଟ ପାଇବେ ତାହା ବିଜେପି ବିରୋଧୀ ଭୋଟ ଅର୍ଥାତ ଇଣ୍ଡିଆ ବ୍ଲକର ଭୋଟ ବିଭାଜନ କରିବ। ତେଣୁ ପରିବର୍ତ୍ତନ ହାୱାରେ ନିର୍ବାଚନ ଜିତିବ ବୋଲି ଆରଜେଡିର ଆଶା ନୈରାଶ୍ୟରେ ପରିଣତ ହୋଇପାରେ। ହରିୟାନା ଓ ମହାରାଷ୍ଟ୍ରରେ ଯାହା ହେଲା ବିହାରରେ ତାହାର ପୁନରାବୃତ୍ତି ହେଲେ କିଛି ବିସ୍ମିତ ହେବାର ନାହିଁ। ଯେଉଁ ଦଳ ନିର୍ବାଚନରେ ଉପଯୁକ୍ତ ରଣନୀତି ଅବଲମ୍ବନ କରିବ ସେହି ଦଳ ହିଁ ବିଜୟୀ ହେବ।

## ସମ୍ପାଦକଙ୍କୁ ପତ୍ର

### ମାଞ୍ଜା ସୂତାର ବିକ୍ରି ଉପରେ କଟକଣା ଲାଗୁ କରାଯାଉ

**ମହାଶୟ,**

ମୟୂରଭଞ୍ଜ ଜିଲ୍ଲାବାସୀଙ୍କ ଲାଗି ମକର ସଂକ୍ରାନ୍ତି ହେଉଛି ଏକ ବଡ ପର୍ବ। ଏଥିରେ ଭଳିକି ଭଳି ଗୁଡ଼ି ଉଡ଼ାଇ ଲୋକମାନେ ଏହି ପର୍ବ ପାଳିଥାଆନ୍ତି। ତେବେ ଗୁଡ଼ିରେ ମାଞ୍ଜା ସୂତା ଲଗାଇ ଉଡ଼ାଇବା ଦ୍ୱାରା ଏହା ପ୍ରାଣଘାତୀ ସାଜୁଛି। ମାଞ୍ଜା ସୂତା ବାଇକ୍ ଆରୋହୀଙ୍କ ଲାଗି ସବୁଠାରୁ ଅଧିକ ବିପଦ ହୋଇଛି କାରଣ ବାଇକ୍ ଚଳାଇବା ବେଳେ ହଠାତ୍ ବେକରେ ଲାଗି କଟିଯାଇ ମୃତ୍ୟୁ ହୋଇଥାଏ। ପୂର୍ବ ବର୍ଷରେ ମାଞ୍ଜା ସୂତା ଲାଗି କଟକ ଜିଲ୍ଲାରେ ଜଣେ ଯୁବକଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟ ଜାଗାରେ ମଧ୍ୟ ଏଭଳି ଘଟଣା ଘଟିବାର ଖବର ଗଣମାଧ୍ୟମରୁ ଜାଣିବାକୁ ମିଳିଥାଏ। ମୃତ୍ୟୁ ଦୂତ ସାଜିଥିବା ମାଞ୍ଜା ସୂତା ଗୁଡ଼ିର ପ୍ରସ୍ତୁତି, ବିକ୍ରି ଓ ବ୍ୟବହାର ଉପରେ ପ୍ରଶାସନ କଡା କଟକଣା ଲାଗୁ କରୁ। କାରଣ ମଣିଷ ଜୀବନ ଠାରୁ ବଡ଼ ଆଉ କିଛି ନାହିଁ। ଜଣଙ୍କର ଖେଳ ଆଉ କାହା ଲାଗି କାଳ ନ ହେଉ।

**ପ୍ରତାପ ନାୟକ, ଏମ୍ ଆଇ ଜି-୭୫, କଳିଙ୍ଗ ବିହାର, ଭୁବନେଶ୍ୱର**

# ସଂସଦର ଗରିମାର ସୁରକ୍ଷା ଓ ପ୍ରଧାନମନ୍ତ୍ରୀ



**ସତୀଶ ବିଶ୍ୱାଳ**

୧୯ ଡିସେମ୍ବର ୨୦୨୪ ରିଖରେ ଆଲେଖ୍ୟଟି ଲେଖା ଆରମ୍ଭ ହେବା ବେଳକୁ ଭାରତର ପବିତ୍ର ସଂସଦରେ ହୋଇଥିବା ଗଣ୍ଡଗୋଳ ନେଇ ଏତଲା ପ୍ରଦାନ ପାଇଁ ବି.ଜେ.ପିର ଦୁଇ ବରିଷ୍ଠ ନେତା ଥାନାରେ ପହଞ୍ଚିଥିଲେ। ଆଜି ସଂସଦରେ ମକରଦ୍ୱାର ଦେଇ ସାଂସଦ ମାନେ ପ୍ରବେଶ କରୁଥିବା ବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଧକ୍କାରେ ଦୁଇଜଣ ବି.ଜେ.ପି ସାଂସଦ ପ୍ରତାପ ଷଢଙ୍ଗୀ ଏବଂ ମୁକେଶ ରାଜପୁତ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଏ ପ୍ରସଙ୍ଗରେ ପ୍ରୀୟଙ୍କା ଏବଂ ରାହୁଲଙ୍କ ବୟାନ ଅନୁସାରେ ଦିନ ୧୦ ଟା ୩ଠରୁ ୧୧ ଟା ପର୍ଯ୍ୟନ୍ତ ଆମେ ଦୈନିକ ବିରୋଧୀ ପକ୍ଷ ତରଫରୁ ଆନ୍ଦୋଳନ କରୁଥିଲୁ। ହେଲେ ଆଜି ବି.ଜେ.ପି ତରଫରୁ ଆନ୍ଦୋଳନରେ ସୃଷ୍ଟି ହୋଇଥିବା ପରିସ୍ଥିତି ପାଇଁ ଏଭଳି ଘଟଣା ଘଟିଲା। ରାହୁଲଙ୍କୁ ସଂସଦ ଭିତରକୁ ପ୍ରବେଶ ପାଇଁ ଛଡାଗଲା ନାହିଁ। ଜଣେ ସାଂସଦଙ୍କୁ ସଂସଦ ଭିତରକୁ ଯିବାର ଅଧିକାର ରହିଛି। ଏ କ୍ଷେତ୍ରରେ କୌଣସି ପ୍ରତିବନ୍ଧକ ମଧ୍ୟ ଆଇନ ବିରୋଧ କାର୍ଯ୍ୟ। ଏହି ଘଟଣାରେ ପ୍ରତାପ ଷଢଙ୍ଗୀଙ୍କ ଦେଇଥିବା ମତରେ ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ରାହୁଲଙ୍କ ଧକ୍କାରେ ଜଣେ ସଂସଦ ଟଳିପଡ଼ି ତାଙ୍କ ଦେହରେ ଧକ୍କା ଦେବାରୁ ସେ ପଡ଼ିଯାଇ ଆହତ ହୋଇଛନ୍ତି। ଏହି ଘଟଣାରେ ନାଗାଲାଣ୍ଡର ଅନ୍ୟ ଜଣେ ମହିଳା ସାଂସଦ ଏସ.କୋନ୍ୟାକ ରାଜ୍ୟସଭାର ଅଧ୍ୟକ୍ଷଙ୍କ ନିକଟରେ ରାହୁଲଙ୍କ ବ୍ୟବହାର ନେଇ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ସମ୍ମାନୀୟ ମହିଳା ସାଂସଦ ନିଜକୁ ଅନୁସୂଚିତ ଜନଜାତି ଏବଂ ମହିଳା ବୋଲି ବାରମ୍ବାର ପରିଚୟ ଦେଉଥିଲେ। ରାହୁଲ ଗାନ୍ଧୀ ଦୁଇ ସାଂସଦଙ୍କୁ ଆହତ କଲାପରେ ଜଣେ ଅନୁସୂଚିତ ଜନଜାତିର ମହିଳାଙ୍କୁ ମଧ୍ୟ ଦୁର୍ବ୍ୟବହାର କରିବା ଭଳି ଘଟଣା ଘଟି ଥିବାର ଅଭିଯୋଗ ହେଉଛି। ଅପର ପକ୍ଷରେ କଂଗ୍ରେସର ବରିଷ୍ଠ ନେତା ମଲ୍ଲିକାର୍ଜୁନ ଖଡଗେ ଦେଇଥିବା ଅଭିଯୋଗପତ୍ର ମଧ୍ୟ ପ୍ରସଙ୍ଗକୁ ଅଧିକ ଗମ୍ଭୀର କରୁଛି। ବି.ଜେ.ପି ସାଂସଦଙ୍କ ଆକ୍ରମଣରେ ମଲ୍ଲିକାର୍ଜୁନ ଆହତ ହୋଇଥିବାର ଅଭିଯୋଗ ହୋଇଛି। ୮୨ ବର୍ଷିୟ ଦେଶର ବରିଷ୍ଠ ନେତା ଭାବେ ପରିଚିତ ମଲ୍ଲିକାର୍ଜୁନ ଗୋଡରେ ପୂର୍ବରୁ ସର୍ଜରୀ ଥିବା ବେଳେ ସେ ପୁଣି ଥରେ ପଡ଼ି ଏହି ଠେଲାପେଲାରେ ଆହତ ହୋଇଛନ୍ତି। ତେବେ ଏତେ ସବୁ ଘଟଣା ଘଟିଲା ବେଳେ ସୁରକ୍ଷା ଦାୟୀତ୍ୱରେ ଥିବା ଅଧିକାରୀ ମାନଙ୍କ ଦାୟୀତ୍ୱ ମଧ୍ୟ ବହ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଅନ୍ତତପକ୍ଷେ ଯେ କୌଣସି ଆନ୍ଦୋଳନ ପାଇଁ କୌଣସି ପ୍ରବେଶ ପଥକୁ ରୋକାଯିବା ବେଆଇନ କାର୍ଯ୍ୟ। ଏହି ପ୍ରବେଶପଥକୁ ବାଧାମୁକ୍ତ କରିବା ଦାୟୀତ୍ୱ ସୁରକ୍ଷା ଦାୟୀତ୍ୱରେ ଥିବା କର୍ମଚାରୀଙ୍କର ହେବା କଥା। ଏହି ସମୁଦାୟ ଘଟଣାର ପରଦା ଅନ୍ତରାଳରେ ଥିବା ବାସ୍ତବତା କେତେ ସତ୍ୟ ଏବଂ ପ୍ରାୟୋଜିତ ତାହା ସ୍ପଷ୍ଟ ହୋଇ ଯାଉଛି। ପ୍ରଥମ କଥା ହେଉଛି, ବିରୋଧୀ ଦଳ ତରଫରୁ ଦୀର୍ଘଦିନ ଧରି ଏହି ସମୟରେ ହେଉଥିବା ଆନ୍ଦୋଳନରେ ସଂସଦ ଭିତରକୁ ପ୍ରବେଶ ନେଇ କୌଣସି ପ୍ରତିବନ୍ଧକ ନଥିଲା। ହେଲେ ୧୯ ଡିସେମ୍ବର ୨୦୨୪ ରେ ଉଭୟ ବିରୋଧୀ ଏବଂ ଶାସକଙ୍କ ତରଫରୁ ସଂସଦର ମକର ଦ୍ୱାର ନିକଟରେ ଆନ୍ଦୋଳନ ହୋଇଥିଲା। ରାହୁଲ ଗାନ୍ଧୀଙ୍କ ପରି ଜଣେ ଜାତୀୟ ସ୍ତରର ନେତା କଣ ସଂସଦକୁ ଧକ୍କା ମାରି ଅନ୍ୟ ସଂସଦକୁ ଆହତ କରିବାକୁ ସେଠାକୁ ଆସିଥିବେ କି? ଯଦି ରାହୁଲଙ୍କୁ ସଂସଦ ଭିତରକୁ ଯାଉଥିବା ରାସ୍ତାରେ କୌଣସି ପ୍ରତିବନ୍ଧକ ନଥିଲା, ତେବେ ସେ କଣ ବିନା କାରଣରେ କାହାକୁ ଠେଲିଥିବେ କିମ୍ବା



ଧକ୍କା ମାରିଥିବେ? ରାହୁଲଙ୍କ ପ୍ରତାପ ଷଢଙ୍ଗୀ, ମୁକେଶ ରାଜପୁରତ ଏବଂ ନାଗାଲାଣ୍ଡର ବି.ଜେ.ପିର ମହିଳା ସାଂସଦଙ୍କ ସହ କୌଣସି ବ୍ୟକ୍ତିଗତ ଆକ୍ରୋଶ ରହିଛି କି? ଏହିସବୁ ପ୍ରଶ୍ନର ଉତର ନିଶ୍ଚୟ ଦେଶବାସୀଙ୍କ ନିକଟରେ ଥିବ। ଯଦି ଦେଶବସୀଙ୍କ ନିକଟରେ ଏହି ଉତର ରହିଇାଏ, ତେବେ ଆମ ଜନପ୍ରୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପାଖରେ ମଧ୍ୟ ଏହାର ଉତର ରହିଥିବ। ନରେନ୍ଦ୍ର ମୋଦୀ କେବଳ ଦେଶର ନେତା ନୁହନ୍ତି ବରଂ ବିଶ୍ୱର ଜଣେ ବିଶିଷ୍ଟ ନେତାର ମର୍ଯ୍ୟାଦା ପାଇଛନ୍ତି। ବହୁ ଜନ୍ମରେ ଅସରନ୍ତି ପୂର୍ଣ୍ଣ୍ୟ କରି ମୋଦୀଜୀ ଏଭଳି ମର୍ଯ୍ୟାଦା ପାଇଛନ୍ତି। ଏହା ମଧ୍ୟ ଆମ ଭାରତୀୟଙ୍କ ପାଇଁ କମ ସୌଭାଗ୍ୟର କଥା ନୁହେଁ। ସେ ଭାରତୀୟଙ୍କ ବିଶ୍ୱାସ ଜିଣିବା ସହ ଭାରତୀୟଙ୍କ ହୃଦୟର ନେତା। ନରେନ୍ଦ୍ର ମୋଦୀଙ୍କ ପରି ପ୍ରଧାନମନ୍ତ୍ରୀ ଗଣତନ୍ତ୍ରର ସୁରକ୍ଷା ପାଇଁ ଦଳ ମତ ଉର୍ଦ୍ଧ୍ୱକୁ ଯାଇ ଦେଶର ହିତ ପାଇଁ ପଦକ୍ଷେପ ଗ୍ରହଣ କରିବେ। ଏହା ଏ ଦେଶ ଅନ୍ତତ ଏଭଳି ଜଣେ ପ୍ରଧାନମନ୍ତ୍ରୀଙ୍କ ଠାରୁ ଆଶା ରଖେ। ଭାରତୀୟ ଗଣତନ୍ତ୍ରରେ ଶାସକ ଏବଂ ବିରୋଧୀ ମଧ୍ୟରେ ଅନେକ ବିଭିନ୍ନତା ମଧ୍ୟରେ ବି ଦେଶର ସ୍ୱାର୍ଥ ପାଇଁ ନିର୍ଦ୍ଦିଷ୍ଟ ବିନ୍ଦୁରେ ଏକାଠି ହେବାର ଅମୃତ ପରମ୍ପରାକୁ ଉଜ୍ଜିବିତ କରିବା ବୀରତ୍ୱ ମୋଦିଜୀ ପ୍ରଦର୍ଶନ କରନ୍ତୁ। ଅତୀତରେ କଂଗ୍ରେସ ଦଳର ତତ୍କାଳୀନ ପ୍ରଧାନମନ୍ତ୍ରୀ ମଧ୍ୟ ବିରୋଧୀ ପକ୍ଷର ନେତା ତଥା ମହାନ ଜନନାୟକ ଅଟଳ ବିହାରୀ ବାଜପେୟୀଙ୍କ ଉପରେ ପ୍ରସଙ୍ଗ ନେଇ ଆସ୍ଥା ପ୍ରକଟ କରିଛନ୍ତି। ଭାରତୀୟ ଗଣତନ୍ତ୍ର ମହାନ ମୂଲ୍ୟବୋଧ ଉପରେ ଠିଆ ହୋଇଛି। ଏହାର ଗରିମା ରକ୍ଷା କ୍ଷେତ୍ରରେ ଆମ ପ୍ରଧାନମନ୍ତ୍ରୀଙ୍କ ଗୋଟିଏ ମୁହୁର୍ତ୍ତର ନିଷ୍ପତି ଯଥେଷ୍ଟ। ଏଥିପାଇଁ ଅଟଳଜୀଙ୍କ ଭାଷାରେ ସରକାର ଆସିବ ଏବଂ ଯିବ, ହେଲେ ଏ ଦେଶ ରହିବା ଆବଶ୍ୟକତା ଯଥାର୍ଥତାକୁ ଉପଲବ୍ଧି କରାଯାଉ। ଲଙ୍କାର ରାଜା ରାବଣ ହଜାରେ ପାପ କଲେ ବି ମର୍ଯ୍ୟାଦା ପୁରୁଷ ଶ୍ରୀ ରାମଚନ୍ଦ୍ର ଗୋଟିଏ ହେଲେ ପାପ ନକରିବା ପାଇଁ ନିଜ ଜୀବନରେ ସଂକଳ୍ପ ନେଇଥିଲେ। ତଦନୁସାରେ ନିଜର ଜୀବନକୁ ପରିଚାଳିତ କରିଥିଲେ। ଶ୍ରୀ ରାମଚନ୍ଦ୍ରଙ୍କ ନୀତି ଓ ଆଦର୍ଶକୁ ଅନୁକରଣ କରୁଥିବା ଭାରତୀୟ ଜନତା ପାର୍ଟି ଅନ୍ତତ ସର୍ବଦା ସତ୍ୟ ଓ ଧର୍ମର ପଥକୁ ଅନୁସରଣ କରୁ। ଯେହେତୁ ବି.ଜେ.ପି କ୍ଷମତାରେ ରହିଛି, ତେଣୁ ବି.ଜେ.ପି ଠାରୁ ରାଜା ରାମଚନ୍ଦ୍ରଙ୍କ ନୀତି ଓ ଆଦର୍ଶକୁ ଆଶା ରଖିବା ସ୍ୱାଭାବିକ। ଗୋଟିଏ ସମୟରେ ନିଜର ସୀତା ପରି•ପତ୍ନୀଙ୍କୁ ମଧ୍ୟ ଶ୍ରୀରମଚନ୍ଦ୍ରଙ୍କ ନିଷ୍ପତିରେ ଅଗ୍ନୀ ପରୀକ୍ଷା ଦେବାକୁ ପଡ଼ିଥିଲା। ଯଦି ରାହୁଲ ଗାନ୍ଧୀ ସେଠାରେ ଗୁଣ୍ଡାଗିରୀ କରିଛନ୍ତି, ତେବେ ତାହା ଧର୍ତବ୍ୟ ଅପରାଧ। ନଚେତ ଉଦ୍ଦେଶ୍ୟ ମୂଳକ ମିଛ ଓ ଅଧର୍ମର କୁପରିଣତି ଭବିଷ୍ୟତ ପାଇଁ ଅତି ଭୟଙ୍କର ହୋଇଥାଏ। ଗାଁ ଗଣ୍ଡାରେ ନ୍ୟାୟ ପାଇଁ ହେଉଥିବା ନିଶାପ କିମ୍ବା ଗାଁ ଓ ସହରରେ ହେଉଥିବା କଳିକଜିଆ ଠାରୁ ବି ସଂସଦ ଅଧିକ ତଳକୁ ଚାଲି ଯାଉଛି। ଏ ପବିତ୍ର ଏବଂ ସର୍ବୋଚ୍ଚ ଗୃହକୁ ନିର୍ବାଚିତ ହୋଇ ଯାଉଥିବା ମଣିଷ ମାନେ ଆଉ ଅଧିକ ସଂସଦର ମହାନତା ଏବଂ ସମ୍ବିଧାନକୁ ନଷ୍ଟଭଷ୍ଟ ନକରନ୍ତୁ। ସତ୍ୟ ଠାରୁ ବଡ ଶକ୍ତି ନାହିଁ। ଇତିହାସ ବଡ ନିଷ୍ଠୁର। ସେ ରାବଣ ଚରିତ୍ରକୁ ରାକ୍ଷସର ସ୍ଥାନ ଏବଂ ଶ୍ରୀ ରାମଚନ୍ଦ୍ର ଚରିତ୍ରରେ ଥିବା ମହାନ ବ୍ୟକ୍ତିଙ୍କୁ ଭଗବାନର ମର୍ଯ୍ୟାଦା ଦେବାରେ ତିଳେ ହେଲେ ଅବହେଳା କରିବ ନାହିଁ। ସମୁଦାୟ ପ୍ରସଙ୍ଗରେ ଭାରତ ଭଳି ମହାନ ରାଷ୍ଟ୍ର ପ୍ରଧାନମନ୍ତ୍ରୀ ଭାବେ ମୋଦିଜୀ ନୀରପେକ୍ଷ ମତ ଓ ପଦକ୍ଷେପ ନେଇ ଦେଶର ଗଣତନ୍ତ୍ର, ସମ୍ବିଧନ ଓ ସଂସଦର ମହାନତାକୁ ରକ୍ଷା କରନ୍ତୁ।

ଭୁବନପୁର, ଗଡ଼ମଧୁପୁର, ଧର୍ମଶାଳା, ଯାଜପୁର
ମୋବାଇଲ୍: ୯୪୩୭୦୧୯୧୧୭

# ପର୍ଯ୍ୟଟନସ୍ଥଳୀ, ବିକଶିତ ଓଡ଼ିଶା ଓ ସ୍ୱାବଲମ୍ବୀବର୍ଗ



**ଶ୍ୟାମସୁନ୍ଦର ସାମଲ**



ଶୀତ ବଢ଼ିଲାଣି। ସେହି କ୍ରମରେ ଓଡ଼ିଶାର ପର୍ଯ୍ୟଟନର ଶୀତୁଆ ଭିତରେ କିନ୍ତୁ ପରିବେଶକୁ ଗରମ କଲାଣି। ଚଳିତ ବର୍ଷ ଶୀତ ବହୁ ବିଳମ୍ବରେ ଓଡ଼ିଶାରେ ପାଦ ଥାପିଛି। କୋରାପୁଟ, କନ୍ଧମାଳ ଭଳି କେତେକ ଜିଲ୍ଲାରେ ଟିକେ ଅଧିକ ଶୀତ ଅନୁଭୂତ ହେଉଥିବାବେଳେ ଉପକୂଳ ଓଡ଼ିଶାରେ କମ ଅନୁଭବ ହେଉଛି। ତେବେ ଶୀତ ଋତୁରେ ପର୍ଯ୍ୟଟନ ଋତୁ ପାଇଁ ବ୍ୟବସାୟୀଙ୍କ ଠାରୁ ଆରମ୍ଭ କରି ବିଦେଶୀ ପର୍ଯ୍ୟଟକଙ୍କ ପର୍ଯ୍ୟନ୍ତ ସମସ୍ତେ ପିକନିକ ସ୍ପଟ ଗୁଡ଼ିକରେ ଯେପରି ଭିଡ଼ ଲଗାନ୍ତି ତାହା ଏବେ ପର୍ଯ୍ୟନ୍ତ ଅନୁଭୂତ ହୋଇପାରିନାହିଁ। ସବୁଠାରୁ ବଡ଼ କଥା ହେଲା ଓଡ଼ିଶାର ଶୀତର ମଜା ନେବା ପାଇଁ ୪୮୫ କିଲୋମିଟର ସମୁଦ୍ର ବେଳାଭୂମି ସାଙ୍ଗକୁ ରହିଛି ବହୁ ପ୍ରାଚୀନ ପର୍ଯ୍ୟଟନ ସ୍ଥଳୀ। ଏହା ସହିତ ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଧାମ ସହିତ କୋଣାର୍କ ଅର୍କକ୍ଷେତ୍ର, ସମ୍ବଲପୁରରେ ମା'ସମଲେଇ, କଳାହାଣ୍ଡିରେ ମା' ମାଣିକେଶ୍ୱରୀ, ବାଣପୁରରେ ମା'ଭଗବତୀ, ଚିଲିକା, ଅଂଶୁପା ଭଳି ବହୁ ପର୍ଯ୍ୟଟନସ୍ଥଳରେ ଏବେ ପର୍ଯ୍ୟନ୍ତ ବ୍ୟବସାୟୀମାନେ ଆଶାନୁରୂପ ଲାଭ କରିପାରି ନାହାନ୍ତି। ପର୍ଯ୍ୟଟକଙ୍କ ଭିଡ଼ ଧୀରେ ଧୀରେ ବଢ଼ୁଥିବାବେଳେ ପର୍ଯ୍ୟଟନସ୍ଥଳୀ ଚଳଚଞ୍ଚଳ ହୋଇ ଉଠୁଛି।

ତେବେ ପର୍ଯ୍ୟଟନ ଋତୁ ଆରମ୍ଭ ହୋଇ ଯାଇଥିବାରୁ ସମଗ୍ର ପୁରୀ ଜିଲ୍ଲା ଏବେ ଚଳଚଞ୍ଚଳ ହୋଇ ଉଠିଛି। ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପର୍ଯ୍ୟଟକ ଓ ତୀର୍ଥଯାତ୍ରୀମାନେ ଶ୍ରୀମନ୍ଦିର, ବେଳାଭୂମି ସମେତ ଚିଲିକା ଓ କୋଣାର୍କ ଆଦି ବୁଲି ଦେଖିବା ପାଇଁ ଭିଡ଼ ଜମାଇଛନ୍ତି। ଶ୍ରୀଜଗନ୍ନାଥ ମନ୍ଦିରରେ ଓଡ଼ିଶାର ପୂର୍ବ ସାମୁଦ୍ରିକ ତଟବର୍ତ୍ତୀ ନିକଟରେ ଅବସ୍ଥାପିତ ଏହା ଏକ ପ୍ରାଚୀନ ସହର ଏବଂ ଭାରତ ବର୍ଷର ପ୍ରସିଦ୍ଧ ଚାରିଧାମ ମଧ୍ୟରୁ ଗୋଟିଏ। ମନ୍ଦିରର ଗଡ଼ଣ ଚୌହଦି ଚାରିଦିଗରେ ଅନେକ କ୍ଷୁଦ୍ରାକୃତ ଦେବପୂଜାସ୍ଥଳୀ ପରିବେଷ୍ଟିତ ହୋଇଛି। ସେହିପରି ବିଶ୍ୱରେ କୋଣାର୍କ ସୂର୍ଯ୍ୟ ମନ୍ଦିର ୧୩ଶହ ଶତାବ୍ଦୀରେ ନିର୍ମିତ। ଏହା ପ୍ରାଚୀ ନଦୀ ଓ ବଙ୍ଗୋପସାଗର ସଂଗମ ସ୍ଥଳ ପ୍ରାୟ ୧୨୫୦ ଖ୍ରୀଷ୍ଟାବ୍ଦରେ ଲାଙ୍ଗୁଳା ନରସିଂହ ଦେବଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ଓଡ଼ିଶାର ଚିଲିକା କହିଲେ ଏସିଆ ମହାଦେଶର ଅନ୍ୟତମ ଜୈବ ବିବିଧତା। ମରାଳ ମାଳିନୀ ନୀଳାମ୍ବୁ ଚିଲିକା ଭାରତର ପୂର୍ବ ଉପକୂଳରେ ଅବସ୍ଥିତ ଏକ ବୃହତ୍ତମ ଅର୍ଦ୍ଧଲୁଣି ହ୍ରଦ। ସେହିପରି କାକଟପୁର ପ୍ରାଚୀ ନଦୀ କୂଳରେ ଅବସ୍ଥିତ। ମା'ମଙ୍ଗଳାଙ୍କ ଅବସ୍ଥିତି ଯୋଗୁଁ ଏହା ପ୍ରସିଦ୍ଧ ଲାଭ କରିଛି। ମା'ମଙ୍ଗଳା ବିଭିନ୍ନ ପାର୍ଶ୍ୱ ଦେବୀଦେବତାଙ୍କ ପରିବେଷ୍ଟିତ ଅଟନ୍ତି। ଅଲାରନାଥ ପୀଠ ସହିତ ମହାପ୍ରଭୁଙ୍କ ଜଗନ୍ନାଥ ସଂସ୍କୃତି ଯୋଡ଼ି ହୋଇ ରହିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅନବସର ସମୟରେ ଏଠାରେ ଅବସ୍ଥାନ କରିଥାନ୍ତି। ଅନବସର ଦୁଇ ସପ୍ତାହ ସମୟରେ ଅଟେ, ଯେଉଁଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥ ସ୍ନାନ ପୂର୍ଣ୍ଣିମା ଦିନ ଅମୁଦ୍ରା କୂଅର ୧୦୮ ଗରା ଜଳ ସ୍ନାନ କାରଣରୁ ଜରରେ ପଡ଼ି ଏଥିରୁ ଭଲ ହେବା ପର୍ଯ୍ୟନ୍ତ ଅଣସର ପିଣ୍ଡିରେ ଅବସ୍ଥାନ କରନ୍ତି। କଟକ ଜିଲ୍ଲା ବାଙ୍କୀର ପର୍ଯ୍ୟଟନସ୍ଥଳୀ ପ୍ରକୃତି ଉଦ୍ୟାନ ଅଂଶୁପା ଏକ ଅନନ୍ୟ ପର୍ଯ୍ୟଟନସ୍ଥଳୀ। ଅଶ୍ୱଖୁରାକୃତି ଏହି ମଧୁର ଜଳ ହ୍ରଦର ପ୍ରାକୃତିକ ଶୋଭା ମନକୁ କରେ ଆନମନା। ଏଠାକୁ ପର୍ଯ୍ୟଟକ ଆସି ପ୍ରକୃତିର ଶୋଭା ରାଜିକୁ ମନ ଭରି ଉପଭୋଗ କରୁଛନ୍ତି। ଏହାସହ ଏଠି ଏବେ ଜମୁଛି ଭୋଜିଭାତର ଆସର। ପ୍ରାକୃତିକ ସୌନ୍ଦର୍ଯ୍ୟର ଭରପୁର ମଜା ନେବା ସହ ବଣଭୋଜି ମଜା ନେଉଛନ୍ତି ପର୍ଯ୍ୟଟକ। ଶୀତ ବଢ଼ୁଥିବା ବେଳେ ପୁରୀ ବ୍ରହ୍ମଗିରିର ବାଲିହରଚଣ୍ଡୀ ପୀଠ ପାଲଟିଛି ପିକନିକ ହବ। ସେହିପରି କଳାହାଣ୍ଡିର ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ କରୁଛି ଆନମନା। ପ୍ରାକୃତିକ ସୌନ୍ଦର୍ଯ୍ୟ ସହ ପାହାଡ଼ର ବୁକୁ ଚିରି କୁଳୁକୁଳୁ ନାଦରେ ବୋହି ଯାଉଛି ଫୁଲିରଝରନ ଓ ରାବଣ ଧାର ଜଳପ୍ରପାତର ସୁଅ।

ଏସବୁ ପର୍ଯ୍ୟଟନ କ୍ଷେତ୍ର ଭିତରେ କେନ୍ଦ୍ରାପଡ଼ା ରାଜନଗରର ଡାଙ୍ଗମାଳ, ଗହୀରମଥା ଏକ ଚମତ୍କାର ଓ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ସମ୍ପ୍ରତି ରାଜନଗର ତହସିଲଦାର ଭାବେ କାର୍ଯ୍ୟରତ ଅଜୟ କୁମାର ମହାନ୍ତି ଜଣେ କର୍ତ୍ତବ୍ୟନିଷ୍ଠ ପ୍ରଶାସନିକ ଦକ୍ଷ ଅଫିସର ଭାବେ ସ୍ଥାନୀୟ ଅଞ୍ଚଳରେ ଲୋକମାନଙ୍କର ଯେତିକି ପ୍ରିୟ ଭାଜନ ହୋଇପାରିଛନ୍ତି ଉପରିସ୍ଥ ଅଧିକାରୀମାନେ ତାଙ୍କ ଉପରେ ଗଭୀର ଆସ୍ଥା ରଖିବା ସହ ସେ ମଧ୍ୟ ସଦାସର୍ବଦା ଏହାକୁ ନିର୍ବାହ କରିଛନ୍ତି। ଜୀବନ ତମାମ ଉତ୍ସର୍ଗୀକୃତ ସାଧୁତା, ସଚ୍ଚୋଟତାକୁ ଜୀବନର ବ୍ରତ କରିଥିବା ଅଜୟ କୁମାର ମହାନ୍ତି ଓଡ଼ିଶା ପ୍ରଶାସନିକ ମହଲରେ ଜଣେ କର୍ତ୍ତବ୍ୟନିଷ୍ଠ ଓ ସଚ୍ଚୋଟ ଅଫିସର। ରାଜନଗର ଏକ ଚିର ବିପର୍ଯ୍ୟୟ ବନ୍ୟା, ବାତ୍ୟାପରି ଅଞ୍ଚଳରେ ସେ ପ୍ରଶାସନକୁ ସକ୍ରିୟ କରି ଲୋକମାନଙ୍କର ସେବାରେ ନିଜକୁ ନିୟୋଜିତ ରଖିଛନ୍ତି। ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରରେ ରାଜନଗର ତହସିଲର ଉଲ୍ଲେଖନୀୟ ଅବଦାନ ଓ ଯୋଗଦାନ ରହିଛି। ଓଡ଼ିଶାର ପର୍ଯ୍ୟଟନର ବିକାଶ କ୍ଷେତ୍ରରେ ନୂଆ ସରକାର ଅନେକ ଲୋକପ୍ରିୟ ଯୋଜନା ହାତକୁ ନେଉଛନ୍ତି ବିଶେଷକରି ମହିଳା ସ୍ୱାବଲମ୍ବୀ ବର୍ଗମାନେ ନିଜ ହସ୍ତ ଉତ୍ପାଦିତ ସାମଗ୍ରୀକୁ ବିକ୍ରୟ କରି ବେଶ ଦୁଇପଇସା ପାଇପାରୁଛନ୍ତି। ଯୋଗାଯୋଗ କ୍ଷେତ୍ରରେ ପର୍ଯ୍ୟଟନର ଆହୁରି ବିକାଶର ଆବଶ୍ୟକତା ମଧ୍ୟ ରହିଛି। ପର୍ଯ୍ୟଟନସ୍ଥଳୀରେ ଯେପରି ନିଶାମୁକ୍ତ ହେବ ଏବଂ କୌଣସି ପ୍ରକାର ହିଂସାତ୍ମକ ପରିସ୍ଥିତି ଠାରୁ କେତେକ ଅଞ୍ଚଳରେ ହେଉଥିବା ସ୍ଥାନୀୟ କିଛି ଲୋକଙ୍କ ଦ୍ୱାରା ଅର୍ଥ ଶୋଷଣ, ଏପରି କ୍ଷେତ୍ରରେ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉ। ଖବରକାଗଜ ଓ ସୋସିଆଲ ମିଡ଼ିଆରେ ସରକାରୀ ଭାବେ ପ୍ରଚାର ପ୍ରସାର ହେଉ ଏବଂ ଲୋକମାନେ ମଧ୍ୟ ନିଜ ନିଜ ଅଞ୍ଚଳରେ ରହିଥିବା ପର୍ଯ୍ୟଟନସ୍ଥଳୀ ସମ୍ପର୍କରେ ଅନ୍ୟ ମାନଙ୍କୁ ଜଣାଇବା ପାଇଁ ଏହାକୁ ଖବରକାଗଜ ହେଉ ବା ସୋସିଆଲ ମିଡ଼ିଆ ଦ୍ୱାରା ପ୍ରଚାର ପ୍ରସାର କରନ୍ତୁ। ଉତ୍ତମ ପରିବହନ, ରାସ୍ତା ସହ ସୂଚୀତ ମାର୍ଗ ଓ ଉନ୍ନତମାନର ବିଶ୍ରାମ ବ୍ୟବସ୍ଥା ଏହିପରି କିଛି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ସରକାର ଦେଖନ୍ତୁ। ଯାହାଦ୍ୱାରା ପର୍ଯ୍ୟଟନର ବିକାଶ ହୋଇପାରିବ, ଲୋକମାନେ ଦୁଇପଇସା ଉପାର୍ଜନ କରି ବିଶେଷକରି ମହିଳାମାନେ ସ୍ୱାବଲମ୍ବୀ ହୋଇପାରିବେ। ସରକାରୀ ଭାବେ ରାଜସ୍ୱ ବଢ଼ିବ, ନିଜ ଅଞ୍ଚଳର ବିକଶିତ ହୋଇପାରି ନଥିବା କିଛି ପ୍ରତିଭା ବା ଉତ୍ପାଦିତ ସାମଗ୍ରୀ ସମ୍ପର୍କରେ ଅନ୍ୟମାନେ ଜାଣିପାରିବେ ଏବଂ ବିଶ୍ୱସ୍ତରରେ ପର୍ଯ୍ୟଟକମାନେ ଜାଣିବା ପରେ ଏହା ଆନ୍ତର୍ଜାତୀକ ପର୍ଯ୍ୟଟନ ତାଲିକାରେ ସୂଚୀତ ହୋଇପାରିବ। ଏ କ୍ଷେତ୍ରରେ ପ୍ରଶାସନକୁ ସହଯୋଗ କରିବା ଦାୟିତ୍ୱ ଆମ ସମସ୍ତଙ୍କର।

ବିଡ଼ାନାସୀ ବନ୍ଧଛକ, କଟକ
ମୋବାଇଲ୍: ୯୭୭୮୬୩୫୯୨୬

# ଜ୍ୟୋତିଷୀ କେବଳ ଜ୍ୟୋତିଷୀ ବିଦ୍ୟାଧର ନୁହଁନ୍ତି

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**



ବିଦ୍ୟାଧାରଣ କରିଥିବା ବ୍ୟକ୍ତି ହିଁ ବିଦ୍ୟାଧର ମାତ୍ର ଏକ ବିଦ୍ୟାରେ ବ୍ରତୀ ମାତ୍ର ଅନ୍ୟ ବିଦ୍ୟା ଏହା ମଧ୍ୟରେ ଏକ ବିଶେଷ ଅଧ୍ୟାୟରେ ପ୍ରାସଙ୍ଗିକ ହୋଇଥାଏ। ଅନେକ ସନ୍ନ୍ୟାସୀଙ୍କୁ ରୋଗର ଆରୋଗ୍ୟକାରୀ ଉପାୟ ପଚାରନ୍ତି। ଅନେକ ହାତ ଦେଖାଇ ସ୍ୱ ଭବିଷ୍ୟତ ଜାଣିବାକୁ ଉତ୍ସୁକ ହୋଇଥାନ୍ତି। ଅନେକ ସଂସାର ତ୍ୟାଗୀଙ୍କୁ କେହି କାହାର ସାଂସାରିକ ସମସ୍ୟା କଥା ପଚାରନ୍ତି ଏ ଏକ ନିତ୍ୟ କଥା। ସେପରି କୌଣସି ଚିକିତ୍ସକଙ୍କୁ କେହି କେହି ସେ ଜାଣିଥିବା ବା କୌଣସି ରୋଗର ଅଭିଜ୍ଞ ଥିଲେ ବି ଭିନ୍ନ ରୋଗ ସମ୍ବନ୍ଧରେ କିଛି ପରାମର୍ଶ ଲୋଡ଼ନ୍ତି। ହଁ ତାଙ୍କର ମୌଳିକ ଜ୍ଞାନରେ ଏ ସମ୍ବନ୍ଧରେ ସାମ୍ୟକ ମତ ସେ ଦେଇଥାନ୍ତି ମାତ୍ର ବିଶେଷ ଜ୍ଞାନ ପାଇଁ ଉଦ୍ଦିଷ୍ଟ ବିଭାଗ ଚିକିତ୍ସକଙ୍କ ପରାମର୍ଶ ପାଇଁ ମତ ଦିଅନ୍ତି ମାତ୍ର ଏମିତି କଥା ଅଛି ବିଛା ମନ୍ତ୍ର ନଜାଣି ଅନେକ ସାପ ଗଡ଼ରେ ହାତ ପୁରାନ୍ତି।

ଅନେକ ନିର୍ମାଣ ସ୍ଥପତି ନିର୍ମାଣଟି ନିର୍ମାଣର ମୌଳିକ ସ୍ତର ଦ୍ରବ୍ୟାଦିକୁ ତଦନ୍ତ କରି ନିର୍ମାଣ ତ୍ରୁଟି କେତେ ସମୟ ରହିପାରେ କହି ପାରନ୍ତି। ରୋଗୀର ଅବସ୍ଥା ବୁଝି ଡାକ୍ତର ଅଭିଜ୍ଞ ଥିଲେ ରୋଗୀର ପ୍ରାଣ ସଂକଟ ହେବାକୁ ଯାଉଛି କହିପାରନ୍ତି। କୌଣସି ପରୀକ୍ଷା ରୋଗୀର କିଛି ବ୍ୟତିକ୍ରମରେ କେଉଁ ରୋଗ ଧରିଛି କି ଭୋଗ ହେଉଛି ତାହା କହିପାରୁଛନ୍ତି। ପିଲାଟି ମନଯୋଗ ସହ ପଢ଼ୁନାହିଁ ଶ୍ରେଣୀ ପ୍ରଶ୍ନର ଉତ୍ତର ସଠିକ ଦେଇପାରୁ ନାହିଁ ଏ କ୍ଷେତ୍ରରେ ପିଲାଟି ଯେ ଶେଷ ପରୀକ୍ଷାରେ ଅସଫଳ ହେବ ଏହା ଶିକ୍ଷକ କହିପାରୁଛନ୍ତି। ବର କନ୍ୟାଙ୍କର ବିବାହ ଧୁମ୍‌ଧାମରେ ହେଉଛି ଏଥିରେ ସ୍ୱାମୀଟି ଭଲ ହେବ କି ସ୍ତ୍ରୀଟି ଭଲ ହେବ ବିବାହ ଦେଖାଶୋହାରୀରେ ଅଭିଜ୍ଞମାନେ ଠାରଠୁରା କଥା ହୁଅନ୍ତି। ଭାତ ଫୁଟିଲେ ବାସ୍ନା ଜାଣି ଭାତ ହୋଇଗଲାଣି ଅଭିଜ୍ଞ ସ୍ତ୍ରୀ ଲୋକମାନେ କହିଥାନ୍ତି। ବାୟୁର ଗତି ଆଗାମୀ ପାଣିପାଗ କଣ ହେବ ଏକଥା ଅଭିଜ୍ଞ ପୁରୁଖାମାନେ କହି ଦେଇଥାନ୍ତି। ପ୍ରକୃତରେ ତାହା ହିଁ ଘଟେ। ପଶୁପକ୍ଷୀଙ୍କ ଚେଷ୍ଟାରୁ ଆଗାମୀ ସମୟରେ କଣ ଘଟିବ ଏକଥା ଅନେକ ସଠିକ ମନ୍ତବ୍ୟ ଦିଅନ୍ତି। ଏମିତି ରସାୟନବିତ ମାନେ ରସାୟନ ପ୍ରସ୍ତୁତ ସଠିକ ହୋଇଗଲାଣି ନାହିଁ ରଙ୍ଗ ଗନ୍ଧ ଓ ତାର ବିଭିନ୍ନ ପରୀକ୍ଷା ପ୍ରତିକ୍ରିୟାରୁ କହିଥାନ୍ତି ଯାହା ସଠିକ। ଗର୍ଭବତୀ ସ୍ତ୍ରୀର ମନର ଭାବ ତତ୍କାଳ ଅନେକ ଚେଷ୍ଟା ଆକାଂକ୍ଷାରୁ ଅଭିଜ୍ଞ ସ୍ତ୍ରୀଲୋକ ମାନେ ସେ ସ୍ତ୍ରୀ ପୁଅ କି ଝିଅ ହେବ କହିପାରନ୍ତି। କାଶିଆ କପିଳା କାହାଣୀରେ ଅଛି। କାଶିଆ ଦୂରରୁ ଦେଖିଲା କପିଳା ନିଘୋଡ଼ ନିଦରେ ଶୟନ କରିଥିବା ବେଳେ ଏକ ନାଗ ତାର ମୁଣ୍ଡ ଉପରେ ଫଣା ଟେକି ରହିଥିଲା ସେଥିରେ ସେ କପିଳାକୁ ଡାକି କହିଲା ଆରେ ତୁ ରାଜା ହେବୁରେ ରାଜା ହେବୁ ସତକୁ ସତ କପିଳା ହୋଇଥିଲା କପିଳେନ୍ଦ୍ରଦେବ। ମେରୀ ମ୍ୟାଡ଼ାମ କ୍ୟୁରୀଙ୍କ ପିଲାବେଳେ ଏକ ବୁଢ଼ୀ ତାଙ୍କ ହାତ ଦେଖି କହିଥିଲା ମେରୀ ରାଣୀ ହେବ, ସମୟ ଆସିଲା ମ୍ୟାଡ଼ାମ କ୍ୟୁରୀ ରେଡ଼ିୟମ ସନ୍ଧାନୀ ହୋଇ ଜଗତ ହିତରେ କାମରେ ଲଗାଇଲେ ସେ ଏଥିରେ ରାଣୀ ହେଲେ ନାହିଁ କି? ଅନେକ ଏପରି ଶକୁନ ଦେଖି କହିଥାନ୍ତି। ପ୍ରକୃତରେ ଏମାନେ ଜ୍ୟୋତି ଶାସ୍ତ୍ର ବିଧି ପଢ଼ି ନଥାନ୍ତି କି ସେପରି ଅଧ୍ୟବସାୟୀ ନୁହନ୍ତି। ମାତ୍ର ଏକ ବିଦ୍ୟାରେ ବ୍ରତୀ ଏମିତି ଅନ୍ୟ ଶାଖା ନିଖୁଣ ଭାବରେ ପ୍ରକାଶ କରିଥାନ୍ତି। ହୀରାକୁଦ ବନ୍ଧ ଏକ ଆଶ୍ଚର୍ଯ୍ୟ ଏହାର ନିର୍ମାତା ଓ ଭାରପ୍ରାପ୍ତ ଇଞ୍ଜିନିୟରମାନେ ବନ୍ଧର ଭବିଷ୍ୟତ ମରାମତି ବାରମ୍ବାର କରିବାକୁ ମତ ଦିଅନ୍ତି ହେଲେ ମାଟି ସିମେଣ୍ଟ କଂକ୍ରିଟ ଗୋଡ଼ି କେତେ ଦିନରେ ପରସ୍ପର ସହାୟକ ହୋଇପାରିବ ସମ୍ଭବ ହେବନାହିଁ ଏହା ଆରମ୍ଭ କଲାବେଳେ ଆନୁମାନିକ ସ୍ତରରେ ସ୍ଥୁଳତଃ ଧରି କହିଥିବେ ବିଚାର କଲେ ଧ୍ରୁବ ସତ୍ୟରେ ଯଦି ଅଛି ଜନ୍ମଜାତର ନିଶ୍ଚେ ମୃତ୍ୟୁ ତେବେ ଦେଶର କର୍ଣ୍ଣଧାରମାନେ କଣ ଭବିଷ୍ୟତ ବଂଶଧରଙ୍କ ପାଇଁ ଢ଼ିଲା ମାରିବା ଉଚିତ କି? ଲେଖାଅଛି କଳିଯୁଗ ଶେଷ ବେଳକୁ ଗଙ୍ଗା ନଦୀରେ ଜଳ ଉପରୁ ତଳକୁ ଆଉ ଆସିବ ନାହିଁ। ଅନେକ ନଦୀ ଏବେ ନାମରେ ଅଛି ମାତ୍ର ଟିକେ ବି ଜଳନାହିଁ କି ଜଳ ପ୍ରବାହ ନାହିଁ। ଦୂରକୁ ଯାଆନ୍ତୁ ନାହିଁ ବୋଇତ ଚାଲୁଥିବା ଅଳକା ପ୍ରାଚୀ ଏବେ ଶୁଖା ଖଡ଼ଖଡ଼। ଆସ୍ତେ ଆସ୍ତେ ମହାନଦୀ ତଳମୁଣ୍ଡ ଶୁଷ୍କ ଦିଗକୁ ଚାଲିଲାଣି। ଅନେକ ଆନିକଟ ବନ୍ଧ କରିବା ବଡ଼ ବଡ଼ କଳ କାରଖାନାକୁ ଜଳ ନଦୀରୁ ଜଳ ଟଣାଯାଉଛି ଏଥିରେ ତଳମୁଣ୍ଡକୁ ପାଣି ଗଡ଼ିବ କିପରି?

ବର୍ଣ୍ଣଶଙ୍କର ମନୁଷ୍ୟ ଫଳମୂଳ ଫୁଲ ସବୁ ହେବାକୁ ଲାଗିଲାଣି। ଗୀତାରେ ବର୍ଣ୍ଣଶଙ୍କର ଜାତ ଲେଖାଥିଲା। ଏବେ ଏହା ଦେହ ସୁହା। ସନ୍ତାନ ପାଇଁ ଶୁକ୍ର ବା ଡିମ୍ବ ଡ଼ୋନର ଏବେ ଦରକାର। ତେବେ ପୂର୍ବର ନିୟୋଗ ପ୍ରଥା ଅବୈଧ ପଦ୍ଧତି ଜାରଜ ସନ୍ତାନ ଏବେ ରୂପାନ୍ତର ହୋଇ ଚାଲିଲାଣି। ଏସବୁ ଯେଉଁମାନେ ବୟାନ କରିଥିଲେ ସେମାନେ କେତେ ବଡ଼ ଭବିଷ୍ୟତ ବ୍ୟକ୍ତା କଣ ବୁଝିବା କଷ୍ଟ ହେଉଛି କି? ଜ୍ୟୋତିଷୀ ନ ହୋଇ ଏମିତି ଅନେକ ଜ୍ୟୋତିଷୀ ପରି ଭବିଷ୍ୟତ ବକ୍ତା ଥିଲେ ଓ ଆଗକୁ ବି ଆସିବେ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍
ଅରୁଣୋଦୟ ମାର୍କେଟ, କଟକ, ମୋବାଇଲ୍: ୯୪୩୭୦୩୧୨୫୩

# ହଙ୍ଗାମା ଭିତରେ ସରିଲା ଶୀତ ଅଧିବେଶନ

## ଉଭୟ ଗୃହ ସାଇନ ଏ ଡାଏ



**ନୂଆଦିଲ୍ଲୀ,୨୦।୧୨:** ସରିଲା ସଂସଦର ଶୀତ ଅଧିବେଶନ। ଶେଷ ଦିନରେ ଚାଲିପାରିଲା ନାହିଁ ଗୃହ। ହୋ ହାଲ୍ଲା ମଧ୍ୟରେ ଶେଷ ହୋଇଛି ସଂସଦର ଶୀତ ଅଧିବେଶନ। ଅନିର୍ଦ୍ଦିଷ୍ଟକାଳ ଯାଏଁ ଗୃହ ମୁଲତବୀ ହୋଇଛି। ଉଭୟ ଗୃହକୁ ସାଇନ ଏ ଡାଏ ଘୋଷଣା କରିଛନ୍ତି ବାଚସ୍ପତି। ପ୍ରଥମେ ଲୋକସଭା ଓ ପରେ ରାଜ୍ୟସଭାକୁ ସାଇନ ଏ ଡାଏ ଘୋଷଣା ହୋଇଛି।

ସଂସଦର ଶୀତ ଅଧିବେଶନର ଶେଷ ଦିନରେ ଉଭୟ ଗୃହରେ ଜୋରଦାର ହଙ୍ଗାମା ହୋଇଥିଲା। ଶେଷ ଦିନରେ ବିଜେପି ଓ କଂଗ୍ରେସ ମଧ୍ୟରେ ଜୋରଦାର ହୋ ହାଲ୍ଲା ହୋଇଥିଲା। ଆଜି (ଶୁକ୍ରବାର) ଅଧିବେଶନର ଅନ୍ତିମ ଦିନ ଥିଲା। ମାତ୍ର ଗୃହ କାର୍ଯ୍ୟ ଆରମ୍ଭ ହେବା କ୍ଷଣି ଅଚଳ ହୋଇଥିଲା। ବିରୋଧୀ ସାଂସଦ ଆମ୍ବେଦକରଙ୍କ ଉପନାମକୁ ନେଇ ହଙ୍ଗାମା କରିଥିଲେ। ପୋଡିୟମ ପାଖକୁ ଆସି ବିରୋଧୀ ସାଂସଦ ହଙ୍ଗାମା କରିଥିଲେ। ବାଚସ୍ପତି ବାରମ୍ବାର କହିବା ପରେ ବି କେହି କର୍ଣ୍ଣପାତ କରି ନଥିଲେ। ଫଳରେ ପ୍ରଥମେ ଲୋକସଭା ଓ ପରେ ରାଜ୍ୟସଭାକୁ ସାଇନ ଏ ଡାଏ ଘୋଷଣା କରାଯାଇଥିଲା। ଶେଷ ଦିନରେ ଜୋର ଧରିଲା ରାଜନୀତି- ଶୀତ ଅଧିବେଶନର ଅନ୍ତିମ ଦିନରେ ସଂସଦରେ ରାଜନୀତି ଜୋର ଧରିଥିଲା। ସଂସଦରେ ଧସ୍ତାଦସ୍ତି ଘଟଣା ଓ ୨ ବିଜେପି ସାଂସଦ ପ୍ରତାପ ଷଡଙ୍ଗୀ ଓ ମୁକେଶ ରାଜପୁତ ଆହତ ହେବାକୁ ନେଇ ରାଜନୀତି ଉଷ୍ମ ହୋଇଥିଲା। ସଂସଦରେ ଧସ୍ତାଧସ୍ତିଠୁ ନେଇ ଆମ୍ବେଦକରଙ୍କ ଉପନାମ ଯାଏ ଘଟଣାକୁ ନେଇ ହାତରେ ପ୍ଲାକାର୍ଡ ଧରି ବିଜୟ ଚୌକଠୁ ନେଇ ସଂସଦ ଭବନ ଯାଏ ମାର୍ଚ୍ଚ କରିଥିଲେ। ଅଧିବେଶନର ଶେଷ ଦିନରେ ଏକ ଦେଶ ଏକ ନିର୍ବାଚନ ବିଲକୁ ଜେପିସି ନିକଟକୁ ପଠାଇବାକୁ ପ୍ରସ୍ତାବ ମଞ୍ଜୁରୀ ଦିଆଯାଇଛି।

ପ୍ରକାଶ ଥାଉ କି, ନଭେମ୍ବର ୨୫ ତାରିଖରୁ ସଂସଦର ଶୀତ ଅଧିବେଶନ ଆରମ୍ଭ ହୋଇଥିଲା। ଏଥିରେ ୧୯ଟି କାର୍ଯ୍ୟ ଦିବସ ରହିଥିଲା। ମୋଟ ୨୧ଟି ବିଧେୟକ ଉପରେ ଆଲୋଚନା ହେବାର ଥିଲା। ଅତିବେଶୀରେ ୫ଟି ଦିନ ଉଭୟ ଗୃହରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିବ ବାକି କୌଣସି ଦିନ ଗୃହ ଚାଲିପାରିନଥିଲା। ଆଦାନୀ, ମଣିପୁର ଓ ସମ୍ବଲ ହିଂସାକୁ ମୁଦ୍ଦା କରି ବିରୋଧୀ ହୋ ହାଲ୍ଲା କରୁଥିଲେ। ଏହି ପ୍ରସଙ୍ଗରେ ଶାସକ ଦଳକୁ ଜବାବ ମାଗି ଗୃହରେ ହଙ୍ଗାମା କରୁଥିଲେ। ବାଚସ୍ପତିଙ୍କ ଅନୁରୋଧ ପରେ ବି ଶୁଣୁନଥିଲେ ବିରୋଧୀ। ଫଳରେ ବାରମ୍ବାର ଗୃହକୁ ମୁଲତବୀ କରିବାକୁ ପଡୁଥିଲା।

## ଆଖି ବୁଜିଲେ ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମ୍ ପ୍ରକାଶ ଚୌତାଲା



**ଚଣ୍ଡିଗଡ଼, ୨୦।୧୨:** ଆଖି ବୁଜିଲେ ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମ୍ ପ୍ରକାଶ ଚୌତାଲା। ମୃତ୍ୟୁ ବେଳକୁ ତାଙ୍କୁ ୮୯ ବର୍ଷ ବୟସ ହୋଇଥିଲା। ଗୁରୁଗ୍ରାମସ୍ଥିତ ନିଜ ବାସଭବନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଓମ୍ ପ୍ରକାଶ ଇଣ୍ଡିଆନ ନ୍ୟାସନାଲ ଲୋକଦଳର ଅଧ୍ୟକ୍ଷ ଥିବା ବେଳେ ୫ ଥର ହରିୟାଣାର ମୁଖ୍ୟମନ୍ତ୍ରୀ ପଦ ସମ୍ଭାଳିଥିଲେ।

ଓମ୍‌ପ୍ରକାଶଙ୍କ ପିତା ଥିଲେ ଚୌଧୁରୀ ଦେବୀଲାଲ। ସେ ହରିୟାଣାର ପୂର୍ବ ମୁଖ୍ୟମନ୍ତ୍ରୀ ହୋଇଥିବା ବେଳେ ଭାରତର ଉପ ପ୍ରଧାନମନ୍ତ୍ରୀ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ଦେବୀଲାଲଙ୍କ ୫ ସନ୍ତାନ ମଧ୍ୟରୁ ଓମ୍‌ପ୍ରକାଶ ଚୌତାଲା ସବୁଠୁ ବଡ଼ ଥିଲେ। ଦେବୀଲାଲ ଡେପୁଟି ପ୍ରଧାନମନ୍ତ୍ରୀ ପଦରେ ବସିବା ପରେ ବଡ଼ ପୁଅ ଓମ୍‌ପ୍ରକାଶ ଚୌତାଲା ହରିୟାଣା ମୁଖ୍ୟମନ୍ତ୍ରୀ ଭାବେ ନିର୍ବାଚିତ ହେଲେ। ନିଜ ଜୀବନ କାଳ ମଧ୍ୟରେ ସେ ୫ ଥର ମୁଖ୍ୟମନ୍ତ୍ରୀ ପଦରେ ବସିଥିଲେ। ଦୀର୍ଘ ବର୍ଷ ଧରି ମୁଖ୍ୟମନ୍ତ୍ରୀ ପଦ ସମ୍ଭାଳିଥିବା ଓମ୍ ପ୍ରକାଶ ଚୌତାଲାଙ୍କ ଶିକ୍ଷାଗତ ଯୋଗ୍ୟତା କିନ୍ତୁ ବେଶି ନ ଥିଲା। ଏହା ତାଙ୍କୁ ଖୁବ୍ କଷ୍ଟ ଦେଇଥିଲା। ତେଣୁ ୮୭ ବର୍ଷ ବୟସରରେ ସେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦେଇ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ। ଓମ୍‌ପ୍ରକାଶ ଚୌତାଲା ୧୯୩୫ ମସିହା ଜାନୁୟାରୀ ୧ ତାରିଖରେ ପଞ୍ଜାବର ଚୌତାଲାରେ ଜନ୍ମ ଗ୍ରହଣ କରିଥିଲେ। ସେ ସ୍ନେହଲତା ଚୌତାଲାଙ୍କୁ ବିବାହ କରିଥିବା ବେଳେ ତାଙ୍କର ୫ ସନ୍ତାନ ଅଛନ୍ତି।

## ବୋଟ୍ ଦୁର୍ଘଟଣା
## ମୃତ୍ୟୁ ସଂଖ୍ୟା ୧୪କୁ ବୃଦ୍ଧି

**ମୁମ୍ବାଇ, ୨୦।୧୨:** ବୁଧବାର ଅପରାହ୍ନରେ ମୁମ୍ବାଇ ଗେଟ୍‌ଓ୍ୱେ ଅଫ୍ ଇଣ୍ଡିଆ ନିକଟରେ ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ଏକ ଫେରିବୋଟ୍‌କୁ ନୌସେନାର ସ୍ପିଡ୍ ବୋଟ୍ ଧକ୍କା ଦେବା ଘଟଣାରେ ମୃତ୍ୟୁ ସଂଖ୍ୟା ୧୪କୁ ବୃଦ୍ଧି ପାଇଛି। ପୂର୍ବରୁ ଏହି ଦୁର୍ଘଟଣାରେ ୧୩ ଜଣଙ୍କ ମୃତ୍ୟୁ ହୋଇଥିଲା। ଉଦ୍ଧାରକାରୀ ଦଳ ଗତକାଲି ଆଉ ଏକ ମୃତଦେହ ଉଦ୍ଧାର କରିଥିବା ବେଳେ ତାହାର ପରିଚୟ ମିଳି ପାରିନି। ମୁମ୍ବାଇ ଗେଟ୍ ଓ୍ୱେ ଅଫ୍ ଇଣ୍ଡିଆ ନିକଟରେ ବୁଧବାର ଅପରାହ୍ନରେ ଏହି ଅଘଟଣ ଘଟିଥିଲା। ପ୍ରାୟ ଶହେରୁ ଅଧିକ ଯାତ୍ରୀ ଓ ୫ କ୍ରିଉ ମେମ୍ବରଙ୍କୁ ନେଇ ଏଲିଫାଣ୍ଟା ଯାଉଥିଲା ନିଲକମଲ ନାମକ ଫେରିବୋଟ୍। ମାତ୍ର ମଝି ସମୁଦ୍ରରେ କରଞ୍ଜା ନିକଟ ଉରାନରେ ହଠାତ୍ ନୌସେନାର ସ୍ପିଡ୍ ବୋଟ ଆସି ଡଙ୍ଗାକୁ ଧକ୍କା ଦେଇଥିଲା। ସ୍ପିଡ ବୋଟ ସମୁଦ୍ରରେ ଟ୍ରାଏଲ୍ କରୁଥିବା ବେଳେ ଇଞ୍ଜିନରେ ତ୍ରୁଟି ଯୋଗୁ ଭାରସାମ୍ୟ ହରାଇ ତାହା ଯାତ୍ରାବାହୀ ଡଙ୍ଗାକୁ ଧକ୍କା ଦେଇଥିବା ନୌସେନା ପକ୍ଷରୁ କୁହାଯାଇଥିଲା। ଏହି ମାମଲାରେ ନୌସେନା ସ୍ପିଡ୍ ବୋଟ୍ ଡ୍ରାଇଭରଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ କରିଛି ପୁଲିସ୍। ଏହି ଦୁର୍ଘଟଣାରେ ଆହତ ହୋଇଥିବା ୧୦୫ ଜଣଙ୍କୁ ମୁମ୍ବାଇର ୫ଟି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୯୦ରୁ ଊର୍ଦ୍ଧ୍ୱ ଜଣଙ୍କ ଅବସ୍ଥାରେ ସୁଧାର ଆସୁଥିବା ଜଣାଯାଇଛି।

## ପାକିସ୍ତାନୀ ଆପ୍‌ର ପ୍ରମୋସନ ମାମଲା
## ଅଭିନେତ୍ରୀ ମଲ୍ଲିକା, ପୂଜାଙ୍କୁ ଇଡି ଜେରା



**ନୂଆଦିଲ୍ଲୀ, ୨୦।୧୨:** ପାକିସ୍ତାନୀ ମ୍ୟାଜିକ୍ ୱିନ୍ ଗାମ୍ବଲିଂ ଆପ୍ ସହଜଡ଼ିତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଫିଲ୍ମ ଅଭିନେତ୍ରୀ ମଲ୍ଲିକା ଶେରାୱତ୍ ଏବଂ ଟିଭି ଅଭିନେତ୍ରୀ ପୂଜା ବାନାର୍ଜୀଙ୍କୁ ଜେରା କରିଛି। ତେବେ ପଚରାଉଚରାରେ ଇଡିକୁ କିଛି ମିଳି ନ ଥିବା ଜଣାପଡ଼ିଛି। ରିପୋର୍ଟ ଅନୁସାରେ, ଏହା ଏକ ପାକିସ୍ତାନୀ ଆପ୍। ଦୁବାଇରେ କେତେକ ଭାରତୀୟ ନାଗରିକ ଏହାର ଅପରେସନ କରୁଥିଲେ। ମଲ୍ଲିକା ଶେରାୱତ ଏବଂ ପୂଜା ବାନାର୍ଜୀ ଏହି ଆପ୍‌ର ପ୍ରମୋସନ କରିଥିବା ଅଭିଯୋଗ ରହିଛି। ଇଡି ନୋଟିସ୍‌ର ଜବାବରେ ମଲ୍ଲିକା ଶେରାୱତ ଇମେଲ୍ ଜରିଆରେ ଇଡିକୁ ଜବାବ ପଠାଇଥିଲେ। ପୂଜା ବାନାର୍ଜୀଙ୍କୁ ଇଡି ଅହମଦାବାଦ କାର୍ଯ୍ୟାଳୟକୁ ଡାକି ଜେରା କରିଥିଲା। ଆଗକୁ ଆଉ କେତେକ କଳାକାରଙ୍କୁ ଏ ବାବଦରେ ଇଡି ପଚରାଉଚରା କରିପାରେ। ମାମଲାରେ ଇଡି ଗତ ୬ ମାସରେ ଦେଶବ୍ୟାପୀ ପ୍ରାୟ ୬୭ ସ୍ଥାନରେ ଚଢ଼ାଉ କରିଛି। ଏହି ଆପ୍ ଜରିଆରେ ଟି୨୦ ବିଶ୍ୱକପ୍ ମ୍ୟାଚଗୁଡ଼ିକୁ ବେଆଇନ ଭାବେ ପ୍ରସାର କରାଯାଉଥିଲା ବୋଲି ମଧ୍ୟ ଅଭିଯୋଗ ରହିଛି। ଆପ୍ ଜରିଆରେ ବେଟିଂ କରାଯାଉଥିଲା ଏବଂ ବିଭିନ୍ନ ସେଲ୍ କମ୍ପାନୀର ବାଣିଜ୍ୟିକ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଖେଳାଳି ବା ବେଟରଙ୍କୁ ସେମାନେ ଜିତିଥିବା ରାଶି ଟ୍ରାନ୍ସଫର କରାଯାଉଥିଲା।

## ଖାଲି ଫ୍ଲାଟକୁ ୨ କୋଟିରେ ବିକିଦେଲେ
## ବୃଦ୍ଧା ସମେତ ୩ ଗିରଫ

**ନୂଆଦିଲ୍ଲୀ, ୨୦।୧୨:** ବୃଦ୍ଧ ଦମ୍ପତିଙ୍କ ମୃତ୍ୟୁ ପରେ ଖାଲି ପଡ଼ିଥିବା ତାଙ୍କ ଫ୍ଲାଟ ଉପରେ ଆଖି ପକାଇଲେ ଠକ । ଆଉ ଜାଲ୍ କାଗଜପତ୍ର କରି ତାହାକୁ ୧ କୋଟି ୮୫ ଲକ୍ଷ ଟଙ୍କାରେ ବିକିଦେଲେ। ଏହି ମାମଲାରେ ପୁଲିସ୍ ଜଣେ ୭୦ ବର୍ଷୀୟା ମହିଳାଙ୍କ ସମେତ ୩ ଜଣଙ୍କୁ ବାନ୍ଧିଛି। ଏପରି ଏକ ଘଟଣା ରାଜଧାନୀ ଦିଲ୍ଲୀର ଦ୍ୱାରକାରେ ଘଟିଛି। ଦିଲ୍ଲୀରେ ରହୁଥିବା ଜଣେ ଅବସରପ୍ରାପ୍ତ ଅଧିକାରୀ ଦ୍ୱାରକା ଅଞ୍ଚଳରେ ପତ୍ନୀଙ୍କ ସହ ରହୁଥିଲେ। ୫ ବର୍ଷ ତଳେ ପତ୍ନୀଙ୍କ ମୃତ୍ୟୁ ହୋଇ ସାରିଥିବା ବେଳେ କିଛି ମାସ ତଳେ ତାଙ୍କ ମୃତ୍ୟୁ ହୋଇଛି। ଫଳରେ ତାଙ୍କ ଫ୍ଲାଟ୍‌ଟି ଖାଲି ପଡ଼ିଥିବା ବେଳେ ତାହା ଉପରେ କିଛି ଲୋକ ନଜର ପକାଇଥିଲେ। ସେମାନେ ଉକ୍ତ ଫ୍ଲାଟର ଜାଲ କାଗଜପତ୍ର ପ୍ରସ୍ତୁତ କରିଥିଲେ। ଏହାପରେ ସନି ଯାଦବ ନାମକ ବ୍ୟକ୍ତିଙ୍କୁ ସେମାନେ ଉକ୍ତ ଫ୍ଲାଟ୍‌କୁ ୧ କୋଟି ୮୫ ଲକ୍ଷ ଟଙ୍କାରେ ବିକିଦେଲେ। ଗତ ଅକ୍ଟୋବର ମାସରେ ଏନେଇ ଜଣେ ବ୍ୟକ୍ତି ଦ୍ୱାରକା ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୁଲିସ୍ ଘଟଣାର ଛାନଭିନ ଆରମ୍ଭ କରିଥିଲା। ଏହି ମାମଲାରେ ଗିରଫ ୩ ଜଣ ହେଲେ ମାଷ୍ଟର ମାଇଣ୍ଡ ପବନଦୀପ, ସରବଜିତ ଓ ତାଙ୍କ ୭୦ ବର୍ଷୀୟ ମା’ ରାଜେନ୍ଦ୍ର କୌର। ପୁଲିସ୍ ସୂଚନା ଅନୁଯାୟୀ, ଏହି ମାମଲାର ମାଷ୍ଟର ମାଇଣ୍ଡ ପବନଦୀପ ପୂର୍ବରୁ ଏକ ହତ୍ୟା ମାମଲାରେ ଗିରଫ ହୋଇଥିବା ବେଳେ ଜାଲି କାଗଜପତ୍ର କରୁଥିବା ଲୋକଙ୍କ ସଂସ୍ପର୍ଶରେ ଆସିଥିଲେ। ଏହାପରେ ଦ୍ୱାରକା ଅଞ୍ଚଳରେ ଏକ ଫ୍ଲାଟ ଖାଲି ଥିବା ସୂଚନା ପାଇ ତାହାର ଜାଲ କାଗଜପତ୍ର ପ୍ରସ୍ତୁତ କରିଥିଲେ। ଉକ୍ତ କାଗଜପତ୍ରରେ ସେ ସରବଜିତଙ୍କ ମା’ ରାଜେନ୍ଦ୍ର କୌରଙ୍କୁ ଉକ୍ତ ଫ୍ଲାଟ୍‌ର ମାଲିକ ଭାବେ ଦେଖାଇ ତାହାକୁ ୧ କୋଟି ୮୫ ଲକ୍ଷରେ ବିକ୍ରି କରିଥିଲେ।

## ଦିଲ୍ଲୀର ପୁଣି ଏକ ସ୍କୁଲ୍‌କୁ ବୋମା ବିସ୍ଫୋରଣ ଧମକ

**ନୂଆଦିଲ୍ଲୀ,୨୦।୧୨:** ସ୍କୁଲକୁ ବୋମା ବିସ୍ଫୋରଣ ଧମକ। ପୁଣି ଥରେ ଜାତୀୟ ରାଜଧାନୀ ଦିଲ୍ଲୀର ଏକ ସ୍କୁଲକୁ ବୋମା ବିସ୍ଫୋରଣ ଧମକ ମିଳିଛି। ଇମେଲ ଜରିଆରେ ଏହି ଧମକ ଦିଆଯାଇଥିବା ବେଳେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ରାଜଧାନୀ ଦିଲ୍ଲୀରେ ସ୍କୁଲକୁ ଲଗାତାର ବୋମା ଧମକ ମିଳୁଛି। ଯାହାକୁ ନେଇ ବର୍ତ୍ତମାନ ସ୍କୁଲ ପ୍ରଶାସନ, ଅଭିଭାବକ ଏବଂ ପୋଲିସ ଚିନ୍ତିତ ଥିବା ଜଣାପଡିଛି। ଏହାରି ମଧ୍ୟରେ ଆଜି ସକାଳ ପ୍ରାୟ ୫ .୧୫ ସମୟରେ ଦ୍ୱାରକାର ଦିଲ୍ଲୀ ପବ୍ଲିକ ସ୍କୁଲକୁ ବୋମା ଧମକ ମିଳିଛି। ଇମେଲ ମାଧ୍ୟମରେ ଏହି ଧମକପୂର୍ଣ୍ଣ ମେସେଜ ଆସିଥିବା ବେଳେ ପୋଲିସ ଏହାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଛି। ସ୍କୁଲ ପରିସରରେ ପୋଲିସ ଓ ଦମକଳବାହିନୀ ପହଞ୍ଚି ଯାଞ୍ଚ ଜାରି ରଖିଥିବା ବେଳେ ଏବେ ସୁଦ୍ଧା ଯାଞ୍ଚରେ କୌଣସି ସନ୍ଦିଗ୍ଧ ସାମଗ୍ରୀ ଠାବ ହୋଇନଥିବା ସୂଚନା ରହିଛି। ସେପଟେ ଧମକପୂର୍ଣ୍ଣ ମେଲ ଆସିବା ପରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ଅନଲାଇନ କ୍ଲାସ ମାଧ୍ୟମରେ ପାଠ ପଢିବାକୁ ସ୍କୁଲ ପକ୍ଷରୁ ସୂଚନା ଦିଆଯାଇଥିଲା। ପ୍ରକାଶ ଥାଉକି,ଗତ ୧୦ ଦିନ ମଧ୍ୟରେ ୪ର୍ଥ ଥର ପାଇଁ ଦିଲ୍ଲୀର ବିଦ୍ୟାଳୟରେ ବୋମା ଧମକ ଦେବା ଘଟଣା ସାମ୍ନାକୁ ଆସିଛି। ହେଲେ ବର୍ତ୍ତମାନ ଯାଏଁ ପୋଲିସ ଏ ସମ୍ପର୍କରେ କୌଣସି ଠୋସ୍ ପଦକ୍ଷେପ ନେଇପାରି ନାହିଁ। ଏହାପୂର୍ବରୁ ଡିସେମ୍ବର ୧୭ ରେ ଦିଲ୍ଲୀର ଦୁଇଟି ବିଦ୍ୟାଳୟକୁ ଏକ ଧମକପୂର୍ଣ୍ଣ ଇମେଲ ଆସିଥିଲା। ଦିଲ୍ଲୀର ଇଣ୍ଡିଆନ୍ ପବ୍ଲିକ୍ ସ୍କୁଲ୍ ଏବଂ ସରସ୍ୱତୀ ବିହାରର ଏକ ବିଦ୍ୟାଳୟକୁ ଧମକ ଦିଆଯାଇଥିଲା। ସେହିପରି ପୂର୍ବରୁ ମଧ୍ୟ ୪୦ ରୁ ଅଧିକ ବିଦ୍ୟାଳୟକୁ ଏକକାଳୀନ ବୋମା ବିସ୍ଫୋରଣ ନେଇ ଧମକ ଦିଆଯାଇଥିଲା।

## ବିସ୍ଫୋରଣରେ ୯ ଜୀବନ୍ତ ଦଗ୍ଧ, ଜଳିଗଲା ୪୦ରୁ ଅଧିକ ଗାଡ଼ି



**ଜୟପୁର, ୨୦।୧୨:** ରାଜସ୍ଥାନର ଜୟପୁର-ଆଜମେର ଜାତୀୟ ରାଜପଥ ନିକଟ ପେଟ୍ରୋଲ ପମ୍ପ ସାମ୍ନାରେ ଘଟିଥିବା ଭୟଙ୍କର ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ୯କୁ ବୃଦ୍ଧି ପାଇଛି। ଭାନ୍‌କ୍ରୋଟାସ୍ଥିତ ଏକ ପେଟ୍ରୋଲ ପମ୍ପ ନିକଟରେ ଆଜି ଭୋରରୁ ଗୋଟିଏ ଏଲପିଜି ବୋଝେଇ ଟ୍ରକ୍ ଓ ଅନ୍ୟ ଗୋଟିଏ ସିଏନଜି ବୋଝେଇ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ପ୍ରଥମେ କିଛି ସମୟ ଗ୍ୟାସ୍ ଲିକ୍ ହୋଇଥଲା। ଏହାପରେ ହୋଇଥିଲା ପ୍ରଚଣ୍ଡ ବିସ୍ଫୋରଣ। ଫଳରେ ପୂରା ଅଞ୍ଚଳରେ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ୪୦ରୁ ଅଧିକ ଗାଡ଼ି ମଧ୍ୟ ଜଳି ଯାଇଛି। ଏବେ ପୂରା ଘଟଣା ବେଳର ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି। ମୁହାଁମୁହିଁ ଧକ୍କା ହେବାର କିଛି ସମୟ ପରେ ବିସ୍ଫୋରଣ ହୋଇଥିଲା। ଏହାପରେ ନିଆଁ କେମିତି ନିକଟସ୍ଥ ଅଞ୍ଚଳକୁ ବ୍ୟାପିଥିଲା, ତାହା ସିସିଟିଭିରେ କଏଦ ହୋଇଛି। ଏଥିରୁ ଜଣାପଡ଼ିଛି ଯେ ଜାତୀୟ ରାଜପଥ ନିକଟରେ ଥିବା ଗୋଟିଏ ଘରକୁ ନିଆଁ ବ୍ୟାପିବା ସହ ଏହାକୁ ପାଉଁଶ କରି ଦେଉଛି। ପୂରା ଘରକୁ ନିଆଁ ଧ୍ୱଂସ କରିଦେଇଛି। ଆଉ କିଛି ଭିଡିଓରେ ଦେଖାଯାଉଛି ଯେ ବିସ୍ଫୋରଣ ଓ ଅଗ୍ନିକାଣ୍ଡ ପରେ ପୂରା ଅଞ୍ଚଳର ଧୂଆଁମୟ ହୋଇଯାଉଛି। ଦୁର୍ଘଟଣା ପରେ ଜାତୀୟ ରାଜପଥରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଅନେକ ଗାଡ଼ି ଦୀର୍ଘ ଘଣ୍ଟା ଯାଏ ରାସ୍ତାରେ ଅପେକ୍ଷା କାରି ରହିଥିଲେ। ଆଜି ସକାଳ ପ୍ରାୟ ୫ଟା ୩୦ରେ ଭାନ୍‌କ୍ରୋଟାରେ ଏକ ଏଲପିଜି ବୋଝେଇ ଟ୍ରକ୍ ଓ ଅନ୍ୟ ଏକ ସିଏନଜି ବୋଝେଇ ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଏହାପରେ ସିଏନଜି ଟ୍ୟାଙ୍କରରେ ଜୋରଦାର ବ୍ଲାଷ୍ଟ ହେବା ସହ ଆଖପାଖରେ ଥିବା ଗାଡ଼ିଗୁଡ଼ିକ ହୁତୁହୁତୁ ହୋଇ ଜଳି ଉଠିଥିଲା। ପାଖରେ ଥିବା ଏକ ଗାଡ଼ି ଗୋଦାମରେ ମଧ୍ୟ ନିଆଁ ଲାଗିଯାଇଥିଲା। ଗୋଟିଏ ଯାତ୍ରୀବାହୀ ବସ୍‌ରେ ନିଆଁ ଲାଗି ଯାଇଥିବା ବେଳେ ଯାତ୍ରୀମାନେ ପ୍ରାଣ ବିକଳରେ ଝରକା ଭାଙ୍ଗି ବାହାରକୁ ଡେଇଁ ପଡ଼ିଥିଲେ। ଏହି ଦୁର୍ଘଟଣାରେ ୪୦ରୁ ଅଧିକ ଗାଡ଼ି ଜଳି ଯାଇଥିବା ବେଳେ ଘଟଣାସ୍ଥଳରେ ୨୨ରୁ ଅଧିକ ଅଗ୍ନିଶମ ଗାଡ଼ି ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ। ସେମାନେ ବେଶ କିଛି ଘଣ୍ଟା ଧରି ଅକ୍ଳାନ୍ତ ପରିଶ୍ରମ କରିବା ପରେ ନିଆଁକୁ ଆୟତ୍ତ କରିଛନ୍ତି।

## ବେଆଇନ ଭାବେ ଘର କରୁଥିଲେ ଭଙ୍ଗାଯିବ



**ନୂଆଦିଲ୍ଲୀ,୨୦।୧୨:** ଯଦି ଆପଣ ବେଆଇନ ଭାବେ କିଛି କୋଠାବାଡି କିମ୍ବା ଘର ନିର୍ମାଣ କାର୍ଯ୍ୟ କରୁଛନ୍ତି ତେବେ ସାବଧାନ। କାରଣ ଏଭଳି ବେଆଇନ ଘରକୁ ଭାଙ୍ଗି ଦିଆଯିବ। ନିକଟରେ ସୁପ୍ରିମକୋର୍ଟ ଏଭଳି ନିର୍ଦ୍ଦେଶନାମା ଜାରି କରିଛନ୍ତି। କେବଳ ଏତିକି ନୁହେଁ, ଅକ୍ୟୁପାନ୍ସି ସାର୍ଟିଫିକେଟ (ଓସି) ନଥିଲେ ସମ୍ପୃକ୍ତ ଘରକୁ ପାଣି, ବିଜୁଳି କିମ୍ବା ସ୍ୱେରେଜ ସଂଯୋଗ ମଧ୍ୟ ମିଳିବ ନାହିଁ। ଏଥିସହ ବେଆଇନ ନିର୍ମାଣ କାର୍ଯ୍ୟ ପାଇଁ ଦାୟୀ ସରକାରୀ ଅଧିକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯିବ। ମୀରଟରେ ଏକ ଆବାସିକ ଅଞ୍ଚଳରେ ଚାଲିଥିବା ବେଆଇନ ନିର୍ମାଣକୁ ଭାଙ୍ଗିବା ଲାଗି ଆହ୍ଲାବାଦ ହାଇକୋର୍ଟ ଦେଇଥିବା ଆଦେଶକୁ ଚାଲେଞ୍ଜ କରି ଆଗତ ଏକ ରିଟ୍ ପିଟିସନ ଉପରେ ଶୁଣାଣି କରି ସୁପ୍ରିମକୋର୍ଟ ଏଭଳି କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏଥିସହ ବେଆଇନ ନିର୍ମାଣ ଭଙ୍ଗାଯିବା ମାମଲାରେ ରାୟ ଦେବା ବେଳେ ସର୍ବୋଚ୍ଚ ଅଦାଲତଙ୍କ ଏହି ନିର୍ଦ୍ଦେଶ ପାଳନ କରିବାକୁ ଖଣ୍ଡପୀଠ ସବୁ ହାଇକୋର୍ଟମାନଙ୍କୁ ଏହି ରାୟର ଗୋଟିଏ ଲେଖାଏ କପି ପଠାଯିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଆବାସିକ କିମ୍ବା ବ୍ୟବସାୟିକ ସ୍ଥାନରେ ବେଆଇନ ଭାବେ କୌଣସି ନିର୍ମାଣ କରାଯାଉଛି କି ନାହିଁ ମ୍ୟୁନିସିପାଲିଟି ତାର ତଦାରଖ କରିବ। ସେପଟେ ରିୟଲ ଇଷ୍ଟେଟ ଆସୋସିଏସନ କହିଛି ରେରା (ରିୟଲ ଇଷ୍ଟେଟ ରେଗୁଲେନ ଆକ୍ଟ) ଲାଗୁ ହେବା ପରେ ବିନା ଆକ୍ୟୁପାନ୍ସି ସାର୍ଟିଫିକେଟରେ ଆବାସିକ ପ୍ରକଳ୍ପ ହସ୍ତାନ୍ତର କରିବା ସମ୍ଭବ ନୁହେଁ। ପୂର୍ବରୁ ବିନା ଅକ୍ୟୁପାନ୍ସ ସାର୍ଟିଫିକେଟରେ ଆବାସିକ ପ୍ରକଳ୍ପ ହୋଇଛି।

## ମିରଟରେ କଥା ପ୍ରବଚନ ବେଳେ ଦଳାଚକଟା

**ମିରଟ, ୨୦।୧୨:** ମିରଟରେ ଶିବ ମହାପୁରାଣ କଥା ପ୍ରବଚନ ବେଳେ ଦଳାଚକଟା ଘଟଣା। ଏଥିରେ ଅନେକ ଲୋକ ଆହତ ହେବାର ଖବର ସାମ୍ନାକୁ ଆସିଛି। ଶୁକ୍ରବାର ପଣ୍ଡିତ ପ୍ରଦୀପ ମିଶ୍ରଙ୍କର ଶିବ ପୁରାଣ କଥା ଚାଲିଥିଲା। ଏତିକି ବେଳେ ଲୋକଙ୍କର ପ୍ରବଳ ଭିଡ଼ ଆରମ୍ଭ ହୋଇ ଯାଇଥିଲା। ଫଳରେ ଲୋକଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇ ଧାଁ ଦୌଡ଼ ଆରମ୍ଭ ହୋଇଥିଲା। ଏଥିରେ ଅନେକ ମହିଳା ଓ ବୟସ୍କ ଲୋକ ଆହତ ହୋଇଛନ୍ତି। କଥା ପ୍ରବଚନ ବେଳେ ଭିଡ଼ ବେକାବୁ ହେବାରେ ଦଳାଚକଟା ହୋଇଥିଲା। ଦୁର୍ଘଟଣାରେ ଆହତଙ୍କୁ ଚିକିତ୍ସା ପାଇଁ ପଠାଯାଇଛି। କହି ରଖୁଛୁ କି , ଆଜି କଥାର ୬ଷ୍ଠ ଦିନ। ଆସନ୍ତାକାଲି କଥାର ଅନ୍ତିମ ଦିନ ହେବ। ଏଥିରେ ଆଜି ଲକ୍ଷ ଲକ୍ଷ ସଂଖ୍ୟାରେ ଭକ୍ତଙ୍କ ଭିଡ଼ ଜମିଛି। ପ୍ରାରମ୍ଭିକ ସୂଚନା ଅନୁସାରେ, କଥାକୁ ଯାଉଥିବା ଲୋକଙ୍କର ଭିଡ଼ ବେକାବୁ ହୋଇ ଥିଲା। ଏଥିରେ ସେଠାରେ ମୁତୟନ ସୁରକ୍ଷାକର୍ମୀ ମାନେ ରୋକିବାକୁ ଚେଷ୍ଟା କଲେ। ଲୋକେ ପ୍ରଥମେ ତ ଠେଲାପେଲା ଆରମ୍ଭ କରିଥିଲେ । ଏହାପରେ ସେଠାରେ ଧାଁ ଦୌଡ଼ ଆରମ୍ଭ ହୋଇଯାଇ ଥିଲା। ଏହାପରେ ଠେଲାପେଲା ମଧ୍ୟରେ କିଛି ଲୋକ ତଳେ ଖସି ପଡିଲେ। ଗତ ୬ଦିନ ଧରି ଚାଲୁଥିବା କଥାପ୍ରବଚନକୁ ନିତି ଲକ୍ଷେରୁ ଅଧିକ ଲୋକେ ପଣ୍ଡିତ ପ୍ରଦୀପ ମିଶ୍ରଙ୍କୁ ଶୁଣିବା ପାଇଁ ପହଞ୍ଚୁଛନ୍ତି। ପୁଲିସ ଫୋର୍ସ ପୂର୍ବରୁ ହିଁ ପେଣ୍ଡାଲ ଓ ଏହାର ଆଖପାଖରେ ମୁତୟତ ଅଛନ୍ତି। ଚଳାଚକଟାର ସୂଚନା ପାଇବା କ୍ଷଣି ପୁଲିସ୍ ଓ ପ୍ରଶାସନ ଅଧିକାରୀ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚି ଯାଇଥିଲେ। କୁହାଯାଉଛି କି ଦୁର୍ଘଟଣାରେ ଅନେକ ମହିଳା , ପିଲା ଓ ବୟସ୍କ ବ୍ୟକ୍ତି ଆହତ ହୋଇଛନ୍ତି। ଚଳାଚକଟାରେ ଅଧ ଡର୍ଜନ ମହିଳା ଆହତ ହୋଇଛନ୍ତି। ସମସ୍ତଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲ ନିଆଯାଇଛି। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଭିଡ଼କୁ କାବୁ କରିଥିଲେ।

## ନାତିକୁ ପାଇବାକୁ ସୁପ୍ରିମକୋର୍ଟରେ ଅତୁଲଙ୍କ ମାଆ



**ନୂଆଦିଲ୍ଲୀ, ୨୦।୧୨:** ଯୁବ ଇଞ୍ଜିନିୟର ଅତୁଲ ସୁଭାଷଙ୍କ ଆତ୍ମହତ୍ୟା ଘଟଣା ଏବେ ସାରା ଦେଶରେ ଚର୍ଚ୍ଚାରେ ରହିଛି। ଏହାରି ଭିତରେ ଅତୁଲଙ୍କ ମାଆ ଏବେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅତୁଲଙ୍କ ପୁଅ ତଥା ନିଜ ସାଢ଼େ ୪ ବର୍ଷର ନାତିର ରକ୍ଷଣାବେକ୍ଷଣ ଦାୟିତ୍ୱ ମାଗି ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି ଅତୁଲ ସୁଭାଷଙ୍କ ମାଆ ଅଞ୍ଜୁ ମୋଦି। ଏହି ମାମଲାରେ ମଧ୍ୟ ସୁପ୍ରିମକୋର୍ଟ ତୁରନ୍ତ ହସ୍ତକ୍ଷେପ କରି ଉତ୍ତର ପ୍ରଦେଶ, ହରିୟାଣା ଓ କର୍ଣ୍ଣାଟକ ସରକାରଙ୍କୁ ଜବାବ ତଲବ କରିଛନ୍ତି।

ଆବେଦନକାରୀ ତଥା ଅତୁଲଙ୍କ ମାଆ ନିଜ ଅଭିଯୋଗରେ ଲେଖିଛନ୍ତି ଯେ ତାଙ୍କ ନାତି ଏବେ କେଉଁଠାରେ ଅଛି, ଏହା କାହାକୁ ମଧ୍ୟ ଜଣାନାହିଁ। ମାମଲାର ମୁଖ୍ୟ ଅଭିଯୁକ୍ତ ନିକିତାଙ୍କଠାରୁ ପଚରାଉଚରା କରି ନାତିର ରକ୍ଷଣାବେକ୍ଷଣ ଦାୟିତ୍ୱ ସେମାନଙ୍କୁ ଅର୍ଥାତ ଜେଜେ ବାପା ଓ ଜେଜେ ମାଆଙ୍କୁ ଦିଆଯାଉ ବୋଲି ସେ ଆବେଦନ କରିଛନ୍ତି। ଗିରଫ ହୋଇଥିବା ଅତୁଲଙ୍କ ପତ୍ନୀ ନିକିତା ପୁଲିସକୁ କହିଥିଲେ ଯେ ତାଙ୍କ ପୁଅ ଏବେ ହରିୟାଣାର ଫରିଦାବାଦସ୍ଥିତ ଏକ ବୋର୍ଡିଂ ସ୍କୁଲରେ ପଢୁଛି। ପୁଅର ରକ୍ଷଣାବେକ୍ଷଣ ଦାୟିତ୍ୱ ଏବେ ନିକିତାଙ୍କ ବଡ଼ବାପା ସୁଶୀଲ ସିଂଘାନିଆଙ୍କ ପାଖରେ ଥିବା ସେ କହିଥିଲେ। ଅନ୍ୟପଟେ ସୁଶୀଲ ସିଂଘାନିଆ ପୁଅ ବିଷୟରେ କିଛି ଜାଣିନଥିବା ପୁଲିସକୁ କହିଥିଲେ। ଯେହେତୁ ଏହି ମାମଲା ସହ ଉତ୍ତର ପ୍ରଦେଶ, ହରିୟାଣା ଓ କର୍ଣ୍ଣାଟକ ତିନୋଟି ରାଜ୍ୟର ସମ୍ପର୍କ ଅଛି, ସେଥିପାଇଁ ଏଥିରେ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ଅତୁଲଙ୍କ ମାଆ। ନାତିକୁ ଉଦ୍ଧାର କରି କୋର୍ଟ ଆଗରେ ଉପସ୍ଥିତ କରିବା ପାଇଁ ସେ ଦାବି କରିଛନ୍ତି। ଏହା ସହ ନାତିର ସମସ୍ତ ରକ୍ଷଣାବେକ୍ଷଣ ଦାୟିତ୍ୱ ନିଜେ ବହନ କରିବାକୁ ସେ କୋର୍ଟରେ ଆବେଦନ କରିଛନ୍ତି। ସୁପ୍ରିମକୋର୍ଟରେ ଜଷ୍ଟିସ ବି.ଭି ନାଗରତ୍ନା ଓ ଜଷ୍ଟିସ ଏନ କୋଟିଶ୍ୱର ସିଂହଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ତିନି ରାଜ୍ୟକୁ ନୋଟିସ ଜାରି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଜାନୁଆରୀରେ ହେବ। ଏହି ଘଟଣାରେ ବର୍ତ୍ତମାନ ଅତୁଲଙ୍କ ପତ୍ନୀ ନିକିତା, ନିକିତାଙ୍କ ଭାଇ ଓ ମାଆ ପୁଲିସ ହେପାଜତରେ ଅଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି, ଅତୁଲ ଓ ନିକିତାଙ୍କ ସାଢ଼େ ୪ ବର୍ଷର ପୁଅ ଏବେ କାହା ପାଖରେ ଅଛି? ତାର ଦାୟିତ୍ୱ କିଏ ନେଉଛି? ତେବେ ଆଶ୍ଚର୍ଯ୍ୟର କଥା ହେଉଛି ଗିରଫ ହେବା ପୂର୍ବରୁ ନିକିତା ନିଜ ପୁଅକୁ କାହା ପାଖରେ ଛାଡ଼ିଛନ୍ତି ନା କେଉଁଠି ଲୁଚାଇ ରଖିଛନ୍ତି, ତାହା କାହାକୁ ଜଣାନାହିଁ। ଆତ୍ମହତ୍ୟା କରିବା ପୂର୍ବରୁ ଅତୁଲ ସୁଭାଷ ଲେଖିଥିବା ୨୩ ପୃଷ୍ଠାର ନୋଟ ଓ ଜାରି କରିଥିବା ୧ ଘଣ୍ଟା ୨୧ ମିନିଟର ଭିଡିଓରେ ସେ ନିଜ ଇଚ୍ଛା ବିଷୟରେ କହିଥିଲେ ଯେ ତାଙ୍କ ମୃତ୍ୟୁ ପରେ ତାଙ୍କ ପୁଅର ସମସ୍ତ ଦାୟିତ୍ୱ ତାଙ୍କ ମାଆ ବାପାଙ୍କୁ ଦିଆଯାଉ। ସେପଟେ ଅତୁଲଙ୍କ ବାପା ମଧ୍ୟ ଦାବି କରିଛନ୍ତି ଯେ ତାଙ୍କ ପୁଅର ଶେଷ ଇଚ୍ଛା ଅନୁସାରେ ତାଙ୍କ ନାତିର ଭରଣପୋଷଣ ଦାୟିତ୍ୱ ତାଙ୍କୁ ଦିଆଯାଉ।

## ବେଆଇନ ଋଣ ଦେଲେ ୧୦ ବର୍ଷ ଯାଏ ଜେଲ

**ନୂଆଦିଲ୍ଲୀ,୨୦।୧୨:** ବେଆଇନ ଏବଂ ଅନିୟନ୍ତ୍ରିତ ଋଣ ପ୍ରଦାନ ଉପରେ ନିଷେଧାଦେଶ ଜାରି କରିବେ କେନ୍ଦ୍ର ସରକାର। ଏ ନେଇ ଏକ ଦୃଢ଼ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ରାଜ୍ୟ ଗୁଡିକ ସହ ଆଲୋଚନା କରାଯାଉଛି। ବେଆଇନ ଋଣ ପ୍ରଦାନକୁ ଜଘନ୍ୟ ଅପରାଧ ବର୍ଗରେ ସାମିଲ କରାଯିବ। ଏଭଳି କାର୍ଯ୍ୟ କଳାପରେ ସାମିଲ ବ୍ୟକ୍ତି ବିଶେଷଙ୍କୁ ଜାମିନ ମଧ୍ୟ ମିଳିବ ନାହିଁ। ବେଆଇନ ଋଣ ପ୍ରଦାନ କାର୍ଯ୍ୟକଳାପ ନିଷେଧାଦେଶ ବିଲ୍ (ବୁଲା) ଡ୍ରାଫ୍ଟ ବିଲ୍ ଉପରେ ଏବେ କେନ୍ଦ୍ର ଅର୍ଥମନ୍ତ୍ରଣାଳୟ ରାଜ୍ୟ ଗୁଡିକର ପରାମର୍ଶ ଲୋଡ଼ିଛନ୍ତି। ଫେବ୍ରୁଆରି ୧୩ ସୁଦ୍ଧା ଏ ନେଇ ମତାମତ ଦେବେ ରାଜ୍ୟ। ଏହି ବିଲ୍ କାର୍ଯ୍ୟକାରୀ ହେଲେ ୧୦ ବର୍ଷ ଯାଏ ଦଣ୍ଡ ବିଧାନ ଭଳି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରିଜର୍ଭ ବ୍ୟାଙ୍କ କିମ୍ବା କୌଣସି ନିୟାମକ ସଂସ୍ଥା ଠାରୁ ଅନୁମତି ପାଇ ନ ଥିଲେ ଋଣ ପ୍ରଦାନ କରି ହେବନି। ଡିଜିଟାଲ ପ୍ଲାଟଫର୍ମରେ ଏଭଳି ଋଣ ପ୍ରଦାନ କ୍ଷେତ୍ରରେ ୨ରୁ ୭ ବର୍ଷ ଜେଲ ଏବଂ ୧ କୋଟି ଯାଏ ଜରିମାନା ଦେବାକୁ ହେବ। ଋଣ ଗ୍ରହୀତାକୁ ଶୋଷଣ କରୁଥିଲେ ୩ରୁ ୧୦ ବର୍ଷ ଯାଏ ଜେଲ ଏବଂ ଜରିମାନା ଦେବାକୁ ଡ୍ରାଫ୍ଟ ବିଲ୍‌ରେ ପ୍ରସ୍ତାବ ଦିଆଯାଇଛି। ଏ ସମ୍ପର୍କିତ ମାମଲା ଗୁଡିକ ସିବିଆଇ ତଦନ୍ତ କରିବ। ଏବେ ଡିଜିଟାଲ ପ୍ଲାଟଫର୍ମ ଗୁଡିକରେ ଋଣ ପ୍ରଦାନ ଦ୍ୱାରା ଲୋକଙ୍କୁ ହଇରାଣ କରିବା ମାମଲା ବଢୁଛି।

## ଜେନେରାଲ ବିପିନ ରାୱତଙ୍କ ହେଲିକପ୍ଟର ଦୁର୍ଘଟଣା ପଛରେ ମନୁଷ୍ୟକୃତ ତ୍ରୁଟି




**ନୂଆଦିଲ୍ଲୀ, ୨୦।୧୨:** ଯାନ୍ତ୍ରୀକ ତ୍ରୁଟି ନୁହେଁ, ମନୁଷ୍ୟକୃତ ତ୍ରୁଟି ଯୋଗୁ ୩ ବର୍ଷ ପୂର୍ବେ ଦେଶର ପ୍ରଥମ ସିଡିଏସ ବିପିନ ରାୱତଙ୍କ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଗତକାଲି ସଂସଦରେ ଉପସ୍ଥାପିତ ହୋଇଥିବା ଷ୍ଟାଣ୍ଡିଂ କମିଟି ଅନ୍ ଡିଫେନ୍ସ ରିପୋର୍ଟରେ ପ୍ରକାଶ ପାଇଛି ଏପରି ଚାଞ୍ଚଲ୍ୟକର ତଥ୍ୟ।

୨୦୨୧ ମସିହା ଡିସେମ୍ବର ୮ ତାରିଖରେ ଜେନେରାଲ୍ ରାୱତଙ୍କୁ ନେଇ ଯାଉଥିବା ବାୟୁସେନାର ଏମଆଇ-୧୭ଭି୫ ହେଲିକପ୍ଟର ତାମିଲନାଡୁର କୁନ୍ନୁରଠାରେ କ୍ରାଶ ହୋଇଥିଲା। ଏଥିରେ ସିଡିଏସ୍ ରାୱତ ଓ ତାଙ୍କ ପତ୍ନୀ ମଧୁଲିକାଙ୍କ ସମେତ ୧୪ ଜଣ ପ୍ରାଣ ହରାଇଥିଲେ। ୧୩ତମ ଡିଫେନ୍ସ ପ୍ଲାନ୍ ପିରିୟଡ ମଧ୍ୟରେ ଘଟିଥିବା ବିମାନ ଦୁର୍ଘଟଣା ସମ୍ପର୍କରେ ଗତକାଲି ସଂସଦରେ ଷ୍ଟାଣ୍ଡିଂ କମିଟି ସମ୍ମୁଖରେ ରିପୋର୍ଟ ପ୍ରକାଶ ପାଇଥିଲା। ଏଥିରେ ସମୁଦାୟ ୩୪ଟି ଦୁର୍ଘଟଣା ତଥା ତାହାର କାରଣ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଉକ୍ତ ରିପୋର୍ଟରେ CDS ବିପିନ ରାୱତଙ୍କ ହେଲିକପ୍ଟର ଦୁର୍ଘଟଣା ହେବାର କାରଣ ଉଲ୍ଲେଖ ଥିବା ବେଳେ ତାହା ମନୁଷ୍ୟକୃତ ବୋଲି ଉଲ୍ଲେଖ ଅଛି। ରିପୋର୍ଟରେ କୁହାଯାଇଛି ଯେ, ଏହି ଅନୁସନ୍ଧାନ କମିଟିଗୁଡିକର ରିପୋର୍ଟ ଦୁର୍ଘଟଣାର ପୁନରାବୃତ୍ତି ରୋକିବା ଉଦ୍ଦେଶ୍ୟରେ କରାଯାଇଥାଏ। ବାୟୁସେନା ପକ୍ଷରୁ ଏହାର ତଦନ୍ତ କରାଯାଇଥିବା ବେଳେ ବାୟୁସେନା ମୁଖ୍ୟଙ୍କ ଦ୍ୱାରା ଦିଆଯାଇଥିବା ସମସ୍ତ ପ୍ରତିକାର ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ବାଧ୍ୟତାମୂଳକ ଅଟେ। ମାତ୍ର ଦୁର୍ଘଟଣା ପରେ ପରେ ହୋଇଥିବା ତଦନ୍ତ ରିପୋର୍ଟରେ ସିଡିଏସ୍‌ଙ୍କ ହେଲିକପ୍ଟର ଖରାପ ପାଗ ଯୋଗୁ ଦୁର୍ଘଟଣାଗ୍ରସ୍ତ ହୋଇଥିବା କୁହାଯାଇଥିଲା। ସେତେବେଳେ ପ୍ରକାଶିତ ରିପୋର୍ଟରେ ଯାନ୍ତ୍ରିକ ତ୍ରୁଟି, ଅସାବଧାନତା କିମ୍ବା ଷଡ଼ଯନ୍ତ୍ର ଅଭିଯୋଗକୁ ଖଣ୍ଡନ କରାଯାଇଥିଲା।

**ଆସିଲା ରିପୋର୍ଟ**

ରିପୋର୍ଟରେ କୁହାଯାଇଥିଲା ଯେ ହଠାତ୍ ପାଗରେ ପରବର୍ତ୍ତନ ଆସିବାରୁ ହେଲିକପ୍ଟରଟି ମେଘ ଖଣ୍ଡ ମଧ୍ୟରେ ପ୍ରବେଶ କରି ଯାଇଥିଲା। ମେଘ ଖଣ୍ଡ ଯୋଗୁ ପାଇଲଟ ଜଣଙ୍କ ଆଉ କିଛି ଦେଖିପାରି ନଥିଲେ। ଫଳରେ ସେ ସଂପୂର୍ଣ୍ଣ ଭାବେ ହଡ଼ବଡ଼େଇ ଯାଇଥିଲେ ଓ ହେଲିକପ୍ଟରଟି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ତଦନ୍ତ ବେଳେ ହେଲିକପ୍ଟର ଡାଟା ରେକର୍ଡ ଓ କକପିଟ୍ ଭଏସ୍ ରେକର୍ଡର ତର୍ଜମା କରାଯାଇଥିଲା। ହେଲିକପ୍ଟର ଦୁର୍ଘଟଣା ପଛରେ କୌଣସି ଯାନ୍ତ୍ରିକ ତ୍ରୁଟି, ଷଡ଼ଯନ୍ତ୍ର କିମ୍ବା ଅବହେଳା ଅଭିଯୋଗକୁ ସେତେବେଳେ ଖଣ୍ଡନ କରାଯାଇଥିଲା।

## ବର୍ଡର-ଗାଭାସ୍କର ଟ୍ରଫି

# ମେଲବର୍ଣ୍ଣରେ ଭାରତୀୟ ଟିମ୍, ଅଭ୍ୟାସ ଆରମ୍ଭ



**ମେଲବର୍ଣ୍ଣ,୨୦/୧୨:** ବର୍ଡର-ଗାଭାସ୍କର ଟ୍ରଫିର ଚତୁର୍ଥ ଟେଷ୍ଟ (ବକ୍ସିଂ ଡେ') ଆସନ୍ତା ୨୬ ତାରିଖରୁ ଆରମ୍ଭ ହେବ। ଇତିମଧ୍ୟରେ ଭାରତୀୟ ଦଳ ମେଲବର୍ଣ୍ଣରେ ପହଞ୍ଚି ସାରିଛି। ଆଜିଠୁ ଦଳର ପ୍ରସ୍ତୁତି ଆରମ୍ଭ ହେବ। ତୃତୀୟ ଟେଷ୍ଟ (ବ୍ରିସବେନ୍) ଡ୍ର' ହେବା ଫଳରେ ସିରିଜ ୧-୧ରେ ବରାବର ରହିଛି। ମେଲବର୍ଣ୍ଣରେ ଭାରତ ବିଜୟକୁ ଫେରିବା ଏବଂ ସିରିଜରେ ଅଗ୍ରଣୀ ହାସଲ ନେଇ ବ୍ୟାକୁଳ ରହିଛି। ଗତ ବୁଧବାର ତୃତୀୟ ଟେଷ୍ଟ ଶେଷ ହୋଇଥିଲା। ଅନ୍ତିମ ଦିବସରେ ପ୍ରସିଦ୍ଧ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ହଠାତ୍ ଅବସର ଘୋଷଣା କରି ସମସ୍ତଙ୍କୁ ଚକିତ କରି ଦେଇଥିଲେ। ତାଙ୍କ ଅବସରକୁ ନେଇ ସାଥୀ ଖେଳାଳିମାନେ ଦୁଃଖିତ ଥିବା ସେମାନଙ୍କ ମୁହଁରୁ ବାରି ହୋଇ ପଡ଼ିଥିଲା। ମେଲବର୍ଣ୍ଣ ଟେଷ୍ଟ ପୂର୍ବରୁ ଭାରତ ବ୍ୟାଟିଂରେ ତ୍ରୁଟି ସୁଧାରିବା ଉପରେ ଗୁରୁତ୍ୱ ଦେବା ଜରୁରୀ। ଅଧିନାୟକ ରୋହିତ ଶର୍ମା, ବିରାଟ କୋହଲି, ରିଷଭ ପନ୍ତ, ଶୁଭମନ ଗିଲ୍ ପୂର୍ବ ୨ଟି ଯାକ ମ୍ୟାଚ୍‌ରେ ବିଫଳ ହୋଇଥିଲେ। ସିରିଜରେ ଅଗ୍ରଣୀ ହାସଲ କରିବାକୁ ହେଲେ ବ୍ୟାଟିଂ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ପଡ଼ିଛି। ଆଜି ବ୍ୟାଟିଂ କୋଚ୍ ଅଭିଷେକ ନାୟାରଙ୍କ ଅଧିନରେ ଦଳ ବ୍ୟାଟିଂରେ ତ୍ରୁଟି ସୁଧାରିବାକୁ ଯୋଜନା କରୁଛି।



# ଭାରତ ଛାଡ଼ି ଲଣ୍ଡନ ପଳାଇବେ ବିରାଟ କୋହଲି !

**ନୂଆଦିଲ୍ଲୀ, ୨୦।୧୨:** ଖୁବ୍‌ଶୀଘ୍ର ଭାରତକୁ ବାଏ ବାଏ କରିବେ ଭାରତୀୟ କ୍ରିକେଟ ଟିମ୍‌ର ପୂର୍ବତନ ଅଧିନାୟକ ବିରାଟ କୋହଲି। କ୍ରିକେଟରୁ ସନ୍ନ୍ୟାସ ନେବା ପରେ ସେ ପରିବାର ସହ ଲଣ୍ଡନରେ ରହିବେ। ପତ୍ନୀ ଅନୁଷ୍କା ଓ ଦୁଇ ପିଲାଙ୍କ ସହ ସବୁ ଦିନ ପାଇଁ ଲଣ୍ଡନ ସିଫ୍ଟ ହୋଇଯିବେ ବିରାଟ କୋହଲି। ଏନେଇ ପୂର୍ବରୁ ଖୁବ୍ ଆଲୋଚନା ଚାଲିଥିବା ବେଳେ ଏବେ ଏଥିରେ ମୋହର ମାରିଛନ୍ତି ତାଙ୍କ ପିଲା ଦିନର କୋଚ ରାଜକୁମାର ଶର୍ମା। ଦ୍ୱିତୀୟ ସନ୍ତାନ ଅକାୟ ଜନ୍ମ ପୂର୍ବରୁ ବିରାଟ ପତ୍ନୀ ଓ ଝିଅଙ୍କ ସହ ଅଧିକାଂଶ ସମୟ ଲଣ୍ଡନରେ ଅତିବାହିତ କରୁଥିଲେ। ସେଠାରେ ତାଙ୍କର ଘର ଥିବା ଜଣାଯାଇଛି। ବିରାଟ ଏବେ ପରିବାର ସହ କ୍ୱାଲିଟି ସମୟ ଅତିବାହିତ କରୁଛନ୍ତି। ପିଲାଙ୍କ ଭବିଷ୍ୟତ ନିମନ୍ତେ ଲଣ୍ଡନ ସିଫ୍ଟ ହେବାକୁ ବିରାଟ ଓ ଅନୁଷ୍କା ନିଷ୍ପତ୍ତି ନେଇଥିବା ଜଣାଯାଇଛି। ଗତ କିଛି ମାସ ଧରି ବିରାଟ ପରିବାର ସହ ଲଣ୍ଡନରେ ଅଧିକ ସମୟ ରହୁଛନ୍ତି। ତେବେ ଏଥର ସେ ଭାରତକୁ ବାଏ ବାଏ କହି ସବୁଦିନ ପାଇଁ ଲଣ୍ଡନ ଚାଲିଯିବେ ବୋଲି କହିଛନ୍ତି ତାଙ୍କ ପିଲା ଦିନର କୋଚ। ଏହି ଘଟଣା ବିରାଟଙ୍କ ଫ୍ୟାନ୍ସଙ୍କୁ ଶକ୍ତ ଧକ୍କା ଦେଇଛି। ବିରାଟ କୋହଲିଙ୍କୁ ଏବେ ୩୬ ବର୍ଷ ବୟସ। ସଂପ୍ରତି ସେ ଭାରତୀୟ ଟିମ୍ ସହିତ ଅଷ୍ଟ୍ରେଲିଆ ଗସ୍ତରେ ଅଛନ୍ତି। ପୂର୍ବରୁ ସେ ଟି୨୦ରୁ ଅବସର ଘୋଷଣା କରିସାରିଛନ୍ତି। ଏବେ ଟେଷ୍ଟରେ ତାଙ୍କର ଫର୍ମ ଭଲ ନ ଥିବା ନେଇ ଜୋର ଚର୍ଚ୍ଚା ହେଉଛି। ସେ ଟେଷ୍ଟରୁ ଅବସର ଘୋଷଣା କରିବା ପରେ ଭାରତ ଛାଡ଼ି ସବୁ ଦିନ ପାଇଁ ଲଣ୍ଡନ ପଳାଇବେ ବୋଲି ଶୁଣାଯାଉଛି।

# ସ୍କ୍ୱାଡରେ ପରିବର୍ତ୍ତନ କଲା ଅଷ୍ଟ୍ରେଲିଆ

**ମେଲବର୍ଣ୍ଣ,୨୦/୧୨:** ଭାରତ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫିର ୪ର୍ଥ ଓ ୫ମ ଟେଷ୍ଟ ପାଇଁ ଅଷ୍ଟ୍ରେଲିଆ ତା'ର ସ୍କ୍ୱାଡରେ ବଡ଼ ପରବର୍ତ୍ତନ କରିଛି। ପ୍ରଥମ ୩ଟି ମ୍ୟାଚ୍‌ରେ ରହିଥିବା ଦୁଇ ଜଣ ଖେଳାଳି ଶେଷ ୨ ମ୍ୟାଚ୍‌ରୁ ବାଦ ପଡ଼ିଛନ୍ତି। ଭାରତ ବିପକ୍ଷରେ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିବା ନାଥନ ମ୍ୟାକସ୍ୱିନୀ ୪ର୍ଥ ଓ ୫ମ ଟେଷ୍ଟରେ ନଜର ଆସିବେ ନାହିଁ। ସେ ଭାରତ ବିପକ୍ଷ ୩ଟି ମ୍ୟାଚ୍ ଖେଳିଥିଲେ ହେଁ ଆଖିଦୃଶିଆ ପ୍ରଦର୍ଶନ କରିପାରି ନଥିଲେ। ତେଣୁ ତାଙ୍କୁ ବଳକା ୨ ମ୍ୟାଚ୍‌ରୁ ବାଦ ଦିଆଯାଇଛି। ଅଷ୍ଟ୍ରେଲିଆ ପକ୍ଷରୁ ଶେଷ ଦୁଇ ମ୍ୟାଚ୍ ପାଇଁ ଆଜି ୧୫ ଜଣିଆ ସ୍କ୍ୱାଡ ଘୋଷଣା କରାଯାଇଛି। ୪ର୍ଥ ତଥା ବକ୍ସିଂ ଡେ ଟେଷ୍ଟ ଡିସେମ୍ବର ୨୬ରୁ ଆରମ୍ଭ ହେବ। ମ୍ୟାକସ୍ୱିନୀଙ୍କ ବଦଳରେ ସ୍କ୍ୱାଡରେ ୧୯ ବର୍ଷୀୟ ସାମ କୋନଷ୍ଟାସଙ୍କୁ ସାମିଲ କରାଯାଇଛି। ସେ ମେଲବର୍ଣ୍ଣ ଟେଷ୍ଟରେ



ଉସମାନ ଖ୍ୱାଜାଙ୍କ ସହ ଇନିଂସ ଆରମ୍ଭ କରିବେ। ସାମଙ୍କ ସହ ସ୍କ୍ୱାଡରେ ସ୍ପିଡଷ୍ଟାର ଝାଇ ରିଚାର୍ଡସନଙ୍କୁ ମଧ୍ୟ ସାମିଲ କରାଯାଇଛି। ସେ ୩ ବର୍ଷ ପରେ ସ୍କ୍ୱାଡକୁ ଫେରିଛନ୍ତି। ସେହିପରି ସେନ ଆବୋଟ୍ଟ ଓ ଅଲରାଉଣ୍ଡର ବି ୱେବଷ୍ଟର ବି ସ୍କ୍ୱାଡରେ ରହିଛନ୍ତି। ଭାରତ ବିପକ୍ଷ ତୃତୀୟ ଟେଷ୍ଟର ଶେଷ ଦୁଇ ଦିନରେ ଆହତ ହୋଇଥିବା ଜୋଶ ହାଜେଲଉଡ ମଧ୍ୟ ୪ର୍ଥ ଓ ୫ମ ଟେଷ୍ଟର ସ୍କ୍ୱାଡରେ ନାହାନ୍ତି। ଆହତ କାରଣରୁ ସେ ବର୍ଡର-ଗାଭାସ୍କର ଟ୍ରଫିରୁ ବାଦ ପଡ଼ିଛନ୍ତି। ଅଷ୍ଟ୍ରେଲିଆ ସ୍କ୍ୱାଡ: ପାଟ କମିନ୍ସ(ଅଧିନାୟକ), ଟ୍ରାଭିସ ହେଡ(ଉପ ଅଧିନାୟକ), ଷ୍ଟିଭ ସ୍ମିଥ, ସେନ ଆବୋଟ୍ଟ, ସ୍କଟ ବୋଲାଣ୍ଡ, ଆଲେକ୍ସ କେରୀ, ଜୋଶ ଇଙ୍ଗଲିସ, ଉସମାନ ଖ୍ୱାଜା, ସାମ କୋନଷ୍ଟାସ, ମାର୍ନସ ଲାବୁଶେନ, ନାଥନ ଲାୟନ, ମିଚେଲ ମାର୍ଶ, ଝାଇ ରିଚାର୍ଡସନ, ମିଚେଲ ଷ୍ଟାର୍କ ଓ ବି ୱେବଷ୍ଟର।

# ଆଇପିଏଲ୍ ୨୦୨୫ ପୂର୍ବରୁ ରିଙ୍କୁ ସିଂଙ୍କୁ ବଡ଼ ଦାୟିତ୍ୱ

**ନୂଆଦିଲ୍ଲୀ, ୨୦।୧୨:** ଡିସେମ୍ବର ୨୧ (ଶନିବାର)ରୁ ଆରମ୍ଭ ହେବାକୁ ଯାଉଛି ବିଜୟ ହଜାରେ ଟ୍ରଫି। ଏହି ଟୁର୍ଣ୍ଣାମେଣ୍ଟରେ ଉତ୍ତର ପ୍ରଦେଶ ଗ୍ରୁପ୍ ଡି ମୁକାବିଲାରେ ପ୍ରଥମେ ଜମ୍ମୁକାଶ୍ମୀରକୁ ଭେଟିବ। ସେପଟେ ଗତ ସପ୍ତାହରେ ସୟଦ ମୁସ୍ତାକ ଅଲି ଟ୍ରଫି ସମାପ୍ତ ହୋଇଥିବା ବେଳେ ଉତ୍ତର ପ୍ରଦେଶ ଟିମ୍‌ର ଅଧିନାୟକ ଥିଲେ ଭୁବନେଶ୍ୱର କୁମାର। କିନ୍ତୁ ଆଜିଠୁ ଆରମ୍ଭ ହେବାକୁ ଥିବା ବିଜୟ ହଜାରେ ଟ୍ରଫି ଲାଗି ଉତ୍ତର ପ୍ରଦେଶ ଟିମ୍‌ର ନେତୃତ୍ୱ ନେବେ ଭାରତୀୟ ଷ୍ଟାର ବ୍ୟାଟର ରିଙ୍କୁ ସିଂ। ସେ ନିଜ ରାଜ୍ୟର ବରିଷ୍ଠ କ୍ରିକେଟ ଦଳରେ ପ୍ରଥମ ଥର ଅଧିନାୟକ ହେବାର ସୁଯୋଗ ପାଇଛନ୍ତି। ଏହା ପୂର୍ବରୁ ଉତ୍ତର ପ୍ରଦେଶର ଟି-୨୦ ଲିଗ୍‌ରେ ମିରଟ ମାଭେରିକ୍ସର ଅଧିନାୟକ ହୋଇଥିଲେ ରିଙ୍କୁ। ଏହି ଲିଗ୍‌ରେ ଦଳକୁ ବିଜୟୀ କରାଇବା ସହ ସେ ମଧ୍ୟ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେପଟେ ରିଙ୍କୁ ସିଂଙ୍କୁ ଆଗାମୀ ଆଇପିଏଲ ସିଜନ୍ ଲାଗି କୋଲକାତା ନାଇଟ ରାଇଡର୍ସ (କେକେଆର) ରିଟେନ୍ ମଧ୍ୟ କରିଛି। କୋଲକାତା ଟିମ୍ ମଧ୍ୟ ନିଜର ଅଧିନାୟକଙ୍କ ନାଁ ଘୋଷଣା କରି ନାହିଁ। କେକେଆରର ଅଧିନାୟକ ହେବାକୁ ଚିନ୍ତା କରି ନାହିଁ, ବର୍ତ୍ତମାନ ଉତ୍ତର ପ୍ରଦେଶ ଟିମ୍ ଲାଗି ଯୋଜନା ପ୍ରସ୍ତୁତ କରିବାର ବେଳ ବୋଲି ରିଙ୍କୁ ସିଂ କହିଛନ୍ତି। ଲିଷ୍ଟ-ଏ କ୍ରିକେଟରେ ରିଙ୍କୁ ସିଂଙ୍କ ପ୍ରଦର୍ଶନ ବହୁତ ଭଲ ରହିଛି। ୫୨ଟି ଇନିଂସରେ ରିଙ୍କୁ ସିଂ ୧୮୯୯ ରନ୍ କରିଛନ୍ତି। ଘରୋଇ ଉତ୍ତର ପ୍ରଦେଶ ଟିମ୍‌କୁ ବିଜୟ ହଜାରେ ଟ୍ରଫି ଜିତାଇବା ଲାଗି ପ୍ରସ୍ତୁତ ହେଉଥିବା ରିଙ୍କୁ ସିଂଙ୍କ ଉପରେ ବିସିସିଆଇର ଚୟନକର୍ତ୍ତାଙ୍କ ନଜର ମଧ୍ୟ ରହିବ। ଏହାର କାରଣ ହେଉଛି, ଆସନ୍ତାବର୍ଷ ଚାମ୍ପିୟନ୍ସ ଟ୍ରଫି ୨୦୨୫ ଆରମ୍ଭ ହେବାକୁ ଯାଉଛି।



## ୨୮ରୁ ହକି ଇଣ୍ଡିଆ ଲିଗ୍

**ଭୁବନେଶ୍ୱର, ୨୦।୧୨:** ଆସନ୍ତା ୨୮ ତାରିଖରୁ ଆରମ୍ଭ ହେବାକୁ ଯାଉଛି ହକି ଇଣ୍ଡିଆ ଲିଗ୍। ଏଥିରେ ଅଂଶଗ୍ରହଣ କରୁଥିବା ଓଡିଶା ଭିତ୍ତିକ ଫ୍ରାଞ୍ଚାଇଜ କଳିଙ୍ଗ ଲାନ୍ସର୍ସର ଜର୍ସି, ମାସ୍କଟ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଉନ୍ମୋଚନ ହୋଇଛି। ଦୁଇଟି ଜର୍ସି ରହିଛି । ଉଭୟରେ ଓଡିଶାର ଇତିହାସ, କଳା ଆଦି ପ୍ରତିଫଳିତ ହୋଇଛି। ମାସ୍କଟର ନାମ 'ଜିତ' ରହିଛି। ଚଳିତବର୍ଷ ଟିମ ବେଶ ସନ୍ତୁଳିତ ରହିଛି। ରାଜ୍ୟରୁ ଆଠ ଜଣ ଖେଳାଳି ଏଥିରେ ସାମିଲ ହୋଇଛନ୍ତି। ହକି ଇଣ୍ଡିଆ ଲିଗରେ ଟିମ୍ଭଲ ପ୍ରଦର୍ଶନ କରିବ ବୋଲି ସମସ୍ତେ ଆଶାବାଦୀ ଅଛନ୍ତି। ଏହି ଅବସରରେ କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, କ୍ରୀଡା ସଚିବ ଭାସ୍କର ଜ୍ୟୋତି ଶର୍ମା, ବେଦାନ୍ତ ସିଇଓ ସୁନୀଲ ଗୁପ୍ତା ପ୍ରମୁଖ ଯୋଗଦେଇଥିଲେ।




## ଫିଫା ଇଣ୍ଟରକଣ୍ଟିନେଣ୍ଟାଲ କପ୍

# ୩-୦ ଗୋଲରେ ପାଚୁକାକୁ ହରାଇ ରିୟଲ ମାଡ୍ରିଦ ଚାମ୍ପିଅନ୍

**ଦୋହା,୨୦/୧୨:** ରିୟଲ ମାଡ୍ରିଦ ୩-୦ ଗୋଲରେ ପାଚୁକାକୁ ପରାଜିତ କରି ଫିଫା ଇଣ୍ଟରକଣ୍ଟିନେଣ୍ଟାଲ କପ୍‌ରେ ଚାମ୍ପିଅନ ହୋଇଛି। ଷ୍ଟାର ଖେଳାଳି କିଲିୟାନ ଏମ୍‌ବାପେ ଚମତ୍କାର ପ୍ରଦର୍ଶନ କରି ଦଳକୁ ବିଜୟୀ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ମ୍ୟାଚ୍‌ଟି ସଂପୂର୍ଣ୍ଣ ଏକତରଫା ରହିଥିଲା। ମେକ୍ସିକୋର ପାଚୁକା ଦଳ ବହୁ ପ୍ରୟାସ କରି ଶେଷ ପର୍ଯ୍ୟନ୍ତ ଗୋଲ ଖାତା ଖୋଲି ପାରି ନଥିଲା। ରିୟଲ ମାଡ୍ରିଦ ପ୍ରଥମାର୍ଦ୍ଧରେ ଗୋଟିଏ ଏବଂ ଦ୍ୱିତୀୟାର୍ଦ୍ଧରେ ୨ଟି ଗୋଲ୍ ଦେଇ ମ୍ୟାଚ୍ ଜିତି ନେଇଥିଲା। ୩୬ ମିନିଟ ପର୍ଯ୍ୟନ୍ତ ଖେଳ ସଂଘର୍ଷପୂର୍ଣ୍ଣ ହୋଇଥିଲା। ୩୭ ମିନିଟରେ ଜୁନିୟର ଭିନିସିୟସଙ୍କ ଏକ ଚମତ୍କାର ପାସ୍‌କୁ ଏମ୍‌ବାପେ ଗୋଲରେ ରୂପାନ୍ତରିତ କରି ଦଳକୁ ପ୍ରଥମାର୍ଦ୍ଧରେ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧରେ ରୋଡ୍ରିଗୋ (୫୩ ମିନିଟ୍) ଏବଂ ଭିନିସିୟସ (୮୪ ମିନିଟ) ୨ଟି ଗୋଲ୍ ସ୍କୋର କରିଥିଲେ। ରୋଡ୍ରିଗୋଙ୍କୁ ସହାୟତା କରିଥିଲେ ଏମ୍‌ବାପେ।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପ୍ରିୟଙ୍କାଙ୍କୁ ...

ଷଡଙ୍ଗୀଙ୍କ ପ୍ରତିପକ୍ଷଙ୍କୁ ଏଭଳି ଜବାବକୁ ନେଇ ଏବେ ରାଜଧାନୀ ଦିଲ୍ଲୀରେ ଭାରି ଚର୍ଚ୍ଚା। ଯାହାକୁ ନେଇ ବ୍ୟାଗର ଜବାବ, ବ୍ୟାଗରେ ଦେଲେ ବୋଲି ଆଲୋଚନା ହେଉଛି।

ବିଗତ ଦିନରେ ସଂସଦକୁ ପାଲେଷ୍ଟାଇନ ଲେଖାଥିବା ଓ ବାଂଲାଦେଶ ଲେଖାଥିବା ବ୍ୟାଗ୍ ଆଣି ଚର୍ଚ୍ଚାରେ ଥିଲେ ପ୍ରିୟଙ୍କା। ଅନ୍ୟପଟେ ସମ୍ବିଧାନ ପ୍ରଣେତା ବାବାସାହେବ ଆମ୍ବେଦକରଙ୍କୁ ନେଇ ସଂସଦରେ ଆରୋପ ପ୍ରତ୍ୟାରୋପ ଲାଗି ରହିଥିବା ସହ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ବିଜେପି ସାଂସଦ ପ୍ରତାପ ଷଡଙ୍ଗୀ ଓ ମୁକେଶ ରାଜପୁତଙ୍କୁ ଧକ୍କା ମାରି ଆହତ କରିବା ଅଭିଯୋଗ ପରେ ଏମିତି ଢଙ୍ଗରେ ଜବାବ ଦେଇଛନ୍ତି ଅପରାଜିତା । ଉଭୟ ବିଜେପି ଓ କଂଗ୍ରେସ ପରସ୍ପର ବିରୋଧରେ ଆରୋପ ପ୍ରତ୍ୟାରୋପ ଜୋର୍ ଧରିଥିବା ବେଳେ ଅପରାଜିତା ବ୍ୟାଗ ଉପହାର ଦେଇ ସମଗ୍ର ଭାରତୀୟ ରାଜନୀତିରେ ଚର୍ଚ୍ଚାକୁ ଆସିଛନ୍ତି।

ସୂଚନାଯୋଗ୍ୟ, ଗତ ସପ୍ତାହରେ ପାଲେଷ୍ଟାଇନ୍ ଲେଖାଥିବା ବ୍ୟାଗ ଧରି ପ୍ରିୟଙ୍କା ସଂସଦକୁ ଆସିଥିଲେ। ଏହାକୁ ନେଇ ବିତର୍କ ସୃଷ୍ଟି ହୋଇଥିଲା। ଏହି ବିତର୍କ ଥମି ନ ଥିବା ବେଳେ ପ୍ରିୟଙ୍କା ପୁଣି ଏକ ବାଂଲାଦେଶ ଲେଖାଥିବା ବ୍ୟାଗ ଧରି ସଂସଦକୁ ଆସିଥିଲେ। ଏହି ବ୍ୟାଗରେ ଲେଖାଥିଲା ବାଂଲାଦେଶର ହିନ୍ଦୁ ଓ ଖ୍ରୀଷ୍ଟିଆନଙ୍କ ସହ ଛିଡାହୁଅ। ବାଂଲାଦେଶରେ ସଂଖ୍ୟାଲଘୁମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ଦୃଷ୍ଟିରେ ରଖି ସେ ଏହି ବ୍ୟାଗ ଧରି ସଂସଦକୁ ଆସିଥିଲେ। ବାଂଲାଦେଶର ସଂଖ୍ୟାଲଘୁମାନଙ୍କ ସୁରକ୍ଷା ଲାଗି ସରକାର କୂଟନୈତିକ ସ୍ତରରେ ଆଲୋଚନା କରିବାକୁ ସେ ଦାବି କରିଥିଲେ। ୧୯୭୧ରେ ବାଂଲାଦେଶର ମୁକ୍ତି ଯୁଦ୍ଧରେ ଭାରତର ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିବାର କହିଥିଲେ ପ୍ରିୟଙ୍କା। ତେବେ ତାଙ୍କୁ କଡା ଜବାବ ଦେଇଥିଲେ ପୁରୀର ବିଜେପି ସାଂସଦ ସମ୍ବିତ ପାତ୍ର । କହିଥିଲେ, ଗାନ୍ଧି ପରିବାର ସବୁବେଳେ ତୁଷ୍ଟିକରଣ ବ୍ୟାଗ ଧରି ବୁଲେ। ଏହି ତୁଷ୍ଟୀକରଣ ବ୍ୟାଗ ପାଇଁ କଂଗ୍ରେସ ପରାଜୟର ସାମନା କରୁଛି। ପ୍ରିୟଙ୍କାଙ୍କ ବ୍ୟାଗ ରାଜନୀତିକୁ ବ୍ୟାଗରେ କାଉଣ୍ଟର କରିଛନ୍ତି ଅପରାଜିତା। ମନେ ପକାଇ ଦେଇଛନ୍ତି ଶିଖ୍ ବିରୋଧୀ ଦଙ୍ଗାର କଥା, ରକ୍ତପାତର କଥା।

### ଜାନୁଆରୀରେ...

ରାଜ୍ୟ ୟୁନିଟରେ ସାଂଗଠନିକ ନିର୍ବାଚନ ସମାପ୍ତ ହେବା ଉଚିତ। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ୩ ବର୍ଷ ଅଟେ। ତେବେ ୨୦୨୪ରେ ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଜେ ପି ନଡ୍ଡାଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଥିଲା। ଫେବୃଆରୀ ୨୦୨୦ରେ ନଡ୍ଡା ଭାଜପାର ନୂତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବରେ ନିର୍ବାଚିତ ହୋଇଥିଲେ। ସେ ଦଳର ଏକାଦଶ ରାଷ୍ଟ୍ରୀୟ ଅଧ୍ୟକ୍ଷ। ଜାନୁଆରୀ ୨୦୨୩ ରେ ତାଙ୍କ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ଅମିତ ଶାହା କହିଥିଲେ ଯେ ଭାଜପାର ଜାତୀୟ କାର୍ଯ୍ୟନିର୍ବାହୀଙ୍କ ସର୍ବସମ୍ମତି କ୍ରମେ ଦଳର ଅଧ୍ୟକ୍ଷ ନଡ୍ଡାଙ୍କ କାର୍ଯ୍ୟକାଳ ଜୁନ ୨୦୨୪ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେବେଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ନଡ୍ଡା ଭାଜପା ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଏବେ ଭାଜପାର ନୂତନ ଅଧ୍ୟକ୍ଷ ସରକାର କିମ୍ବା ସଂଗଠନର କୌଣସି ସଦସ୍ୟ ହୋଇପାରନ୍ତି। ଏଯାବତ କାହାର ନାମ ସାମ୍ନାକୁ ଆସିନାହିଁ। ଆଗାମୀ କିଛି ଦିନରେ ସ୍ଥିତି ସ୍ପଷ୍ଟ ହୋଇପାରେ।

### ଖ୍ରୀଷ୍ଟମାସ...

ଆଷ୍ଟ୍ରୋଏଡ ମଧ୍ୟରେ 2024 XN1 ଆଷ୍ଟ୍ରୋଏଡ ସର୍ବ ବୃହତ ଅଟେ। ଏହା ସତ୍ତ୍ୱେ ବୈଜ୍ଞାନିକମାନେ ଆଶ୍ୱାସନା ଦେଇଛନ୍ତି ଯେ ପୃଥିବୀ ପାଖ ଦେଇ ଯାଉଥିଲେ ମଧ୍ୟ କୌଣସି ବିପଦ ନାହିଁ। ନାସାର ଆଷ୍ଟ୍ରୋଏଡ ୱାଚ ଡ୍ୟାସବୋର୍ଡ ସାହାଯ୍ୟରେ ଏହି ଆଷ୍ଟ୍ରୋଏଡ ଉପରେ ନଜର ରଖାଯାଉଛି। ନାସାର ଡ୍ୟାସବୋର୍ଡ ସେହି ସମସ୍ତ ଆଷ୍ଟ୍ରୋଏଡ ଏବଂ ଧୂମକେତୁ ବିଷୟରେ ସୂଚନା ଦେଇଥାଏ ଯାହା ପୃଥିବୀ ନିକଟରେ ଯାଇଥାଏ କିମ୍ବା ପୃଥିବୀ ସହିତ ଧକ୍କା ହେବାକୁ ଯାଉଛି ।

### ବିନା ଅନୁମତିରେ...

ଉପରେ ସଜାଗ ରହିବାକୁ ଏକ୍ସାଇଜ୍ ଅଧିକାରୀଙ୍କୁ କୁହାଯାଇଛି। ଜିରୋ ନାଇଟ୍ ସେଲିବ୍ରେସନ୍ ପାଇଁ ଅବକାରୀ ବିଭାଗର କଟକଣା ଜାରି କରିଛି । ଡିସେମ୍ବର ୩୧ରେ ଜିରୋ ନାଇଟ୍ ଆୟୋଜନ ପାଇଁ ଅବକାରୀ ବିଭାଗର ଅନୁମତି ନେବା ନିହାତି ଆବଶ୍ୟକ। ବିନା ଅବକାରୀ ବିଭାଗର ଅନୁମତିରେ କେହି ଜିରୋ ନାଇଟ ସେଲିବ୍ରେସନ କରିପାରିବେ ନାହିଁ। ଯଦି କରନ୍ତି ତାହେଲେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଛନ୍ତି ଅବକାରୀ କମିଶନର ନରସିଂହ ଭୋଳ। ବିନା ଅନୁମତିରେ କିଛି ଜାଗାରେ ଜିରୋ ନାଇଟ୍ ପାଇଁ ପ୍ରସ୍ତୁତି ଚାଲିଛି ବୋଲି ବିଭାଗକୁ ବିଭିନ୍ନ ସୂତ୍ରରୁ ଖବର ଆସିଛି । ଏହାକୁ ରୋକିବା ପାଇଁ ଖୁବଶୀଘ୍ର ବିଭାଗ ପଦକ୍ଷେପ ନେବ ବୋଲି ଅବକାରୀ କମିଶନର ଚେତାବନୀ ଦେଇଛନ୍ତି।

### ବିଜେପି...

ରଣନୀତିକୁ ନେଇ ଆଶଙ୍କା ବ୍ୟକ୍ତ କରୁଛନ୍ତି ।

ରାଉରକେଲାର ବରିଷ୍ଠ ବିଜେପି ନେତା ଦିଲ୍ଲୀପ ରାୟ ଧିରେ ଧିରେ ନିର୍ବାଚନୀ ରାଜନୀତିରୁ ଦୂରେଇ ଯାଉଥିବାବେଳେ ସେଠାରେ ବିଜେପି ନେତୃତ୍ୱ ପାଇଁ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି । ଦିଲ୍ଲୀପଙ୍କର ବଡ ସଂଗଠନ ଥିବାବେଳେ ତାହାକୁ ନିଜ ପଟକୁ ଆଣିବାପାଇଁ ବହୁ ନେତା ଲାଗି ପଡିଛନ୍ତି । ତେବେ ବିଜେଡି ବିଧାୟକ ସାରଦା ଏହି ସୁଯୋଗକୁ ହାତଛଡା କରିବାକୁ ଚାହୁଁନାହାନ୍ତି । ଗୋଟିଏ ପଟେ ବିଜେଡିରେ ନିଜର ଭବିଷ୍ୟତକୁ ନେଇ ସାରଦାଙ୍କ ଭଳି ନେତାମାନେ ଦ୍ୱନ୍ଦରେ ଥିବାବେଳେ କ୍ଷମତାସୀନ ବିଜେପି ସହିତ ରହିବାକୁ ଉଚିତ ମନେ କରୁଛନ୍ତି । ଯାହାର ଫଳ ସ୍ୱରୂପ ରାଜ୍ୟର ଦୁଇ ସାଂସଦ ଏବେ ବିଜେପିରେ ।

ଏଭଳି ସ୍ଥିତିରେ ନିଜର ଭବିଷ୍ୟତକୁ ସୁରକ୍ଷିତ କରି ରଖିବାପାଇଁ ସାରଦା ବିଜେପି ମନସ୍କ ହେଲେ ସେଥିରେ କୌଣସି ନୂତନତ୍ୱ ନାହିଁବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଉଛନ୍ତି । କିଛିଦିନ ତଳେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ରାଜ୍ୟ ବିଜେପିର ତୁଙ୍ଗ ନେତାମାନେ ମଧ୍ୟ ବୋଇତ ବନ୍ଦାଣ ଆଳରେ ରାଉରକେଲା ଗସ୍ତ କରିଥିଲେ । ସେତେବେଳେ ମଧ୍ୟ ଏହି ଗସ୍ତକୁ ସାରଦାଙ୍କ ସମର୍ଥନ ନେଇ ଚର୍ଚ୍ଚା ହୋଇଥିଲା ।

ବର୍ତ୍ତମାନ ବିଜେଡିରେ ଅସନ୍ତୋଷ କୁହୁଳୁଥିବାବେଳେ ସାରଦାଙ୍କ ଭଳି ନେତାମାନଙ୍କର ଲମ୍ବା ରାଜନୈତିକ କ୍ୟାରିଅର ରହିଛି । ଯଦିଓ ସାରଦା ଏବେ ବିଧାୟକ ଅଛନ୍ତି, ତଥାପି ପୂର୍ବତନ ମନ୍ତ୍ରୀ ଓ ଭେଟେରାନ ଦିଲ୍ଲୀପଙ୍କୁ ହରାଇଥିବାରୁ ଦଳରେ ତାଙ୍କୁ ଯେଭଳି ଗୁରୁତ୍ୱ ମିଳିବାକଥା ତାହା ମିଳୁନାହିଁ । ତେଣୁ ନିଜର ରାଜନୈତିକ ଭବିଷ୍ୟତ ପାଇଁ ସାରଦା ବିଜେପି ପଟକୁ ଢଳିବା ସହିତ ରାଉରକେଲାର ବିଜେପି ସଂଗଠନକୁ ନିଜ ପଟକୁ ଆଣିବାକୁ ଏବେ ଠାରୁ ଅଣ୍ଟା ଭିଡିଥିବା ନେଇ ଚର୍ଚ୍ଚା ଜୋର ଧରିଛି ।

ବିଜେପି ମଧ୍ୟ ସାରଦାଙ୍କ ଭଳି ଦକ୍ଷ ସଂଗଠକ ଓ ପୁରୁଖା ନେତାଙ୍କୁ ନିଜ ପାଖରେ ରଖି ରାଉରକେଲା ରାଜନୀତିକୁ ନିଜ ପଟକୁ ଆଣିବାକୁ ଆଗ୍ରହୀ ରହିଥିବା ଆଲୋଚନା ହେଉଛି । ଗୋଟିଏ ପଟେ ବିଜେପି ଜଣକ ପରେ ପରେ ବିଜେଡିକୁ ନେତାଙ୍କୁ ନିଜ ଶିବିରକୁ ଆଣୁଥିବାବେଳେ ଅନ୍ୟପଟେ ସାରଦା ବିଜେପି ମନସ୍କ ହେବା କେବଳ ରାଉରକେଲା ରାଜନୀତି ନୁହେଁ, ରାଜ୍ୟ ରାଜନୀତିକୁ ଚର୍ଚ୍ଚାର ଖୋରାକ ଯୋଗାଇଛି ।

### ଚାଷୀଙ୍କ ...

ପର୍ଯ୍ୟନ୍ତ ଚାଲିବ । ପ୍ରଥମ ପର୍ଯ୍ୟାୟରେ ସବୁ ପଂଚାୟତରେ ଏକ ସ୍ୱତନ୍ତ୍ର ଶିବିର ଆୟୋଜନ କରାଯିବ । ଯେଉଁ ଶିବିରରେ ୨ଜଣ ଲେଖାଏଁ ଗ୍ରାମ୍ୟ କୃଷି ସେବକ, ଜଣେ ରାଜସ୍ୱ ନିରୀକ୍ଷକ ଉପସ୍ଥିତ ରହିବେ । ଚାଷୀଙ୍କୁ ଶିବିର ପର୍ଯ୍ୟନ୍ତ ଆଣିବା ପାଇଁ ସ୍ଥାନୀୟ କୃଷକ ସାଥୀଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ପ୍ରତ୍ୟେକ ଶିବିରର ତଦାରଖ ଦାୟିତ୍ୱରେ କୃଷି ଓଭରସିୟର,ବ୍ଲକ କୃଷି ଅଧିକାରୀ, ଅତିରିକ୍ତ ତହସିଲଦାର କିମ୍ବା ତହସିଲଦାରଙ୍କ ମଧ୍ୟରୁ ଜଣେ ରହିବେ । ଚାଷୀମାନେ ନିଜର ଆଧାର କାର୍ଡ, ମୋବାଇଲ ଫୋନ୍(ଆଧାର ଲିଙ୍କ ଥିବା) , ଜମି ପଟ୍ଟା(ଭୂଲେଖରେ ଥିବା ରେକର୍ଡ) ଅବା ଖର୍ଦ୍ଦି ଦଲିଲ ଧରି ଶିବିରକୁ ଆସିବେ । ପ୍ରଥମ ପର୍ଯ୍ୟାୟରେ ଆୟୋଜିତ ଏହି ଶିବିରରେ ପିଏମକିଷାନ, ପ୍ରଧାନମନ୍ତ୍ରୀ ଫସଲବୀମା, କୃଷକ ଓଡ଼ିଶାର ହିତାଧିକାରୀଙ୍କ ପଞ୍ଜିକରଣ ଶେଷ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରତ୍ୟେକ ଚାଷୀଙ୍କ ପଞ୍ଜିକରଣ ପାଇଁ କୃଷକ ସାଥୀମାନଙ୍କୁ ୬ଟଙ୍କା, ଗ୍ରାମ୍ୟ କୃଷିସେବକ ଓ ରାଜସ୍ୱ ନିରୀକ୍ଷକଙ୍କୁ ୨ଟଙ୍କା ଲେଖାଏଁ ପାରିଶ୍ରମିକ ମିଳିବ ।

ସେହିପରି ଦ୍ୱିତୀୟ ପର୍ଯ୍ୟାୟ ପଞ୍ଜିକରଣ ପ୍ରକ୍ରିୟା ମାର୍ଚ୍ଚ ୩୧ରୁ ହେବ । ଯାହାକି ୩ଟି ମାଧ୍ୟମରେ ହୋଇପାରିବ । ବ୍ୟକ୍ତିଗତସ୍ତରରେ ଏଗ୍ରିଷ୍ଟାକ୍ ୱେବସାଇଟ୍ ଅବା ଆପ୍ ମାଧ୍ୟମରେ, ଜନସେବା କେନ୍ଦ୍ରରେ ଓ ସହାୟକ ମଡେଲକୁ ଉପଯୋଗ କରି ଚାଷୀ ପଞ୍ଜିକରଣ କରାଯିବ ।

ସେହିପରି ଯେଉଁ ଜମିଗୁଡ଼ିକ ଇଜିମାଇଲରେ ଥିବ ଅବା ପିତା-ଜେଜେଙ୍କ ନାଁରେ ଥିବ ତା'ର ପ୍ରକୃତ ହିତାଧିକାରୀ ଆବଶ୍ୟକ ତଥ୍ୟ ଦେଇ ପଞ୍ଜିକରଣ କରାଇବାକୁ ପଡ଼ିବ । ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଆଧାର କେୱାଇସି, ଭୂଲେଖରେ ଥିବା ରେକର୍ଡ ଓ ପ୍ରତ୍ୟେକ ଚାଷଜମିର ଫସଲର ବିବରଣୀ(ଡିଜିଟାଲ ଫସଲ ସର୍ଭେ ଡାଟାବେସରୁ ସଂଗୃହୀତ ତଥ୍ୟ) ଠିକଠାକ୍ ଥିଲେ ଚାଷୀଙ୍କୁ ୨୪ଘଣ୍ଟା ମଧ୍ୟରେ ୧୪ଟିକିଆ ସ୍ୱତନ୍ତ୍ର ଆଇଡି ନମ୍ବର(ଓଡ଼ିରୁ ଆରମ୍ଭ) ମିଳିଯିବ । ଅନ୍ୟ ଯେଉଁମାନଙ୍କର ଏସବୁ ତଥ୍ୟରେ ସମସ୍ୟା ଥିବ ସେମାନଙ୍କୁ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଓ ତହସିଲଦାରଙ୍କ ମାଧ୍ୟମରେ ରେକର୍ଡ ଭେରିଫାଏଡ୍ କଲାପରେ ହିଁ ୟୁନିକ୍ ଆଇଡି ନମ୍ବର ମିଳିପାରିବ ।

ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାର ଏହି ଫାର୍ମର ରେଜିଷ୍ଟ୍ରି ପରେ ଆସନ୍ତା ଆର୍ଥିକ ବର୍ଷରୁ ପିଏମ କିଷାନ, ସିଏମକିଷାନ ସହ ପ୍ରଧାନମନ୍ତ୍ରୀ ଫସଲବୀମା ଆଦି ପାଇଁ ଏହି ୟୁନିକ୍ ଆଇଡି ନମ୍ବରକୁ ବାଧ୍ୟତାମୂଳକ କରିବାକୁ ଯୋଜନା ରଖିଛନ୍ତି । ପରବର୍ତ୍ତୀ ସମୟରେ କୃଷି ସହ ଜଡ଼ିତ ସମସ୍ତ ଯୋଜନା ଓ ସବସିଡି ମଧ୍ୟ କେବଳ ଏହି ଆଇଡି ନମ୍ବର ଥିଲେ ହିଁ ମିଳିପାରିବ ବୋଲି ଜଣାପଡ଼ିଛି । ତେବେ ଏହି ଏସଓପିରେ ଭୂମିହୀନ ଚାଷୀ କିଭଳି ନିଜକୁ ପଞ୍ଜିକରଣ କରିବେ ସେନେଇ ଏସଓପିରେ କିଛି ଉଲ୍ଲେଖ ନାହିଁ ।

### ପ୍ରବାସୀ...

ବର୍ଜ୍ୟ ପ୍ରକ୍ରିୟାକରଣ ପାଇଁ ଯେଉଁସବୁ ଯନ୍ତ୍ରପାତି ବସିଛି ଓ ଯେଉଁ ଗତିରେ କାର୍ଯ୍ୟ ଚାଲିଛି ତାହା ଜମା ହେଉଥିବା ଆବର୍ଜନାକୁ ସହଜରେ ନିୟନ୍ତ୍ରଣ କରିପାରୁ ନାହିଁ । ଉଲ୍ଲେଖନୀୟ ଯେ ଭୁବନେଶ୍ୱରର ସହରରୁ ଦୈନିକ ୫୦୦ ମେଟ୍ରିକଟନ୍‌ରୁ ଅଧିକ ଅଳିଆ ଆବର୍ଜନା ବାହାରୁଥିବାବେଳେ ଏହାର ସିଂହଭାଗ ଟିଟିପିଏସ୍‌କୁ ଯାଉଛି ।

କେବଳ ଟିଟିପିଏସ୍‌ର ଗନ୍ଧ ନୁହେଁ, ଜନତା ମଇଦାନରେ ଅନୁଷ୍ଠିତ ପ୍ରବାସୀ ଭାରତୀୟ କାର୍ଯ୍ୟକ୍ରମରେ ମଧ୍ୟ ଅପରପାର୍ଶ୍ୱର୍ରେ ଥିବା ସାଲିଆସାହି ପଟୁ ଗନ୍ଧ ଆସିବା ନେଇ ଆଶଙ୍କା କରାଯାଉଛି । କାରଣ ଏହି ଅଞ୍ଚଳରେ ସଫେଇର ସେଭଳି ସୁବ୍ୟବସ୍ଥା ନଥିବାବେଳେ ଘୁଷୁରୀମାନେ ପରିବେଶକୁ ପୂରା ପୂତିଗନ୍ଧମୟ କରି ରଖିଛନ୍ତି। ତେଣୁ ଯଦି ଓଲଟା ପବନ ବହିବ ତେବେ ସ୍ଥିତି କିଭଳି ମୁକାବିଲା କରାଯିବ ତାହା ଏବେ କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ହୋଇଛି ।

ପ୍ରଥମଥର ପାଇଁ ଓଡିଶାରେ ଏତେବଡ କାର୍ଯ୍ୟକ୍ରମ ଆୟୋଜନ ହେଉଥିବାବେଳେ ଦେଶ ବିଦେଶରୁ ହଜାର ହଜାର ପ୍ରବାସୀ ଓଡିଆ ଓ ଭାରତୀୟ ଆସିବାର କାର୍ଯ୍ୟକ୍ରମ ରହିଛି । ଏଥିପାଇଁ ୧୨୫ କୋଟି ଟଙ୍କାର ବଜେଟ୍ ଥିବାବେଳେ ରାଜଧାନୀ ଏବେ ସଜେଇ ହେବାରେ ଲାଗିଛି । କାନ୍ଥବାଡରେ ରଙ୍ଗ ବେରଙ୍ଗର ଚିତ୍ର ସହିତ ଫୁଲଗଛ ଓ ଆକର୍ଷଣୀୟ ଆଲୋକ ବ୍ୟବସ୍ଥା ହେଉଥିବାବେଳେ ଟିଟିପିଏସ୍‌ର ଗନ୍ଧ ଆସିଲେ କିନ୍ତୁ ବର୍ଷକର ତପ ଶୁଖୁଆପୋଡାରେ ଯିବା ଭଳି ଅବସ୍ଥା ହୋଇଯିବ ।

### ରାଜ୍ୟ ପାଇଁ...

ବଜେଟ୍ ବ୍ୟବସ୍ଥା କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି।

ଓଡ଼ିଶାର ଲୋକମାନଙ୍କର ନୂତନ ସରକାର ଠାରୁ ଉଚ୍ଚ ଆଶା ପୂରଣ ଦିଗରେ ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ଭିତ୍ତିଭୂମିରେ ବୈପ୍ଳବିକ ପରିବର୍ତ୍ତନ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ସହ ଆକାଂକ୍ଷୀ ବ୍ଲକ୍ କାର୍ଯ୍ୟକ୍ରମରେ ପୂର୍ବରୁ ଅନୁମୋଦିତ ୨୯ଟି ବ୍ଲକ୍ ସହ ମୟୂରଭଞ୍ଜ ଏବଂ କେନ୍ଦୁଝରର ଜିଲ୍ଲାର ଆଉ ୧୧ଟି ଅତିରିକ୍ତ ଆଦିବାସୀ ବହୁଳ ବ୍ଲକ୍ ସାମିଲ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି ।

ଆଗାମୀ କେନ୍ଦ୍ର ବଜେଟ୍, 2025-26 ପାଇଁ ସମସ୍ତ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ଅର୍ଥମନ୍ତ୍ରୀଙ୍କ ପରାମର୍ଶ ନେବାକୁ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସହ ଏହି ବୈଠକରେ ଯୋଗ ଦେଇଥିଲେ । ଓଡ଼ିଶା ପକ୍ଷରୁ ରାଜ୍ୟର ଅର୍ଥନୀତି, ବିକାଶ ପ୍ରସଙ୍ଗକୁ ନେଇ ଏକ ଲିଖିତ ସ୍ମାରକପତ୍ର କେନ୍ଦ୍ର ବଜେଟ୍, ୨୦୨୫-୨୬ରେ ଉପଯୁକ୍ତ ପଦକ୍ଷେପ ନିମନ୍ତେ ମାନ୍ୟବର କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ନିକଟରେ ଦାଖଲ କରାଯାଇଥିଲା ।

### ନିରଞ୍ଜନଙ୍କ...

ଇଡି ରେଡ୍ କରିଥିବା ସୂଚନା ରହିଛି। ନିରଞ୍ଜନଙ୍କ ନୟାପଲ୍ଲୀ ଘର ସମେତ ତାଙ୍କ ଭାଇ ଓ ଜଣେ ସମ୍ପର୍କୀୟଙ୍କ ଘରେ ଇଡି ପକ୍ଷରୁ ଚଢ଼ାଉ କରାଯାଇଥିବା ସୂଚନା ରହିଛି। ଇଡିର ୮ରୁ ୧୦ଜଣ ଅଧିକାରୀ ନିରଞ୍ଜନଙ୍କ ଘରେ ପହଞ୍ଚି ଚଢ଼ାଉ କରିଥିଲେ। ନିରଞ୍ଜନ ଘର ଚାରିପଟେ ସିଆପିଏଫ ଫୋର୍ସ ମୃତୟନ କରାଯାଇଥିଲା। ରେଡ୍ ନେଇ ନିରଞ୍ଜନଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

### ବଢ଼ିବ...

ବିଫଳ ହୋଇଥିଲେ ବି ବର୍ଷକୁ ବର୍ଷ ବିଦ୍ୟୁତ୍ ଦର କିନ୍ତୁ ବଢ଼ିଚାଲିଛି। ଦରଦାମ୍ ଆକାଶଛୁଆଁ ହୋଇଥିବା ବେଳେ ଏବେ ବିଜୁଳି ବିଲ୍ ବଢ଼ିଲେ ବୋଝ ଉପରେ ନଳିତା ବିଡ଼ା ପରି ହେବ।

# ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନାହିଁ ଶବବୁହା ଗାଡ଼ି

**କାକଟପୁର/ଅସ୍ତରଙ୍ଗ, ୨୦।୧୨ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳ ଅବା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବାହକ ଗାଡି ନଥିବାରୁ ଗରିବ ଲୋକେ ପରିଜନଙ୍କୁ ନେବାରେ ବହୁ ଅସୁବିଧାର



ସମ୍ମୁଖୀନ ହେଉଛନ୍ତି। ଲୋକଙ୍କ ହିତ ଦୃଷ୍ଟିରୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବାହକ ଗାଡି ରଖିବାକୁ ଦାବୀ ହୋଇଛି।

ଅଭିଯୋଗ ଅନୁସାରେ ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତରେ ପାଖାପାଖି ୮୦ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। କୌଣସି ସମୟରେ ମେଡିକାଲ ହେଉ କିମ୍ବା ବିଭିନ୍ନ ସ୍ଥାନରେ ଅପମୃତ୍ୟୁ ଘଟିଲେ ଶବବ୍ୟବଛେଦ ପାଇଁ ଚାରିଛକ ମେଡିକାଲ ନେବାକୁ ପଡିଥାଏ। ଚଳିତ ବର୍ଷ ଅସ୍ତରଙ୍ଗ ଥାନା ଅଞ୍ଚଳରେ ୧୧ଟି ଅପମୃତ୍ୟୁ

**ହଟହଟା ହେଉଛନ୍ତି ଗରିବ ଲୋକେ**

ଘଟି ସାରିଲାଣି। ତେଣୁ ବ୍ୟବଛେଦ ପାଇଁ ନେବାକୁ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଶବବାହକ ଗାଡି ନଥିବାରୁ ଅନ୍ୟ ବ୍ଲକଅଞ୍ଚଳର ଶବବାହକ ଗାଡି ଉପରେ ନିର୍ଭର କରିବାକୁ ପଡୁଛି। ଯଦି କୌଣସି ଘରୋଇ ଗାଡ଼ିରେ ଶବ ନିଆଯାଏ ସେଥିପାଇଁ ୫ରୁ ୭ହଜାର ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିବାକୁ ପଡିଥାଏ। ଅତି କମ୍‌ରେ କେବଳ ତେଲ ପକାଇ ଦେଲେ ୨ରୁ ୩ହଜାର ଟଙ୍କା ଲାଗିଥାଏ। ଗରିବ ଲୋକ ପକ୍ଷରେ ଏତେ ଟଙ୍କା ଖର୍ଚ୍ଚ କରିବା କଷ୍ଟକର। ପୁଣି ପରିଜନଙ୍କ ମୃତ୍ୟୁରେ ଦୁଃଖରେ ଥିବା ପରିବାର ଲୋକଙ୍କ ପାଇଁ ଏତେ ଟଙ୍କା ଯୋଗାଡ଼ କରିବା ମୁଣ୍ଡ ଉପରେ ଚଡକ ଭଳି ହୋଇଥାଏ।

ଅସ୍ତରଙ୍ଗ ଓ ନୂଆଗଡ ସାମୁଦ୍ରିକ ଥାନା ଅଞ୍ଚଳରେ ଚଳିତ ବର୍ଷ ୧୫ରୁ ଊର୍ଦ୍ଧ୍ୱ ବଡ଼ ଧରଣର ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ବେଳେ ପୁଲିସ ଯଦିଓ ଚିକିତ୍ସା ଆଳରେ କେତେକ ମୃତକଙ୍କୁ ଆମ୍ବୁଲାନ୍ସ ଜରିଆରେ ଚାରିଛକ ମେଡିକାଲ ପହଞ୍ଚାଇବାକୁ ସଫଳ ହୋଇଛି। କିନ୍ତୁ ସମସ୍ୟା ଯଥା ପୂର୍ବଂ ରହିଛି। ଶବ ବାହକ ଗାଡି ନଥିବାରୁ ମୃତକଙ୍କ ପରିଜନ ସହ ଅନେକ ସମୟରେ ପୁଲିସକୁ ବି ହଟହଟା ହେବାକୁ ପଡିଛି। ନୂଆଗଡ ସାମୁଦ୍ରିକ ଥାନା ଅଂଚଳରେ ମଧ୍ୟ ଅନୁରୂପ ଅବସ୍ଥା। ସେମାନେ ମଧ୍ୟ ଅନ୍ୟ ବ୍ଲକ ଅଞ୍ଚଳ ଶବବାହକ ଗାଡି ଉପରେ ନିର୍ଭର। ପ୍ରଶାସନ ଓ ସରକାର ତୁରନ୍ତ ଏ ଦିଗରେ ଦୃଷ୍ଟିଦେଇ ବିହିତ ପଦକ୍ଷେପ ନେବାକୁ ଲୋକେ ଦାବୀ କରିଛନ୍ତି।

# ଜନତା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

**ବେଗୁନିଆପଡା, ୨୦।୧୨ (ସଂଚାର ବ୍ୟୁରୋ):** ବେଗୁନିଆପଡା ବ୍ଲକ, ଜନତା ବିହାର ସ୍ଥିତ ଜନତା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ କ୍ରୀଡା ପରିଷଦ ଆନୁକୂଲ୍ୟରେ ଅଧ୍ୟକ୍ଷ ଅଭିମନ୍ୟୁ ସ୍ୱାଇଁଙ୍କ ଅଧକ୍ଷତାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଥମ ବର୍ଷର ଛାତ୍ର ବାସୁଦେବ ମହାନ୍ତି ସଂଗୀତ ଗାନ କରିଥିଲେ। ମୁଖ୍ୟ ଅତିଥି ରୂପେ କବିସୂର୍ଯ୍ୟନଗର ମାନ୍ୟବର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଯୋଗ ଦେଇ ଅନୁଷ୍ଠାନ ଭବିଷ୍ୟତର ବିକାଶ ଏବଂ ଛାତ୍ରଛାତ୍ରୀଙ୍କର ଉଜ୍ଜଳ ଭବିଷ୍ୟତର କାମନା କରିଥିଲେ। ଏହା ସହ ଉକ୍ତ ମହାବିଦ୍ୟାଳୟର ପ୍ରମୁଖ ସମସ୍ୟା ଉପରେ ଆଲୋକପାତ କରିବା ସହିତ ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶୃତି ଦେଇଥିଲେ ଶ୍ରୀ ନାୟକ।

ଖେଳ ଶିକ୍ଷକ ଋଷିନାଥ ଚର୍ଚ୍ଚି ବାର୍ଷିକ ବିବରଣୀ ପାଠ କରିଥିଲେ। ରାଜନୀତି




ଯୋଗଦେଲେ ବିଧାୟକ ପ୍ରତାପ ନାୟକ

ବିଜ୍ଞାନ ଅଧ୍ୟାପକ ସୂର୍ଯ୍ୟ ନାରାୟଣ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ସେହିପରି ବିଭିନ୍ନ ଖେଳକୁଦ ତଥା ବିଭିନ୍ନ ସାହିତ୍ୟିକ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀଙ୍କୁ ବିଧାୟକ ମାନପତ୍ର ଏବଂ ପୁରସ୍କାର ଦ୍ୱାରା ସମ୍ମାନିତ କରିଥିଲେ। ସେହିପରି ଶ୍ରୀ ବିଜୟ କୁମାର ଦୋରା ମଞ୍ଚାସିନା ଥିଲେ।

ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଗୀତ, ନୃତ୍ୟ ସହ ଛାତ୍ରଛାତ୍ରୀଙ୍କ ଦ୍ୱାରା ସମାଜ ସଂସ୍କାର ଧର୍ମୀ ନାଟକ "ଯୌତୁକ ଯୁଇରେ ଶାନ୍ତି ଲତା" ସମସ୍ତଙ୍କର ମନମୋହିଥିଲା। ପରିଶେଷରେ ଗୃହ ବିଜ୍ଞାନ ଅଧ୍ୟାପିକା ଶ୍ରୀମତୀ ମମତା କୁମାରୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରବୀଣ କୁମାର ଖାଡ଼ଙ୍ଗା, ପି ରାଜେଶ ପାତ୍ର, ରାଜେଶ ଗୌଡ଼, ଅରୁଣ ମଣ୍ଡଳ, ଜ୍ୟୋସ୍ନା ନାୟକ, ଶ୍ୟାମସୁନ୍ଦର ଦାଶ, ଶିବାନୀ କୁମାରୀ ଚର୍ଚ୍ଚି, ରମେଶ ଚନ୍ଦ୍ର ଗୌଡ଼, ଅଚ୍ୟୁତାନନ୍ଦ ଡାକୁଆ, ରମେଶ ଚନ୍ଦ୍ର ନାୟକ, ମହେଶ୍ୱର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# ନୂତନ ଉନ୍ନତ ଅଭିଳାଷ କର୍ମଶାଳା ଓ ତାଲିମ ସାମଗ୍ରୀ ବିତରଣ କାର୍ଯ୍ୟକ୍ରମ

**ନବରଙ୍ଗପୁର, ୨୦।୧୨ (ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ଡିପିଆର୍‌ସି ନିକଟସ୍ଥ ଦକ୍ଷତା ବିକାଶ କେନ୍ଦ୍ର ଠାରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ରଙ୍କ ଉପସ୍ଥିତିରେ ଦକ୍ଷତା ବିକାଶ ଓ ବୈଷୟିକ ବିଭାଗ ତରଫରୁ ନୂତନ ଭାବେ ଆରମ୍ଭ ହୋଇଥିବା 'ନୂତନ ଉନ୍ନତ ଅଭିଳାଷ' ଯୋଜନା ଅନ୍ତର୍ଗତ ଏକ ଟ୍ରେଡ 'ଇ-କମର୍ସ ଟିମ୍ ଲିଡ'ରେ ତାଲିମ ଆରମ୍ଭ ହୋଇଯାଇଛି। ଜିଲ୍ଲାପାଳଙ୍କ ଦ୍ୱାରା ଉପସ୍ଥିତ ୩୦ ଜଣ ଟ୍ରେନିଂ ଯୁବକ ମାନଙ୍କୁ ୟୁନିଫର୍ମ, ପାଠ୍ୟ ଉପକରଣ, ବୀମାପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଜିଲ୍ଲାପାଳ ନବରଙ୍ଗପୁର ଜିଲ୍ଲାର ଟ୍ରେନିଂ ଯୁବକ ମାନଙ୍କୁ ତାଲିମ ସମ୍ପୂର୍ଣ୍ଣ କରି ଚାକିରୀରେ ଯୋଗ




ଦେବା ପାଇଁ ଏବଂ ଚାକିରି କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରି ନିଜ ପରିବାରର ଆର୍ଥିକ ଉନ୍ନତି ଓ ଏକ ସଫଳ ଉପାର୍ଜନକ୍ଷମ ବ୍ୟକ୍ତିତ୍ୱର ଉଦାହରଣ ସୃଷ୍ଟି କରନ୍ତୁ ବୋଲି କହିଥିଲେ। ଏହି ସଭାରେ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଆନନ୍ଦ ଚନ୍ଦ୍ର ପଳେଇ, ପିଏ, ଆଇଟିଡିଏ ରାଜୀବ ସାହୁ, ଡିଏସଡବ୍ଲୁ ଓ ଦ୍ରପୌଦୀ କହଁର, ଡିଆଇପିଆର୍ ଓ ମନୋଜ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ ଏବଂ ଟ୍ରେନିଂ ଯୁବକ ମାନଙ୍କୁ ଏକ ସୁନ୍ଦର ଭବିଷ୍ୟତ ଗଢ଼ିବା ଏବଂ ଉଚ୍ଚ ଅଭିଳାଶୀ ହେବାକୁ ପରାମର୍ଶ ଦେଇଥିଲେ।

# ଲଘୁଚାପଜନିତ ବର୍ଷା ସାଜିଲା କାଳ, ଚିନ୍ତାରେ ଚାଷୀକୁଳ

**ନାଉଗାଁ, ୨୦।୧୨ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲାରେ ଗତ କାଲିଠାରୁ ପାଗ କୋହଲା ରହିଥିବା ସହ ବର୍ଷା ଆଶଙ୍କା ଥିବାର ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲା ଏହାକୁ ନେଇ ଚିନ୍ତାରେ ପଡିଥିଲେ ଚାଷୀକୁଳ। ଏବେ ଖେତରେ ଧାନ ପାଚିବା ଆରମ୍ଭ କରିଥିବା ସହ ବିଭିନ୍ନ ସ୍ଥାନରେ ଧାନ କଟା ମଧ୍ୟ ଆରମ୍ଭ ହେଲାଣି । ଏହି ସମୟରେ ଲଘୁଚାପ ଜନିତ ବର୍ଷା ଯୋଗୁ ଫସଲ ଉଜୁଡି ଯିବାର ସମ୍ଭାବନା ସୃଷ୍ଟି ହୋଇଛି।

ଚଳିତ ବର୍ଷ ନାଉଗାଁ ବ୍ଲକରେ ପାଖାପାଖି ୭ ହଜାର ୫୦୦ ହେକ୍ଟର ଚାଷ ଜମିରେ ଧାନ ଫସଲ ହୋଇଥିବା



ବେଳେ ଏବେ ଅମଳ କାର୍ଯ୍ୟରେ ଲାଗି ପଡିଛନ୍ତି ଚାଷୀ। ହେଲେ ବର୍ଷା ଯୋଗୁ ଧାନ ଗଜା ହୋଇଯିବାର ସମ୍ଭାବନାକୁ ନେଇ ଏବେ ଚିନ୍ତାରେ ପଡିଛନ୍ତି ବ୍ଲକର ସମଗ୍ର ଚାଷୀକୁଳ । ଯେଉଁ ଧାନ ଗୁଡିକ କଟା ହୋଇ ବିଲରେ ପଡିଛି ସେଗୁଡିକୁ ଖୁବ ଶୀଘ୍ର ଖଳାକୁ ନେବା ପାଇଁ ଚାଷୀଙ୍କ ମଧ୍ୟରେ ତତ୍ପରତା ଦେଖିବାକୁ ମିଳିଛି। ଚାଷୀ ନିଜର ଜୀବନକୁ ପାଣି ଛଡେଇ କିପରି ନିଜର ଫସଲକୁ ସୁରକ୍ଷିତ ରଖି ପାରିବ ସେ କାର୍ଯ୍ୟରେ ଲାଗିପଡ଼ିଛି। ସବୁ ଧାନ ତ ଖଳାକୁ ନେବା ସମ୍ଭବ ହୋଇ ପାରୁନାହିଁ ତେଣୁ ନିଜର ଫସଲକୁ ସୁରକ୍ଷିତ ରଖିବା ପାଇଁ ହିଡ ଉପରେ ଧାନ ବିଡ଼ାକୁ ଆଣି ଗଦାମାରି ରଖୁଛି ଚାଷୀ ।

ଅନ୍ୟପଟରେ ଆଜି ସକାଳ ଅପେକ୍ଷା ସନ୍ଧ୍ୟା ସମୟରେ ବର୍ଷାର ପରିମାଣ ଆସ୍ତେ ଆସ୍ତେ ବୃଦ୍ଧି ପାଇବାରେ ଲାଗିଛି। ତେବେ ଏହି ବର୍ଷା ଚାଷୀର ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ଯଦି ଏହିଭଳି ଭାବରେ ବର୍ଷା ଜାରି ରହିବ ତେବେ ଧାନ ଫସଲ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯିବାର ଆଶଙ୍କା ରହିଛି।

# ଯୌତୁକ ପାଇଁ ନବବଧୂଙ୍କୁ ମାନସିକ ଓ ଶାରିରୀକ ନିର୍ଯାତନା ଅଭିଯୋଗ

**କୁଜଙ୍ଗ, ୨୦।୧୨ (ସଂଚାର ବ୍ୟୁରୋ):** ଅଧିକ ଯୌତୁକ ଦାବି କରି ଜଣେ ନବ ବିବାହିତା ମହିଳା ଙ୍କୁ ମାନସିକ ଓ ଶାରିରୀକ ନିର୍ଯ୍ୟାତନା ଦେଇ ଆସୁଥିବା ନେଇ କୁଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରାଯାଇଛି।ଏଭଳି ଘଟଣା ଘଟିଛି କୁଜଙ୍ଗ ଥାନା ସନ୍ତରା ଗ୍ରାମରେ।ପୋଲିସ ଅଭିଯୋଗ ପାଇବା ପରେ ଯୌତୁକ ନିର୍ଯାତନା ଜନିତ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।ଅଭିଯୋଗ ଅନୁସାରେ, କେନ୍ଦ୍ରାପଡ଼ା ଜିଲ୍ଲା ବଳଭଦ୍ରପୁର ଗ୍ରାମର ବିଜୟା ଲକ୍ଷ୍ମୀ ବେହେରା (୨୪) କୁଜଙ୍ଗ ଥାନା ସନ୍ତରା ଗ୍ରାମର ସମରେନ୍ଦ୍ର ଦାସ ଙ୍କୁ ବୈଦିକ ପରମ୍ପରା ଅନୁଯାୟୀ ୨୦୨୩ ମସିହା ଜୁନ୍ ମାସ ୨୫ ତାରିଖରେ ବିବାହ କରିଥିଲେ।ବିବାହ ସମୟରେ ସ୍ୱାମୀ ଓ ଶଶୁର ଘର ପକ୍ଷରୁ ଦାବି ମୁତାବକ ଯୌତୁକ ପ୍ରଦାନ କରାଯାଇଥିଲା।ମାତ୍ର ବିବାହ ର ୮ ଦିନ ନ ପୂରୁଣୁ ସ୍ୱାମୀଙ୍କ ସମେତ ପରିବାର ଲୋକ ଅଧିକ ୧ ଲକ୍ଷ ଟଙ୍କା ଆଣିବାକୁ ବିଜୟା ଲକ୍ଷ୍ମୀ ଉପରେ ଚାପ ପ୍ରୟୋଗ କରିଥିଲେ। ଏଥିରେ ବିଜୟା ଲକ୍ଷ୍ମୀ ଅରାଜି ହେବାରୁ ସ୍ୱାମୀ ସମରେନ୍ଦ୍ର ସମେତ ପୁରା ପରିବାର ମିଳିତ ଭାବେ ମାନସିକ ଓ ଶାରିରୀକ ନିର୍ଯ୍ୟାତନା ଦେବା ଆରମ୍ଭ କରିଦେଇଥିଲେ। ଏପଟେ ନିର୍ଯ୍ୟାତନାରେ ଅତିଷ୍ଟ ହୋଇ ବିଜୟା ଲକ୍ଷ୍ମୀ ଶଶୁର ଘର ଛାଡ଼ି ପାରଦ୍ୱୀପ ଗଡ ସ୍ଥିତ ତାଙ୍କ ମାଉସୀ ଘରକୁ ଚାଲି ଯାଇଥିଲେ। ଗତକାଲି ବିଜୟା ଲକ୍ଷ୍ମୀ କୁଜଙ୍ଗ ଥାନାର ଦ୍ୱାରସ୍ଥ ହୋଇ ଶଶୁର ଘର ଲୋକଙ୍କ ବିରୁଦ୍ଧରେ ଲିଖିତ ଅଭିଯୋଗ କରିଛନ୍ତି ।

# ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ

**ବାଲିଆପାଳ, ୨୦।୧୨ (ସଂଚାର ବ୍ୟୁରୋ):** ରାଜ୍ୟ ସଭାରେ ଠେଲାପେଲା ଘଟଣାକୁ ତୃଣମୂଳ ସ୍ତରରେ ନିନ୍ଦା କରାଯିବା ସହ ପ୍ରତିବାଦ ତ୍ରୀବ ହେବାରେ ଲାଗିଛି। ବସ୍ତା ବିଜେପି ପକ୍ଷରୁ ପଞ୍ଚୁପାଲି ଠାରେ ରାହୁଲ ଗାନ୍ଧୀଙ୍କୁ ବିରୋଧ ଦଳ ପଦରୁ ହଟାଇ ସଭ୍ୟ ପଦ ରଦ୍ଦ କରିବା ପାଇଁ ପଞ୍ଚୁପାଲି ବଜାର ଠାରେ ପ୍ରତିବାଦ ସହ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏଥିରେ ବିଜେପି ବାଲେଶ୍ୱର ସାଂସଦଙ୍କ ପ୍ରତିନିଧି ପ୍ରଦିପ ପଣ୍ଡା, ପୁଟୁରା ସରପଞ୍ଚ ରାଧାକୃଷ୍ଣ ବେହେରା, ଲଙ୍ଗଳେଶ୍ୱର ମଣ୍ଡଳ ସଭାପତି ଗଗନ ବିହାରୀ ସାହୁ, ରାମକୃଷ୍ଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଜରାଜୀର୍ଣ୍ଣ ଅବସ୍ଥାରେ ରିଷିଆ ଡାକବଙ୍ଗଳା

**ନୀଳଗିରି, ୨୦।୧୨ (ସଂଚାର ବ୍ୟୁରୋ) :** ରକ୍ଷଣାବେକ୍ଷଣ ଅଭାବରୁ କ୍ଷୁଦ୍ର ଜଳସେଚନ ବିଭାଗର ରିଷିଆ ଡାକବଙ୍ଗଳା ପାଲଟିଗଲାଣି ଭୂତକୋଠି। ଏବେ ଏହା ଆଉ କୌଣସି କାମରେ ଲାଗୁନାହିଁ। ନୀଳଗିରି ସ୍ଥିତ ଦୀର୍ଘ ୪୦ ବର୍ଷ ତଳେ ଡାକବଙ୍ଗଳାଟି ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ନିର୍ମାଣ ହୋଇଥିବା ବେଳେ ଏହାର ସଠିକ ରୁପେ ରକ୍ଷଣାବେକ୍ଷଣ ହେଉନଥିବାରୁ ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି।

ଦିନ ଥିଲା ନୀଳଗିରିରୁ ମାତ୍ର ୨୨ କି.ମି. ଦୂର ରିଷିଆ ଡେମର ଜଳଭଣ୍ଡାର, ମାତ୍ର ତାର ଅଳ୍ପ ଦୂରରେ ଡାକବଙ୍ଗଳା ଓ ବଣ ପାହାଡ ଘେରା ପ୍ରକୃତିର ସୌନ୍ଦର୍ଯ୍ୟ ରାଜ୍ୟ ଓ ରାଜ୍ୟ ବାହାରର ପର୍ଯ୍ୟଟକଙ୍କୁ ବଣଭୋଜି ପାଇଁ ଅନ୍ୟ ଦିନ



ତୁଳନାରେ ଶୀତ ଋତୁରେ ଅଧିକ ଆକୃଷ୍ଟ କରୁଥିଲା। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ୧୯୮୪-୮୫ ମସିହାରେ କ୍ଷୁଦ୍ର ଜଳସେଚନନ ବିଭାଗ ପକ୍ଷରୁ ଏହି ଡାକ ବଙ୍ଗଳାଟି ନିର୍ମିତ ହୋଇଥିଲା। ଡାକ ବଙ୍ଗଳାର ଚତୁପାର୍ଶ୍ୱରେ ଆବଦ୍ଧ ପାଚେରୀ ରହିଥିବା ବେଳେ ରିଷିଆ ଡେମର ଜଳଭଣ୍ଡାର ଓ ଡାକବଙ୍ଗଳା ଦାୟୀତ୍ୱରେ ବିଭାଗ ପକ୍ଷରୁ ସେଠାରେ ଜଣେ କର୍ମଚାରିଙ୍କୁ ମଧ୍ୟ ରଖାଯାଇଥିଲା। କିନ୍ତୁ ଦୀର୍ଘ ବର୍ଷ ହେଲା ଏହି ବଙ୍ଗଳା ଅନୁପୋଯୋଗୀ ହୋଇ ପଡ଼ି ରହିଛି। ବଙ୍ଗଳାର ଚାରି ପାଖରେ ଅନାବନା ଗଛଲତା ଭର୍ତ୍ତି ହୋଇଯାଇଛି। ଘର ଗୁଡ଼ିକର କବାଟ, ଝରକା ସବୁ ଉଇଲାଗି ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ଡାକବଙ୍ଗଳା ଘର ଭିତର ଛାତରୁ ପ୍ଲାଷ୍ଟର ଖସୁଥିବାରୁ ଆଜି ବଙ୍ଗଳାଟି ପରିତ୍ୟକ୍ତ ଅବସ୍ଥାରେ ରହିଛି। ଦୀର୍ଘ ବର୍ଷର ଏହି ଡାକବଙ୍ଗଳାଟିର ପୁନରୁଦ୍ଧାର ଦିଗରେ ରାଜନେତା ଓ କ୍ଷୁଦ୍ର ଜଳସେଚନ ବିଭାଗ ଦୃଷ୍ଟି ନଦେବାରୁ ଏଭଳି ଅବସ୍ଥା ହୋଇଛି।

ଏ ସମ୍ପର୍କରେ କ୍ଷୁଦ୍ର ଜଳସେଚନ ବିଭାଗର ସହକାରି ନିର୍ବାହି ଯନ୍ତ୍ରୀ ନୀମାୟୀ ନାୟକଙ୍କୁ ପଚାରିବାରୁ ଏବାବଦରେ ୧୫ ଲକ୍ଷ ଟଙ୍କାର ଅଟକଳର ପୁନରୁଦ୍ଧାର ପାଇଁ ଚିଠି କରିଥିଲି, ହେଲେ ଏହା କାର୍ଯକାରି ହେଲାନାହିଁ। ତେଣୁ ରାଜନେତା ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ ଜିଲା ପ୍ରଶାସନ ପକ୍ଷରୁ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନେଇ ସାଧାରଣରେ ମତପ୍ରକାଶ ପାଉଛି।

# ମଣ୍ଡିରେ ପଡ଼ିଛି ଧାନ

**ମାନ ପରୀକ୍ଷଣ ମେସିନ ପହଞ୍ଚି ନ ଥିବାରୁ କିଣା ଯାଉନାହିଁ**

**ଅଦିନିଆ ବର୍ଷା: ଚିନ୍ତାରେ ଚାଷୀ**



**ବୋରିଗୁମ୍ମା, ୨୦।୧୨ (ସଂଚାର ବ୍ୟୁରୋ) :** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ କୁମୁଲି, ତାରାଭଟା, କାମରା, କଣାଗାଁ, ବିଜାପୁର ଗ୍ରାମରେ ମଣ୍ଡି ଆରମ୍ଭର ପ୍ରଥମ ଦିନରୁ ମଣ୍ଡି ଅଧିକାରୀ ଓ ମିଲରଙ୍କ ନିକଟକୁ ଏଫଏକ୍ୟୁ ମାନର ଧାନର ମାନ ପରୀକ୍ଷଣ ମେସିନ ପହଞ୍ଚି ନଥିବାରୁ ମଣ୍ଡି ଖୋଲିଥିଲେ ସୁଦ୍ଧା ଚାଷୀଙ୍କ ଠାରୁ ଧାନ କିଣା ଯାଇପାରି ନାହିଁ। ତେଣୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି।

ରାଜ୍ୟସରକାରଙ୍କ ନେତୃବୃନ୍ଦ ବିନା କଟନି-ଛଟନିରେ ଚାଷୀଙ୍କ ଧାନ କିଣିବାର ପ୍ରତିଶ୍ରୁତି ଦେଇଥିବାବେଳେ ମଣ୍ଡି ଅଧିକାରୀ ଓ ମିଲର ବିନା ମାନ ପରୀକ୍ଷଣରେ ଧାନ ଉଠାଇବାକୁ ନାରାଜ। ବୋରିଗୁମ୍ମା ଠାରୁ ମାତ୍ର ୫୦ କିମି ଦୂରରେ ପଡୋଶୀ ରାଜ୍ୟ ଛତିଶଗଡ଼ରେ ଆଗୁଆ ଆରମ୍ଭ ହୋଇ ସୁରୁଖୁରୁରେ ଚାଲିଛି ସେଠାକାର ଧାନମଣ୍ଡି। ତେବେ କୋରାପୁଟ ଜିଲ୍ଲାର ଚାଷୀମାନେ ଅନେକ ଆଗୁଆ ଧାନ ଅମଳ କରିସାରି ମଣ୍ଡି ଆରମ୍ଭ ହେବା ଅପେକ୍ଷାରେ ଥିଲେ। ଶେଷରେ ମଣ୍ଡି ଆରମ୍ଭ ହେଲା ସତ, କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ମଣ୍ଡିରୁ ଚାଷୀଙ୍କ ଧାନ କିଣା ହୋଇପାରି ନାହିଁ। ପ୍ରଥମ ଦିନ ଧାନ କିଣା ଆରମ୍ଭରୁ ମାନ ପରୀକ୍ଷା ମେସିନ ପହଞ୍ଚି ନଥିବାରୁ କୌଣସି ଧାନ ଏଫଏକ୍ୟୁ ମାନର ଧାନ ବାହାରି ନଥିବାରୁ ଚାଷୀଙ୍କ ଠାରୁ ଧାନ କିଣା ଯାଇପାରିନାହିଁ। ପୁଣି ଅଦିନିଆ ବର୍ଷା ପାଇଁ ଚାଷୀ ଏବେ ଧାନର ସୁରକ୍ଷା ନେଇ ଭୟଭୀତ ହୋଇପଡ଼ିଛନ୍ତି ।

ଆଜି ମଧ୍ୟ ଜିଲ୍ଲାସହ ବୋରିଗୁମ୍ମା ବ୍ଲକର ସବୁ ସ୍ଥାନରେ ଝିପି ଝିପି ବର୍ଷା ଲାଗିରହିଛି। ଏହା ଚାଷୀଙ୍କୁ ଆହୁରି ଅଧିକ ଚିନ୍ତାରେ ପକାଇଛି। ଠିକ ସମୟ ମଧ୍ୟରେ ଧାନ ବିକ୍ରି ହୋଇପାରିଲେ ଚାଷୀ ଚିନ୍ତାମୁକ୍ତ ହୋଇପାରନ୍ତା ଏବଂ ଅଞ୍ଚଳର ଅନେକ ବୁଦ୍ଧିଜୀବୀ ସହ ଶତାଧିକ ଚାଷୀ ଏକତ୍ରିତ ହୋଇ ବିଜେପି ସରକାରଙ୍କ ପ୍ରତିଶ୍ରୁତି ଅନୁଯାୟୀ ଧାନ କିଣିବାକୁ ନିବେଦନ କରିଥିଲେ ।

## ଅଦିନିଆ ବର୍ଷା, ବଢ଼ିଲା ଧାନ ନଷ୍ଟ ଆଶଙ୍କା

**ବୋରିଗୁମ୍ମା:** ଲଘୁଚାପ ପ୍ରଭାବରେ କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକରେ ବର୍ଷା ହୋଇଛି। ମଣ୍ଡିରେ ଓ ଜମିରେ ପଡ଼ି ରହିଥିବା ଧାନକୁ ନେଇ ଚିନ୍ତାରେ ଚାଷୀକୁଳ। ଶୁକ୍ରବାର ଦିନତମାମ ପାଗ କୋହଲା ରହିବା ସହ ସବୁସ୍ଥାନରେ ଝିପି ଝିପି ବର୍ଷା ଆରମ୍ଭ ହୋଇଛି । ଯାହା ବ୍ଲକର ଚାଷୀଙ୍କ ଉପରେ ପ୍ରଭାବ ପକାଇବାର ଭୟ ଦେଖାଦେଇଛି। କାରଣ ବ୍ଲକର କିଛି ସ୍ଥାନରେ ଏବେବି ଜମିରେ ଧାନ କଟା ହୋଇ ପଡ଼ି ରହିଥିବା ବେଳେ ମଣ୍ଡିରେ ମଧ୍ୟ ପଡ଼ିଥିବା ଧାନ ଓଦା ହେବାର ଆଶଙ୍କା ଦେଖାଦେଇଛି । ଧାନ ଓଦା ହେଲେ ଏହାର ମାନ ଉପରେ ପ୍ରଭାବ ପଡ଼ିବା ସହ ଏହା ନଷ୍ଟ ହେବାର ଭୟ ଥିବାରୁ ଚାଷୀ ଚିନ୍ତାରେ ପଡ଼ି ଯାଇଛନ୍ତି। ବର୍ଷା ସମ୍ଭାବନାକୁ ଆଖି ଆଗରେ ରଖି ମଣ୍ଡିଗୁଡ଼ିକରେ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଚାଷୀଙ୍କ ଧାନ ଘୋଡାଇ ରଖୁବା ପାଇଁ କୌଣସି ସେଡ଼ କିମ୍ବା ତାରପିଲିନ ପାଲର ବ୍ୟବସ୍ଥା କରାଯାଇ ନଥିବାବେଳେ ଅଧିକ ବର୍ଷା ହେଲେ ଧାନ ଓଦା ହେବାର ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ। ବ୍ଲକରେ ୧୭ ତାରିଖଠାରୁ ମଣ୍ଡି ଆରମ୍ଭ ହୋଇଥିଲେ ମଧ୍ୟ ବୋରିଗୁମ୍ମା ମିଲର କିମ୍ବା ମଣ୍ଡି ଅଧିକାରୀଙ୍କ ପାଖକୁ ଧାନର ମାନ ପରୀକ୍ଷଣ ମେସିନ ପହଂଚି ନଥିବାରୁ ମଣ୍ଡିରୁ ଧାନ ଉଠାଇବା ସମ୍ଭବପର ହୋଇନଥିବା ସଭାପତି ଫିରୋଜ କୁମାର ଶତପଥୀ ସୂଚନା ଦେଇଛନ୍ତି।

# ଝିପି ଝିପି ବର୍ଷା ପାଇଁ ଚାଷୀକୁଳ ଛାନିଆ



**କୁଜଙ୍ଗ, ୨୦।୧୨ (ସଂଚାର ବ୍ୟୁରୋ) :** ତୁଣ୍ଡ ଝାଳ ମୁଣ୍ଡରେ ମାରି ଚଳିତ ଖରିଫ ଋତୁରେ ଚାଷୀମାନେ ବିଭିନ୍ନ ବ୍ୟାଙ୍କ୍ ରୁ ହଜାର ହଜାର ଟଙ୍କା ଋଣ ଆଣି ଖର୍ଚ୍ଚ କରି ଧାନ ଫସଲ କରିଥିଲେ । ମାତ୍ର ଅଦିନିଆ ଲଗାଣ ଝିପି ଝିପି ବର୍ଷା ଯୋଗୁଁ ଚାଷୀ କୁଳ ଏବେ ଚିନ୍ତାରେ ପଡ଼ି ଯାଇଛି ।

କୁଜଙ୍ଗ ବ୍ଲକ ଅନ୍ତର୍ଗତ ୨୮ ଗୋଟି ପଞ୍ଚାୟତରେ ପ୍ରାୟ ୧୩ ହଜାର ହେକ୍ଟର ଜମିରେ ଧାନଚାଷ ହୋଇଥିଲା । ଧାନ ଫସଲ ମଧ୍ୟ ଚଳିତ ବର୍ଷ ଭଲ ହୋଇଥିବା ଯୋଗୁ ଚାଷୀ ମନରେ ହସର ଲହରୀ ଖେଳି ଯାଇଥିଲା । ମାତ୍ର ଆଜିର ଲଘୁଚାପ ଜନିତ ବର୍ଷା ସବୁ ଆଶାକୁ ଧୂଳିସାତ କରିଦେଇଛି । ବିଲରେ ପାଚିଲା ଧାନ ଲହଡ଼ି ଖେଳୁଥିଲା । ଚାଷୀ ପ୍ରାୟ ଏକ ସପ୍ତାହ ହେବ ୬୦ ପ୍ରତିଶତ ଧାନ କାଟି କରି ବିଲରେ କଚଡା ପକାଇଥିଲା । ହେଲେ ଆଜି ଦିନ ତମାମ୍ ବର୍ଷା ଯୋଗୁ କଟା ଯାଇଥିବା ଧାନ ବିଲରେ ଗଜା ହେବା ନିଶ୍ଚିତ।

ଅନ୍ୟପଟେ କଟା ଯାଇନଥିବା ଧାନ ନଇଁ ମାଟିରେ ଲାଗିଯାଇଛି। ବର୍ତ୍ତମାନ ପାରମ୍ପରିକ ଧାନ ଚାଷ ଛାଡ଼ି ଅଧିକ ଅମଳ ଆଶାରେ ଚାଷୀ ମାନେ ବିଭିନ୍ନ କିସମର ହାଇବ୍ରିଡ ଧାନ ଚାଷ କରୁଛନ୍ତି । ଯାହାର ଚୋପା ବହୁତ ପତଳା ହେତୁ ୨୪ ଘଣ୍ଟା ମଧ୍ୟରେ ଗଜା ହେବା ନିଶ୍ଚିତ । ବର୍ତ୍ତମାନ କୁଜଙ୍ଗ ବ୍ଲକ ର ବିଭିନ୍ନ ଗାଁ ରେ କଟାଯାଇ କଚଡା ପଡ଼ିଥିବା ଜମିର ପରିମାଣ ପ୍ରାୟ ୯ ହଜାର ହେକ୍ଟର ରୁ ଅଧିକ ହେବ । ଯଦି ବର୍ଷା ରାତି ସୁଦ୍ଧା ନକମି ଲାଗି ରହେ ତେବେ ଚାଷୀ ଖଳାକୁ ଧାନ ଆଣିବା କଷ୍ଟକର । ତେଣୁ ଚାଷୀ ମୁହଁରୁ ହସ ଲିଭି ଯାଇଥିବା ବେଳେ ଆଖିରୁ ନିଦ ହଜିଯାଇଥିବା ଚାଷୀ ନେତା କମ୍ରେଡ୍ ବାବୁରାମ୍ ଚୌଧୁରି ପ୍ରକାଶ କରିଛନ୍ତି।

# ପଞ୍ଚାୟତସ୍ତରୀୟ କ୍ରୀଡା ପ୍ରତିଯୋଗିତା

**କୋଣାର୍କ, ୨୦।୧୨ (ସଂଚାର ବ୍ୟୁରୋ) :** କୋଣାର୍କ ଥାନା ଅଧିନସ୍ଥ ମହଲପଡା ଗ୍ରାମପଞ୍ଚାୟତର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଜାଗେଶ୍ୱରୀ ବିଦ୍ୟାପୀଠଠାରେ ମହଲପଡା ଗ୍ରାମପଞ୍ଚାୟତ ପକ୍ଷରୁ ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ମହଲପଡା ଗ୍ରାମପଞ୍ଚାୟତର ସରପଞ୍ଚ ଶୀର୍ଷ ରଂଜନ




ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କ୍ରୀଡା ପ୍ରତିଯୋଗିତାରେ ଗ୍ରାମ ପଞ୍ଚାୟତର ୯ଗୋଟି ବିଦ୍ୟାଳୟର ୩୦୦ରୁ ଊର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ମ୍ୟୁଜିକ ଚେୟାର, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ଆଳୁଚାମଚ, ଅଖା ଦୌଡ଼ ସମେତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜାଗେଶ୍ୱରୀ ବିଦ୍ୟାପୀଠର କ୍ରୀଡା ଶିକ୍ଷକ ଜୟନ୍ତ କୁମାର ରାୟ ସମସ୍ତ କ୍ରୀଡା ପ୍ରତିଯୋଗିତା ପରିଚାଳନା କରିଥିଲେ। ଏହାପରେ ଜାଗେଶ୍ୱରୀ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଅନିଲ କୁମାର ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପଞ୍ଚାୟତ ସ୍ତରୀୟ କ୍ରୀଡା ପ୍ରତିଯୋଗୀତାର ପୁରସ୍କାର ବିତରଣ ସମାରୋହରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ସଂଜୁଳା ପଣ୍ଡା ଯୋଗ ଦେଇ ମହଲପଡା ଗ୍ରାମପଞ୍ଚାୟତର ସରପଞ୍ଚ ଶୀର୍ଷ ରଂଜନ ନାୟକଙ୍କ ନିଜସ୍ୱ ପ୍ରଚେଷ୍ଟା ବିନା ଆର୍ଥିକ ସହାୟତାରେ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କ୍ରୀଡା କ୍ଷେତ୍ରରେ ଏକ ସୌଖୀନ ବାତାବରଣ ସୃଷ୍ଟି କରି ସେମାନଙ୍କୁ କ୍ରୀଡା ପାଇଁ ଏକ ପ୍ରକୃଷ୍ଟ କ୍ଷେତ୍ର ତିଆରି କରିବା ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିବ ବୋଲି ମତବ୍ୟକ୍ତ କରିଥିଲେ।

ଏହି କାର୍ଯ୍ୟକ୍ରମରେ ମହଲପଡା ଗ୍ରାମପଞ୍ଚାୟତର ସରପଞ୍ଚ ଶୀର୍ଷ ରଂଜନ ନାୟକ ଯୋଗଦେଇ ସାମ୍ପ୍ରତିକ ସମୟରେ ଛାତ୍ର ଛାତ୍ରୀ ମାନଙ୍କ ବୌଦ୍ଧିକ ଓ ମାନସିକ ବିକାଶ ଦିଗରେ କ୍ରୀଡା ଏକ ମାଧ୍ୟମ ବୋଲି ଅଭିହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଟ୍ରଫି, ସିଲ, କପ ସହିତ ମାନପତ୍ର ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା।

**ଡ୍ରେନେଜ ବିଭାଗର ଛତ୍ରଛାୟାରେ ମନମାନୀ**

# ଠିକାଦାରଙ୍କ ଯୋଗୁଁ ଧାନ ଫସଲ ନଷ୍ଟ

**ନୟାଗଡ଼, ୨୦।୧୨ (ସଂଚାର ବ୍ୟୁରୋ) :** ଡ୍ରେନେଜ ବିଭାଗ ଅଜବ ନିତୀ । କାମ କମ୍ପ୍ଲିଟ ନକରି ବାହାସ୍ପଟ ମାରୁଛନ୍ତି ଯନ୍ତ୍ରୀ । ଡ୍ରେନେଜ ବିଭାଗ ଓ ଠିକାଦାରଙ୍କ ଅପାରଗତା ପାଇଁ ଚାଷୀଙ୍କ ଏକର ଏକର ଧାନ ଫସଲ ନଷ୍ଟ ହେବାକୁ ବସିଛି । ଏନେଇ ଚାଷୀ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କୁ ବାରମ୍ବାର ଗୁହାରି କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରିନଥିଲେ। ଏଭଳି ଦୟନୀୟ ଅବସ୍ଥା ଦେଖିବାକୁ ମିଳିଛି ନୟାଗଡ଼ ପୌର ପରିଷଦ ଅଞ୍ଚଳରେ ।

ସୂଚନାନୁସାରେ, ନୟାଗଡ଼ ପୌର ପରିଷଦ ଅଞ୍ଚଳର ଦୁଇ ନମ୍ବର, ତିନି ନମ୍ବର ୱାର୍ଡ଼ ଓ ରତନପୁର ଅଞ୍ଚଳରେ ଡ୍ରେନେଜ ସମସ୍ୟା ଲାଗି ରହିଥିଲା । ଯାହାକୁ ନେଇ ଉକ୍ତ ଅଞ୍ଚଳବାସୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଆସୁଥିଲେ । ତେଣୁ ନୟାଗଡ଼ ବିଧାୟକ ଡ଼ ଅରୁଣ କୁମାର ସାହୁଙ୍କ ପ୍ରଚେଷ୍ଟାରେ ତତ୍କାଳୀନ ସରକାର ୪କୋଟି ୯୧ଲକ୍ଷ ଟଙ୍କା ମଞ୍ଜୁରୀ କରିଥିଲେ । ତେବେ ଚଳିତ ବର୍ଷ ମାର୍ଚ୍ଚ ୧୫ରୁ






ଡ୍ରେନ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛି ଠିକାଦାର। କିନ୍ତୁ ଯେତିକି କାର୍ଯ୍ୟ ଆରମ୍ଭ କରିଛି ତାକୁ ସମ୍ପୂର୍ଣ୍ଣ ନକରି ଏଇଠୁ ଅଧେ ସେଇଠୁ ଅଧେ କାମ କରିଚାଲିଛି । ଏମିତି କି ରତନପୁର ଦେଇ ସିନ୍ଦୁରିଆ-ରେଲୱେ ଷ୍ଟେସନ ରାସ୍ତା କଡ଼ ଦେଇ ଡ୍ରେନେଜ ବ୍ୟବସ୍ଥା କରାଯାଇଥିବା ବେଳେ ଅନେକ ସ୍ଥାନରେ କାମ ନହୋଇ ପଡ଼ି ରହିଛି। ଯାହାଫଳରେ ସହରର ଅପରିଷ୍କାର ପାଣି ଯାଇ ଚାଷୀଙ୍କ ଧାନ ଫସଲରେ ଜମା ହୋଇ ରହିଛି। ଅପରିଷ୍କାର ପାଣି ଜମା ହୋଇ ଧାନ ଫସଲ ନଷ୍ଟ ହୋଇଯାଥିବା ନେଇ ଅଭିଯୋଗ ଆଣିଛନ୍ତି ମୁମତାଜ ଅଲ୍ଲୀ ଖାଁ ଓ ଦୀଲ୍ଲିପ ପ୍ରଧାନ । ଉଭୟେ ସିନ୍ଦୁରିଆ ପ ଞ୍ଚା ୟ ତ ର ସି ନ୍ଦୁ ରି ଆ - ରେ ଲ ୱେ ଷ୍ଟେସନ ରାସ୍ତାକୁ ଲାଗି ଏକର ଏକର ଜମିରେ ଧାନ ଫସଲ କରିଥିଲେ । କିନ୍ତୁ ଠିକାଦାର ଓ ଯନ୍ତ୍ରୀଙ୍କ ବେଖାତିର କାମ ଯୋଗୁଁ ଉଭୟ ଧାନ ଫସଲ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି । ତେଣୁ ଉଭୟ ଚାଷୀଙ୍କୁ ଠିକାଦାର କିମ୍ବା ଡ୍ରେନେଜ ବିଭାଗ କର୍ତ୍ତୃପକ୍ଷ ଧାନ ଫସଲର କ୍ଷୟକ୍ଷତି ଦେବାକୁ ଉଭୟ ଚାଷୀ ଦାବି କରିଛନ୍ତି। ସେପଟେ ରାସ୍ତା ଖୋଳି ଡ୍ରେନ କାମ ପରେ ତାକୁ ମରାମତି କରାଯାଉ ନଥିବାରୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ଏନେଇ ଡ୍ରେନେଜ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରେ, ଆମ ଯୋଗୁଁ ଧାନ ଫସଲ ନଷ୍ଟ ହୋଇନାହିଁ । କାମ ଚାଲିଛି, ସହରର ପାଣି ଆମେ କୁଆଡେ ଛାଡ଼ିବୁ, ଯଦି କହୁଛନ୍ତି ତେବେ ଆପଣ ଆସନ୍ତୁ କେଉଁଠି ପାଣି ଛଡ଼ାଯିବ କହିବେ, ଟାଟା ପାୱାର ଯୋଗୁଁ ଇଲେକ୍ଟ୍ରି ଖୁଣ୍ଟ ସ୍ଥାନାନ୍ତରିତ ନହେବାରୁ କାମ ବନ୍ଦ ହୋଇ ପଡିଛି ବୋଲି ସଫେଇ ଦେଇଥିଲେ କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର କୁମାର ବାରିକ ।

# ଜେପିସିରେ ବୈଜୟନ୍ତ ଓ ମାନସ





ଭୁବନେଶ୍ୱର,୨୦।୧୨ (ସଂଚାର ବ୍ୟୁରୋ): ଲୋକସଭାରେ ଉପସ୍ଥାପିତ ହୋଇଥିବା "ଏକ ଦେଶ, ଏକ ନିର୍ବାଚନ' ବିଲ୍ ଉପରେ ଅଧିକ ତର୍ଜମା ପାଇଁ ଗଠିତ ଯୁଗ୍ମ ସଂସଦୀୟ କମିଟି(ଜେପିସି)କୁ ଓଡ଼ିଶାର ଆଉ ଦୁଇ ଜଣ ସାଂସଦ ବୈଜୟନ୍ତ ପଣ୍ଡା ଏବଂ ମାନସ ମଙ୍ଗରାଜ ମନୋନିତ ହୋଇଛନ୍ତି । ପୂର୍ବରୁ ଭର୍ତ୍ତୃହରି ମହତାବ ଏବଂ ସମ୍ବିତ ପାତ୍ର କମିଟିରେ ସ୍ଥାନ ପାଇଥିଲେ । ଏଥିରେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ସମେତ ଆଉ ୬ ଜଣ ଲୋକସଭା ସାଂସଦ ଯୋଡି ହୋଇଥିବା ବେଳେ ରାଜ୍ୟସଭାରୁ ୧୨ ଜଣ ସଦସ୍ୟଙ୍କ ନାଁ ଘୋଷଣା କରାଯାଇଛି । ସେଥିରେ ଅଛନ୍ତି ବିଜେଡି ସାଂସଦ ମାନସ ମଙ୍ଗରାଜ । ବିଜେପିର ପିପି ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ସ୍ଥାନ ପାଇଥିବା ଲୋକସଭା ସଦସ୍ୟମାନେ ହେଲେ ସି.ଏମ. ରମେଶ, ବାଂସୁରୀ ସ୍ୱରାଜ, ପୁରୁଷୋତ୍ତମ ଭାଇ ରୂପାଲା, ଅନୁରାଗ ଠାକୁର, ବିଷ୍ଣୁ ଦୟାଲ ରାମ, ଭର୍ତ୍ତୃହରି ମହତାବ, ସମ୍ବିତ ପାତ୍ର, ଅନୀଲ ବାଲୁନି, ବିଷ୍ଣୁ ଦତ୍ତ ଶର୍ମା, ବୈଜୟନ୍ତ ପଣ୍ଡା, ସଞ୍ଜୟ ଜୟସ୍ୱାଲ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ମନୀଷ ତିୱାରୀ, ସୁଖଦେଓ ଭଗତ, ଧର୍ମେନ୍ଦ୍ର ଯାଦବ, ଛୋଟେଲାଲ, କଲ୍ୟାଣ ବାନାର୍ଜୀ, ଟିଏମ ସେଲଭାଗାନପତି, ଜିଏମ୍ ହରିଶ ବାଲୟୋଗୀ, ଅନୀଲ ଯଶୱନ୍ତ ଦେଶାଇ, ସୁପ୍ରିୟା ସୋଲେ, ଶ୍ରୀକାନ୍ତ ଏକନାଥ ସିନ୍ଦେ, ଶ୍ରୀମତୀ ଶାଂଭାଭି, ଚନ୍ଦନ ଚୌହାନ ଓ ବି ବାଲ୍ଲଭନେନି । ରାଜ୍ୟସଭା ସାଂସଦମାନେ ହେଲେ ଘନଶ୍ୟାମ ତିୱାରୀ, ଭୁବନେଶ୍ୱର କଳିତା, କେ.ଲକ୍ଷ୍ମଣ, କବିତା ପଟିଦାର, ସଞ୍ଜୟ କୁମାର ଝା, ରଣଦୀପ ସିଂ ସୁରଜେୱାଲା, ମୁକୁଲ ବାଲକ୍ରିଷ୍ଣନ୍ ୱାସନିକ୍, ସାକେତ ଗୋଖଲେ, ପି.ୱିଲସନ୍, ସଞ୍ଜୟ ସିଂ, ମାନସ ରଞ୍ଜନ ମଙ୍ଗରାଜ ଓ ଭି. ବିଜୟସାଇ ରେଡ୍ଡୀ।

# ବର୍ଷାରେ ଭିଜିଲା ଧାନ: ଚିନ୍ତାରେ ଚାଷୀ



ଭୁବନେଶ୍ୱର, ୨୦।୧୨ (ସଂଚାର ବ୍ୟୁରୋ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ରାଜ୍ୟରେ ଝିପିଝିପି ବର୍ଷା ଲାଗି ରହିଛି। ଲଘୁଚାପ ଅବପାତରେ ପରିଣତ ହେବା ପରେ ଉତ୍ତର-ଉତ୍ତରପୂର୍ବ ଦିଗକୁ ଗତି କରିବ ଏବଂ ତା'ପରବର୍ତ୍ତୀ ୨୪ ଘଣ୍ଟା ଯାଏ ସେହି ଅବପାତ ହୋଇ ରହିବ। ଏହା ପ୍ରଭାବରେ ଶନିବାର ମଧ୍ୟ ବର୍ଷା ହେବାର ସମ୍ଭାବନା ଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଆହୁରି ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେବା ପରେ ଚିନ୍ତାରେ ପଡ଼ିଛନ୍ତି ଚାଷୀ। ଅଦିନିଆ ବର୍ଷାରେ ପାଚିଲା ଧାନ ନଷ୍ଟ ହୋଇଯିବା ଆଶଙ୍କା ସୃଷ୍ଟି ହୋଇଛି। କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କଟକ, ଭଦ୍ରକ ଆଦି ଉପକୂଳ ଜିଲ୍ଲାରେ ଗୁରୁବାର ଠାରୁ ବର୍ଷା ଚାଲିଛି। ଭୁବନେଶ୍ୱରରେ ଗୁରୁବାର ରାତିରୁ ଝିପିଝିପି ବର୍ଷା ହେଉଛି। ଦୁଇଦିନ ହେଲା କୋହଲା ପାଗ ସହିତ ଝିପିଝିପି ବର୍ଷା ଲାଗି ରହିଥିବାରୁ ଅନେକ ସ୍ଥାନରେ ଧାନ ଭିଜିବା ସହିତ କ୍ଷେତରେ ପାଣି ଜମିଛି। ଫଳରେ ଧାନ ଗଜା ହୋଇଯିବ ବୋଲି ଚାଷୀମାନେ କହିଛନ୍ତି। ଶହଶହ ହେକ୍ଟର ଜମିରେ ଧାନ କଟା ହୋଇ ପଡ଼ି ଥିବାରୁ ତାହା କ୍ଷେତରେ ନଷ୍ଟ ହେବାକୁ ବସିଛି। ଏଥିପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ଧାନମଣ୍ଡି ଖୋଲିବା ସହ କ୍ଷୟକ୍ଷତି ଯୋଗାଇ ଦେବା ପାଇଁ ଚାଷୀ ମହଲରୁ ଦାବି ହେଉଛି। ଅନ୍ୟପକ୍ଷରେ ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ଶନିବାର ସକାଳ ସାଢ଼େ ଆଠଟା ପର୍ଯ୍ୟନ୍ତ ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ହାଲକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ଗଞ୍ଜାମ, ଗଜପତି, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଏସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୨୧ ସକାଳ ସାଢ଼େ ୮ଟାରୁ ୨୨ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ମୟୂରଭଞ୍ଜ, କେନ୍ଦୁଝର ଓ ଢେଙ୍କାନାଳ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ହାଲ୍କା ବର୍ଷା ହେବାର ସମ୍ଭାବନା ରହିଛି। ଅନ୍ୟ ସବୁ ସ୍ଥାନରେ ପାଗ ଶୁଖିଲା ରହିବାର ପୂର୍ବାନୁମାନ କରାଯାଇଛି। ୨୨ ତାରିଖରୁ ପାଗ ଶୁଖିଲା ରହିବ। ସେହିପରି ଆଗାମୀ ୩ ଦିନରେ ସର୍ବନିମ୍ନ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ତା'ପରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସର୍ବନିମ୍ନ ତାପମାତ୍ରାରେ ୨-୪ ଡିଗ୍ରୀ ହ୍ରାସ ପାଇବାର ସମ୍ଭାବନା ରହିଛି।

# ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହିତ ଆରମ୍ଭ ହେବ ହକି ଇଣ୍ଡିଆ ଲିଗ୍

ଭୁବନେଶ୍ୱର,୨୦।୧୨ (ସଂଚାର ବ୍ୟୁରୋ): ବହୁ ପ୍ରତୀକ୍ଷିତ ହକି ଇଣ୍ଡିଆ ଲିଗ୍ (ଏଚଆଇଏଲ) ୨୦୨୪-୨୫ 'ହକି କା ଜାଶାନ୍' ଗ୍ରାଣ୍ଡ ଷ୍ଟାଇଲରେ ଫେରିବାକୁ ଯାଉଛି। ଓପନିଂ ମ୍ୟାଚ୍ ପୂର୍ବରୁ ରାଉରକେଲାସ୍ଥିତ ବିର୍ସା ମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମରେ ୨୮ ଡିସେମ୍ବରରେ ଏକ ଉଦ୍‌ଘାଟନୀ ଉଦଘାଟନୀ ଉତ୍ସବରୁ ଆରମ୍ଭ ହେବ। ଏହି କାର୍ଯ୍ୟକ୍ରମରେ ଭାରତୀୟ ହକି କା ଜଶନ୍ ଥିମ୍ ଅନ୍ତର୍ଗତ ଭାରତୀୟ ଶ୍ରେଷ୍ଠ ସେଲିବ୍ରିଟିଙ୍କ ଚମତ୍କାର ପ୍ରଦର୍ଶନ ପ୍ରଦର୍ଶିତ ହେବ। ବଲିଉଡର ସେନ୍ସେସ୍ ସାରା ଅଲି ଖାନ ଏବଂ ପ୍ରସିଦ୍ଧ ସିଙ୍ଗର କିଙ୍ଗ ତାଙ୍କର ଚମତ୍କାର ପ୍ରଦର୍ଶନ ସହିତ ସନ୍ଧ୍ୟାରେ ମାହୋଲ ସେଟ୍ କରିବେ। ଆନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ଶିଆମାକ୍ ଡାଭର୍ ଡ୍ୟାନ୍ସ ଟ୍ରୁପ୍ ଗତିଶୀଳ କୋରିଓଗ୍ରାଫି ସହିତ ମଞ୍ଚକୁ ଜୀବନ୍ତ କରିବା ସହିତ ଏକ ହେଁ ଏନର୍ଜି ମୁହୂର୍ତ୍ତ ସୃଷ୍ଟି କରିବ ଯାହା ଆଗାମୀ ଲିଗ୍ ପାଇଁ ରୋମାଞ୍ଚକର ସୃଷ୍ଟି କରିବ। ଏହି ସନ୍ଧ୍ୟାରେ ଅନ୍ୟ ଏକ ଆକର୍ଷଣ ହେଉଛି ଆନାମର୍ଫିକ୍ ଫ୍ଲୋର୍ ପ୍ରୋଜେକସନ ମ୍ୟାପିଂ, ଷ୍ଟାଡିୟମ୍ ଫ୍ଲୋରରେ ପ୍ରୋଜେକ୍ଟ ହୋଇଥିବା 3D ଭ୍ରାନ୍ତି ସହିତ ପ୍ରଶଂସକଙ୍କ ପାଇଁ ଏକ ଭିଜୁଆଲ୍ ଇମର୍ସିଭ୍ ଅନୁଭୂତି ପ୍ରଦାନ କରିବ। ପ୍ରଶଂସକମାନଙ୍କୁ ଆକର୍ଷିତ କରିବା ପାଇଁ, ଉଭୟ ଉଦ୍ଘାଟନୀ ସମାରୋହ ଏବଂ ସମସ୍ତ ଲିଗ୍ ୨୦୨୪-୨୫ ମ୍ୟାଚ୍ ପାଇଁ ରାଉରକେଲାରେ ଦର୍ଶକଙ୍କ ପ୍ରବେଶ ମାଗଣା ରହିବ।

# ବଦଳିବ ପରିକ୍ରମା ପ୍ରକଳ୍ପ ଡିଜାଇନ୍



ଭୁବନେଶ୍ୱର, ୨୦।୧୨ (ସଂଚାର ବ୍ୟୁରୋ): ବଦଳିବ ଶ୍ରୀଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପ ଡିଜାଇନ୍। ପୁରୁଣା ସହ କିଛି ନୂଆ ଡିଜାଇନ ପ୍ରସ୍ତୁତ କରାଯାଇ ରୂପରେଖ ପ୍ରସ୍ତୁତ ହେବ। ଏହା ଲୋକଙ୍କ ଧର୍ମୀୟ ଭାବନା ସହ ଜଡିତ ଥିବାରୁ ବିଚାରବିମର୍ଶ ଚାଲିଛି। ଖୁବଶୀଘ୍ର କୃତ ଯଜ୍ଞ, ଅନ୍ନ ଯଜ୍ଞ, ଜ୍ଞାନ ଯଜ୍ଞ ମଣ୍ଡପ ପାଇଁ ବି ବ୍ୟବସ୍ଥା ହେବ। ଏନେଇ ଦୁଇ ତିନି ମାସ ମଧ୍ୟରେ କାମ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

ଅନ୍ୟପକ୍ଷରେ ନୂଆବର୍ଷ ଠାରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରରେ ହେବ ନୂଆ ବ୍ୟବସ୍ଥା। ନୂଆବର୍ଷରୁ ନାଟମଣ୍ଡପରେ ନୂଆ ଦର୍ଶନ ବ୍ୟବସ୍ଥା ହେବ । ସ୍ୱତନ୍ତ୍ର ୬ ପର୍ଯ୍ୟାୟ ବିଶିଷ୍ଟ ବାରିକେଡ୍ ଯୋଗେ ନୂଆବର୍ଷରୁ ଶ୍ରୀଜିଉଙ୍କ ଦର୍ଶନ କରିବେ ଶ୍ରଦ୍ଧାଳୁ। ଶ୍ରଦ୍ଧାଳୁ ଗୋଟିଏ ପଟେ ଯିବେ ଏବଂ ଅନ୍ୟପଟେ ବାହାରିବେ। ଦିବ୍ୟାଙ୍ଗ ଓ ବୟସ୍କଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ରହିବ । ଏନେଇ ଓବିସିସି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ହୋଇଛି। ଆନନ୍ଦବଜାରରେ ଶୃଙ୍ଖଳା ଆଣିବା ପାଇଁ ଏକ ଅନୁଧ୍ୟାନ କମିଟି ଗଠନ କରାଯାଇଛି। ତଦାରଖ ଓ ବିଶୃଙ୍ଖଳା ରୋକିବାକୁ ୨୦ଜଣ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଛି। ଏମାନେ ପର୍ଯ୍ୟାୟକ୍ରମେ ୮ ଘଣ୍ଟିଆ ଡ୍ୟୁଟି କରୁଥିବା ବେଳେ ମହାପ୍ରସାଦ ବିକ୍ରି କରୁଥିବା ସୁପକାରଙ୍କ କ୍ଷେତ୍ରରେ ବି କଟକଣା ଲଗାଯାଇଛି। ଦୋକାନ ମାଲିକଙ୍କ ବ୍ୟତୀତ ଅନ୍ୟ କେହି ମହାପ୍ରସାଦ ଦୋକାନ ଚଳାଇ ପାରିବେନି ବୋଲି ବାଧ୍ୟତାମୂଳକ କରାଯାଇଛି। ଅନ୍ନ ମହାପ୍ରସାଦ ଓ ଶୁଖିଲା ମହାପ୍ରସାଦ ବିକ୍ରି କରୁଥିବା ସୁପକାରଙ୍କୁ ସହାୟତା ପାଇଁ ଜଣେ ଲେଖାଏଁ ସହାୟକ ରଖିବାକୁ ଅନୁମତି ପ୍ରଦାନ କରାଯାଇଛି।

## ୨୩ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଶୁଣାଣି ବନ୍ଦ

ଭୁବନେଶ୍ୱର,୨୦।୧୨(ସଂଚାର ବ୍ୟୁରୋ): ଆଗାମୀ ଡିସେମ୍ବର ୨୩ତାରିଖ (ସୋମବାର)ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟ ସରକାରୀ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଡିସେମ୍ବର୨୩ରେ ଭୁବନେଶ୍ୱର, ୟୁନିଟ-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନ ଶୁଣାଣି ବନ୍ଦ ରହିବ ଏବଂ ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ଜରିଆରେ ଜଣାଇ ଦିଆଯିବ ବୋଲି ଏ ସମ୍ପର୍କରେ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ନାବାଳିକାକୁ ଗଣବଳାତ୍କାର

ରାଉରକେଲା, ୨୦।୧୨ (ସଂଚାର ବ୍ୟୁରୋ): ଇସ୍ପାତ ନଗରୀ ରାଉରକେଲାରେ ଘଟିଛି ଲଜ୍ଜାଜନକ ଘଟଣା। ଯୌନ ପିପାସୁମାନେ ନାବାଳିକାଙ୍କୁ ଛାଡ଼ି ନାହାନ୍ତି। ଜଣେ ନାବାଳିକାଙ୍କୁ ରାସ୍ତାରୁ ଉଠାଇ ନେଇ ୩ ଧରି ଗଣ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଯୌନ ପିପାସୁଙ୍କ କବଳରୁ ଖସି ଆସି ଉଦିତ ନଗର ଥାନାରେ ଅଭିଯୋଗ କରିଛନ୍ତି ନାବାଳିକା। ଗତ ୧୭ ତାରିଖରେ ନାବାଳିକା ଜଣଙ୍କ ବିଶ୍ରା ଛକ ନିକଟରେ ବୁଲୁଥିଲେ। ଏହି ସମୟରେ ନାବାଳିକାଙ୍କ ପୁରୁଷ ବନ୍ଧୁଙ୍କ ସମେତ ୩ ଜଣ ଯୁବକ ନାବାଳିକାଙ୍କୁ ଉଠାଇ ନେଇଥିଲେ। ପରେ ବିଶ୍ରା ଅଞ୍ଚଳରେ ଏକ ଘରେ ବନ୍ଦ ରଖି ୩ ଧରି ଗଣ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ୧୯ ତାରିଖରେ ପୀଡ଼ିତା ଖସି ଆସି ଉଦିତ ନଗର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏହି ଘଟଣାର ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନାଯୋଗ୍ୟ, ଗତ ୨ ମାସ ଭିତରେ ରାଉରକେଲାରେ ବିର୍ସା ମୁଣ୍ଡା ଥାନା ଓ ରଘୁନାଥ ପାଲି ଥାନା ଅଞ୍ଚଳରେ ସମାନ ଘଟଣା ଘଟିଥିଲା। ନାବାଳିକାଙ୍କୁ ଉଠାଇ ଆଣି ଗଣ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଥିଲା। ପୁଣି ଜଣେ ନାବାଳିକାଙ୍କୁ ଗଣ ଦୁଷ୍କର୍ମ ଘଟଣା ସାମ୍ନାକୁ ଆସିବା ପରେ ରାଉରକେଲା ପୁଲିସ ପାଇଁ ଚ୍ୟାଲେଞ୍ଜିଂ ହୋଇଛି।

## ଡ୍ୟୁଟିକୁ ଯିବା ବେଳେ ୨ ଜଣଙ୍କ ଉପରେ ମାଡ଼ିଗଲା ଟ୍ରକ

● ଜଣେ ମୃତ, ଆଉ ଜଣେ ଆହତ

ଅନୁଗୁଳ,୨୦।୧୨(ସଂଚାର ବ୍ୟୁରୋ): ଡ୍ୟୁଟି ପାଇଁ ଯାଉଥିବା ବେଳେ ଦୁଇ ଜଣଙ୍କ ଉପରେ ମାଡ଼ିଗଲା ଟ୍ରକ୍। ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ଆହତ ହୋଇଛନ୍ତି।ଅନୁଗୋଳ ଟାଉନ ଥାନାର ପ୍ରଶାନ୍ତି ହୋଟେଲ ଛକ ନିକଟରେ ଏହି ଦୁର୍ଘଟଣା ଘଟିଛି। ମୃତ ବ୍ୟକ୍ତି ଜଣଙ୍କ ହେଲେ ବିକ୍ରମ ରାଉତରାୟ। ତାଙ୍କ ଘର ଜଗତସିଂପୁର ଜିଲ୍ଲାରେ। ଆହତ ବ୍ୟକ୍ତି ଜଣଙ୍କ ହେଲେ କରଣ ବିର ଗୋପୀ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବିକ୍ରମ ଓ ବିର ଶୁକ୍ରବାର ସକାଳେ ଏକ ବାଇକ୍ ଯୋଗେ ଘରୋଇ କମ୍ପାନୀକୁ ଡ୍ୟୁଟିକୁ ଯାଉଥିଲେ। ଏହି ସମୟରେ ଏକ ଟ୍ରକ୍ ଦ୍ରୁତ ଗତିରେ ଆସି ସେମାନଙ୍କ ବାଇକକୁ ଧକ୍କା ଦେଇଥିଲା। ଦୁଇ ଜଣଙ୍କ ଛିଟିକି ତଳେ ପଡ଼ିଯାଇଥିଲେ। ପରେ ଟ୍ରକ୍‌ଟି ଉଭୟଙ୍କ ଉପରେ ମାଡ଼ି ଯାଇଥିଲା। ଘଟଣାସ୍ଥଳରେ ବିକ୍ରମଙ୍କର ମୃତ୍ୟୁ ଘଟିଥିବା ବେଳେ ବିର ଆହତ ହୋଇଥିଲେ। ବିରଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଘଟଣାପରେ ଦୁର୍ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତଦେହ ରଖି ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଥିଲେ। ଫଳରେ ଜାତୀୟ ରାଜପଥରେ ଯାତାୟତ ଠପ୍ ହୋଇଯାଇଥିଲା। ଉଭୟ ପାର୍ଶ୍ୱରେ ଶହ ଶହ ସଂଖ୍ୟାରେ ଗାଡ଼ି ମୋଟର ଅଟକି ରହିଥିଲା। ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ମୃତକଙ୍କ ପରିବାରକୁ କ୍ଷତି ପୂରଣ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ରାସ୍ତାରୋକ ହଟିଥିଲା। ଦୁର୍ଘଟଣାପରେ ଗାଡ଼ି ନେଇ ଟ୍ରକ୍ ଡ୍ରାଇଭର ଫେରାର ହୋଇଯାଇଛି। ପୁଲିସ ଘଟଣାର ତଦନ୍ତ କରୁଛି।



# ଧରାପଡ଼ିଲେ ୨ ଟେକ୍ସଟାଇଲ ଇନ୍ସପେକ୍ଟର

ଭୁବନେଶ୍ୱର,୨୦।୧୨ (ସଂଚାର ବ୍ୟୁରୋ): ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ବୌଦ୍ଧ ବୟନ ଶିଳ୍ପ ସହକାରୀ ନିର୍ଦ୍ଦେଶକଙ୍କ ଅଫିସର ଦୁଇ ଜଣ ବୟନ ଶିଳ୍ପ ଇନ୍‌ସପେକ୍ଟର। ସେମାନେ ହେଉଛନ୍ତି- କୃଷ୍ଣଚନ୍ଦ୍ର ସାହୁ ଓ ଅଜିତ କୁମାର ଦାସ। ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଅଞ୍ଚଳର ଏକ ସମବାୟ ସମିତିର ବିଲ୍ ରିଲିଜ୍ ପାଇଁ ଆବଶ୍ୟକ କାମ କରିବାକୁ ଏହି ଦୁଇ ଅଧିକାରୀ ଲାଞ୍ଚ ମାଗିଥିଲେ। ଏନେଇ ଉକ୍ତ ସମବାୟ ସମିତି ପକ୍ଷରୁ ଭିଜିଲାନ୍ସରେ ଅଭିଯୋଗ କରାଯାଇଥିଲା। ଲାଞ୍ଚ ନେଇ ଧରାପଡ଼ିବା ପରେ ଏହି ଦୁଇ ଅଧିକାରୀଙ୍କ ଦୁଇଟି ଲେଖାଏଁ ଠିକଣାରେ ଚଢ଼ାଉ କରିଛି ଭିଜିଲାନ୍ସ।

# ରାଜ୍ୟପାଳଙ୍କୁ ଭେଟିଲେ ଅର୍ଥ ସେବା ପ୍ରୋବେସନର

ଭୁବନେଶ୍ୱର, ୨୦।୧୨ (ସଂଚାର ବ୍ୟୁରୋ): ଶୁକ୍ରବାର ରାଜଭବନରେ ମଧୁସୂଦନ ଦାସ ରିଜିଓନାଲ ଏକାଡ଼େମୀ ଅଫ୍ ଫାଇନାନ୍‌ସିଆଲ ମ୍ୟାନେଜମେଂଟରେ ପ୍ରଶିକ୍ଷଣ ଲାଭ କରୁଥିବା ଓଡ଼ିଶା ଅର୍ଥ ସେବା ୨୦୨୧ ବ୍ୟାଚ୍‌ର ୪୮ ଜଣ ପ୍ରୋବେସନରଙ୍କୁ ଉଦ୍‌ବୋଧନ ଇଦେ ରାଜ୍ୟପାଳ ଶ୍ରୀ ଦାସ କହିଛନ୍ତି, ଅର୍ଥ ଉପରେ ରାଜ୍ୟର ବିକାଶ ନିର୍ଭର କରୁଛି। ରାଜ୍ୟ ଅର୍ଥ ସେବାର ଅଧିକାରୀ ଭାବେ ଗୁରୁ ଦାୟିତ୍ୱ ରହିଛି। ଏହି ଅବସରରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନବିଏସ୍ ରାଜପୁତ ପ୍ରୋବେସନର୍‌ମାନଙ୍କୁ ଟେକ୍ନୋଲୋଜିର ବହୁଳ ବ୍ୟବହାର ପାଇଁ ପରାମର୍ଶ ଦେଇଥିଲେ। ମଧୁସୂଦନ ଦାସ ଆଂଚଳିକ ବିତ୍ତୀୟ ପରିଚାଳନା ଏକାଡ଼େମୀର ନିର୍ଦ୍ଦେଶକ ଅଶୋକ କୁମାର ମହାନ୍ତି ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ଏକାଡେମୀର ଯୁଗ୍ମ ନିର୍ଦ୍ଦେଶକ ବିଭୁଦତ୍ତ ଆଚାରୀଙ୍କ ସମେତ ଅନ୍ୟ ପଦାଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।






# ଘର ପାଇଁ ବଣ୍ଡା ମହିଳାଙ୍କୁ ଅତିରିକ୍ତ ୫୦ ହଜାର ଟଙ୍କା

ମାଲକାନଗିରି,୨୦।୧୨ (ସଂଚାର ବ୍ୟୁରୋ): ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡା ଶୁକ୍ରବାର ସକାଳେ ମାଲକାନଗିରି ଜିଲ୍ଲା ବଣ୍ଡାଘାଟିର ମୁଦୁଲିପଡାଠାରେ ପହଞ୍ଚି ସୀତାକୁଣ୍ଡ, ସ୍କୁଲ, ପର୍ଯ୍ୟଟନସ୍ଥଳୀ, ବଣ୍ଡା ଗାଁ ପରିଦର୍ଶନ କରିଛନ୍ତି। ଏହାସହ ବଣ୍ଡା ମହିଳାଙ୍କ ସୁବିଧା ଅସୁବିଧା ସମ୍ପର୍କରେ ବୁଝିବା ପରେ କହିଛନ୍ତି, ବଣ୍ଡା ଘାଟିର ବିକାଶ ସହ ଆଦିମ ବଣ୍ଡା ଜନଜାତିଙ୍କର ଉନ୍ନତି ପ୍ରତି ଅଧିକ ଗୁରୁତ୍ୱ ଦିଆଯାଉଛି। କେହି ବି ଜଣେ ପ୍ରକୃତ ହିତାଧିକାରୀ ଯେପରି ସୁଭଦ୍ରା ଯୋଜନାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ସଜାଗ ରହିବାକୁ ପ୍ରଶାସନିକ ଅଧିକାରୀଙ୍କୁ ତାଗିଦ କରିଛନ୍ତି। ବର୍ଷାକୁ ଖାତିର ନ କରି ଶ୍ରୀମତୀ ପରିଡ଼ାଙ୍କୁ ବଣ୍ଡା ମହିଳାମାନେ ବାଦ୍ୟ ବଜାଇ ଓ ପାରମ୍ପରିକ ବେଶଭୁଷାରେ ସଜିତ ହୋଇ ନୃତ୍ୟ ଗୀତ ମାଧ୍ୟମରେ ସୀତାକୁଣ୍ଡ ନିକଟକୁ ପାଛୋଟି ନେଇଥିଲେ। ଉପ ମୁଖ୍ୟମନ୍ତ୍ରୀ ବଣ୍ଡାଙ୍କ ଆଭୂଷଣ ପରିଧାନ କରି ସେମାନଙ୍କ ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ସେ ବଣ୍ଡା ଜନଜାତିଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିଥିଲେ । ପରେ ବଣ୍ଡା ମହିଳାଙ୍କୁ ଘାଟିର ସମସ୍ୟା ବିଷୟରେ ଗୋଟି ଗୋଟି କରି ପଚାରି ବୁଝିଥିଲେ। ପାନୀୟ ଜଳ, ରାସ୍ତା ଘାଟ ଅବ୍ୟବସ୍ଥା ନେଇ ଉଦବେଗ ପ୍ରକାଶ କରିଥିଲେ ଉପ ମୁଖ୍ୟମନ୍ତ୍ରୀ । ଏହାସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ)ରେ ଅଧିକ ୫୦ ହଜାର ଟଙ୍କା ପ୍ରଧାନ କରାଯିବା ବୋଲି କହିଥିଲେ । ସୀତା କୁଣ୍ଡ ପରିଦର୍ଶନ କରି ମା'ସୀତା ଓ ସେଠାରେ ଥିବା ଶ୍ରୀରାମ ମନ୍ଦିର ଯାଇ ପୂଜାର୍ଚ୍ଚନା କରିଥିଲେ । ସୀତା କୁଣ୍ଡର ସାମଗ୍ରିକ ବିକାଶ ହେବ ବୋଲି କହିଥିଲେ ଉପ ମୁଖ୍ୟମନ୍ତ୍ରୀ। ଅପରାହ୍ଣରେ ମାଲକାନଗିରି ଫେରି ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ ସମୀକ୍ଷା ବୈଠକ କରିଥିଲେ। କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ମାଲକାନଗିରି ବିଧାୟକ ନରସିଂହ ମାଡକାମି, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଏସପି ବିବେକାନନ୍ଦ ଶର୍ମା, ଖଇରପୁଟ ବିଡିଓ, ବଣ୍ଡା ପ୍ରକଳ୍ପ ପ୍ରଶାସକ ପ୍ରମୁଖ ଉପସ୍ଥିତ ଥିଲେ।

# ବୈକୁଣ୍ଠ ଆଶ୍ରମ ପ୍ରସଙ୍ଗରେ ହାଇକୋର୍ଟଙ୍କ ଅନ୍ତରୀଣ ନିର୍ଦ୍ଦେଶ ବଳବତ୍ତର



ଭୁବନେଶ୍ୱର, ୨୦।୧୨ (ସଂଚାର ବ୍ୟୁରୋ): ଭୁବନେଶ୍ୱର ଖଣ୍ଡଗିରି ବୈକୁଣ୍ଠ ଧାମ ଆଶ୍ରମର ବେଆଇନ ନିର୍ମାଣ ଭଙ୍ଗାଯିବା ପ୍ରସଙ୍ଗରେ ହାଇକୋର୍ଟଙ୍କ ଅନ୍ତରୀଣ ନିର୍ଦ୍ଦେଶ ବଳବତ୍ତର ରହିଛି। ଭୁବନେଶ୍ୱର ଘାଟିକିଆ ମୌଜାର ଖାତା ନଂ ୨୩୩୩ର ପ୍ଲଟ ନଂ ୧୨୧୫ ଉପରେ ଥିବା ବୈକୁଣ୍ଠ ଧାମ ଆଶ୍ରମର ନିର୍ମାଣ ଉପରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାକୁ ଗତ ମାସ ୨୧ ତାରିଖରେ ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଜାରି କରିଥିଲେ। ସମ୍ପୃକ୍ତ ଜମି ଉପରେ ବୈକୁଣ୍ଠ ଧାମ ଟ୍ରଷ୍ଟ ପକ୍ଷରୁ ଯୋଗ ଶିକ୍ଷା ଦିଆଯାଉଛି ଏବଂ ସେହି ଜମିକୁ ଟ୍ରଷ୍ଟକୁ ହସ୍ତାନ୍ତର କରିବା ପାଇଁ ଗଣ ଶିକ୍ଷା ବିଭାଗ ପକ୍ଷରୁ ସାଧାରଣ ପ୍ରଶାସନ ବିଭାଗକୁ ସୁପାରିଶ କରାଯାଇଛି ବୋଲି ଆବେଦନକାରୀ ହାଇକୋର୍ଟରେ ଦର୍ଶାଇଥିଲେ। ସେହି ଆଧାରରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଉପରେ ହାଇକୋର୍ଟ ରୋକ ଲଗାଇଥିଲେ। ଅନ୍ୟପକ୍ଷରେ ଗଣ ଶିକ୍ଷା ବିଭାଗ ପକ୍ଷରୁ ସାଧାରଣ ପ୍ରଶାସନ ବିଭାଗକୁ ଦିଆଯାଇଥିବା ଚିଠି ନକଲି ବୋଲି ଆଜି ସରକାରଙ୍କ ପକ୍ଷରୁ କୋର୍ଟରେ କୁହାଯାଇଥିଲା। ଏହାକୁ ସତ୍ୟପାଠ ଆକାରରେ ଦେବାକୁ ନିର୍ଦ୍ଦେଶ ଦେବା ସହ ଆସନ୍ତା ଜାନୁଆରୀ ୩ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ହାଇକୋର୍ଟ କହିଛନ୍ତି।

# ମାଥିଭାଥନନ୍‌ଙ୍କ ଜିଲ୍ଲା ଗସ୍ତକୁ ନେଇ ଚର୍ଚ୍ଚା



କେନ୍ଦ୍ରାପଡା,୨୦।୧୨(ସଂଚାର): ଦୀର୍ଘ ବର୍ଷ ଶାସନ ଚଳାଇ ଆସିଥିବା ବିଜେଡି ସରକାରର ବ୍ୟବସ୍ଥା ଏବେ ଧୀରେ ଧୀରେ ପରିବର୍ତ୍ତନ ହେବାରେ ଲାଗିଛି। ଏପରିକି ପୂର୍ବରୁ ସାଧାରଣ ଲୋକଙ୍କୁ ଭାଉ ଦେଖାଉଥିବା ସରକାରୀ ବାବୁମାନେ ଏବେ ନିଜକୁ ସୁଧାରିବାରେ ଲାଗିଛନ୍ତି। କେବଳ ମୋହନ ସରକାର ପାଇଁ ଏହା ସମ୍ଭବ ହୋଇପାରିଛି।

ଏହାର ଉଦାହରଣ ଦୁଇଦିନ ଧରି ଅତିରିକ୍ତ

● ବଦଳୁଛି ପୁରୁଣା ଢାଞ୍ଚା
● ଫୋକସ୍‌ରେ କେନ୍ଦ୍ରାପଡ଼ା ଜିଲ୍ଲା

ମୁଖ୍ୟ ଶାସନ ସଚିବଙ୍କ କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତ। ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଗସ୍ତ ଜିଲ୍ଲାକୁ ବିକାଶ ଦିଗରେ ଆହୁରି ଅଗ୍ରସର କରାଇବ ବୋଲି ଆଲୋଚନା ହେଉଛି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି. ମାଥିଭାଥନନ୍ ଗୁରୁବାର ଏବଂ ଶୁକ୍ରବାର କେନ୍ଦ୍ରାପଡ଼ା ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସ୍ୱାସ୍ଥ୍ୟ, ପଞ୍ଚାୟତିରାଜ ଓ ପାନୀୟଜଳ, ନଗର ଉନ୍ନୟନ, ଗ୍ରାମ୍ୟ ଉନ୍ନୟନ, ସ୍କୁଲ ଓ ଗଣଶିକ୍ଷା, ମହିଳା ଓ ଶିଶୁ ବିକାଶ, ମଙ୍ଗଳ ବିଭାଗ, ବେସାମରିକ ଯୋଗାଣ ବିଭାଗ, ସମବାୟ, ସାମାଜିକ ସୁରକ୍ଷା, ଶକ୍ତି, ଶିଳ୍ପ, ଆଦି ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ପାୱାର ପଏଣ୍ଟ ମାଧ୍ୟମରେ ସରକାରୀ ଯୋଜନା ଅନ୍ତର୍ଗତ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଛନ୍ତି। ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ପ୍ରଧାନମନ୍ତ୍ରୀ ଅବାସ ଯୋଜନା (ଗ୍ରାମୀଣ), ଜାତୀୟ ଖାଦ୍ୟ ମିଶନ, ଅନ୍ତ୍ୟୋଦୟ ଯୋଜନା ଓ ପରିମଳ ବ୍ୟବସ୍ଥା, ସ୍ୱଚ୍ଛ ଭାରତ ମିଶନ, ହର ଘର ଜଳ, ପଞ୍ଚସଖା ଶିକ୍ଷା ଯୋଜନା, ସୁଭଦ୍ରା ଯୋଜନା ଆଦି ସମ୍ପର୍କରେ ବିସ୍ତୃତ ତଥ୍ୟ ପିପିଟି ମାଧ୍ୟମରେ ପ୍ରଦର୍ଶନ କରାଯାଇଛି। ସ୍ୱଚ୍ଛ ଭାରତ ମିଶନ ଅଧୀନରେ ୧୪୨୩ ଗ୍ରାମ ମଧ୍ୟରୁ ବ୍ଲକୱାରି ୧୧୪୬ ଗୋଟି ଓଡ଼ିଏଫ ପ୍ଲସ୍ ମଡେଲ ଗ୍ରାମ ସ୍ଥିରୀକୃତ ହୋଇଛି । ମେଗା ପାନୀୟ ଜଳ ପ୍ରୋଜେକ୍ଟ ମାଧ୍ୟମରେ ଜିଲ୍ଲାରେ ଥିବା ଜଳକ୍ଲିଷ୍ଟ ଗ୍ରାମଗୁଡିକୁ ପାନୀୟ ଜଳ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି।

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦର୍ଶାଯାଇଥିଲା, ଏପ୍ରିଲ ଠାରୁ ନଭେମ୍ବର ମଧ୍ୟରେ ୯୩୪ ଗୋଟି ରୋଗୀଙ୍କୁ ଉନ୍ନତ ଚିକିତ୍ସା ପାଇଁ ବାହାର ଚିକିତ୍ସାଳୟକୁ ପ୍ରେରଣ କରାଯାଇଛି । ସେତୁ ବନ୍ଧନ ଯୋଜନାରେ ମଞ୍ଜୁର ହୋଇଥିବା ୪୬ ଗୋଟି ପ୍ରୋଜେକ୍ଟ ମଧ୍ୟରୁ ୨୮ ଗୋଟି ସମାପ୍ତ ହୋଇଥିବାବେଳେ ଅନ୍ୟଗୁଡିକର କାର୍ଯ୍ୟ ଚାଲୁ ରହିଛି। ଅଙ୍ଗନବାଡି କେନ୍ଦ୍ରର କୋଠା ନିର୍ମାଣ, ଶୌଚାଳୟ, ବିଦ୍ୟୁତ୍ ସଂଯୋଗ ସମ୍ପର୍କରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବୁଝିଥିଲେ। କେନ୍ଦ୍ରାପଡ଼ାରେ ଶିଳ୍ପ ପ୍ରତିଷ୍ଠାପାଇଁ ଜମି ଅଧିଗ୍ରହଣ ସମ୍ପର୍କରେ କଣ ପଦକ୍ଷେପ ନିଆଯାଇଛି ବୁଝିଥିଲେ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦ୍ୱିତୀୟ ଦିନରେ ଛତା ପଲିଟେକ୍ନିକ କଲେଜ, ବାଲିଆସ୍ଥିତ ଅମୃତ ସରୋବର, ଗୋଲର ହାଟସ୍ଥିତ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ପ୍ରମୁଖ ସ୍ଥାନକୁ ଯାଇ ହିତାଧିକାରୀଙ୍କ ସହ ଆଲୋଚନା କରିବା ସହ ପ୍ରକଳ୍ପଗୁଡିକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ମାଡ଼ି ବସିଲେଣି ୫୦୦ ଏକର ସରକାରୀ ଜମି



ଭୁବନେଶ୍ୱର, ୨୦।୧୨: ରାଜଧାନୀରେ ୫୦୦ ଏକର ସରକାରୀ ଜମିକୁ ମାଫିଆମାନେ ମାଡି ବସିଲେଣି। ସଚିବାଳୟର ଆଖପାଖରୁ ଆରମ୍ଭକରି ସହରତଳି ଅଞ୍ଚଳ ପର୍ଯ୍ୟନ୍ତ ଯେଉଁଠି ସରକାରୀ ଜାଗା ଦେଖୁଛନ୍ତି ତାକୁ ଜବରଦସ୍ତ ମାଡି ବସୁଛନ୍ତି। ସରକାରୀ ଜମି ଉଦ୍ଧାର ପାଇଁ ସରକାରଙ୍କର ଏକାଧିକ ଏନଫୋର୍ସମେଣ୍ଟ ସଂସ୍ଥା ଥିଲେ ମଧ୍ୟ ମୂଲ୍ୟବାନ ଜମିଗୁଡ଼ିକୁ ଉଦ୍ଧାର କରାଯାଉ ନାହିଁ।

ରାଜଧାନୀ ସହର ସମେତ ଏହାର ଆଖପାଖରେ ସାଧାରଣ ପ୍ରଶାସନ ବିଭାଗର ପାଖପାଖି ୨୫ହଜାର ଏକର ଜମି ରହିଛି। ହେଲେ ଏହି ଜମିରୁ ୫୦୦ ଏକର ମୂଲ୍ୟବାନ ଜମିକୁ ମାଫିଆମାନେ ଜବରଦଖଲ କରିସାରିଲେଣି। ଆଗକୁ ଆହୁରି ଜମି ଦଖଲ ଲାଗି ଯୋଜନା ଚାଲିଥିବା ସୂଚନା ମିଳିଛି। କେବଳ ବାପୁଜୀନଗରରେ ଜବରଦଖଲ ହୋଇଛି ୫ଏକର ଜମି। ଅଶୋକନଗରରେ ୭ଏକରରୁ ଜମିକୁ ବି ମାଫିଆମାନେ ଦଖଲ କରିନେଇଛନ୍ତି। ସାରା ଭୁବନେ୍ୱରରେ ସମାନ ଅବସ୍ଥା। ଗୌତମନଗର, ଚନ୍ଦ୍ରଶେଖରପୁର, କପିଳପ୍ରସାଦ, ସୂର୍ଯ୍ୟନଗର, ଶହୀଦନଗର, ବମିଖାଲ ଆଦି ଅଞ୍ଚଳରେ ମୂଲ୍ୟବାନ ଜମି ଜବରଦଖଲ ହୋଇଛି। ସରକାର ବି ଜମି ଉଦ୍ଧାର ପାଇଁ ୧୦ହଜାରରୁ ଅଧିକ ମାମଲା ଲଢୁଛନ୍ତି। ତେବେ ଯେଉଁସବୁ ସ୍ଥାନରେ ବିଡିଏ, ହାଉସିଂବୋର୍ଡ, ଖଦିବୋର୍ଡ ଭଳି ସଂସ୍ଥାର ଜମିଗୁଡିକ ଜବଦରଖଲ ହେଉଛି ତାହାକୁ ମୁକୁଳାଇବାପାଇଁ ସରକାର ଯେଭଳି ପଦକ୍ଷେପ ନେବାକଥା ତାହା ନେଉନାହାନ୍ତି। ଫଳରେ ଏହିସବୁ ସଂସ୍ଥା ଯାହା ଅଳ୍ପକିଛି ଜମି ରାଜଧାନୀରେ ରହିଛି ତାହାକୁ ବି ଆଉ କିଛିଦିନ ମଧ୍ୟରେ ଜବରଦଖଲକାରୀମାନେ ଅଧିଗ୍ରହଣ କରିନେବେ। ସରକାରୀ ଜମିକୁ ମୁକୁଳାଇବାପାଇଁ ବିଡିଏ, ବିଏମ୍‌ସି ଓ ସାଧାରଣ ପ୍ରଶାସନ ନିକଟରେ ଏନଫୋର୍ସଟିମ୍ ରହିଛନ୍ତି। ଏମାନେ ଯେଉଁ ମୂହୂର୍ତ୍ତରେ ଚାହିଁବେ କମିଶନରେଟ ପୁଲିସ୍ ସେମାନଙ୍କୁ ଆବଶ୍ୟକ ସୁରକ୍ଷାବଳ ଯୋଗାଇଦେବ। ହେଲେ ଏହି ତିନି ସଂସ୍ଥାର ଏନଫୋର୍ସମେଣ୍ଟ ଟିମ୍ ମଝିରେ ମଝିରେ ଛୋଟ ମୋଟ ଉଚ୍ଛେଦ କରି ଗଣମାଧ୍ୟମରେ ଖବର ପ୍ରକାଶ ପରେ ଶୋଇ ପଡୁଥିବା ଲକ୍ଷ୍ୟ କରାଯାଉଛି।

ସରକାରଙ୍କର କୋହଳ ପଣ ଦେଖି ଏବେ ମାଫିଆମାନେ ସରକାରୀ ଜମିକୁ ଜବରଦଖଲ କରିବା ସହିତ ତୁରନ୍ତ ତାହାକୁ ପ୍ଲଟ କରି ବିକି ଦେଉଛନ୍ତି। ସବୁଠାରୁ ବଡ କଥା ହେଲା ମାଫିଆମାନେ ସରକାରୀ ଜମିକୁ ଜବରଦଖଲ କରିବା ପରେ ତତ୍କାଳ ଦୁଇ ସରକାରୀ ସଂସ୍ଥା ଜଳ ଯୋଗାଣ ଓ ବିଦ୍ୟୁତ୍ ଯୋଗାଣ ସେଠାରୁ ପାଣି ଓ ବିଦ୍ୟୁତ୍ ସଂଯୋଗ ଯୋଗାଇ ଦେଉଛନ୍ତି। ପରେ ଏହାକୁ ବସ୍ତିର ମାନ୍ୟତା ମିଳିଯାଉଛି। ଯାହା ଫଳରେ ବିନା କାଗଜପତ୍ରରେ ମାଫିଆମାନେ ସରକାରୀ ଜମିକୁ କୋଟି କୋଟି ଟଙ୍କାରେ ବିକ୍ରି ମାଲେମାଲ ହେଉଥିବାବେଳେ ସରକାର କିନ୍ତୁ ରାଜକୋଷରୁ ଅର୍ଥ ଶ୍ରାଦ୍ଧ କରି ୧୦ହଜାରରୁ ଅଧିକ ମାମଲା ଲଢୁଛନ୍ତି। (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଲଞ୍ଚ ହେବ ୟାମାହା ଏକ୍ସଏସଆର ୧୫୫

**ନୂଆଦିଲ୍ଲୀ, ୨୦।୧୨:** ଇଣ୍ଡିଆ ମୋବିଲିଟି ଗ୍ଲୋବାଲ ଏକ୍ସପୋ ୨୦୨୫ ଜାନୁଆରୀ ୧୭ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଯାଉଛି। ଏହି ଇଭେଣ୍ଟରେ ଅନେକ ଗାଡି ଉପସ୍ଥାପନ ହେବାକୁ ଯାଉଛି। ୨୦୨୫ ଇଣ୍ଡିଆ ମୋବିଲିଟି ଏକ୍ସପୋରେ ୟାମାହା ଏକ୍ସଏସଆର ୧୫୫ ମଧ୍ୟ ସୋକେସ୍ ହୋଇପାରେ। ଏହି ମର୍ଡନ୍ ରେଟ୍ରୋ ମୋଟରସାଇକେଲ ହେଉଛି ଦେଶର ସବୁଠାରୁ ଫେମସ୍ ବାଇକ୍ ମଧ୍ୟରୁ ଅନ୍ୟତମ। ଯାହା ୟାମାହା ଭାରତରେ ଲଞ୍ଚ କରିବାକୁ ଚିନ୍ତା କରୁଛି। ଆଶା କରାଯାଏ ଯେ ୟାମାହା ଏହାକୁ ଭାରତ ମୋବିଲିଟିରେ ଅନେକ କଲର ଅପ୍ସନରେ ଦେଖାଇପାରେ। ଆପଣଙ୍କୁ କହିବୁ ୟାମାହା ଏକ୍ସଏସଆର ୧୫୫ କେଉଁ ଫିଚର୍ସ ସହିତ ଆସିବ।

ଏକ୍ସଏସଆର ୧୫୫ ୟାମାହା ଇଣ୍ଡିଆ ପାଇଁ ବହୁତ ଇମ୍ପୋଟାଣ୍ଟ ରହିଛି, କାରଣ ଏହା ଏମଟି-୧୫ ପ୍ଲାଟଫର୍ମ ଉପରେ ବେସ୍ଡ ହୋଇଛି। ଏହା ପୂର୍ବରୁ ଭାରତରେ ତିଆରି ହେଉଛି। ଏଥିରେ କଷ୍ଟ ଏବଂ ପ୍ରାଇସକୁ କଣ୍ଟ୍ରୋଲ କରିବାରେ ସାହାଯ୍ୟ କରିବ। ଏହା ସହ ୟାମାହା ଭାରତରେ ମର୍ଡନ ରେଟ୍ରୋ ମୋଟରସାଇକେଲରେ ଏଣ୍ଟ୍ରି କରିବାରେ ସାହାଯ୍ୟ ମଧ୍ୟ ମିଳିବ। ୟାମାହା ଏକ୍ସଏସଆର ୧୫୫ର ଷ୍ଟାଇଲ ବହୁତ ସ୍ପେସାଲ ରଖାଯାଇଛି, ଯାହା ଏହାର ସବୁଠାରୁ ବଡ଼ ଫିଚର୍ସ ରହିଛି। ଏହା ଫ୍ରଣ୍ଟରେ



ଥିବା ରାଉଣ୍ଡ ହେଡଲାଇଟ୍ ଠାରୁ ଟିୟରଡ୍ରପ ଫ୍ୟୁଏଲ୍ ଟ୍ୟାଙ୍କ, ଏକ୍ସପୋଜ୍ଡ ଡେଲ୍ଟା ବକ୍ସ ଫ୍ରେମ୍ ଏବଂ ଛୋଟ ଫେଣ୍ଡର ପର୍ଯ୍ୟନ୍ତ ସବୁ କିଛି ଫିଚର୍ସ ରଖାଯାଇଛି। ଯେଉଁଥିପାଇଁ ଏହା ବହୁତ ଆଟ୍ରାକ୍ଟିଭ୍ ଦେଖାଯାଏ। ୟାମାହା ଏକ୍ସଏସଆର ୧୫୫ ରେ ୧୫୫cc, ଲିକ୍ୟୁଡ୍-କୁଲ୍ଡ ସିଙ୍ଗଲ-ସିଲିଣ୍ଡର ଇଞ୍ଜିନର ବ୍ୟବହାର କରାଯାଇଛି। ଏହାର ଇଞ୍ଜିନକୁ ୬-ସ୍ପିଡ୍ ଗିୟର ବକ୍ସସିହିତ ଯୋଡା ହୋଇଛି। ଏହି ଗାଡି ସେହି ଲୋକଙ୍କୁ ବହୁତ ପସନ୍ଦ ଆସିବ ଯେଉଁମାନେ ରେଟ୍ରୋ ଲୁକ୍ ଖୋଜୁଛନ୍ତି। ଏହା ସହିତ ଯୁବକମାନଙ୍କୁ ଆଟ୍ରାକ୍ଟିଭ୍ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହାର ଫ୍ରେମ୍ ୟୁଏସଡି ଫର୍ଗ ଏବଂ ମନୋସକ୍ ମାଧ୍ୟମରେ ଏସ୍‌ପେଣ୍ଡ୍ କରାଯାଇଛି। ଏହାର ଫ୍ରଣ୍ଟ ଏବଂ ବ୍ୟାକ୍ ହୁଇଲରେ ଡିସ୍କ ବ୍ରେକ୍ ଦିଆଯାଇଛି। ଯଦି ଏହି ୟାମାହା ବାଇକ୍ ଭାରତ ମୋବିଲିଟି ଏକ୍ସପୋରେ ଉପସ୍ଥାପିତ ହୁଏ, ତେବେ ସାମ୍ଭାବ୍ୟ ଗ୍ରାହକଙ୍କ ଆଗ୍ରହ ଦେଖିବା ପାଇଁ ଏହା ଏକ ଭଲ ପ୍ଲାଟଫର୍ମ ହେବ ଏବଂ ଭାରତୀୟ ବଜାରରେ ଟିଭିଏସ ରୋହିଣୀକୁ ଟକ୍କର ଦେବ। ଭାରତରେ ଏହାକୁ ଲଞ୍ଚ କରିବା ବିଷୟରେ କମ୍ପାନୀ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସୂଚନା ଦେଇ ନାହିଁ। ଯଦି ଏହାକୁ ଭାରତରେ ଲଞ୍ଚ କରାଯାଏ ତେବେ ଏହାର ପ୍ରାଇସ୍ ୧୪ ଲକ୍ଷରୁ ୧୮ ଲକ୍ଷ ମଧ୍ୟରେ ହୋଇପାରେ।

# ଆଜିର ପେଟ୍ରୋଲ ଦର



**ନୂଆଦିଲ୍ଲୀ, ୨୦।୧୨:** ଆଜି ସାରା ଦେଶର ପେଟ୍ରୋଲ ଡିଜେଲର ନୂଆ ମୂଲ୍ୟ ପ୍ରକାଶ ପାଇଛି। କିଛି ସ୍ଥାନରେ ଦର ବୃଦ୍ଧି ପାଇଥିବା ବେଳେ ଆଉ କିଛି ସ୍ଥାନରେ ଦର ସ୍ଥିର ରହିଛି। ଆସନ୍ତୁ ଜାଣିବା କେଉଁ ସହରର କେତେ ରହିଛି ଡିଜେଲ-ପେଟ୍ରୋଲ୍ ମୂଲ୍ୟ ? ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୬୯ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି। ପେଟ୍ରୋଲ ଏବଂ ଡିଜେଲ ଦାମ୍ ଆପଣ ଏସଏମଏସ ମାଧ୍ୟମରେ ମଧ୍ୟ ଜାଣିପାରିବେ। ଇଣ୍ଡିଆନ ଅଏଲ ୱେବସାଇଟ ଅନୁଯାୟୀ ଆପଣଙ୍କୁ ଏବଂ ନିଜ ସହରର କୋଡ୍ ଲେଖି ୯୨୨୪୯୯୨୨୪୯ ନମ୍ବରକୁ ପଠାଇବାକୁ ହେବ। ପ୍ରତି ସହରର କୋଡ୍ ଅଲଗା ଅଲଗା ରହିଥାଏ। ଯାହା ଆପଣଙ୍କୁ ଆଇସିଓଏଲ ୱେବସାଇଟରୁ ମିଳିଯିବ। ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ। ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ।

# ଲଦି ଦିଆଯାଉଛି କେନ୍ଦ୍ରୀୟ ଯୋଜନା ରାଜ୍ୟଙ୍କୁ ମାତ୍ରାଧିକ ଯୋଜନା ଚାପ

**ନୂଆଦିଲ୍ଲୀ, ୨୦।୧୨:** ରାଜ୍ୟଗୁଡ଼ିକ ଉପରେ ଲଦି ଦିଆଯାଉଛି କେନ୍ଦ୍ରୀୟ ଯୋଜନା। ପାଣ୍ଠି ଲୋଭ ଦେଖାଇ କାର୍ଯ୍ୟକାରୀ କରିବାକୁ କୁହାଯାଉଛି। କେନ୍ଦ୍ରୀୟ ଯୋଜନା ଲାଗୁ କରିବାରେ ସବୁ କଳକୌଶଳକୁ ବ୍ୟବହାର କରିବା ପରେ ନିଜ ପ୍ରାଥମିକ ଯୋଜନାଗୁଡ଼ିକ ପ୍ରତି ରାଜ୍ୟମାନେ ଧ୍ୟାନ ଦେଇପାରୁନାହାନ୍ତି। ଅଥବା ସେସବୁ ବିଷୟରେ ଚିନ୍ତା କରିବା ଲାଗି ସେମାନଙ୍କ ପାଖରେ ଆବଶ୍ୟକ ପାଣ୍ଠି ରହୁନାହିଁ। ଦେଶରେ ବର୍ତ୍ତମାନ ସମୟରେ ଚାଲିଥିବା ମାତ୍ରାଧିକ କେନ୍ଦ୍ରୀୟ ଯୋଜନା ଚାପକୁ ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କର ଏକ ରିପୋର୍ଟରେ ଉଦବେଗ ପ୍ରକାଶ କରାଯାଇଛି। ରାଜ୍ୟଗୁଡ଼ିକର ଆର୍ଥିକ ସ୍ଥିତି ଉପରେ ରିଜର୍ଭ ବ୍ୟାଙ୍କ ଜାରି କରିଥିବା ଏକ ରିପୋର୍ଟରେ ଜଣାଇଛି ଯେ ମାତ୍ରାଧିକ କେନ୍ଦ୍ରୀୟ ଯୋଜନା ଲାଗୁ ହେବା ଦ୍ୱାରା ତାହା ଦେଶରେ ସମବାୟ ବିତ୍ତୀୟ ସଂଘୀୟ ବ୍ୟବସ୍ଥା ଭାବନା କ୍ଷୁଣ୍ଣ କରୁଛି। ଖର୍ଚ୍ଚ କରିବାରେ ରାଜ୍ୟଙ୍କ ପାଖରେ ରହିଥିବା ସୁଯୋଗକୁ ମଧ୍ୟ ତାହା ସଙ୍କୁଚିତ କରୁଛି। କେନ୍ଦ୍ର ପ୍ରାୟୋଜିତ ଯୋଜନା କୋହଳ ହେଲେ ରାଜ୍ୟଗୁଡ଼ିକ ନିଜର ସ୍ୱତନ୍ତ୍ର ଆବଶ୍ୟକତା ପୂରଣ କରିବା କାର୍ଯ୍ୟରେ ଅଧିକ ପାଣ୍ଠି ବ୍ୟୟ କରିପାରିବେ। ଏହା ଦ୍ୱାରା ଉଭୟ କେନ୍ଦ୍ର ଓ ରାଜ୍ୟ ଉପରେ ରହୁଥିବା ବିତ୍ତୀୟ ବୋଝ ମଧ୍ୟ କମ୍ ହୋଇପାରିବ। କେନ୍ଦ୍ରୀୟ ଯୋଜନାଗୁଡ଼ିକ ଲାଗି ବଜେଟ୍ ଅର୍ଥ ବଣ୍ଟନ ଉପରେ ଆଲୋକପାତ କରି ରିପୋର୍ଟରେ କୁହାଯାଇଛି ଯେ ୨୦୨୦-୨୧ ଓ ୨୦୨୧-୨୨ରେ କେନ୍ଦ୍ରୀୟ ଯୋଜନାଗୁଡ଼ିକ ଲାଗି ବ୍ୟୟବରାଦ ୧୧,୦୦୦ କୋଟି ଟଙ୍କାରୁ ୧୫ ହଜାର କୋଟି ଟଙ୍କା ମଧ୍ୟରେ ରହୁଥିଲା। ୨୦୨୨-୨୩ରେ ତାହା ୮୧,୧୯୫ କୋଟି ଟଙ୍କା ଓ ୨୦୨୩-୨୪ରେ ୧,୦୯,୫୫୪ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ଅଧିକାଂଶ ପାଣ୍ଠି ସୁଧ ମୁକ୍ତ ଋଣ ଭାବେ କେନ୍ଦ୍ର ସରକାର ଯୋଗାଉଛନ୍ତି। ୨୦୨୩-୨୪ରେ ତାହା ରାଜ୍ୟଗୁଡ଼ିକର ମୋଟ ପୁଞ୍ଜି ବ୍ୟୟର ୧୪.୪ ପ୍ରତିଶତ ଭଳି ସ୍ତରରେ ପହଞ୍ଚିଥିଲା। ୨୦୨୧-୨୨ ପରଠାରୁ ରାଜ୍ୟଗୁଡ଼ିକ ମଧ୍ୟ ନିଜର ପୁଞ୍ଜି ବ୍ୟୟରେ ବ୍ୟାପକ ବୃଦ୍ଧି କରୁଥିବା ରିପୋର୍ଟରେ କୁହାଯାଇଛି। ପୁଞ୍ଜି ବ୍ୟୟ ହେଉଛି ସେହି ବ୍ୟୟ ଯାହାକୁ ଭିତ୍ତିଭୂମି ଓ ଦୀର୍ଘକାଳୀନ ସମ୍ପତ୍ତି ସୃଷ୍ଟି ଲାଗି ଖର୍ଚ୍ଚ କରାଯାଏ। ତାହାର ଅର୍ଥନୈତିକ ଲାଭ ବେଶ୍ ବ୍ୟାପକ। ୨୦୨୩-୨୪ରେ ରାଜ୍ୟଗୁଡ଼ିକ ପାଇଁ ଦୀର୍ଘକାଳୀନ ସୁଧ ମୁକ୍ତ ଋଣ ପରିମାଣ ୧.୩ ଲକ୍ଷ କୋଟି ଟଙ୍କା ଥିଲା। ୨୦୨୪-୨୫ ଆର୍ଥିକ ବର୍ଷରେ ତାହାକୁ ୧.୫ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଏହା ବ୍ୟତୀତ ଓଡ଼ିଶା, ବିହାର, ଝାଡ଼ଖଣ୍ଡ,ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶକୁ ନଜରରେ ରଖି ପୂର୍ବୋଦୟ ଯୋଜନା କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାର ଯୋଜନା ରଖିଛନ୍ତି। ବଜେଟ୍ ବାହାରେ ରାଜ୍ୟଗୁଡ଼ିକ କରୁଥିବା ଋଣ ସମ୍ପର୍କରେ ଠିକ୍ ଭାବେ ଅବଗତ କରିବା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି।

# ଆଦାନୀଙ୍କୁ ଟାର୍ଗେଟ୍ କଲା ବାଂଲାଦେଶ



**ନୂଆଦିଲ୍ଲୀ, ୨୦।୧୨:** ଶିଳ୍ପପତି ଗୌତମ ଆଦାନୀଙ୍କ କମ୍ପାନି ଆଦାନୀ ପାୱାର ବିରୋଧରେ ବାଂଲାଦେଶ ଚୁକ୍ତି ଉଲ୍ଲଂଘନ ଭଳି ଗମ୍ଭୀର ଅଭିଯୋଗ ଆଣିଛି। ବାଂଲାଦେଶର ଅନ୍ତରୀଣ ସରକାର କହିଛନ୍ତି ଯେ ବିନା ଟେଣ୍ଡରରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ଅମଳରେ ୨୦୧୭ରେ କମ୍ପାନି ସହ କୋଟି କୋଟି ଡଲାରର ବୁଝାମଣା ହୋଇଥିଲା। ସେହି ଚୁକ୍ତି ଲାଗି ବାଂଲାଦେଶକୁ ଆବଶ୍ୟକତାଠାରୁ ଅଧିକ ଅର୍ଥ ଗଣିବାକୁ ପଡୁଛି। ଏହି ଚୁକ୍ତିକୁ ନେଇ ପୁଣି ଥରେ ମୁଲଚାଲ କରିବାକୁ ଚାହୁଁଛି ବାଂଲାଦେଶ। ବାଲାଂଦେଶକୁ ଆଦାନୀ ପାୱାର ବିଜୁଳି ଯୋଗାଉଥିବା ବେଳେ କୋଟି କୋଟି ଡଲାର ପାଇବାକୁ ବାକି ରହିଛି। ସେଠାରେ ସରକାର ବଦଳିଯିବା ପରେ ବକେୟା ରାଶିକୁ ନେଇ ଉଭୟ ପକ୍ଷ ମଧ୍ୟରେ ମତଭେଦ ଆରମ୍ଭ ହୋଇଛି। ଆଦାନୀ ପାୱାର କହୁଛି ୯୦୦ ନିୟୁତ ଡଲାର ବକେୟା ରହିଛି। କିନ୍ତୁ ବାଂଲାଦେଶ ହିସାବ କରି କହୁଛି ବକେୟା ରାଶି ୬୫୦ ନିୟୁତ ଡଲାର। ସ୍ଥିତି ଏଭଳି ହୋଇଛି ଯେ ଆଦାନୀ ବିନା ନିଜର ବିଦ୍ୟୁତ ଆବଶ୍ୟକତା ପୂରଣ କରିବା ଲାଗି ବାଂଲାଦେଶ ବିଚାର କରୁଛି। ଏହାର ଶକ୍ତି ମନ୍ତ୍ରୀ ମହମ୍ମଦ ଫୌଜୁଲ କବୀର ଖାନ୍ କହିଛନ୍ତି ଯେ ଦେଶରେ ଯେତିକି ବିଜୁଳି ରହିଛି ତାହା ଚାହିଦା ପୂରଣ କରିପାରିବ। ଆଦାନୀର ବିଜୁଳି ଦରକାର ପଡ଼ିବନି। ଆଦାନୀ ପାୱାର ସହ ହୋଇଥିବା ୨୫ ବର୍ଷିଆ ବିଜୁଳି ଚୁକ୍ତିକୁ ନେଇ ପୁଣି ଥରେ ମୁଲଚାଲ କରିବାକୁ ଚାହୁଁଛି ବାଂଲାଦେଶ। ଆଦାନୀ ଗ୍ରୁପ୍‌ର ମୁଖ୍ୟ ଗୌତମ ଆଦାନୀ ଓ ତାଙ୍କ ପୁତୁରା ସାଗର ଆଦାନୀ ଓ ଅନ୍ୟମାନଙ୍କ ବିରୋଧରେ ଆମେରିକା ଲାଞ୍ଚ କାରବାର ଅଭିଯୋଗ ଆଣିଥିବାରୁ ଏହାକୁ ମୁଲଚାଲ ଲାଗି ଏକ ଉପଯୁକ୍ତ ସମୟ ବୋଲି ବାଂଲାଦେଶ ବିଚାର କରୁଛି।

# ଜଟାଧାରୀ ବନ୍ଦରରେ ୩୦୦୦ କୋଟି ନିବେଶ ହେବ

**ଭୁବନେଶ୍ୱର, ୨୦।୧୨:** ଜଗତସିଂହପୁରର ଜଟାଧାରୀରେ ଜେଏସ୍‌ଡବ୍ଲୁ ଇନ୍‌ଫ୍ରାଷ୍ଟ୍ରକ୍‌ଚର୍ ପକ୍ଷରୁ ନିର୍ମାଣ କରାଯିବାକୁ ଥିବା ବନ୍ଦରରେ ୩୦୦୦ କୋଟି ଟଙ୍କା ନିବେଶ ହେବ। କମ୍ପାନି ଏହାର ପଣ୍ୟ ପରିବହନ କ୍ଷମତାକୁ ୨୦୩୦ ସୁଦ୍ଧା ଦୁଇ ଗୁଣା ବଢ଼ାଇ ୪୦୦ ନିୟୁତ ଟନ୍ କରିବାକୁ ଯୋଜନା ପ୍ରସ୍ତୁତ କରିଛି। ସେଥିପାଇଁ ଏହା ଆସନ୍ତା ପାଞ୍ଚ ବର୍ଷରେ ୩୦ ହଜାର କୋଟି ଟଙ୍କା ନିବେଶ କରିବ। ନୂଆ ବନ୍ଦର ବିକାଶ କରିବା ଓ ପୁରୁଣା ବନ୍ଦରର କ୍ଷମତା ବଢ଼ାଇବାରେ କମ୍ପାନି ଏହି ପାଣ୍ଠି ବିନିଯୋଗ କରିବ। ଏହା ଓଡ଼ିଶାର ଜଟାଧାରୀ, କର୍ଣ୍ଣାଟକର କେନି ଓ ମହାରାଷ୍ଟ୍ରର ମୁର୍ବେଠାରେ ନୂଆ ବନ୍ଦର ସ୍ଥାପନ କରିବାକୁ ଯୋଜନା ରଖିଛି। ପୂର୍ବରୁ ମହାରାଷ୍ଟ୍ରର ଜୟଗଡ଼ ଓ ଗୋଆର ଧରମତାର୍‌ରେ କମ୍ପାନିର ବନ୍ଦର ରହିଛି। ରାଜ୍ୟରେ ୧୨ଟି ନୂଆ ବନ୍ଦର ସ୍ଥାପନ ହେବାକୁ ଯାଉଥିବା ବେଳେ ଜଟାଧାରୀ ସେଥିରୁ ହେଉଛି ଗୋଟିଏ। ଜଗତସିଂହପୁରର ଜଟାଧାରୀ ମୁହାଣରେ ଏକ ନିଜସ୍ୱ ଜେଟୀ ସ୍ଥାପନ କରିବା ଲାଗି ଜେଏସ୍‌ଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ପକ୍ଷରୁ ସରକାରଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଥିଲା। କମ୍ପାନି ସ୍ଥାପନ କରିବାକୁ ଥିବା ଇସ୍ପାତ କାରଖାନା ଲାଗି ଏହି ଜେଟୀକୁ ବ୍ୟବହାର କରିବ। ରାଜ୍ୟର ନୂଆ ବନ୍ଦରଗୁଡ଼ିକ ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର, ପୁରୀ, ଗଞ୍ଜାମ ଓ କେନ୍ଦ୍ରାପଡ଼ାରେ ସ୍ଥାପନ କରାଯିବ। ପୂର୍ବରୁ ରାଜ୍ୟରେ ତିନିଟି ବନ୍ଦର ପାରାଦୀପ, ଧାମରା ଓ ଗୋପାଳପୁରରେ ରହିଛି। ଅନ୍ୟ ପକ୍ଷରେ, ଜେଏସ୍‌ଡବ୍ଲୁ ଇନ୍‌ଫ୍ରା ଓଡ଼ିଶାରେ ବାର୍ଷିକ ୩୦ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ସ୍ଲରି ପାଇପ୍‌ଲାଇନ୍ ମଧ୍ୟ ବିକାଶ କରୁଛି। ସେଥିରେ ୧୭ ହଜାର କୋଟି ଟଙ୍କା ନିବେଶ କରାଯାଉଛି।

# ଆହୁରି ଦୁର୍ବଳ ହେଲା ଟଙ୍କା: ଡଲାର ଦାମ୍ ୮୫ ଟଙ୍କା ଟପିଲା

**ନୂଆଦିଲ୍ଲୀ:** ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ଦୁର୍ବଳ ହେବାରେ ଲାଗିଛି। ନିୟମିତ ଭାବେ ଦୁର୍ବଳ ହେଉଥିବା ଟଙ୍କା ଗୁରୁବାର ଆହୁରି ଦୁର୍ବଳ ହୋଇ ରେକର୍ଡ ତଳ ସ୍ତରକୁ ଖସିଯାଇଛି। ଭାରତରେ ଗୋଟିଏ ଡଲାର କିଣିବା ଲାଗି ୮୫ ଟଙ୍କା ଗଣିବାକୁ ପଡୁଛି। ଟଙ୍କାର ଏଭଳି ସ୍ଥିତି ଅର୍ଥନୀତି ପ୍ରତି ଏକ ବଡ଼ ବିପଦ ଟାଣିଆଣୁଥିବା ଆଶଙ୍କା କରାଯାଉଛି। ଆଜି ଡଲାର ତୁଳନାରେ ଭାରତୀୟ ଟଙ୍କା ପ୍ରଥମ ଥର ଲାଗି ୮୫ ଟଙ୍କା ସ୍ତରକୁ ଖସିଯାଇଛି। ଡଲାର ମହଙ୍ଗା ହୋଇଥିବାରୁ ଆମଦାନି ହେଉଥିବା ସମସ୍ତ ଜିନିଷ, ବିଦେଶରେ ପାଠପଢ଼ା ଓ ବିଦେଶ ଭ୍ରମଣ ମହଙ୍ଗା ହେବାର ଆଶଙ୍କା ଦେଖାଦେଇଛି। ସମଗ୍ର ବିଶ୍ୱରେ ଆମେରିକୀୟ ଡଲାର ଶକ୍ତିଶାଳୀ ହେଉଛି। ତାହାର ପ୍ରଭାବରେ ଭାରତ ଭଳି ବିକାଶଶୀଳ ଦେଶଗୁଡ଼ିକର ମୁଦ୍ରା ଦୁର୍ବଳ ହେଉଛି। କେବଳ ଏହି କାରଣ ନୁହେଁ, ଦେଶର ଅର୍ଥନୀତି ଆଶାନୁରୂପ ପ୍ରଦର୍ଶନ କରି ନ ପାରିବା, ଷ୍ଟକ୍ ବଜାରରେ ଅସ୍ଥିରତା, ବିଦେଶୀ




ନିବେଶକମାନେ ପାଣ୍ଠି ପ୍ରତ୍ୟାହାର କରିବା, ରପ୍ତାନି ତୁଳନାରେ ଆମଦାନି ଅଧିକ ରହୁଥିବାରୁ ବାଣିଜ୍ୟ ନିଅଣ୍ଟ ସୃଷ୍ଟି ହେବା ଭଳି କାରଣ ଲାଗି ଟଙ୍କା ଉପରେ ଚାପ ରହିଛି। ତେଲ ଓ ସୁନା କିଣିବାରେ ବିପୁଳ ବିଦେଶୀ ମୁଦ୍ରା ବ୍ୟୟ ହୋଇଛି। ସେଥିଲାଗି ଭଣ୍ଡାରରୁ ବିପୁଳ ଡଲାର ବାହାର କରାଯାଇଛି। ରପ୍ତାନି କମ୍ ରହିବା କାରଣରୁ ଅଧିକ ବିଦେଶୀ ମୁଦ୍ରା ଦେଶକୁ ଆସିପାରୁନାହିଁ। ତେଣୁ ଯେଉଁ ସୀମିତ ପରିମାଣର ଡଲାର ବଜାରରେ ରହିଛି ତାହାକୁ ଅଧିକ ଦାମ୍‌ରେ କିଣିବା ଲାଗି ଆମଦାନିକାରୀ ଓ ବ୍ୟବସାୟୀମାନେ ବାଧ୍ୟ ହେଉଛନ୍ତି। ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କାର୍ଯ୍ୟଭାର ଗ୍ରହଣ କରିବା ପରେ ତାଙ୍କ ଆଭିମୁଖ୍ୟ କ'ଣ ରହିବ ତାହାକୁ ସାରା ବିଶ୍ୱ ଚାହିରହିଛି। ଡଲାରକୁ ବିଶ୍ୱର ସବୁଠୁ ଶକ୍ତିଶାଳୀ ମୁଦ୍ରା କରିରଖିବାକୁ ଟ୍ରମ୍ପ୍ ସଂକଳ୍ପ ନେଇଛନ୍ତି। ସେଥିପାଇଁ ସେ ବିଭିନ୍ନ ଦେଶ ଉପରେ ଅଧିକ ଟିକସ ଲଗାଇବାକୁ ଧମକ ଦେଉଛନ୍ତି। ତେବେ ଟଙ୍କାକୁ ଯେକୌଣସି ପ୍ରକାରରେ ଡଲାର ଆଗରେ ସବଳ ରଖିବା ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ ନିୟମିତ ବ୍ୟବଧାନରେ ହସ୍ତକ୍ଷେପ କରୁଛନ୍ତି। ନିଜ ଭଣ୍ଡାରରେ ଥିବା ଡଲାର ବାହାର କରି ତାହା ଅଳ୍ପ ଦାମ୍‌ରେ ବଜାରରେ ଉପଲବ୍ଧ କରାଇ ଚାହିଦା ଓ ଯୋଗାଣ ଭିତରେ ରହିଥିବା ତାରତମ୍ୟ ଦୂର କରିବାକୁ ପ୍ରୟାସ କରୁଛି।

# ଆଉ ଦେଇପାରିବେନି ୟୁଟ୍ୟୁବରେ ବିଭ୍ରାନ୍ତିକର ଥମ୍ବନେଲ

**ନୂଆଦିଲ୍ଲୀ, ୨୦।୧୨:** ଲୋକପ୍ରିୟ ଷ୍ଟ୍ରିମିଂ ପ୍ଲାଟଫର୍ମ ୟୁଟ୍ୟୁବର ବଡ଼ ଘୋଷଣା। ଏଣିକି ଚ୍ୟାନେଲରେ ବିଭ୍ରାନ୍ତିକର ଭିଡିଓ ଦେଖାଇଲେ ନିଆଯିବ ଆକ୍ସନ। ବିଶେଷ କରି ସେହି ଭିଡିଓ ଉପରେ ଆକ୍ସନ ନିଆଯିବ, ଯାହାର ଟାଇଟଲ ଏବଂ ଥମ୍ବନେଲ କିଛି ଥିବ, ଆଉ ଭିଡିଓରେ କିଛି ଅଲଗା କଣ୍ଟେଣ୍ଟ। ଏହାକୁ ସାଧାରଣତଃ 'କ୍ଲିକବେଟ' ବୋଲି କୁହାଯାଏ। ତେବେ କମ୍ପାନିର ଏହି ପଦକ୍ଷେପକୁ ଭାରତରେ ବିଭ୍ରାନ୍ତିକର କଣ୍ଟେଣ୍ଟ ବିରୋଧର ବଡ଼ ପଦକ୍ଷେପ ଭାବରେ ବିବେଚନା କରାଯାଉଛି।




ୟୁଟ୍ୟୁବର କହିବା ଅନୁଯାୟୀ, ଦର୍ଶକଙ୍କୁ ଭରସାଯୋଗ୍ୟ କଣ୍ଟେଣ୍ଟ ଦେବା ଲକ୍ଷ୍ୟରେ ଏଭଳି ପଦକ୍ଷେପ ନିଆଯାଇଛି। ବିଶେଷକରି ଏହି ପଦକ୍ଷେପ ଦ୍ୱାରା ଦର୍ଶକଙ୍କୁ ସେତେବେଳେ ସୁବିଧା ହେବ ଯେତେବେଳେ ସେମାନେ ଖବର କିମ୍ବା ବର୍ତ୍ତମାନ ବା କୌଣସି ଟ୍ରେଣ୍ଡିଂ ଘଟଣା ସମ୍ପର୍କିତ ଭିଡିଓ ଦେଖୁଛନ୍ତି। ଏବେ କ୍ରିଏଟର୍ସଙ୍କୁ ସାବଧାନ ରହିବାକୁ ହେବ, କାରଣ ବିଭ୍ରାନ୍ତିକର ଟାଇଟଲ ଥିବା ଭିଡିଓ ଉପରେ ୟୁଟ୍ୟୁବ କଡ଼ା ନଜର ରଖିବ।

ୟୁଟ୍ୟୁବ ପକ୍ଷରୁ କୁହାଯାଇଛି କ୍ଲିକବେଟ୍ ଟାଇଟଲ ଏବଂ ଥମ୍ବନେଲ ଦର୍ଶକଙ୍କ ପାଇଁ ବଡ଼ ସମସ୍ୟା ପାଲଟିଛି। ଏଭଳି ଭିଡିଓ ଲୋକଙ୍କୁ ଭ୍ରମିତ କରୁଛନ୍ତି ଏବଂ ଆଶା କରୁଥିବା କଣ୍ଟେଣ୍ଟ ଠାରୁ ଅଲଗା କଣ୍ଟେଣ୍ଟ ଦେଖାଉଛନ୍ତି। ଏହାଦ୍ୱାରା କେବଳ ଯେ, ଲୋକଙ୍କ ସମୟ ନଷ୍ଟ ହେଉଛି ତାହା ନୁହେଁ, ପ୍ଲାଟଫର୍ମ ଉପରୁ ଲୋକେ ଭରଷା ମଧ୍ୟ ହରାଉଛନ୍ତି। ୟୁଟ୍ୟୁବ ଅନୁଯାୟୀ, ଏହି ସମସ୍ୟା ସେତେବେଳେ ଆହୁରି ଗମ୍ଭୀର ହେଉଛି ଯେତେବେଳେ ଏହା ବ୍ରେକିଂ ନ୍ୟୁଜ କିମ୍ବା ତାଜା ଘଟଣା ସହ ଜଡ଼ିତ। କାରଣ ଲୋକେ ଏଭଳି ସମୟରେ ସଠିକ୍ ସୂଚନା ଜାଣିବାକୁ ଚାହାନ୍ତି। କମ୍ପାନି କହିଛି ଏହି ନିୟମକୁ ଧୀରେ ଧୀରେ ଲାଗୁ କରାଯିବ। ଯାହାଦ୍ୱାରା କ୍ରିଏଟରଙ୍କୁ ନୂଆ ମାର୍ଗଦର୍ଶିକା ଅନୁଯାୟୀ ନିଜର କଣ୍ଟେଣ୍ଟ ପ୍ରସ୍ତୁତି କରିବାକୁ ସମୟ ମିଳିପାରିବ। କମ୍ପାନି ପ୍ରଥମେ ସେହି ଭିଡିଓକୁ ହଟାଇବା ଉପରେ ଧ୍ୟାନ ଦେବ, ଯାହା ନୂଆ ନିୟମର ଲଲ୍ଲଘଂନ କରୁଛନ୍ତି । କିନ୍ତୁ କ୍ରିଏଟର୍ସଙ୍କ ଚ୍ୟାନେଲ ଉପରେ କୌଣସି ଷ୍ଟ୍ରାଇକ ଲାଗିବନି। ଏହାର ଉଦ୍ଦେଶ୍ୟ କ୍ରିଏଟର୍ସଙ୍କୁ ସଚେତନ କରିବା ଏବଂ ସେମାନଙ୍କୁ ନିଜ କଣ୍ଟେଣ୍ଟକୁ ନୂଆ ନିୟମ ଅନୁଯାୟୀ ବନାଇବାକୁ ସାହାଯ୍ୟ କରିବ।

# ୪ ଦିନରେ ନିବେଶକ ହରାଇଲେ ୧୦ଲକ୍ଷ କୋଟି

**ଭୁବନେଶ୍ୱର,୨୦।୧୨:** ଅନ୍ତଃରାଷ୍ଟ୍ରୀୟ ଘଟଣାବଳୀ ଏବଂ ୟୁଏସ୍ ଫେଡେରାଲର ସୁଧହାର ହ୍ରାସର ପ୍ରଭାବ ସିଧାସଳଖ ଭାରତୀୟ ଷ୍ଟକ୍ ମାର୍କେଟ କାରବାରରେ ଦେଖିବାକୁ ମିଳୁଛି। ଏପରିକି କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟୁଛି। ଚଳିତ ସପ୍ତାହର ଶେଷ ୪ଟି କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ପ୍ରାୟ ୧୦ ଲକ୍ଷ କୋଟି ଟଙ୍କା( ୯,୬୫,୯୩୫.୬୬କୋଟି)ର ନିବେଶ ହରାଇଛନ୍ତି। ଫଳରେ ପୁଞ୍ଜି ବଜାରର ବଜାର ପୁଞ୍ଜି ୪,୪୯,୭୬,୪୦୨.୬୩ କୋଟି ( ୫.୨୯ ଟ୍ରିଲିୟନ ଡଲାର) ରେ ପହଞ୍ଚିଛି।

ଉଲ୍ଲେଖଯୋଗ୍ୟ, ଚଳିତ ସପ୍ତାହର ସୋମବାରରୁ ଗୁରୁବାର କାର୍ଯ୍ୟଦିବସ ମଧ୍ୟରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର କାରବାରରେ ପରିବର୍ତ୍ତନ ହେଉଛି। ଏପିରିକି ଏହି ସମୟ ମଧ୍ୟ ମଧ୍ୟରେ ବିଏସ୍‌ଇ ସେନ୍‌ସେକ୍ସର ମୋଟ ୨୯୧୫.୦୭ ପଏଣ୍ଟ ହ୍ରାସ ଘଟିଛି।

ସେହିଭଳି ଚଳିତ ସପ୍ତାହର ଗୁରୁବାର କାର୍ଯ୍ୟଦିବସ ଶେଷ ସୁଦ୍ଧା ୩୦ ଶେୟାର ବିଶିଷ୍ଟ ବିଏସ୍‌ଇ ସେନ୍‌ସେକ୍ସର କାରବାର ୧.୨୦% ହ୍ରାସ ଘଟି ୭୯,୨୧୮.୦୫ ଅଙ୍କରେ ରହିଥିଲାବେଳେ ନିଫ୍ଟିର କାରବାର ୧.୦୨% ଘଟି ୨୪,୦୦୦ ଅଙ୍କ ତଳେ (୨୩,୯୫୧.୭୦ ଅଙ୍କ) ରହିଛି। ସେହିପରି ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ ଏବଂ ସ୍ମଲକ୍ୟାପର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ନିଫ୍ଟି ମିଡ୍‌କ୍ୟାପ ୧୬୭ ପଏଣ୍ଟ ହ୍ରାସ ଘଟି ୫୮,୫୫୬.୨୫ ଅଙ୍କରେ ଥିଲାବେଳେ ସ୍ମଲକ୍ୟାପ ୦.୪୨% ହ୍ରାସ ଘଟି ୯୧୭୮.୪୫ ଅଙ୍କରେ ପହଞ୍ଚିଛି। ଅପରପକ୍ଷରେ ନିଫ୍ଟି ବ୍ୟାଙ୍କର କାରବାର ୧.୦୮% ହ୍ରାସ ଘଟି ୫୧,୫୭୫.୭୦ ଅଙ୍କରେ ରହିଛି। ଏପରିକି ସେକ୍ଟରାଲ କ୍ଷେତ୍ରରେ ମଧ୍ୟ ଉଭୟ ବିଏସ୍‌ଇ ସେନ୍‌ସେକ୍ସ ଓ ନିଫ୍ଟିର ନିବେଶକମାନେ ବଡ଼ ଧରଣର କ୍ଷତି ସହିଛନ୍ତି।

# ହଜିଥିବା ଜିନିଷ ଖୋଜିଦେବ 'ଜିଓ ଟ୍ୟାଗ୍ ଗୋ'

**ନୂଆଦିଲ୍ଲୀ,୨୦/୧୨:** ଆପଣଙ୍କର କିଛି ଜିନିଷ ହଜିଯାଇଛି କି। ପର୍ସ, ଚାବି କିମ୍ବା ଅନ୍ୟ କିଛି ନିତି ଦିନିଆ ଜିନିଷ ମିଳୁ ନାହିଁ କି କିମ୍ବା କେଉଁଠି ରଖି ଦେଇ ଭୁଲି ଯାଇଛନ୍ତି କି। ଏଣିକି ଆଉ ଚିନ୍ତା ନାହିଁ। ହଜିଥିବା ଜିନିଷ ଖୋଜି ଦେବ ଜିଓ ଟ୍ୟାଗ ଗୋ। ରିଲିୟାନ୍ସ ଗ୍ରୁପ ଜିଓ ଟ୍ୟାଗ ଗୋ (ଜିଓ ଟ୍ୟାଗ୍ ଗୋ)ଲଞ୍ଚ କରିଛି। କଏନ ସାଇଜର ଏହି ଜିଓ ଟ୍ୟାଗ୍ ଗୋ ସାହାଯ୍ୟରେ ହଜିଥିବା ଜିନିଷ ଖୋଜି ପାରିବେ। ଏହାର ସୁବିଧା କେବଳ ଆଣ୍ଡରଏଡ ୟୁଜର୍ସ ପାଇପାରିବେ। ଏହା ଭାରତର ପ୍ରଥମ ଆଣ୍ଡରଏଡ ଟ୍ରାକର ଯାହା ଗୁଗୁଲ ଫାଇଣ୍ଡ ମାଇଁ ଡିଭାଇସକୁ ସପୋର୍ଟ କରିଥାଏ। ଫାଇଣ୍ଡ ମାଇଁ ଡିଭାଇସ ଆପ୍ ବ୍ୟବହାର କରି ଏହାର ସୁବିଧା ପାଇପାରିବେ। ଜିଓ ଟ୍ୟାଗ୍ ଗୋ ଟ୍ରାକର କେବଳ ଆଣ୍ଡ୍ରଏଡ ଫୋନକୁ ସପୋର୍ଟ କରେ। ଆପଲ ଆଇଫୋନକୁ ଏହା ସମର୍ଥନ କରିବ ନାହିଁ। ଏହି ଡିଭାଇସ। ଆଣ୍ଡ୍ରଏଡ ଫୋନ ବ୍ୟବହାର କରୁଥିବା ବ୍ୟକ୍ତି ଏହି ଟ୍ରାକରୁ ଉପଲବ୍ଧ ପାଇପାଇପାରିବେ। କିଛି ଦିନ ପୂର୍ବକୁ ଲଞ୍ଚ ହୋଇଥିବା ଜିଓ ଟାଗ ଏୟାର ଭଳି




ସାମନ ଫିଚର ସହିତ ବଜାରକୁ ଆସିଛି ଜିଓ ଟାଗ୍ ଗୋ। ଜିଓ ଟ୍ୟାଦ ଗୋ ଏକ କମ୍ପାକ୍ଟ ବ୍ଲୁଟୁଥ ସକ୍ଷମ ଟ୍ରାକର। ଏଥିରେ ଆଣ୍ଡ୍ରଏଡ ଫୋନ ବ୍ୟବହାରକାରୀଙ୍କ ସହିତ ଏକ ନେଟୱାର୍କ କଭରେଜ ରହିଛି। ଏହା ବିଭିନ୍ନ ଦେଶରେ କାମ କରିପାରିବ। କୌଣସି ସିମ କାର୍ଡ କିମ୍ବା ଡାଟା ପ୍ୟାକ ବିନା ଟ୍ରାକର ସେମି ରିଅଲ ଟାଇମ ଦେଖାଇବ। ଏସ ସି୨୦୩୨ ବ୍ୟାଟେରୀ ଦ୍ୱାରା ପରିଚାଳିତ। ୧ ବର୍ଷ ଯାଏ ଚାଲିବ। ଭାରତରେ ଜିଓ ଟ୍ୟାଗର ମୂଲ୍ୟ ୧୪୯୯ ଟଙ୍କା ରହିଛି। ଆମାଜନ ଇଣ୍ଡିଆ, ଜିଓ ମାର୍ଟ, ରିଲାଏନ୍ସ ଡିଜିଟାଲ, ମାଇଁ ଜିଓ ଷ୍ଟୋରରେ ଉପଲବ୍ଧ ହେବ। ବିଭିନ୍ନ ରଙ୍ଗରେ ହଳଦିଆ, ଧଳା, କମଳା ଓ କଳା ରଙ୍ଗରେ ଉପଲବ୍ଧ ହେବ ଜିଓ ଟ୍ୟାଗ ଗୋ।

**କେମିତି କରିବେ ବ୍ୟବହାର:** ପ୍ରଥମେ ଆପଣଙ୍କ ଆଣ୍ଡ୍ରଏଡ ଫୋନର ପ୍ଲେ ଷ୍ଟୋରରେ ଗୁଗୁଲ ଫାଇଣ୍ଡ ମାଇଁ ଡିଭାଇସ ଆପ୍ ଇନଷ୍ଟଲ କରନ୍ତୁ। ଏହାପରେ ଫୋନ ନିକଟକୁ ଜିଓ ଟ୍ୟାଗ ଗୋ ଟର୍ଣ୍ଣ ଅନ୍ କରନ୍ତୁ ଏବଂ ସ୍କ୍ରିନରେ ଫାଷ୍ଟପେୟାର ପପଅପ୍ ଦେଖାଯିବା ପରେ କନେକ୍ଟ କରିବେ। ଅନ୍-ସ୍କ୍ରିନ ନିର୍ଦ୍ଦେଶନାମାକୁ ଫଲୋ କରି ଆବଶ୍ୟକୀୟ ସର୍ତ୍ତାବଳୀ ପଢ଼ିବେ। ସର୍ତ୍ତାବଳୀରେ ରାଜି ଥିଲେଏଗ୍ରି ଏବଂ କଣ୍ଟିନ୍ୟୁ ଉପରେ କ୍ଲିକ କରିବେ। ଏହା ପରେ ଡନ୍ ଉପରେ କ୍ଲିକ କରନ୍ତୁ। ଗୁଗୁଲ ଫାଇଣ୍ଡ ମାଇଁ ଡିଭାଇସ୍ ଆପ୍ ବ୍ୟବହାର କରି ନିଜର ଜିଓ ଟ୍ୟାଗୁ ଖୋଜି ପାରିବେ।

## ମୁକ୍ତାକାଶ ରଙ୍ଗମଞ୍ଚରେ ଅଭିନୟ ପାଇଁ କଳାକାରଙ୍କ ଆଖଡ଼ା

**ବରଗଡ଼,୨୦।୧୨(ସଂଚାର ବ୍ୟୁର):** ୭୭ତମ ଧନୁଯାତ୍ରା ପାଖେଇ ଆସୁଥିବା ବେଳେ ମୁକ୍ତାକାଶ ରଙ୍ଗମଞ୍ଚରେ ନାଟ୍ୟ ଅଭିନୟ କରିବ ପାଇଁ ବରଗଡ଼ କଲ୍ୟାଣ ମଣ୍ଡପରେ ଚାଲିଛି କଳାକାରଙ୍କ ଜୋରଦାର ଆଖଡ଼ା । ମହାରାଜା କଂସ ଓ ପାର୍ଶ୍ୱ କଳାକାରଙ୍କୁ ଉତ୍ସାହିତ କରିବା ସହିତ ବିଭିନ୍ନ ସମସ୍ୟା ନେଇ ଆଜି ନାଟ୍ୟ ଆଖଡ଼ା ଶାଳକୁ ପରିଦର୍ଶନ କରିଥିଲେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ । ଧନୁଯାତ୍ରା ମହୋତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆସିବା ପାଇଁ ମହାରାଜା କଂସ ବିଧାୟକଙ୍କ ଜରିଆରେ ନିମନ୍ତ୍ରଣ ଦେଇଥିଲେ । ହେଲେ ବିଧାୟକ ବିଳମ୍ବରେ ମହାରାଜା କଂସଙ୍କୁ ସୂଚନା ଦେଇଥିବାରୁ କଂସ ମହାରାଜା ଆଖଡ଼ା ଶାଳରେ ବିଧାୟକଙ୍କୁ ୫ଲକ୍ଷ ସ୍ୱର୍ଣ୍ଣ ମୁଦ୍ରାରେ କରିଥିଲେ ଦଣ୍ଡିତ। ସେପଟେ ମହାରାଜା କଂସଙ୍କ ଆଦେଶକୁ ଗ୍ରହଣ କରି ଧନୁଯାତ୍ରା ମହୋତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଯୋଗ ଦେବେ ବୋଲି କହିଛନ୍ତି ବରଗଡ଼ ବିଧାୟକ ।



# ହାଇକୋର୍ଟ କଟକଣାକୁ ବାଲିମାଫିଆଙ୍କ ବେଖାତିର

**ଜଗତସିଂହପୁର,୨୦।୧୨(ସଂଚାର ବ୍ୟୁର):** ମାତିଛନ୍ତି ବାଲିମାଫିଆ ଟଙ୍କା ଲୋଭରେ ନୀତିନିୟମ ଭୁଲି ନଦୀ ଗର୍ଭରୁ କୋଟି କୋଟି ଟଙ୍କାର ବାଲି ବେଆଇନ ଭାବରେ ଚୋରା ଚାଲାଣ କରୁଛନ୍ତି । ହାଇକୋର୍ଟଙ୍କ ନିୟମ ଓ ଗ୍ରାମବାସୀଙ୍କ ବିରୋଧ ସତ୍ତ୍ୱେ କିଛି ବି ଖାତିର ନକରି ନିର୍ଭୟରେ ବାଲି ଚୋରି ହେଉଛି। ଜଗତସିଂହପୁର ଜିଲ୍ଲାର ଜଇପୁର, କିଳିପାଳ, ବାଲିପାଟଣା, ଓ ନୂଆପଡ଼ା ଅଧିନସ୍ଥ ଦେବୀନଦୀରୁ ବେଆଇନ ବାଲି ଚାଲାଣ କରିବା ହାଇକୋର୍ଟ ନିୟମକୁ ବେଖାତିର କରି ରାତିରେ ଅନ୍ଧାରରେ ସୁଯୋଗ ନେଇ ଦେବୀ ନଦୀ ଓ ମହାନଦୀକୁ ମାଫିଆଙ୍କ ଟାର୍ଗେଟ କରି ଗର୍ଭରୁ ବାଲି ଚାଲାଣ ହେଉଛି । ଦେବୀନଦୀ ଓ ମହାନଦୀ ଗର୍ଭରୁ ବାଲି ଉଠାଣ କରାଯାଇ କୁଜଙ୍ଗ ପାରାଦ୍ୱୀପ ପର୍ଯ୍ୟନ୍ତ ବାଲି ମାଫିଆ କବ୍ଜା କରିଛନ୍ତି । ଯାହାଫଳରେ ରାଜସ୍ୱ ବାବଦକୁ କୋଟି କୋଟି ଟଙ୍କା ମାଫିଆ ଏବଂ ନେତାଙ୍କ ପକେଟକୁ ଯାଉଛି ବୋଲି ଅଭିଯୋଗ ହେଉଛି । ଦୀର୍ଘଦିନ ଧରି ଏହି ବାଲିଘାଟରୁ ବେଆଇନ ଭାବେ ଦିନ ଅଧରେ ଅବାଧରେ ମେସିନ ସାହାର୍ଯ୍ୟରେ ବାଲିଲୁଟ ହେଉଥିବା ଅଭିଯୋଗ ହେଉଛି। ସେହିପରି ହାଇଓ୍ୱାରେ ଆବଶ୍ୟକତା ଓଜନ ଠାରୁ ଅଧିକ ପରିମାଣରେ ବାଲି ବୋଝେଇ ହୋଇ ରାସ୍ତାରେ ଯାଉଥିଲେ ସୁଦ୍ଧା ପରିବହନ ବିଭାଗର ଦୃଷ୍ଟି ନଥିବା ଅଭିଯୋଗ ହେଉଛି । ସ୍ଥାନୀୟ ତହସିଲଦାର,ତିର୍ତୋଲ, କୁଜଙ୍ଗ ଥାନା, ଏବଂ ମାଇନ୍ସ ବିଭାଗ ଏହି ବେଆଇନ ବାଲିଘାଟ ଉପରେ କାର୍ଯ୍ୟାନୁଷ୍ଠାନ ନେଉନଥିବାରୁ ବାଲି ମାଫିଆମାନଙ୍କ ଦ୍ୱାରା କୋଟି କୋଟି ଟଙ୍କା ରାଜସ୍ୱହାନୀ ହେଉଥିବା ନେଇ ଅଭିଯୋଗ ହୋଇଛି । ଏହି ଘାଟରୁ ବିଳମ୍ବିତ ରାତିରେ ବାଲି ଚୋରି ହେଉଥିବା ନେଇ ସ୍ଥାନୀୟ ଲୋକମାନେ ଅଭିଯୋଗ କରି ଜିଲ୍ଲା ପ୍ରଶାସନ କିମ୍ବା ଜିଲ୍ଲାଦାୟିତ୍ୱରେ ଥିବା ମାଇନ୍ସ ବିଭାଗ ଅଧିକାରୀ କର୍ଣ୍ଣପାତ କରୁଥିବା ସ୍ଥାନୀୟ ଅଞ୍ଚଳର କେତେ ବ୍ୟକ୍ତି ଅଭିଯୋଗ କରିଛନ୍ତି । ଜଇପୁର ଘାଟରୁ ଚୋରି ହୋଇଥିବା ବାଲିର ଆକଳନ ପାଇଁ ଡ୍ରୋନ କ୍ୟାମେରା ଘାଟ ନିକଟରେ ଲାଗିବା ଜରୁରୀ ବୋଲି କେତେକ ବ୍ୟକ୍ତି ଦାବୀ କରିଛନ୍ତି । ଚଳିତ ବର୍ଷ ବାଲି ଘାଟ ନିଲାମ ଯାଇଥିବା ମାଇଂନ୍ସ ବିଭାଗ ଅଧୀନରେ ଦିନରାତି ବାଲି ଚାଲାଣ ହେଉଛି, କିଏ ବାଲି କିଣୁଛି ଦିନକୁ କେତେ ଟ୍ରପ୍ ଯାଉଛି, ଏସବୁ ଅନଲାଇନରେ ଅପଲୋଡ଼ ହେଉଛି କି ନାହିଁ ତାହା ବି କେହି କହି ପାରୁନାହାନ୍ତି। ସୂଚନା ଯୋଗ୍ୟ ଯେ ହାଇକୋର୍ଟ ଙ୍କ ନିୟମ ମୁତାବକ ରାତି ୯ ରୁ ସକାଳ ୭ ପର୍ଯ୍ୟନ୍ତ ବାଲିଗାଡ଼ି ରାସ୍ତାରେ ଗଡ଼ିବ, ଏଠି ପ୍ରଶ୍ନ ଉଠୁଛି ଗତ ୧ତାରିଖ ଦିନ ସନ୍ଧ୍ୟା ୬ ଟା ସମୟରେ ତିର୍ତୋଲ ପୋଲିସ ହାତ ରେ ହାଇଓ୍ୱା ବାଲି ଗାଡ଼ି ତିର୍ତୋଲ ପୋଲିସ ହାତରେ ଗାଡ଼ି ଧରାପଡିଥିଲା



କେମିତି ଜାଣିପାରିଲେ ନାହିଁ ମାଇନ୍ସ ଅଧିକାରୀ?ଏଠି ସବୁଠୁ ବଡ଼ ପ୍ରଶ୍ନ ଉଠୁଛି ଗଣମାଧ୍ୟମ ପ୍ରତିନିଧି ପଚାରିବାରୁ କୁହନ୍ତି ରାତି ୯ରୁ ସକାଳ ୭ ପର୍ଯ୍ୟନ୍ତ ବାଲି ଗାଡ଼ି ରାସ୍ତା ରେ ଯାଉଛି ଏମିତିକି ଦିନ କିମ୍ବା ସନ୍ଧ୍ୟା ୬ ଟା ପରେ ଯାଉଥିବା ଗାଡ଼ି ମୋ ନଜରକୁ ଆସି ନାହିଁ କହି କଥା କୁ ଖଣ୍ଡ କରିଥିଲେ । ବେଆଇନ ଭାବେ ଦୈନିକ ଶତାଧିକ ହାଇଓ୍ୱା ଗାଡ଼ିରେ ଚୋରା ଚାଲାଣ ହେଉଛି। ରାଜ୍ୟ ସରକାର ବାଲିଘାଟକୁ ତହସିଲ ଅଧୀନରୁ ଛଡ଼ାଇ ନେଇ ଖଣିବିଭାଗକୁ ହସ୍ତାନ୍ତର କରିବିବାରୁ ଏଭଳି ପରିସ୍ଥିତି ଉପୁଜୁଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। କିନ୍ତୁ ଜିଲ୍ଲାପ୍ରଶାସନ ଓ ଖଣିଅଧିକାରୀ ଏହି ବାଲି ଚୋରା ଚାଲାଣକୁ ରୋକିବା ପରିବର୍ତ୍ତେ ପ୍ରୋତ୍ସାହନ ହେଉଥିବାର ବାରମ୍ବାର ଅଭିଯୋଗ ହୋଇଆସୁଛି ।

● ପିପି ଏକାଡ଼େମୀର ହୀରକ ଜୟନ୍ତୀ

## ୨୧ରେ ଉତ୍ସବ ଉଦଘାଟନ କରିବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ

**ବଲାଙ୍ଗିର,୨୦।୧୨(ସଂଚାର ବ୍ୟୁର):** ପିପି ଏକାଡେମୀର ହୀରକ ଜୟନ୍ତୀ ଉତ୍ସବ ୨୧ ଡିସେମ୍ବରରୁ ଆରମ୍ଭ ହେବ। ଏହି ଉତ୍ସବ ଆୟୋଜନ ପାଇଁ ସ୍କୁଲର ପୁରାତନ ଛାତ୍ରମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି । ଉତ୍ସବରେ ଉପ ମୁଖ୍ୟମନ୍ତ୍ରୀ ଭାବେ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବେ ଦିନ ୧୦ ଘଣ୍ଟା ୩୦ମି: ସମୟରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିବେ । ସମ୍ମାନୀତ ଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଗଣଶିକ୍ଷା ଓ ଅନୁସୂଚୀତ ଜାତି ଜନଜାତି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟବକ୍ତା ଭାବେ ପ୍ରଫେସର ଡଃ ନଚିକେତା ଖମାରୀ ଶର୍ମା, ଅତିଥି ଭାବେ ବଲାଙ୍ଗୀର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଯୋଗଦେବେ ବୋଲି ଡାଇମଣ୍ଡ ଜୁବୁଲି କମିଟୀ ପକ୍ଷରୁ ହେମନ୍ତ କୁମାର ପଣ୍ଡା ଜଣାଇଛନ୍ତି । ସାଂଧ୍ୟ ଅଧିବେଶନରେ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂଦେଓ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ପୌରାଧ୍ୟକ୍ଷା ଲିକା ସାହୁ ବକ୍ତା ଭାବେ ପ୍ରେମଚାନ୍ଦ ମହାନ୍ତି ଦ୍ୱିତୀୟ ଦିନ ତଥା ୨୨ ଡ଼ିସେମ୍ବରରେ ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି, ସମ୍ମାନିତ ଅତିଥି ଭାବେ ଡ଼ଃ ଅଶ୍ୱିନୀ ପୂଜାରୀ, ମୁଖ୍ୟବକ୍ତା ଭାବେ ଅରିବିନ୍ଦ ଦାଶ ଯୋଗଦେବା କାର୍ଯ୍ୟକ୍ରମ ରହିଛି । ସେହିଦିନ ସଂଧ୍ୟା ଅଧିବେଶନରେ ମୁଖ୍ୟ ଅତିଥି ଭାବେ ସାଂସଦ ସଂଗୀତା କୁମାରି ସିଂଦେଓ, ସମ୍ମାନୀତ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା ବିରୋଧୀଦଳ ପୂର୍ବ ନେତା ନରସିଂହ ମିଶ୍ର, ସମ୍ବାଦର ପ୍ରତିଷ୍ଠାତା ସୌମ୍ୟରଞ୍ଜନ ପଟ୍ଟନାୟକ ଓ ମୁଖ୍ୟବକ୍ତା ଭାବେ ସାଧାରଣ ଉଦ୍ୟୋଗ ବିଭାଗର ସ୍ୱତନ୍ତ୍ର ସଚିବ ନିହାର ରଞ୍ଜନ ଦାଶ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

# ଲକ୍ଷ୍ମୀ ବସ୍‌କୁ ଘାଟି ଅଡୁଆ

**ଦେବଗଡ଼,୨୦।୧୨ (ସଂଚାର ବ୍ୟୁର):** ପଞ୍ଚାୟତରୁ ବ୍ଲକ ଓ ବ୍ଲକରୁ ଜିଲ୍ଲା ମୁଖ୍ୟାଳୟକୁ ଯୋଡିବା ଲକ୍ଷ୍ୟରେ ରାଜ୍ୟରେ ଗଡୁଛି ଲକ୍ଷ୍ମୀ ବସ୍ । ପୂର୍ବତନ ସରକାର ଓଡିଶା ରାଜ୍ୟ ସଡ଼କ ପରିବହନ ସଂସ୍ଥା ଜରିଆରେ ଲକ୍ଷ୍ମୀ ବସ୍ ଯୋଜନା ଆରମ୍ଭ କରିଥିଲେ। ଗତ ଜାନୁୟାରୀ ୩୧ ତାରିଖରେ ଦେବଗଡରେ ଯୋଡ଼ି ହୋଇଥିଲା ନୁଆଁ ଫର୍ଦ୍ଦ । ଆଜି ମଧ୍ୟ ଜିଲ୍ଲାର ୭ଟି ପଞ୍ଚାୟତବାସୀ ଏହି ସେବାରୁ ବଞ୍ଚିତ ଥିବା ଜଣାପଡ଼ିଛି। ୨୦୨୪ ଜାନୁଆରୀ ୩୧ରେଲକ୍ଷ୍ମୀ ବସ ଯୋଜନରେ ଯୋଡ଼ି ହୋଇଥିଲା ଦେବଗଡ଼ । ପଞ୍ଚାୟତରୁ ଜିଲ୍ଲା ମୁଖ୍ୟାଳୟକୁ ଗଡ଼ଥିଲା ବସ୍। ଲକ୍ଷ୍ମୀ ବସ ଦେଖି ଖୁସି ହୋଇଯାଇଥିଲେ ମହିଳା ଯାତ୍ରୀ ଓ ଛାତ୍ରଛାତ୍ରୀ । ପଞ୍ଚାୟତରୁ ବ୍ଲକ କାର୍ଯ୍ୟାଳୟକୁ ଯିବାକୁ ଆଉ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ ନାହିଁ । କିନ୍ତୁ ବିଡ଼ମ୍ବନା ସବୁ ପଞ୍ଚାୟତକୁ ଗଡୁନି ଏହି ବସ । ତିଲେଇବଣୀ ବ୍ଲକର ଅହପଞ୍ଚ ଇଲାକା ଭାବେ ପରିଚିତ ଲଇମୁରା, ଝାରମୁଣ୍ଡା, ପାରପଶି, ଝରା ଗୋଗୁଆ, ଗଣ୍ଡମ ଓ ଡିମିରିକୁଦା ପଞ୍ଚାୟତବାସୀ ଏହି ସୁବିଧାରୁ ବାଦ ପଡ଼ିଛନ୍ତି। ଲକ୍ଷ୍ମୀ ବସ୍ ଆରମ୍ଭ ହେବାର ୬ ଦିନ ପରେ ବନ୍ଦ ହୋଇଯାଇଛି । ଆଜି ପର୍ଯ୍ୟନ୍ତ ଏହାର ଚଳାଚଳ ପାଇଁ କୌଣସି ସୁବିଧା ହୋଇପାରିନାହିଁ । ଦେବଗଡ ଜିଲ୍ଲା ପାଇଁ ୧୭ଟି ସାଧାରଣ ଓ ୨ଟି ଶୀତତାପ ନିୟନ୍ତ୍ରିତ ବସ୍ ଯୋଗାଇ ଦେଇଛି ସୁନ୍ଦରଗଡ଼ କୁନାଲ ଟ୍ରାନ୍ସପୋର୍ଟ । ଲକ୍ଷ୍ମୀ ବସ ଚଳାଚଳ ଯୋଗୁଁ ବ୍ୟୟ ଅଧିକ ହେଉଥିବା ବେଳେ ଆୟ ଖୁବ୍ କମ୍ ହେଉଛି । ମୋଟାମୋଟି ଭାବେ ସରକାରଙ୍କ ଯୋଜନାରୁ ସାଧାରଣ ଜନତା ସୁଫଳ ପାଇବା ବଦଳରେ ଟ୍ରାନ୍ସପୋର୍ଟ ଲାଭାନ୍ୱିତ ହେଉଛି । ଯେଉଁ ଅଞ୍ଚଳକୁ ଲକ୍ଷ୍ମୀ ବସ୍ ସେବା ନିହାତି ଆବଶ୍ୟକ ସେଠାକୁ ଯୋଗାଯୋଗ ହୋଇପାରୁନଥିବା ଅଭିଯୋଗ ହୋଇଛି।




## ସ୍କୁଲର ଶତବାର୍ଷିକୀ ସମାରୋହ

**ସୋହେଲା,୨୦।୧୨ (ସଂଚାର ବ୍ୟୁର):** ସୋହେଲା ବ୍ଲକ କନାପାଲି ପଂଚାୟତ ଅନ୍ତର୍ଗତ ବାରୁପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ସମାରୋହ ଉଦ୍ଘାଟିତ ହୋଇଯାଇଛି। ଭଟଲି ବିଧାୟକ ଇରାସିସ ମୁଖ୍ୟ ଅତିଥି ଭାବେ ଏହାର ଉଦ୍ଘାଟନୀ ସମାରୋହକୁ ଉଦ୍ଘାଟନ କରିଥିଲେ । ଅବସର ପ୍ରାପ୍ତ ଶିକ୍ଷକ ଯସୋବନ୍ତ ପଟେଲ ଏହି ସଭାରେ ସଭାପତିତ୍ୱ କରିଥିଲେ । ଅଧ୍ୟାପକ ସୁଶାନ୍ତ ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଶିକ୍ଷା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ମତ ଦେଇଥିଲେ। ପୂର୍ବତନ ବିଧାୟକ ମହମ୍ମଦ ରଫିକ , ସ୍ଥାନୀୟ ସରପଂଚ ମହରଗି ସାହୁ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ଥିଲେ । ସଭାକୁ ଗୋବିନ୍ଦ ସେଠ ଓ ନମିତା ବେହେରା ସଂଯୋଜନା କରିଥିଲେ। ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ପଧାନ ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଦୁଇଦିନ ଧରି ହେବାକୁ ଥିବା ଏହି ସମାରୋହ ରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହେବାର କାର୍ଯ୍ୟକ୍ରମ ରହିଛି ।




## ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ 'କିଶୋରୀ ଏକ୍ସପ୍ରେସ'ର ଶୁଭାରମ୍ଭ

**ଯୋଡ଼ା,୨୦।୧୨(ସଂଚାର ବ୍ୟୁର):** କିଶୋରୀମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା, ବିଶେଷ କରି ସେମାନଙ୍କୁ ଆନେମିଆମୁକ୍ତ କରିବା ପାଇଁ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାରର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ 'କିଶୋରୀ ଏକ୍ସପ୍ରେସ ପ୍ଲସପ୍ଲସ'ର ଶୁଭାରମ୍ଭ ହୋଇଛି । ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଡ଼ା ମଣ୍ଡଳ ଖଣି ଉପ ନିର୍ଦ୍ଦେଶକ ଶ୍ରୀ ଦୀନେଶ ଅଗ୍ରୱାଲ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ କାଶିଆ ମାଇନ୍ସ ୟୁନିଟ ହେଡ୍ ଶ୍ରୀ ପ୍ରମୋଦ କୁମାର ପାତ୍ର, ଭଦ୍ରାସାହି ସରପଞ୍ଚ ଶ୍ରୀମତୀ ପ୍ରମିଳା ନାଏକ, ଏବଂ ଏମଡିଓ ହେଡ୍ ଶ୍ରୀ ଏଚଏନ୍ ସିଂହ ପ୍ରମୁଖ ଯୋଗଦେଇଥିଲେ । ଅତିଥିମାନେ ପତାକା ଦେଖାଇ 'କିଶୋରୀ ଏକ୍ସପ୍ରେସ ପ୍ଲସପ୍ଲସ' ଭ୍ୟାନର ଶୁଭାରମ୍ଭ କରିଥିଲେ । ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଏହି ଅତ୍ୟାଧୁନିକ ଭ୍ୟାନରେ ରକ୍ତ ପରୀକ୍ଷଣ ବ୍ୟବସ୍ଥା, ଔଷଧ, ସାନିଟାରି ପ୍ୟାଡ଼ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସରଞ୍ଜାମ ଉପଲବ୍ଧ ରହିଛି । ଏହି ଭ୍ୟାନ ଗାଁ ଗାଁ ବୁଲି ସଚେତନ କରିବା ସହ ଆବଶ୍ୟକ ସ୍ୱାସ୍ଥ୍ୟ ପରାମର୍ଶ ଓ ସେବା ଯୋଗାଇବ। ଜିନ୍ଦଲ ଫାଉଣ୍ଡେସନର ଏହି ପଦକ୍ଷେପକୁ ମୁଖ୍ୟ ଅତିଥି ଶ୍ରୀ ଅଗ୍ରୱାଲ ପ୍ରଶଂସା କରିଥିଲେ। ଆଗକୁ ଏହି କାର୍ଯ୍ୟକ୍ରମ ନିଶ୍ଚିତ ଭାବେ କିଶୋରୀଙ୍କ ସ୍ୱାସ୍ଥ୍ୟକୁ ଉତ୍ତମ ରଖିବାରେ ସହାୟକ ହେବା ସହ ଏହି କାର୍ଯ୍ୟକ୍ରମ ଅନ୍ୟମାନଙ୍କ ପାଇଁ ନିଶ୍ଚିତ ଭାବେ ମାର୍ଗଦର୍ଶକ ହେବ ବୋଲି ସେ କହିଥିଲେ। ଯୋଡ଼ା-ବଡ଼ବିଲ ଅଞ୍ଚଳର କିଶୋରୀମାନଙ୍କୁ ଆନେମିଆମୁକ୍ତ କରିବା ପାଇଁ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ଅଭିଯାନରେ ଯୋଡ଼ା ଓ ବଡ଼ବିଲ ଅଞ୍ଚଳର ୧୯ଟି ପଞ୍ଚାୟତ ଅଧୀନ ୧୨୦ଟି ଗ୍ରାମର ପ୍ରାୟ ୯୦୦୦ କିଶୋରୀଙ୍କୁ ଅନ୍ତର୍ଭୁକ୍ତ କରାଯିବ । ଅଙ୍ଗନବାଡ଼ି ଓ ସ୍କୁଲରେ 'କିଶୋରୀ ଏକ୍ସପ୍ରେସ ପ୍ଲସପ୍ଲସ' କାର୍ଯ୍ୟକ୍ରମ ଆୟୋଜିତ ହେବ । ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ସଂଗିନୀମାନେ ସହଯୋଗ କରିବେ । କିଶୋରୀମାନଙ୍କୁ ଲୌହସାରର ଅଭାବ ଓ ଏହାର ଅସୁବିଧା ସମ୍ପର୍କରେ ଅବଗତ କରାଯିବ । ସେମାନଙ୍କ ହିମୋଗ୍ଲୋବିନ ପରୀକ୍ଷଣ କରାଯାଇ ଆବଶ୍ୟକ ସ୍ୱାସ୍ଥ୍ୟ ପରାମର୍ଶ ଓ ସେବା ଯୋଗାଇଦିଆଯିବ । ପରିଚ୍ଛନ୍ନତା ପାଇଁ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ପ୍ରସ୍ତୁତ ସାନିଟାରୀ ନାପକିନ୍ 'ଶୁଭାଙ୍ଗୀ' ବିତରଣ କରାଯିବ । ଆନେମିଆ ଓ ଅତି ଗୁରୁତର ଆନେମିଆ ରୋଗୀଙ୍କୁ ପୋଷଣ ସହାୟତା ଏବଂ ମଲ୍ଟି ଭିଟାମିନ ପ୍ରଦାନ କରାଯିବ । ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ସ୍ଥାନୀୟ ଗ୍ରାମବାସୀ, ଜେଏସପିଏଲର ଅଧିକାରୀ ଓ ଜିନ୍ଦଲ ଫାଉଣ୍ଡେସନର ସଦସ୍ୟମାନେ ଉପସ୍ଥିତ ଥିଲେ ।



## ପ୍ରେସ କ୍ଲବର ବାର୍ଷିକ ବୈଠକ




**ଖପ୍ରାଖୋଲ,୨୦।୧୨ (ସଂଚାର ବ୍ୟୁରୋ) :** ବଲାଙ୍ଗୀର ଜିଲ୍ଲା ପାଟଣାଗଡ ପ୍ରେସ କ୍ଲବ ର ବାର୍ଷିକ ବୈଠକ ଆଜି ପୁରୋହିତ ଫାର୍ମ ହାଉସ ରେ ଅନୁଷ୍ଠିତ ହୋଇଥିଲା । କ୍ଲବ ର ସଭାପତି ଅଜିତ ପୁରୋହିତ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ଆଗକୁ କରିଥିବା କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିବା ସାଙ୍ଗେ ଆଗକୁ କଣ କଣ କାର୍ଯ୍ୟକ୍ରମ କରାଯିବ ତାହା ଆଲୋଚନା ହୋଇଥିଲା । ୨ ଜଣ ନୂତନ ସଭ୍ୟ କ୍ଲବ ରେ ସାମିଲ ହୋଇଥିଲେ । ଆଜିର ସଭାରେ ସମ୍ପାଦକ ଆଲୋକ ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ବିଜୟାନନ୍ଦ ଦାସ, କୋଷାଧକ୍ଷ ଦୀପକ ପୁରୋହିତ, ସୁଧାକର ଦାସ, ଶିରୀଶ ଚନ୍ଦ୍ର ଖମାରୀ, ଅଭିନାଶ ବିଶ୍ୱାଳ, ରୁପେନ୍ଦ୍ର ମୁଣ୍ଡା, ଜପିନ୍ଦର ସୁନା, ଗୋଲାପ ମିଶ୍ର, ଭୋଜରାଜ ଡାନସେନା, ଜଗନ୍ନାଥ ଧରୁଆ, ପୁଲସ୍ତି ବରିହା, ନିରୋଜ ପଟେଲ, ସନ୍ତୋଷ, ଅଜିତ ପୁରୋହିତ, ବିଭୁତି ଭୂଷଣ ବଡୁ ସହ ଆଇନଜିବି ବାଦଲ ଦାସ ଯୋଗଦାନ କରିଥିଲେ ।

## ରାୟଗଡ଼ାରେ ନୂତନ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍

**ରାୟଗଡା,୨୦।୧୨(ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲା ବାରୀଝଲା ଗ୍ରାମ ମୌଜା ରେ ଏକ ନୂତନ ମେଡିକାଲ୍ କଲେଜ ସ୍ଥାପନା ନିମନ୍ତେ ଜମିଚିହ୍ନଟ କରାଯାଇଛି । ଗତ ସୀତକାଳୀନ ବିଧାନସଭାରେ ରାୟଗଡ଼ା ବିଧାୟକ ଆପାଲା ସ୍ୱାମୀ କାଡ୍ରାକା,ବିଷମକଟକ ବିଧାୟକ ନୀଳମାଧବ ହିକକା,ଓ ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ ରାୟଗଡା ଜିଲ୍ଲା ଏଘାରଗଟି ବ୍ଲକ ର ବିଭିନ୍ନ ହସ୍ପିଟାଲ ରେ ଡାକ୍ତର ମାନଙ୍କ ପଦବୀ ପୂରଣ କରିବା ନିମନ୍ତେ ଓ ରାୟଗଡା ଜିଲ୍ଲା ରେ ମେଡିକାଲ କଲେଜ ସ୍ଥାପନା କରିବା ନିମନ୍ତେ ବିଧାନସଭା ରେ ବାଚସ୍ପତି ମହୋଦୟ ଙ୍କ ସମ୍ମୁଖରେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ପ୍ରଶ୍ନ କରିଥିଲେ । ଏହା ପରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗମ ମେଡିକାଲ୍ କଲେଜ ସ୍ଥାପନା ଓ ଡାକ୍ତରଙ୍କ ଖାଲି ପଦବୀ ପୂରଣ ପାଇଁ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ । ବିଧାୟକ ମାନଙ୍କ ପ୍ରଚେଷ୍ଟା ବଳରେ ସରକାର ଙ୍କ ଅନୁମତି କ୍ରମେ ସ୍ଥାନୀୟ ତସିଲଦାର ସରକାରୀ ଜମି ବାରିଝୋଲା ମୌଜାରେ ପ୍ରାୟ ୧୧୯ ଏକର ଜମି ଚିହ୍ନଟ କରି ସଂରକ୍ଷିତ କରିଛନ୍ତି । ଏହି ଜମି ମେଡିକାଲ୍ କଲେଜ ଓ ହସ୍ପିଟାଲ୍ ନିର୍ମାଣ ପାଇଁ ସ୍ଥାୟୀ ହେବ ମୌଜାର ଖାତା ନମ୍ବର ୫୩ରେ ଅନ୍ତର୍ଭୁକ୍ତ ୧୧ଟି ପ୍ଲଟ୍ ଚିହ୍ନଟ କରାଯାଇଛି । ସେଥିରୁ ମୁଖ୍ୟ ହେଉଛି ୨୮୭ରେ ୨.୫୨ ଏକର, ୩୦୪ରେ ୩୭.୯୪ ଏକର, ଏବଂ ୩୧୦ରେ ୨୩.୬୫ ଏକର । ଏହି ଜମିରେ ମେଡିକାଲ୍ କଲେଜ ସହ ଏକ ଆଧୁନିକ ହସ୍ପିଟାଲ୍ ମଧ୍ୟ ନିର୍ମାଣ କରିବାକୁ ଯୋଜନା କରାଯାଇଛି । ଜମି ହସ୍ତାନ୍ତର ପ୍ରକ୍ରିୟା ଗତିଶୀଳ ହେବାର ଜଣାଯାଇଛି । ଏହି ମେଡିକାଲ୍ କଲେଜ ସ୍ଥାପନା ଦ୍ୱାରା ରାୟଗଡ଼ା ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାର ଗୁଣାତ୍ମକ ବୃଦ୍ଧି ହେବ ଏଥିପାଇଁ ଆଦାନି ଗ୍ରୁପ୍ ପୂର୍ବରୁ ଇଚ୍ଛା ପ୍ରକଟ କରିଥିଲା । ଆଦାନୀ ଗ୍ରୁପ ପକ୍ଷରୁ ଏକ ଇଚ୍ଛାପତ୍ର ପୂର୍ବ୍ୱ ସରକାରଙ୍କୁ ପ୍ରଦାନ କରାଯାଇଥିଲା, କିନ୍ତୁ ଏହାକୁ ନେଇ ଆଉ କୌଣସି ସ୍ପଷ୍ଟ ପଦକ୍ଷେପ ନେଇ ନଥିଲା । ଆଦାନି ଗ୍ରୁପ୍ ପକ୍ଷରୁ ଅଲୁମିନା କାରଖାନା ସ୍ଥାପନା କାର୍ଯ୍ୟ ଜାରି ଥିବା ସମୟରେ ମେଡିକାଲ୍ କଲେଜ ନିର୍ମାଣ ପ୍ରସଙ୍ଗରେ କମ୍ପାନିର ଅତିରିକ୍ତ ସମର୍ଥନ ଆଶା କରାଯାଉଛି । ସ୍ଥାନୀୟ ବିଧାୟକମାନଙ୍କ ଦାବି ଅନୁଯାୟୀ ଏହି କଲେଜ ଦ୍ୱାରା ଡାକ୍ତରୀ ଶିକ୍ଷାର ସୁବିଧା ବୃଦ୍ଧି ପାଇବ। ଏହା ବିଭିନ୍ନ ଗ୍ରାମ ଓ ଦୁର୍ଗମ ଅଞ୍ଚଳରେ ରୋଗୀମାନଙ୍କ ସୁବିଧା ଯୋଗାଇବାରେ ଉପକୃତ ହେବ ।




## ହ୍ରାସ ପାଉଛି ଚାଷ ଜମି, ବଢୁଛି ଲୋକ ସଂଖ୍ୟା

**ମୁଣ୍ଡପିଛା ହିସାବରେ ଅଧାରୁ ଅଧିକ କମିଲାଣି**



**କାକଟପୁର/ଅସ୍ତରଙ୍ଗ,୨୦।୧୨(ସଂଚାର ବ୍ୟୁର):** ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ଦ୍ରୁତଗତିରେ ହ୍ରାସ ପାଉଛି ଚାଷ ଜମି। ଯାହା ମୁଣ୍ଡ ପିଛା ଚାଷ ଜମିରୁ ଅଧାରୁ ମଧ୍ୟ କମିଗଲାଣି। ଯାହା ଫଳରେ ଏହା ଏକ ଉଦବେଗର କାରଣ ପାଲଟିଛି। ଗ୍ରାମାଞ୍ଚଳ ବଦଳରେ ସହରାଭିମୁଖୀ ହୋଇଛି ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ। ଫଳରେ ଧୀରେ ଧୀରେ ପ୍ରଚୁର ପରିମାଣରେ କୋଠାବାଡ଼ି ଗଢି ଉଠିଲାଣି। ଏଥି ସହିତ ଜନସଂଖ୍ୟା ମଧ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ଭୌଗୋଳିକ ଦୃଷ୍ଟି କୋଣରୁ ଓ ଗମନାଗମନ ପାଇଁ ଅସ୍ତରଙ୍ଗ ଓ କାକଟପୁର ସମେତ ମୁଖ୍ୟ ରାସ୍ତା ଉତ୍କୃଟ ସ୍ଥାନ। ଏମିତିକି କାକଟପୁରରେ ଜଗତ ଜନନୀ ମା ମଙ୍ଗଳା ଙ୍କ ପୀଠ, ଅସ୍ତରଙ୍ଗ ପୀର ଜାହାନିଆ ପୀଠ ଆଗକୁ ବନ୍ଦର ହେବାର କାର୍ଯ୍ୟକ୍ରମ ଥିବାରୁ ରାସ୍ତା କଡ଼ରେ ଥିବା ଚାଷ ଜମି ଏବେ ଘର ହୋଇଗଲାଣି। ଫଳରେ ଏହାକୁ ନଜରରେ ରଖିବାକୁ ବାସସ୍ଥାନ କରିବାକୁ ସମସ୍ତେ ଆଗ୍ରହୀ ଯାହା ଫଳରେ ବହୁ ଲୋକ ଏଠାରେ ଜମି କିଣି ଗୃହ ନିର୍ମାଣ କରୁଥିବା ଦେଖିବାକୁ ମିଳୁଛି। ଯାହାକୁ ଆଖି ଆଗରେ ରଖି ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳରେ କିଛି ମୁଷ୍ଟିମେୟ ଲୋକଙ୍କ ହାତରେ ଏବେ ହଜାର ହଜାର ଏକର ଜମି କିଣି ଗଛିତ ରଖିଛନ୍ତି। ଏହା ଫଳରେ ଚାଷ ଜମିର ପରିମାଣ ଧୀରେ ଧୀରେ କମିବା ପରିବର୍ତ୍ତେ ଏବେ ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଛି। ଅନେକ ଜମି ମଧ୍ୟ ବିକ୍ରି ହୋଇ ସାରିଥିବା ବେଳେ ଏହା ଗୃହ ନିର୍ମାଣ ଅପେକ୍ଷାରେ ରହିଛି। ଏଠାରେ ଘର ନିର୍ମାଣ ପାଇଁ କୌଣସି ଅସୁବିଧା ବା ଦ୍ୱନ୍ଦ୍ୱ ଅବା ଅନୁମତିର ଆବଶ୍ୟକତା ନଥିବା ବେଳେ ବାଲି, ଇଟା, ସିମେଣ୍ଟ ଓ ଚିପ୍ସ ମଧ୍ୟ ସହଜରେ ଉପଲବ୍ଧ ହେଉଛି। ଯାହା ଫଳରେ ଏଠାରେ ଘର ନିର୍ମାଣ କରିବାକୁ ଅନେକ ଆଗ୍ରହୀ ଥିବା ଦେଖା ଯାଇଛି। ଜନସଂଖ୍ୟା ବୃଦ୍ଧି ସହ ଦିନକୁ ଦିନ ସହରୀ କରଣ ବୃଦ୍ଧି ପାଉଛି କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳ। ରାଜ୍‌ୱଶ ବିଭାଗର ତଳିଆ କର୍ମଚାରୀ ଓ ଅସାଧୁ ଜମି ମାଫିଆଙ୍କ ଅସାଧୁ ମେଣ୍ଟ କାରଣରୁ ଏହା ସମ୍ଭବ ହୋଇ ପାରୁଥିବା ବେଳେ ରାତି ଅଧିଆ ଚାଷ ଜମି କିସମ ଘର ବାରିରେ ପରିବର୍ତ୍ତନ ହେବା ସମ୍ଭବ ହେଉଛି। ଫଳରେ ଚାଷ ଜମି କମିବା ସହ ଉତ୍ପାଦନ ମଧ୍ୟ ହ୍ରାସ ପାଇଛି। ଫସଲ ଉତ୍ପାଦନ କ୍ଷେତ୍ରରେ ମଧ୍ୟ ବାଧା ଉପୁଜୁଛି। ଯାହା ଫଳରେ ଚାଷ ଜମି କମିବାରୁ ଖାଦ୍ୟ ଶସ୍ୟ ଉତ୍ପାଦନ ରେ ମଧ୍ୟ ହ୍ରାସ ପାଇବା ସହ ଉତ୍ପାଦନ କ୍ଷେତ୍ରରେ ପରିବର୍ତ୍ତନ ଦେଖା ଦେଇଛି। ଦ୍ରୁତ ହ୍ରାସ ପାଉଥିବା ଚାଷ ଜମି ଯୋଗୁଁ ଭବିଷ୍ୟତ ପାଇଁ ଏହା ଏକ ସତର୍କ ଘଣ୍ଟି ବୋଲି କୁହାଯାଇପାରେ।

## ଷ୍ଟେଟବ୍ୟାଙ୍କ ଦ୍ୱାରା ଅନ୍ନଦାତା କାର୍ଯ୍ୟକ୍ରମ

**ବୈଶିଙ୍ଗା,୨୦।୧୨(ସଂଚାର ବ୍ୟୁର):** ବୈଶିଙ୍ଗା ଥାନା ଅନ୍ତର୍ଗତ ଡେଙ୍ଗଫଉଦା ଗ୍ରାହକ ସେବାକେନ୍ଦ୍ରରେ ବେତନଟୀ ଷ୍ଟେଟବ୍ୟାଙ୍କ ତରଫରୁ ଅନ୍ନ ଦାତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସନ୍ତୋଷ କୁମାର ଖଣ୍ଡା ଫୋର୍ଡର ସମ୍ପାଦକ ମଞ୍ଚ ପରିଚାଳନା କରିଥିଲେ । ଶାଖା ପରିଚାଳକ ଆର .ଅଶ୍ୱିନି ଭଞ୍ଜନ ମୁର୍ମୁ ଅନ୍ନ ଦାତା କାର୍ଯ୍ୟକ୍ରମ ମାଧ୍ୟମରେ ଉପସ୍ଥିତ କୃଷକ ଓ ଜନ ସାଧାରଣଙ୍କୁ ବ୍ୟାଙ୍କ ସହିତ ସୁସମ୍ପର୍କ ରକ୍ଷା କରି ସରକାରଙ୍କର ବିଭିନ୍ନ ଯୋଜନା ଉପରେ ସୁବିଧା ନେବା ପାଇଁ ଆଲୋକପାତ କରିଥିଲେ । ବ୍ୟାଙ୍କରୁ ଋଣ ନେଇ ସବସିଡି ପାଇବା ସହିତ ନିଜର ଆର୍ଥିକ ଉନ୍ନତି ହେବାପାଇଁ ପରାମର୍ଶ ଦେଇଥିଲେ। ଶାଖା ପରିଚାଳକ ଉନ୍ନତ ପାଞ୍ଚଜଣ କୃଷକଙ୍କୁ ଅନ୍ନଦାତା କାର୍ଯ୍ୟକ୍ରମରେ ସମ୍ମାନିତ କରିଥିଲେ । ବ୍ୟାଙ୍କ ର ପ୍ରଶାନ୍ତ କୁମାର ମହଲା ମଧ୍ୟ ଉପସ୍ଥିତ ଥିଲେ ।ଜନସାଧାରଣ ବ୍ୟାଙ୍କର ଏଭଳି କାର୍ଯ୍ୟକ୍ରମକୁ ଭୂୟସି ପ୍ରଶଂସା କରିଥିଲେ । ସର୍ବଶେଷରେ ଗ୍ରାହକ ସେବାକେନ୍ଦ୍ରର ଶାଖା ପରିଚାଳକ ଭାରତୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗଞ୍ଜେଇ ମାମଲା ନିର୍ଦୋଷରେ ଖଲାସ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ

**ବୋରିଗୁମ୍ମା,୨୦।୧୨(ସଂଚାର ବ୍ୟୁର):** ବୋରିଗୁମ୍ମା ବ୍ଲକ ର ପୂର୍ବତନ ଉପାଧ୍ୟକ୍ଷ ତଥା ବରିଷ୍ଠ ବିଜେପି କର୍ମକର୍ତ୍ତା ଜେ. ଶ୍ରୀନିବାସ ରାଓ ଙ୍କୁ ଗଞ୍ଜେଇ ଚାଲାଣ ମାମଲା ରେ କୋରାପୁଟ ଏଡିଜେ କୋର୍ଟ ବିଚାରପତି ଦୀପକ କୁମାର ସାହୁ ସାକ୍ଷୀ ପ୍ରମାଣ ଅଭାବ ରୁ ନିର୍ଦୋଷ ରେ ଖଲାସ କରିଛନ୍ତି।କୋର୍ଟ ଙ୍କ ରାୟ ପ୍ରକାଶ ପାଇବା ପରେ ବିଜେପି କର୍ମୀ ମାନଙ୍କ ମଧ୍ୟରେ ଖୁସି ର ଲହରୀ ଖେଳିଯାଇଛି।ପ୍ରକାଶ ଥାଉକି ଗତ ୩୦.୦୯.୨୦୧୮ ରେ ମାଛକୁଣ୍ଡ ଥାନା ଏକ ଗଞ୍ଜେଇ ଚାଲାଣ ମାମଲାରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜେ. ଶ୍ରୀନିବାସ ରାଓ ଙ୍କ ସମେତ ଅନ୍ୟ ଦୁଇ ଜଣ ମାଛକୁଣ୍ଡ ଅଞ୍ଚଳ ର ଭକତରାମ ଚାଙ୍ଗୁଡ଼ିଆ ଓ କୋଟପାଡ଼ ମହମ୍ମଦ ଇକବଲ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ।ଦୀର୍ଘ ଛଅ ବର୍ଷ ଧରି କୋରାପୁଟ ଏଡିଜେ କୋର୍ଟରେ ମାମଲା ଚାଲିଥିଲା।ଦୀର୍ଘ ଛଅ ବର୍ଷ ଧରି ସାକ୍ଷୀ ମାନେ କୋର୍ଟ ରେ ନିଜ ମତ ରଖିଥିଲେ। ଶେଷରେ ଏଡିଜେ କୋର୍ଟ ଜେ. ଶ୍ରୀନିବାସ ରାଓ ଙ୍କ ସହ ଅନ୍ୟ ଦୁଇ ଜଣଙ୍କୁ ସାକ୍ଷୀ ପ୍ରମାଣ ଅଭାବ ରୁ ନିର୍ଦୋଷ ରେ ଖଲାସ କରିଥିଲେ। ଗତ ୨୦୧୭ ରେ ଜେ. ଶ୍ରୀନିବାସ ରାଓ ବୋରିଗୁମ୍ମା ବ୍ଲକ ର ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ।



## ଖଳାରେ ନିଆଁ ଲାଗି ଲକ୍ଷାଧିକ ମୂଲ୍ୟର ଧାନ ଭସ୍ମ



**ସୁବର୍ଣ୍ଣପୁର,୨୦।୧୨(ସଂଚାର ବ୍ୟୁର):** ସୁବର୍ଣ୍ଣପୁର ଜିଲ୍ଲା ସଦର ବ୍ଲକ ମଲିକମୁଣ୍ଡା ଗାଁ ର ଚାଷୀ ଅରବିନ୍ଦ ପୁଟେଲ ଙ୍କ ଧାନ ଖଳା ର ଧାନ ଗଦା ରେ ନିଆଁ ଲାଗି ଶ୍ରୀ ପୁଟେଲ ଙ୍କ ତିନି ଏକର ଚାଷ ର ଲକ୍ଷାଧିକ ମୂଲ୍ୟ ର ଧାନ କ୍ଷୟ କ୍ଷତି ହୋଇ ଥିବା ସୂଚନା ମିଳିଛି । ସୋନପୁର ଅଗ୍ନି ଶମ ବାହିନୀ ତୁରନ୍ତ ପହଞ୍ଚି ନିଆଁ କୁ ଆୟତ୍ତ କରିଥିଲେ । କିନ୍ତୁ ଅଗ୍ନିଶମ ବାହିନୀର କର୍ମଚାରୀ ପାଲ ର ନିଆଁ କୁ ଆୟତ୍ତ କରିବା ପୂର୍ବରୁ କ୍ଷଣିକ ରେ ଜଳି ପ୍ରାୟତଃ ଧାନ ସବୁ ନଷ୍ଟ ହୋଇଥିବା ସୂଚନା ମିଳିଛି ।

## ନାଏରା ପେଟ୍ରୋଲ ଟାଙ୍କି ପକ୍ଷରୁ ସାପ୍ତାହିକ ପୁରସ୍କାର ବିତରଣ




**ସାଲେପୁର,୨୦।୧୨(ସଂଚାର ବ୍ୟୁର):** ସାଲେପୁର-କଟକ ମୁଖ୍ୟ ରାସ୍ତାର ଭାତପଡ଼ାଠାରେ ଥିବା ସାଇସମୀକ୍ଷା ଫିଲିଂ ଷ୍ଟେସନ୍ ନାଏରା ପେଟ୍ରୋଲ ଟାଙ୍କିରେ ଦଶହରା ଠାରୁ ଆରମ୍ଭ ହୋଇଥିବା ଲଟେରୀ ଉଠାଣ ଅବସରରେ ଦଶମ ସାପ୍ତାହିକ ଲଟେରୀ ଉଠାଣ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ନାଏରା ତେଲଟାଙ୍କିର ପ୍ରୋପାଇଟର ହରିବନ୍ଧୁ ଶତପଥିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘର ସମ୍ପାଦକ ହୃଷିକେଶ ମଲ୍ଲିକ, ଅବସରପ୍ରାପ୍ତ ଶିକ୍ଷକ ଭାବଗ୍ରାହୀ ରାଉତ ଯୋଗଦେଇ ସାଇସମୀକ୍ଷା ଫିଲିଂ ଷ୍ଟେସନ୍‌ର ଏଭଳି ନିଆରା କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଟାଙ୍କିରେ ତେଲ ପକାଉଥିବା ଜଣେ ଗ୍ରାହକଙ୍କ ଛୋଟପିଲା ଦ୍ୱାରା ବନ୍ଦ ବାକ୍ସରେ ଥିବା କୁପନ ମଧ୍ୟରୁ ଗୋଟିଏ ଲଟେରୀ ଟିକେଟ୍ ଉଠାଣ କରାଯାଇଥିଲା। ଏହା ମଧ୍ୟରେ ପ୍ରତି ସପ୍ତାହରେ ସାପ୍ତାହିକ ଲଟେରୀ ଉଠାଣ ଏବଂ ୨୬ଜାନୁୟାରୀ ୨୦୨୫ରେ ବମ୍ପର ପ୍ରାଇଜ୍ ଉଠାଣ ମହାସମାରୋହରେ ପାଳନ କରାଯିବ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ହେମନ୍ତ ଭୂୟାଁ, ଶିଶିର କୁମାର ଦାଶ, ଶାରଦା ପଣ୍ଡା, ଅମୀୟ ବିଶ୍ୱାଳ, ଇଂ. ସନ୍ତୋଷ ସ୍ୱାଇଁ, ସେକ୍ ରହିମୁଦ୍ଦିନ, ରଘୁନାଥ ପାତ୍ର ସଞ୍ଜିତ୍ ବିଶ୍ୱାଳ, ସୁମନ୍ତ କୁମାର ପାତ୍ର, ପ୍ରସନ୍ନ କୁମାର ଦାଶ, ପବିତ୍ର ଦାସ, ହୃଷିକେଶ ନାଥ, ଅମରେନ୍ଦ୍ର ସାମଲଙ୍କ ସମେତ ନାଏରା ପେଟ୍ରୋଲ ଟାଙ୍କିର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ପଏଁରୀର ଲୋକଗୀତ ଓ ଲୋକନୃତ୍ୟ କର୍ମଶାଳା



**ସୁବର୍ଣ୍ଣପୁର,୨୦।୧୨(ସଂଚାର ବ୍ୟୁର):** ସୁବର୍ଣ୍ଣପୁର ଜିଲ୍ଲାର ପଏଁରୀ ପକ୍ଷ ରୁ କୋଶଳ ଉଚ୍ଚ ବିଦ୍ୟାଳୟ ସୋନପୁର ଠାରେ ଲୋକନୃତ୍ୟ ଓ ଲୋକଗୀତର କର୍ମଶାଳା ସହିତ ପ୍ରଦର୍ଶନ ଏବଂ ସୋପାନ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ସମ୍ପାଦକ ଶ୍ରୀ ସଞ୍ଜୟ ସାହୁଙ୍କର ସଭାପତିତ୍ୱରେ ନୃତ୍ୟ ଗୁରୁ ଚୌଧୁରୀ ବିଭାର, କଣ୍ଠଶିଳ୍ପୀ ବିଜୟ ଦାସ ଓ ଚିତ୍ରଶିଳ୍ପୀ ଶ୍ୟାମ ସୁନ୍ଦର ମେହେର ଅତିଥି ଭାବରେ ଉପସ୍ଥିତ ଥିଲେ। ହଜିଯାଉଥିବା ଲୋକଗୀତ ଓ ଲୋକନୃତ୍ୟ ଯଥା - ଡାଲଖାଇ ରସରକେଲି, ସଜନୀ, ମଇଲାଜଡା, ଚପକରାଟୀ, ବଜନିଆ ଆଦି କିପରି ଲୋକଲୋଚନ କୁ ଆସିପାରିବ ସେ ବିଷୟ ଆଲୋଚନା ହେଇଥିଲା ।

## ବର୍ଷାରେ ଧାନ ଓ ପରିବା ଫସଲ ନଷ୍ଟ

**କଣାସ,୨୦।୧୨(ସଂଚାର ବ୍ୟୁର):** ଆଜି କଣାସ ବ୍ଲକର ପୁର ପଲ୍ଲୀରେ ଦିନ ତମାମ ବର୍ଷା ଲାଗିରହିଛି ଅନେକ ଧାନ ଜମିରେ ଶାରଦ ଧାନ ଫସଲ କଟା ହୋଇପଡ଼ିଥିବାବେଳେ ଅନେକ ସ୍ଥାନରେ ଧାନଫସଲ କଟାହୋଇ ବିଡା ବିଡା ବାନ୍ଧି ହିଡ ଉପରେ ଗଦା ହୋଇ ରହିଥିବାରୁ ଝିପି ଝିପି ବର୍ଷାରେ ସେଗୁଡିକ ଭିଜିବାରେ ଲାଗିଛି। ସେହିପରି ଅନେକ ଜମିରେ ଚିନାବାଦାମ ମଞ୍ଜି ବୁଣା ଯାଉଥିବାବ ବେଳେ ଅନେକ ଜମିରେ ପରିବା ଫସଲ, ବିରି, ମୁଗ, ରବିଚାଷ ପାଇଁ ରବିଧାନ ଗଜା ହୋଇ ଲଗାଯାଉଥିବା ବେଳେ ସେଗୁଡିକ ନଷ୍ଟ ହେବାର ଆଶଙ୍କା ରହିଥିବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି।